# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୩୦/୨୦୨୬ (୧୬ ପୃଷ୍ଠା) | Bhubaneswar, Thursday, April 30/2026 | Page 16 | ₹ 7.00

୫୨ଶ ଭାଗ ୧୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 155 | ମୂଲ୍ୟ ₹୭/-




**ସୌରଭଙ୍କୁ ବିଶ୍ୱ ବିଲିୟାର୍ଡ୍ସ ଟାଇଟଲ**

ଭାରତର ସୌରଭ କୋଠାରି ସାଥୀ ଖେଳାଳି ତଥା ୧୯ଥର ଚାମ୍ପିୟନ ପଙ୍କଜ ଆଡ୍‌ଭାନୀଙ୍କୁ ହରାଇ ଆଇବିଏସ୍‌ଏଫ୍ ବିଶ୍ୱ ବିଲିୟାର୍ଡ୍ସ ଟାଇଟଲ ହାସଲ କରିଛନ୍ତି। ୧୬

୧୧ **ରାଜପାଲଙ୍କୁ ବ୍ରେକ୍ ଦେଲେ ସଲମାନ**

ସଲମାନ ଖାନ୍ ତାଙ୍କ ଅଭିନୀତ ନୂଆ ଫିଲ୍ମରେ ହାସ୍ୟାଭିନେତା ରାଜପାଲ ଯାଦବଙ୍କୁ ସୁଯୋଗ ଦେଇଛନ୍ତି।



# ଡାବୁଗାଁରେ ହାଜତ ମୃତ୍ୟୁ

## ପୋଲିସ ମାଡ଼ରେ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କ ଅଭିଯୋଗ, ଉତ୍ତେଜନା



ହାଜତ ମୃତ୍ୟୁ ପ୍ରତିବାଦରେ ପରିବାର ଏବଂ ଗ୍ରାମବାସୀ ଡାବୁଗାଁ ଥାନା ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ନବରଙ୍ଗପୁର ଜିଲା ଡାବୁଗାଁରେ ହାଜତ ମୃତ୍ୟୁ ଘଟିଛି। ପୋଲିସ ଜଣେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିବା ପୂର୍ବରୁ ଥାନା ହାଜତରେ ପିଟି ପିଟି ମାରିଦେଇଛି। ଏଭଳି ଅଭିଯୋଗ ଆଣି ଅଭିଯୁକ୍ତଙ୍କ ପରିବାର ଲୋକେ ବୁଧବାର ଥାନା ଆଗରେ ଧାରଣା ଦେଇଥିବାବେଳେ ଉତ୍ତେଜନା ସୃଷ୍ଟି ହୋଇଛି। ମୃତକ ହେଲେ ଡାବୁଗାଁ ବ୍ଲକ ଅଞ୍ଚଳା ଗ୍ରାମର ପୂର୍ଣ୍ଣ କଲାର (୨୪)। ଏକ ବଳାତ୍କାର ଘଟଣାରେ ତାଙ୍କୁ ପୋଲିସ ସୋମବାର ଗିରଫ କରି ମଙ୍ଗଳବାର ତାଙ୍କର ଡାକ୍ତରୀମାଇନା କରିଥିଲା। ଏହାପରେ ତାଙ୍କୁ ତୁରନ୍ତ କୋର୍ଟଚାଲାଣ କରାଯିବା କଥା। ହେଲେ ଏହା ନ କରି ପୋଲିସ ପୂର୍ଣ୍ଣଙ୍କୁ ହାଜତରେ ରଖିଥିଲା। ମଙ୍ଗଳବାର ରାତିରେ ପୂର୍ଣ୍ଣଙ୍କ ମୃତ୍ୟୁ ଘଟିଥିବାରୁ ପୋଲିସର କାର୍ଯ୍ୟ ସନ୍ଦେହ ଘେରକୁ ଆସିଛି। ଅପରପକ୍ଷରେ ହାଜତ ମୃତ୍ୟୁ ଅଭିଯୋଗକୁ ଖଣ୍ଡନ କରିବା ସହ ଅଭିଯୁକ୍ତ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ହେଲେ ପୋଲିସ ହେପାଜତରେ ଜଣେ ବ୍ୟକ୍ତି କିଭଳି ଆତ୍ମହତ୍ୟା କଲେ ବୋଲି ପରିବାର ଲୋକେ ପ୍ରଶ୍ନ ଉଠାଇଛନ୍ତି।**

ଡାବୁଗାଁ/ ଉମରକୋଟ, ୨୯।୪
(ପ୍ରଜ୍ଞାରଞ୍ଜନ ପରିଡ଼ା/ ସନ୍ତୋଷ ଶତପଥୀ)

ଏକ ବଳାତ୍କାର ମାମଲାରେ ଡାବୁଗାଁ ପୋଲିସ ସୋମବାର ଅଭିଯୁକ୍ତ ପୂର୍ଣ୍ଣଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ. ୬୯/୨୬) ରୁଜୁ କରି ମଙ୍ଗଳବାର ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଇଥିଲା। ଡାକ୍ତରୀମାଇନା ପରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ପରିବର୍ତ୍ତେ ରାତିରେ ଥାନା ହାଜତରେ ରଖିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଅଭିଯୁକ୍ତ ପୂର୍ଣ୍ଣଙ୍କ ମୃତ୍ୟୁ ଘଟିବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ହାଜତ ମଧ୍ୟରେ ଥିବା ଶୌଚାଳୟରେ ପୂର୍ଣ୍ଣ ନିଜ ଚାଦରକୁ ବେକରେ ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ହେଲେ ଥାନା ଭିତରେ ୨୪ ଘଣ୍ଟା ପୋଲିସ କର୍ମଚାରୀଙ୍କ ଉପସ୍ଥିତି ସତ୍ତ୍ୱେ ଜଣେ ଅଭିଯୁକ୍ତ କିଭଳି ଆତ୍ମହତ୍ୟା କଲେ, ସେନେଇ ପରିବାର ଲୋକ ଏବଂ ଗ୍ରାମବାସୀ ପ୍ରଶ୍ନ ଉଠାଇବା ସହ ପୂର୍ଣ୍ଣଙ୍କୁ ପୋଲିସ ପିଟି ପିଟି ମାରିଦେଇଥିବା ଅଭିଯୋଗ ଆଣିଛନ୍ତି।

ହାଜତ ଭିତରେ ଗିରଫ ପୂର୍ଣ୍ଣଙ୍କ ମୃତ୍ୟୁ ଘଟଣାକୁ ନେଇ ବୁଧବାର ଥାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଥାନା ଭିତରେ ପୋଲିସ ମାଡ଼ରେ ଆମ ପୁଅର ମୃତ୍ୟୁ ହୋଇଥିବାବେଳେ ତାକୁ ଆତ୍ମହତ୍ୟାର ରୂପ ଦିଆଯାଉଛି। ଏହି ଘଟଣାରେ ପରିବାର ଲୋକେ ଓ ଗ୍ରାମବାସୀ ବୁଧବାର ସକାଳ ପ୍ରାୟ ୧୦ଟାରେ ଥାନା ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉମରକୋଟ- ନବରଙ୍ଗପୁର ରାଜ୍ୟ ରାଜପଥ-୩୯ରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଉତ୍ତ୍ୟକ୍ତ ଲୋକେ ଥାନା ଉପରକୁ ଢେଲା ପଥର ଓ କାଚ ବୋତଲ ମାଡ଼ କରିଥିଲେ। ଲୋକଙ୍କ ଆକ୍ରମଣରେ ଜଣେ ହୋମଗାର୍ଡ ଆହତ ହୋଇଥିବା ସୂଚନା ମିଳିଛି। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ସେଠାରୁ ଘଉଡ଼ାଇ ଥିଲା।

ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ୍, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ପୂର୍ବତନ ଏମ୍‌ପି ତଥା ବିଜେଡି ନେତା ପ୍ରଦୀପ ମାଝୀ ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ ପ୍ରାୟ ୨ଟା ୩୦ରେ ରାସ୍ତାରୋକୋ ହଟିଥିଲା। ସାଢ଼େ ୪ଘଣ୍ଟା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଉତ୍ତେଜନାକୁ ଦୃଷ୍ଟିରେ ରଖି ଯୁବକଙ୍କ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ରଖାଯାଇଥିଲା। ପୂର୍ଣ୍ଣଙ୍କ ମୃତଦେହରେ ଯଦି କିଛି କ୍ଷତ ଚିହ୍ନ ରହିଥାଏ, ତାହେଲେ ପୁଣି ଥାନା ଆଗରେ ବିକ୍ଷୋଭ କରାଯିବ ବୋଲି ପରିବାର ଲୋକେ ଏବଂ ସମ୍ପର୍କୀୟ କହିଥିଲେ। ତେବେ ନବରଙ୍ଗପୁର ଏସ୍‌ପି ମାଡ଼କର ସନ୍ଦୀପ ସମ୍ପତ ୨୪ଘଣ୍ଟା ମଧ୍ୟରେ ଘଟଣାର ତଦନ୍ତ ରିପୋର୍ଟ ଦେବାକୁ ☞ପୃଷ୍ଠା-୪

ମୃତ ପୂର୍ଣ୍ଣ କଲାର

### ଏସ୍‌ଆଇଙ୍କ ସହ ୨ କନ୍‌ଷ୍ଟେବଲ ନିଲମ୍ବିତ

ନବରଙ୍ଗପୁର,୨୯।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ହାଜତରେ ଅଭିଯୁକ୍ତ ପୂର୍ଣ୍ଣ କଲାରଙ୍କ ମୃତ୍ୟୁକୁ ନେଇ ପୋଲିସ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମଙ୍ଗଳବାର ରାତିରେ ଡାବୁଗାଁ ଥାନାରେ ଡ୍ୟୁଟିରେ ଥିବା ସବ୍ ଇନ୍‌ସ୍ପେକ୍ଟରଙ୍କ ସହ ୨ କନଷ୍ଟେବଲଙ୍କୁ ନିଲମ୍ବନ କରାଯାଇଥିବା ନବରଙ୍ଗପୁର ଏସ୍‌ପି ମଡ଼କର ସନ୍ଦୀପ ସମ୍ପତ ସୂଚନା ଦେଇଛନ୍ତି । କାର୍ଯ୍ୟରେ ଅବହେଳା କରିଥିବା କାରଣ ଦର୍ଶାଇ ସବ୍ ଇନ୍ସପେକ୍ଟର ବିକ୍ରମ ସାହୁ, କନଷ୍ଟେବଲ କର୍ଣ୍ଣ ପୂଜାରୀ ଓ ବୁଦୁରାମ ମାଝୀଙ୍କୁ ନିଲମ୍ବନ କରାଯାଇଥିବା ଏସ୍‌ପି କହିଛନ୍ତି।

# ମେ’ ପ୍ରଥମ ସପ୍ତାହରେ ମାଟ୍ରିକ୍ ଫଳ

କଟକ,୨୯।୪ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଚଳିତ ବର୍ଷର ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ପ୍ରକାଶ ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ତେବେ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଓ ସଚିବଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି। ବିଭାଗ ପକ୍ଷରୁ ସବୁଜ ସଙ୍କେତ ମିଳିଲେ ପରୀକ୍ଷାଫଳ ପ୍ରକାଶ ତାରିଖ ଘୋଷଣା କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମେ’ ୧ ଓ ୩ ତାରିଖ ଛୁଟି ହେତୁ ପ୍ରଥମ ସପ୍ତାହର ଦ୍ୱିତୀୟାର୍ଦ୍ଧରେ ପରୀକ୍ଷାଫଳ ପ୍ରକାଶ ପାଇପାରେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତେବେ ପୂର୍ବବର୍ଷ ଭଳି ଏକସଙ୍ଗେ ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ପ୍ରକାଶ ପାଇବ। ବୋର୍ଡର ୱେବ୍ ସାଇଟ www.bseodisha.ac.inରେ ପରୀକ୍ଷାର୍ଥୀମାନେ ସେମାନଙ୍କ ରୋଲ ନମ୍ବର ଜରିଆରେ ପରୀକ୍ଷାଫଳ ଦେଖିପାରିବେ। ଚଳିତ ଥର ରାଜ୍ୟର ମୋଟ ୩,୦୮୨ଟି ପରୀକ୍ଷା କେନ୍ଦ୍ରରେ ପ୍ରାୟ ୫ ଲକ୍ଷ ୬୧ ହଜାର ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଛନ୍ତି।

**ଓଡ଼ିଆ, ଇଂଲିଶରେ ମିଳିବ ମାଟ୍ରିକ ସାର୍ଟିଫିକେଟ୍**

ଅପରପକ୍ଷରେ ରାଜ୍ୟ ସରକାର ପରୀକ୍ଷାର୍ଥୀମାନଙ୍କୁ ଓଡ଼ିଆରେ ମାଟ୍ରିକ୍ ସାର୍ଟିଫିକେଟ ପ୍ରଦାନ କରିବେ ବୋଲି ଘୋଷଣା କରିବା ପରେ ବୋର୍ଡ ପକ୍ଷରୁ କାର୍ଯ୍ୟାନ୍ୱୟନ ଆରମ୍ଭ ହୋଇଥିଲା। ବୋର୍ଡର ପରୀକ୍ଷା ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା କରାଯାଇଥିଲା। ମାଟ୍ରିକ୍ ସାର୍ଟିଫିକେଟରେ କେବଳ ଓଡ଼ିଆ ଲେଖା ରହିଲେ ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଉକ୍ତ ଦିଗକୁ ବିଚାର କରି ସାର୍ଟିଫିକେଟ୍‌ରେ ଉଭୟ ଓଡ଼ିଆ ଓ ଇଂଲିଶ ଭାଷା ରଖିବା ନିମନ୍ତେ ସ୍ଥିର ହୋଇଥିବା ଜଣାଯାଇଛି। ଫଳରେ ଚଳିତଥର ପ୍ରଥମ ଥର ପାଇଁ ଏଭଳି ସାର୍ଟିଫିକେଟ ପରୀକ୍ଷାର୍ଥୀମାନଙ୍କୁ ମିଳିବ।

# ଆଜି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

ଭୁବନେଶ୍ୱର,୨୯।୪(ରବିନାରାୟଣ ଜେନା)

- **ମହିଳା ପ୍ରସଙ୍ଗରେ ଆଲୋଚନା ପାଇଁ ଶାସକ-ବିରୋଧୀ ସଜବାଜ**
- **ସୁରକ୍ଷା ବ୍ୟବସ୍ଥା ଯାଞ୍ଚକଲେ ପୋଲିସ କମିଶନର**

ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଗୁରୁବାର ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ତ୍ରିସ୍ତରୀୟ ସୁରକ୍ଷା ବଳୟ ଭିତରେ ବିଧାନସଭାକୁ ରଖାଯାଇଛି। ଏହାସହିତ ଲୋୟର ପିଏମ୍‌ଜିରେ ୧୪୪ ଧାରା ଜାରି କରାଯାଇଥିବାବେଳେ ବିଧାନସଭା ଭିତର ଏବଂ ବାହାରେ କଡ଼ା ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି।

ବୁଧବାର ମଧ୍ୟାହ୍ନ ୧୨ଟାରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ସୁରକ୍ଷା ବ୍ୟବସ୍ଥାର କଡ଼ାକଡ଼ି ଯାଞ୍ଚ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଏହି ସ୍ୱତନ୍ତ୍ର ଅଧିବେଶନ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଏଥିପାଇଁ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ ସହିତ ୧୦୦ ଅଫିସର ମୁତୟନ କରାଯିବ। ଏହାସହ ଷ୍ଟ୍ରାଇକିଂ ଫୋର୍ସ, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍‌ସ୍କ୍ୱାଡ୍, ଅଗ୍ନିଶମ ବିଭାଗ ମଧ୍ୟ ସଜାଗ ରହିବେ। ଅଧିବେଶନ ଆରମ୍ଭ ପୂର୍ବରୁ ବିଧାନସଭା ଓ ଏହାର ଆଖପାଖ ଅଞ୍ଚଳକୁ ପୋଲିସ ଛାଉଣି କରାଯିବା ସହ ବ୍ୟାରିକେଡିଂ କରାଯାଇଛି। ବିଧାନସଭା ଭିତର ଏବଂ ବାହାରେ ସିସିଟିଭି ଫୁଟେଜ୍ ଯେଭଳି ସମ୍ବେଦନଶୀଳ ସ୍ଥାନଗୁଡ଼ିକ ଉପରେ ନଜର ରଖିପାରିବ ତାହାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ତେବେ ଗୃହରେ ପୂର୍ବାହ୍ନ ୧୧ଟାରେ ଗଣତନ୍ତ୍ରରେ ମହିଳାମାନଙ୍କ ଭୂମିକା ଶୀର୍ଷକ ଆଲୋଚନା ହେବ। ସରକାରୀ ଦଳ ପକ୍ଷରୁ ଏହି ମୋଶନ ଦିଆଯାଇଥିବାରୁ ଏହାକୁ ନେଇ ବିରୋଧୀ ଏବଂ ଶାସକ ଦଳ ପକ୍ଷରୁ ସଜବାଜ ଆରମ୍ଭ ହୋଇଯାଇଛି।

ଏ ସଂକ୍ରାନ୍ତରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି, ଅଦିନ ମେଘ ଭଳି ଭାଜପା ସରକାର ମହିଳା ସୁରକ୍ଷା ପ୍ରସଙ୍ଗରେ ସଂସଦରେ ହାରିଯିବା ପରେ ଏବେ ରାଜ୍ୟ ସରକାର ସ୍ୱତନ୍ତ୍ର ଅଧିବେଶନ ଡାକି ନାଟକ କରୁଛନ୍ତି। ମହିଳାମାନଙ୍କୁ ନ୍ୟାୟ ପାଇଁ କଂଗ୍ରେସ ସବୁବେଳେ ତତ୍ପର ରହିଆସିଛି। ତେବେ କେନ୍ଦୁଝରରେ ଜିତୁ ମୁଣ୍ଡା ଯେପରି ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ନିଜ ଭଉଣୀ କଙ୍କାଳ ଧରି ବ୍ୟାଙ୍କ ପର୍ଯ୍ୟନ୍ତ ଗଲେ ଏବଂ ସେଠାରେ ଅଭାବନୀୟ ସ୍ଥିତି ସୃଷ୍ଟିହେଲା, ତାହାକୁ ନେଇ ଗୁରୁବାର କଂଗ୍ରେସ ପକ୍ଷରୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସମୃଦ୍ଧିର ପ୍ରତୀକ

# ପଶ୍ଚିମବଙ୍ଗରେ ଟିଏମ୍‌ସି- ଭାଜପା କଡ଼ା ପ୍ରତିଦ୍ୱନ୍ଦ୍ୱିତା

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ ହେବା ପରେ ବୁଧବାର ସନ୍ଧ୍ୟାରେ ବିଭିନ୍ନ ଏକ୍‌ଜିଟ୍ ପୋଲ୍ (ବୁଥ୍‌ଫେରନ୍ତା ଜନମତ ସର୍ଭେ) ପ୍ରକାଶ ପାଇଛି। ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ନେଇ ପୂର୍ବରୁ ଯେତେଥର ଏକ୍‌ଜିଟ୍ ପୋଲ୍ ପ୍ରକାଶ ପାଇଛି, ସେଗୁଡ଼ିକ ପ୍ରାୟତଃ ଭୁଲ୍ ପ୍ରମାଣିତ ହୋଇଛି। ତେଣୁ ଏହା ଉପରେ ବିଶ୍ୱାସ ନ କରି ଅନେକେ ଭୋଟ ଗଣତିକୁ ଅପେକ୍ଷା କରୁଛନ୍ତି। ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟରେ ୯୨.୬୭%ର ରେକର୍ଡ ମତଦାନ ହୋଇଥିବାବେଳେ ଶାସକ ଟିଏମ୍‌ସି ଏବଂ ଭାଜପା ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ୬ଟି ଏକ୍‌ଜିଟ୍ ପୋଲ୍ ଭାଜପା ସପକ୍ଷରେ ଯାଇଥିବାବେଳେ ୨ଟି ମମତା ବାନାର୍ଜୀଙ୍କୁ ଟିଏମ୍‌ସି ବିଜୟୀ ହେବ ବୋଲି କହିଛନ୍ତି। ସେହିପରି ଆସାମରେ ଭାଜପା ଏବଂ ତାମିଲନାଡୁର ଶାସକ ଡିଏମ୍‌କେ ପୁନର୍ବାର ସରକାର ଗଢ଼ିବାକୁ ଯାଉଥିବା ଅଧିକାଂଶ ଏକଜିଟ୍ ପୋଲ୍ ସଂସ୍ଥା ପୂର୍ବାନୁମାନ କରିଛନ୍ତି। କେବଳ ଆକ୍ସିସ୍ ମାଇଁ ଇଣ୍ଡିଆ ବିଜୟଙ୍କ ଟିଭିକେ ସପକ୍ଷରେ ପୂର୍ବାନୁମାନ ଲଗାଇଛି। କେରଳମ୍‌ରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ୧୦ ବର୍ଷ ପରେ କ୍ଷମତାକୁ ଫେରିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ ପୂର୍ବାନୁମାନ କରିଛନ୍ତି। ପଣ୍ଡିଚେରୀ କେନ୍ଦ୍ରଶାସିତ ଅଞ୍ଚଳରେ ଏଆଇଏନ୍‌ଆର୍‌ସି ନେତୃତ୍ୱରେ ଏନ୍‌ଡିଏ ସରକାର କ୍ଷମତାକୁ ଫେରିବ ବୋଲି ପୂର୍ବାନୁମାନ କରାଯାଇଛି।

**ଏକ୍‌ଜିଟ୍ ପୋଲ୍**

**ଆସାମ, ପଣ୍ଡିଚେରୀରେ ଭାଜପା, ତାମିଲନାଡୁରେ ଡିଏମ୍‌କେ, କେରଳମ୍‌ରେ ୟୁଡିଏଫ୍ ଜିତିପାରେ**

**ପଶ୍ଚିମବଙ୍ଗ**

| ସର୍ବେକ୍ଷଣ ସଂସ୍ଥା | ଟିଏମ୍‌ସି+ | ଭାଜପା | କଂଗ୍ରେସ | ବାମ | ଅନ୍ୟ |
|---|---|---|---|---|---|
| ଜେଭିସି | ୧୩୧-୧୫୨ | ୧୩୮-୧୫୯ | ୦-୨ | ୦ | ୦ |
| ପି-ମାର୍କ | ୧୧୮-୧୩୮ | ୧୫୦-୧୭୫ | ୦ | ୦ | ୨-୬ |
| ମାଟ୍ରିଜ୍ | ୧୨୫-୧୪୦ | ୧୪୬-୧୬୧ | ୦ | ୦ | ୬-୧୦ |
| ପିପୁଲ୍ସ ପଲ୍ସ | ୧୭୭-୧୮୭ | ୯୫-୧୧୦ | ୧-୩ | ୦-୧ | ୦ |
| ଚାଣକ୍ୟ | ୧୩୦-୧୪୦ | ୧୫୦-୧୬୦ | ୦ | ୦ | ୬-୧୦ |
| ପୋଲ୍ ଡାଏରି | ୯୯-୧୨୭ | ୧୪୨-୧୭୧ | ୩-୫ | ୨-୩ | ୦-୧ |
| ଜନମତ ପୋଲ୍ସ | ୧୯୫-୨୦୫ | ୮୦-୯୦ | ୧-୩ | ୦-୧ | ୩-୫ |
| ପ୍ରଜା ପୋଲ୍ | ୮୫-୧୧୦ | ୧୭୮-୨୦୮ | ୦ | ୦ | ୦-୫ |

ନୂଆଦିଲ୍ଲୀ,୨୯।୪

ପଶ୍ଚିମବଙ୍ଗରେ ଭାଜପା ଜିତିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ ପୂର୍ବାନୁମାନ କରିଥିବାବେଳେ କେବଳ ପିପୁଲ୍ସ ପଲ୍ସ ଏବଂ ଜନମତ ପୋଲ୍ସ ଟିଏମ୍‌ସି ସପକ୍ଷରେ ଅନୁମାନ ଲଗାଇଛନ୍ତି। ଶାସକ ଟିଏମ୍‌ସି ୧୭୭ରୁ ୧୮୭ ଆସନ ଜିତିବ ବୋଲି ପିପୁଲ୍ସ ପଲ୍ସ କହିଥିବାବେଳେ ଭାଜପା ୯୫ରୁ ୧୧୦, ବାମ ସାମ୍ମୁଖ୍ୟ ୦ରୁ ୧ ଏବଂ କଂଗ୍ରେସ ୧ରୁ ୩ ଆସନ ଜିତିବ ବୋଲି କହିଛି। ଜନମତ ପୋଲ୍ସ ଟିଏମ୍‌ସିକୁ ୧୯୫ରୁ ୨୦୫ ଆସନ ଦେଇଥିବାବେଳେ ଭାଜପାକୁ ୮୦ରୁ ୯୦ ଏବଂ କଂଗ୍ରେସକୁ ୧ରୁ ୩ ଆସନ ଦେଇଛି। ଅନ୍ୟପକ୍ଷରେ ମାଟ୍ରିଜ୍ ପୂର୍ବାନୁମାନ ଅନୁଯାୟୀ, ଭାଜପା ୧୪୬ରୁ ୧୬୧ ଆସନ ଜିତିବାକୁ ଥିବାବେଳେ ଟିଏମ୍‌ସି ୧୨୫ରୁ ୧୪୦ ଆସନ ଜିତିବ। ☞ପୃଷ୍ଠା-୪

# ୨୦୩୦ ସୁଦ୍ଧା ଚନ୍ଦ୍ରରେ ବସତି ସ୍ଥାପନ ପ୍ରସ୍ତୁତି

ୱାଶିଂଟନ/ସିଙ୍ଗାପୁର, ୨୯।୪

ଚନ୍ଦ୍ର ପୃଷ୍ଠରେ ମଣିଷ ରହିବା ଏବେ ଆଉ କେବଳ କଳ୍ପନା ହୋଇ ରହିନାହିଁ। ଆସନ୍ତା ୨୦୩୦ ସୁଦ୍ଧା ଚନ୍ଦ୍ରରେ ଏକ ସ୍ଥାୟୀ ମାନବ ବସତି ସ୍ଥାପନ ପାଇଁ ମହାକାଶ ବୈଜ୍ଞାନିକମାନେ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଭଏଜର୍ ସ୍ପେସ୍‌ର ଚେୟାରମ୍ୟାନ ତଥା ସିଇଓ ଡିଲାନ୍ ଟେଲର ସିଙ୍ଗାପୁରରେ ଆୟୋଜିତ ଏକ ସମ୍ମିଳନୀରେ ଏହି ସୂଚନା ଦେଇ କହିଛନ୍ତି ଯେ, ୨୦୨୯ ପୂର୍ବରୁ ମଣିଷ ଚନ୍ଦ୍ରରେ ପହଞ୍ଚିବା ସହ ସେଠାରେ ରହିବା ପାଇଁ ପ୍ରାରମ୍ଭିକ ଭିତ୍ତିଭୂମି ପ୍ରସ୍ତୁତ ହୋଇସାରିଥିବ।

ଏହି ଅଭିଯାନର ସବୁଠାରୁ ଆଧୁନିକ ଦିଗ ହେଉଛି ‘ଇନଫ୍ଲେଟେବଲ୍ ହାବିଟାଟ୍’ ବା ଫୁଲି ପାରୁଥିବା ବାସସ୍ଥାନ। ଟେଲରଙ୍କ ଅନୁଯାୟୀ, ଏହି ସ୍ୱତନ୍ତ୍ର ଡାଞ୍ଚାଗୁଡ଼ିକ ରକେଟ୍‌ରେ ବହୁତ କମ୍ ସ୍ଥାନ ନେଇଥାଏ, ଯାହାକୁ ପଠାଯିବ ସହଜ। କିନ୍ତୁ ଚନ୍ଦ୍ର ପୃଷ୍ଠରେ ପହଞ୍ଚିବା ପରେ ତାହା ନିଜର ପ୍ରକୃତ ଆକାରଠାରୁ ପ୍ରାୟ ୨୦ ଗୁଣ ପର୍ଯ୍ୟନ୍ତ ବୃଦ୍ଧି ପାଇପାରିବ। ଅର୍ଥାତ୍ ଚନ୍ଦ୍ର ପୃଷ୍ଠରେ ପହଞ୍ଚିବା ପରେ ସେଗୁଡ଼ିକ ଏକ ବଡ଼ କୋଠରି ଭଳି ଫୁଲିଯିବ। ସେଥିରେ ମହାକାଶଚାରୀମାନେ ରହି କାର୍ଯ୍ୟ କରିପାରିବେ। ଏହି ପ୍ରଯୁକ୍ତିବିଦ୍ୟା ପାଇଁ ଭଏଜର୍ ସ୍ପେସ୍ ଏବଂ ‘ମ୍ୟାକ୍ସ ସ୍ପେସ୍’ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଭବିଷ୍ୟତର ଏହି ପରିକଳ୍ପନାକୁ ବର୍ଣ୍ଣନା କରି ଡିଲାନ୍ ଟେଲର କହିଛନ୍ତି, ୨୦୩୦ ଦଶକର ପ୍ରାରମ୍ଭରେ ଆପଣ ନିଜ ଘର ବାରଣ୍ଡାରୁ ଚନ୍ଦ୍ରକୁ ଚାହିଁଲେ ସେଠାରେ ଜଳୁଥିବା ଆଲୋକ ଦେଖିବାକୁ ପାଇବେ, କାରଣ ସେତେବେଳେ ମଣିଷ ସେଠାରେ ରହୁଥିବେ ଏବଂ କାର୍ଯ୍ୟ କରୁଥିବେ।

କେବଳ ଭଏଜର୍ ସ୍ପେସ୍ ନୁହେଁ, ବରଂ ଏଲନ ମସ୍କଙ୍କ ‘ସ୍ପେସ୍-ଏକ୍ସ’ ଏବଂ ଜେଫ୍ ବେଜୋସ୍‌ଙ୍କ ‘ବ୍ଲୁ ଓରିଜିନ’ ମଧ୍ୟ ଚନ୍ଦ୍ରରେ ସ୍ଥାୟୀ ବସତି ପାଇଁ ଦୌଡ଼ରେ ସାମିଲ ଅଛନ୍ତି। ଏଥିସହିତ ଆମେରିକା ସରକାର ନିକଟରେ ‘ନାସା ଅଥରାଇଜେଶନ ଆକ୍ଟ-୨୦୨୬’ ମାଧ୍ୟମରେ ଚନ୍ଦ୍ରରେ ଏକ ଆଉଟ୍‌ପୋଷ୍ଟ ନିର୍ମାଣ ପାଇଁ ପାଣ୍ଠି ଯୋଗାଇବାକୁ ଯୋଜନା କରୁଛନ୍ତି, ଯାହା ଚନ୍ଦ୍ର ପୃଷ୍ଠରେ ଚାଇନା ପୂର୍ବରୁ ଆମେରିକାର ଆଧିପତ୍ୟକୁ ସ୍ପଷ୍ଟ କରିବ।

ତେବେ ଚନ୍ଦ୍ରରେ ବସତି ସ୍ଥାପନ କରିବା ଏତେ ସହଜ ନୁହେଁ। ବୈଜ୍ଞାନିକଙ୍କ କହିବାନୁଯାୟୀ, ଦିନରେ ୨୫୦ ଡିଗ୍ରୀ ଫାରେନହିଟ୍ ଉତ୍ତାପ ଏବଂ ରାତିରେ ମାଇନସ୍ ୩୦୦ ଡିଗ୍ରୀ ଫାରେନହିଟ୍‌ର ପ୍ରବଳ ଶୀତ ସହିତ ବିକିରଣ ଓ ମାରାତ୍ମକ ଚନ୍ଦ୍ର-ଧୂଳିର ସାମ୍ନା କରିବା ପାଇଁ ଉନ୍ନତ ‘ଲାଇଫ୍ ସପୋର୍ଟ ସିଷ୍ଟମ୍’ ପ୍ରସ୍ତୁତ କରାଯାଉଛି। ଏହି ଲୁନାର୍ ବେସ୍ କେବଳ ଚନ୍ଦ୍ରରେ ଗବେଷଣା କରିବାରେ ସାହାଯ୍ୟ କରିବ ନାହିଁ, ବରଂ ମଙ୍ଗଳ ଗ୍ରହ ଭଳି ଦୂରବର୍ତ୍ତୀ ମହାକାଶ ଅଭିଯାନ ପାଇଁ ଏହା ପ୍ରବେଶ ପଥ ଭାବେ କାର୍ଯ୍ୟ କରିବ। ୨୦୩୦ ସୁଦ୍ଧା ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ନାସା ଏବଂ ବିଭିନ୍ନ ଘରୋଇ ସଂସ୍ଥା ଏବେ ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତି। ଯଦି ଏହି ଯୋଜନା ସଫଳ ହୁଏ, ତେବେ ମାନବ ସଭ୍ୟତା ପାଇଁ ପୃଥିବୀ ବାହାରେ ଏହା ପ୍ରଥମ ସ୍ଥାୟୀ ବସତି ହେବ।

**ଫୁଲି ପାରୁଥିବା ଘରେ ରହିବେ ମହାକାଶଚାରୀ**




DB®
Siggnature
Finest Cardamom Seeds
New Pack
DB®
Siggnature
GOLD & SILVER
Finest Cardamom Seeds
A Premium Product from Dilbagh®
www.dbsiggnature.com
A Premium Product from Dilbagh®

ଧରିତ୍ରୀ 52 Years
ଧରିତ୍ରୀ
DHARITRI


# ଶିଳ୍ପ ସମୃଦ୍ଧ ହେବ କେନ୍ଦୁଝର: ମୁଖ୍ୟମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥି ପତାକା ଦେଖାଇ ନୂତନ ଇ-ବସ୍ ସହ 'ଆମ ବସ୍' ଡିପୋର ଲୋକାର୍ପଣ କରୁଛନ୍ତି।

■ ୧୩୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଭେଟି
■ ଇ-ବସ୍ ସେବାର ଶୁଭାରମ୍ଭ

କେନ୍ଦୁଝର,୨୯।୪(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ରାଜ୍ୟକୁ ଅନେକ କିଛି ଦେଇଛି, କିନ୍ତୁ ବିଗତ ଦିନରେ ଜିଲା ଅବହେଳିତ ହୋଇ ରହିଥିଲା। ଭାଜପା ସରକାର ଆସିବା ପରେ କେନ୍ଦୁଝରର ବିକାଶ ତ୍ୱରାନ୍ୱିତ ହୋଇଛି। ଜିଲାରେ ଏକ ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହାର ଶିଳାନ୍ୟାସ କରାଯାଇ କେନ୍ଦୁଝରକୁ ଦେଶର ଏକ ଶ୍ରେଷ୍ଠ ଶିଳ୍ପ ସମୃଦ୍ଧ ଜିଲା ଭାବେ ଗଢ଼ି ତୋଳାଯିବ। ଏହି ବିଶାଳ ପଦକ୍ଷେପ ଜିଲାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ସାଧାରଣ ଜନତାଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ। କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ବୁଧବାର ଆୟୋଜିତ ବିକାଶ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୧୩୩୦ କୋଟି ୨୪ ଟଙ୍କା ବ୍ୟୟ ଅଟକଳରେ ମୋଟ ୧୮୭ଟି ପ୍ରକଳ୍ପର ଲୋକାର୍ପଣ, ଭିତ୍ତିପ୍ରସ୍ତର ଓ ନୂତନ ଘୋଷଣା କରିବା ଅବସରରେ ଏହା କହିଛନ୍ତି।

ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ଜିଲାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୭୦୪ କୋଟି ୩୮ ଲକ୍ଷ ଟଙ୍କାର ୬୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରାୟ ୨୫୦ କୋଟି ୯୫ ଲକ୍ଷଟଙ୍କା ବ୍ୟୟରେ ନିର୍ମିତ ୨୪ଟି ପ୍ରକଳ୍ପକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୦୧ଟି ନୂତନ ପ୍ରକଳ୍ପ ପାଇଁ ପ୍ରାୟ ୩୭୪ କୋଟି ୯୧ ଲକ୍ଷ ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି; ଯାହା କେନ୍ଦୁଝରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ। ଜିଲାବାସୀଙ୍କୁ ସ୍ମାର୍ଟ ପବ୍ଲିକ ଟ୍ରାନ୍ସପୋର୍ଟ ସେବା ଯୋଗାଇଦେବା ପାଇଁ ୨୫ଟି ଅତ୍ୟାଧୁନିକ ଇ-ବସ୍ ସହ ୧୭ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଆମ ବସ୍' ଡିପୋର ଲୋକାର୍ପଣ କରାଯାଇଛି। ଏହି ପ୍ରକଳ୍ପର ଅନ୍ୟତମ ବିଶେଷତ୍ୱ ହେଉଛି ନାରୀ ଶକ୍ତିର ସହଭାଗିତା। ଏଥିରେ ଅତ୍ୟାଧୁନିକ ସୁବିଧା ରହିଥିବା ବେଳେ ସହ ଇ-ବସ୍ ସେବାରେ ମହିଳା ସାରଥି (ଡ୍ରାଇଭର) ଏବଂ ଗାଇଡ୍ ଭାବେ ନିଯୁକ୍ତି ପାଇ ନିଜର ଦକ୍ଷତା ପ୍ରତିପାଦନ କରିବେ। ବର୍ତ୍ତମାନ ୧୫୦ ଜଣ ନିଯୁକ୍ତି ପାଇଥିବା ବେଳେ ସେମାନଙ୍କ ମଧ୍ୟରେ ୩୦ ଜଣ ମହିଳା ଗାଇଡ୍ ଏବଂ ୨ ଜଣ ମହିଳା ଡ୍ରାଇଭର ସାମିଲ ଅଛନ୍ତି। ମାତ୍ର ୫ ଟଙ୍କାରୁ ଆରମ୍ଭ ହେଉଥିବା ଟିକେଟ ମୂଲ୍ୟ ଏବଂ ☞ପୃଷ୍ଠା-୧୪

# ଜନପଥରେ ନିର୍ମାଣ ହେବ ଜନାଶ୍ରୟ ଭବନ

## ୩୦ ଜିଲାବାସୀଙ୍କୁ ମିଳିବ ଆତିଥେୟତା

ଭୁବନେଶ୍ୱର,୨୯।୪ (ରବିନାରାୟଣ ଜେନା)

ରାଜଧାନୀ ଭୁବନେଶ୍ୱରକୁ ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରୁ ଲୋକମାନେ ବିଭିନ୍ନ ସମସ୍ୟା ନେଇ ଆସୁଛନ୍ତି। କେହି ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ପାଇଁ ତ ଆଉ କେହି ସ୍ଥାନୀୟ ଅଞ୍ଚଳର ସମସ୍ୟାର ସମାଧାନ ଲାଗି ସରକାରଙ୍କୁ ଗୁହାରି କରିବାକୁ ଆସୁଛନ୍ତି। ତେବେ ରାଜଧାନୀରେ ପହଞ୍ଚିବା ପରେ ୩୦ ଜିଲାବାସୀଙ୍କୁ ଯେଭଳି ଆତିଥେୟତା ମିଳିବା କଥା ସେଭଳି ମିଳୁନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଦିଲ୍ଲୀର ଓଡ଼ିଶା ଭବନ ଢାଞ୍ଚାରେ ଜନାଶ୍ରୟ ଭବନ ନିର୍ମାଣ ହେବ। ଏହାଦ୍ୱାରା ସମସ୍ତ ଜିଲାବାସୀ କିପରି ଉପକୃତ ହୋଇପାରିବେ ସେନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଦେଇଛନ୍ତି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନିଜେ ସମୀକ୍ଷା କରିବା ସହିତ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ମାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଏବେ ନିର୍ମାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।

ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜନାଶ୍ରୟ ଭବନ ନିର୍ମାଣ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ଭୁବନେଶ୍ୱର ରେଳଷ୍ଟେସନ ସମ୍ମୁଖ ଜନପଥ ଅଞ୍ଚଳରେ ଏହି ଜନାଶ୍ରୟ ନିର୍ମାଣ କରାଯିବ। ୩.୩ ଏକର ପରିମିତ ଜମିରେ ଏହି ଜନାଶ୍ରୟ ଭବନ ନିର୍ମାଣ ହେବ। ଏଥିରେ ୩ବି ସହିତ ଗ୍ରାଉଣ୍ଡଫ୍ଲୋର ଏବଂ ୧୮ ମହଲା କରାଯିବ, ଯେଉଁଥିରେ ଏକାଥରକେ ୧୫୦୦ ଶଯ୍ୟା ରହିପାରିବ। ଏହାସହିତ ଅନ୍ୟାନ୍ୟ ସାଧାରଣ ସୁବିଧା ମିଳିପାରିବ। ଏହି ଜନାଶ୍ରୟରେ ପ୍ରଥମରୁ ୬ ମହଲା ପର୍ଯ୍ୟନ୍ତ ବ୍ୟବସାୟ ଏବଂ ବିଭିନ୍ନ କାର୍ଯ୍ୟାଳୟ ଖୋଲାଯିବ। ଅବଶିଷ୍ଟ ମହଲାରେ ୧,୫୦୦ ଶଯ୍ୟା ରହିବ, ଯେଉଁଥିରେ ବିଭିନ୍ନ ଜିଲାରୁ ଆସିବାକୁ ଥିବା ଲୋକେ ରହି ତାଙ୍କ ସରକାରୀ କାର୍ଯ୍ୟ କରିପାରିବେ। ତେବେ ପ୍ରଥମ ପର୍ଯ୍ୟାୟରେ ୩ବି ସହିତ ଗ୍ରାଉଣ୍ଡଫ୍ଲୋର ଏବଂ ୬ ମହଲା ଅଟ୍ଟାଳିକା ନିର୍ମାଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ସୂଚନା ଅନୁଯାୟୀ, ଏହି ଜନାଶ୍ରୟରେ ବସ୍ ରହଣି କେନ୍ଦ୍ରର ବ୍ୟବସ୍ଥା ରହିବ, ଯାହାଫଳରେ ଲୋକଙ୍କ ସେଠାରୁ ଯାତାୟାତରେ ସହଜ ସାଧ ହୋଇପାରିବ। ଏହାସହିତ ଗାଡ଼ି ରଖିବା ପାଇଁ ପାର୍କିଂ ସୁବିଧାକୁ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ସମସ୍ତ ନିର୍ମାଣ କାର୍ଯ୍ୟ ରାଜ୍ୟ ସରକାରଙ୍କ ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ(ଓବିସିସି) କରିବ। ଏଥିପାଇଁ ସରକାରଙ୍କ ପକ୍ଷରୁ ୮୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବାକୁ ରହିଛି। ଜନାଶ୍ରୟ ନିର୍ମାଣ କିଭଳି ତ୍ୱରାନ୍ୱିତ ହେବ ସେନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ☞ପୃଷ୍ଠା-୧୪

# ଦିନରେ ଗୁଳୁଗୁଳି, ଅପରାହ୍ନରେ ଝଡ଼ବର୍ଷା

ଭୁବନେଶ୍ୱର, ୨୯।୪ (ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଆସନ୍ତା ୬ଦିନ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେବାକୁ ଥିବାବେଳେ ଅପରାହ୍ନରେ ଝଡ଼ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ୨୨ ଜିଲାକୁ କାଳବୈଶାଖୀ ଝଡ଼ବର୍ଷା ଭୟ ଥିବାବେଳେ ୧୬ ଜିଲାକୁ ଗରମ ଓ ଗୁଳୁଗୁଳି ପାଇଁ ୱାର୍ନିଂ ଦିଆଯାଇଛି। ୫ ଜିଲା କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା ଗଞ୍ଜାମ ଓ ଗଜପତି କାଳବୈଶାଖୀ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ରହିଛି। ଏହିସବୁ ଜିଲାରେ ୫୦ରୁ ୬୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ସୁନ୍ଦରଗଡ଼ ଆଦି ଜିଲାକୁ ୟେଲୋ ୱାର୍ନିଂ ରହିଛି।

# ଆର୍‌ଟିଇ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ

ଭୁବନେଶ୍ୱର,୨୯।୪ (ସୁଚିସ୍ମିତା ସାହୁ)

ବେସରକାରୀ ବିଦ୍ୟାଳୟରେ ନିଃଶୁଳ୍କ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ବୁଧବାର ପ୍ରକାଶ ପାଇଛି। ମୋଟ ୧୦,୧୨୦ ଜଣ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି। ଏମାନେ ଏପ୍ରିଲ ୩୦ରୁ ମେ' ୧୮ ମଧ୍ୟରେ ନାମଲେଖାଇବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଶିକ୍ଷା ଅଧିକାର (ଆର୍‌ଟିଇ) ଆଇନ ୨୦୦୯ ଅନ୍ତର୍ଗତ ଧାରା ୧୨(୧)(ଗ) ଅନୁଯାୟୀ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କୁ ବେସରକାରୀ ବିଦ୍ୟାଳୟରେ ନିଃଶୁଳ୍କ ଶିକ୍ଷା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍‌ଲାଇନ ଆବେଦନ ସୁବିଧା ରହିଛି। ଆର୍‌ଟିଇ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୪ ରୁ ୨୪ ପର୍ଯ୍ୟନ୍ତ ଅଭିଭାବକମାନେ ଆବେଦନ କରିଥିଲେ। ଏହି ପର୍ଯ୍ୟାୟରେ ମୋଟ ୨୦,୩୭୭ଟି ଆବେଦନପତ୍ର ଦାଖଲ ହୋଇଥିଲା। ବ୍ଲକ ଶିକ୍ଷା ☞ପୃଷ୍ଠା-୧୪

# ଆମେରିକା ପାସ୍‌ପୋର୍ଟରେ ଟ୍ରମ୍ପଙ୍କ ଫଟୋ

## ସ୍ୱାଧୀନତାର ୨୫୦ ବର୍ଷ ପୂର୍ତ୍ତି ଅବସରରେ ଜାରି ହେବ ସ୍ୱତନ୍ତ୍ର ଏଡିଶନ

ୱାଶିଂଟନ୍, ୨୯।୪

ଆମେରିକା ପାସ୍‌ପାର୍ଟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫଟୋ ଦେଖିବାକୁ ମିଳିବ ବୋଲି ମଙ୍ଗଳବାର ସରକାରୀ ସୂତ୍ରରୁ ସ୍ପଷ୍ଟ କରାଯାଇଛି। ସରକାରୀ ଅନୁଷ୍ଠାନଗୁଡ଼ିକ ଉପରେ ନିଜର ବ୍ୟକ୍ତିଗତ ପରିଚୟ ଲଦିବା ପ୍ରୟାସରେ ଏହା ଟ୍ରମ୍ପଙ୍କ ଆଉ ଏକ ବଡ଼ ପଦକ୍ଷେପ ବୋଲି ଚର୍ଚ୍ଚା ହେଉଛି। ଆମେରିକା ସ୍ୱାଧୀନତା ଘୋଷଣାନାମାର ୨୫୦ତମ ବାର୍ଷିକୀ ପାଳନ ଅବସରରେ ବୈଦେଶିକ ବିଭାଗ ପକ୍ଷରୁ ଏକ 'ଲିମିଟେଡ ଏଡିଶନ' ପାସ୍‌ପୋର୍ଟ ଜାରି କରାଯିବ। ଫକ୍ସ ନ୍ୟୁଜ୍‌ର ରିପୋର୍ଟ ଅନୁଯାୟୀ, ଏହି ପାସ୍‌ପୋର୍ଟ ଭିତରେ ଦୁଇଟି ପ୍ରମୁଖ ଛବି ରହିବ। ଗୋଟିଏ ପୃଷ୍ଠାରେ ସ୍ୱାଧୀନତା ଘୋଷଣାନାମା ଉପରେ ଟ୍ରମ୍ପଙ୍କ ସରକାରୀ ଫଟୋ ରହିବ ଏବଂ ତା' ତଳେ ସୁନା ଅକ୍ଷରରେ ତାଙ୍କର ଦସ୍ତଖତ ରହିବ। ଅନ୍ୟ ଏକ ପୃଷ୍ଠାରେ ଆମେରିକାର ପ୍ରତିଷ୍ଠାତା ଜନକମାନଙ୍କର ଏକ ଐତିହାସିକ ଚିତ୍ର ରହିବ। ବୈଦେଶିକ ବିଭାଗ ମୁଖପାତ୍ର ଟମି ପିଗୋଟ୍ ଏହି ସୂଚନା ଦେଇଛନ୍ତି। ଅନ୍ୟ ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଏହି ସ୍ୱତନ୍ତ୍ର ପାସ୍‌ପୋର୍ଟ କେବଳ ୱାଶିଂଟନ୍‌ରେ ଉପଲବ୍ଧ ହେବ। ଏଥିପାଇଁ କୌଣସି ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ତେବେ ଜଣେ ଆବେଦନକାରୀ ଚାହିଁଲେ ଏହି ସ୍ୱତନ୍ତ୍ର ପାସ୍‌ପୋର୍ଟ ନେବାକୁ ମନା କରିପାରିବେ କି ନାହିଁ, ସେ ନେଇ ସ୍ପଷ୍ଟ ସୂଚନା ମିଳିନାହିଁ।




ସାଧାରଣତଃ ଗଣତାନ୍ତ୍ରିକ ଦେଶଗୁଡ଼ିକରେ କାର୍ଯ୍ୟରତ ଶାସକଙ୍କ ଫଟୋ ପାସ୍‌ପୋର୍ଟରେ ରହିବାର ନଜିର ପ୍ରାୟ ନାହିଁ। ଆମେରିକାର ପାସ୍‌ପୋର୍ଟରେ ଏପର୍ଯ୍ୟନ୍ତ ଚନ୍ଦ୍ର ଅବତରଣ କିମ୍ବା ଷ୍ଟାଚ୍ୟୁ ଅଫ ଲିବର୍ଟି ଭଳି ଐତିହାସିକ ସ୍ଥାନର ଚିତ୍ର ସ୍ଥାନ ପାଉଥିଲା। ଦ୍ୱିତୀୟ ଥର କ୍ଷମତାକୁ ଫେରିବା ପରେ ଟ୍ରମ୍ପ ସରକାରୀ ସମ୍ପତ୍ତି ଉପରେ ନିଜ ନାମ ଓ ଛବି ବ୍ୟବହାର କରିବାରେ ପୂର୍ବର ସବୁ ରେକର୍ଡ ଭାଙ୍ଗିଛନ୍ତି। ରାଜଧାନୀର ଅନେକ ସରକାରୀ କୋଠାରେ ରାଷ୍ଟ୍ରପତିଙ୍କ ବଡ଼ ବଡ଼ ବ୍ୟାନର ଲାଗିଛି। 'କେନେଡି ସେଣ୍ଟର' ଭଳି ପ୍ରସିଦ୍ଧ ସ୍ଥାନରେ ତାଙ୍କ ନାମ ଯୋଡ଼ା ଯାଇଛି। ଆସନ୍ତା ମାସରୁ ଆମେରିକୀୟ ଡଲାର ନୋଟ୍‌ରେ ମଧ୍ୟ ଟ୍ରମ୍ପଙ୍କ ଦସ୍ତଖତ ରହିବ ବୋଲି ଟ୍ରେଜେରି ବିଭାଗ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ବ୍ରିଟେନର ରାଜା ଚାର୍ଲସ (ତୃତୀୟ) ୱାଶିଂଟନ୍ ଗସ୍ତରେ ଆସି ଟ୍ରମ୍ପଙ୍କୁ ଭେଟିଥିବାବେଳେ ଏହି ନୂଆ ଘୋଷଣା ☞ପୃଷ୍ଠା-୧୪

# ଡାଇନୋସର ଯୁଗରୁ ଚାଲିଛି 'ମେ-ଫ୍ଲାଇ'ର ନୃତ୍ୟ

## ରହସ୍ୟ ଉନ୍ମୋଚନ କଲେ ଗବେଷକ

ଲଣ୍ଡନ, ୨୯।୪

ପୃଥିବୀରେ ଡାଇନୋସରଙ୍କ ଆଗମନର ବହୁ କୋଟି ବର୍ଷ ପୂର୍ବର ପୁରୁଣା ହେଉଛି କ୍ଷୁଦ୍ର ପତଙ୍ଗ 'ମେ-ଫ୍ଲାଇ'। ଏହି ପତଙ୍ଗର ବିଚିତ୍ର ଉଡ଼ାଣ ଶୈଳୀ ବା 'ନୃତ୍ୟ' ଦୀର୍ଘ ଦିନ ଧରି ଗବେଷକମାନଙ୍କ ପାଇଁ ଏକ ରହସ୍ୟ ହୋଇ ରହିଥିଲା। ସମ୍ପ୍ରତି ଏକ ନୂତନ ଗବେଷଣାରୁ ଏହି ରହସ୍ୟ ଉପରୁ ପରଦା ହଟିଛି। ଗବେଷକମାନଙ୍କ ତଥ୍ୟ ଅନୁଯାୟୀ, ପ୍ରାୟ ୩୦ କୋଟି ବର୍ଷ ପୂର୍ବରୁ ଏହି ପତଙ୍ଗମାନେ ପୃଥିବୀକୁ ଆସିଥିଲେ। ସନ୍ଧ୍ୟା ସମୟରେ ନଦୀ କୂଳରେ ହଜାର ହଜାର ସଂଖ୍ୟାରେ ଅଣ୍ଡିରା ମେ-ଫ୍ଲାଇ ଏକାଠି ହୋଇ ଆକାଶକୁ ଲମ୍ବ ଭାବେ ଉଡ଼ିଥାନ୍ତି ଏବଂ ପୁଣି ଡେଣା ମେଲାଇ ଧୀରେ ଧୀରେ ତଳକୁ ଖସିଥାନ୍ତି। ଏହା ☞ପୃଷ୍ଠା-୧୪



10001/89/2627

ଅଂଶୁଘାତ ସତର୍କତା

ଲକ୍ଷଣ
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



ସତର୍କତା
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

ପ୍ରତିକାର
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10001/10003/2/26-27/0008

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟ ପୂଜା ଓ ଗୋ ପୂଜା, ସ୍ଥାନ: ହରିଦାସପୁର – ନହରକଣ୍ଟାସ୍ଥିତ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରିମୟୀ ନୃତ୍ୟାନୁଷ୍ଠାନ ପକ୍ଷରୁ ଶ୍ରିମୟୀ ନୃତ୍ୟ ଏବଂ ସଙ୍ଗୀତ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ଚିଲିକା ଗାନ୍ଧି ଉଦୟନାଥ ଜେନାଙ୍କ ୧୨୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୨୧୫ତମ ଆଲୋଚନାଚକ୍ର, ସ୍ଥାନ: ଭାରତୀୟ ବିଦ୍ୟାଭବନ, ଖାରବେଳ ନଗର, ସମୟ: ଅପରାହ୍ନ ୫ଟା ୩୦।
- ମହିଳା ଚନ୍ଦନ ମହୋତ୍ସବ, ସ୍ଥାନ: ସିଦ୍ଧି ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଯଜ୍ଞର ରୌପ୍ୟ ଜୟନ୍ତୀ ମହୋତ୍ସବ ପାଳନ ଅବସରରେ ରାମ ନାଟକ ପରିବେଷଣ, ସ୍ଥାନ: ଗଡ଼ ନହରକଣ୍ଟାସ୍ଥିତ ରୁଦ୍ରେଶ୍ୱର ମନ୍ଦିର ସମ୍ମୁଖ ପଡ଼ିଆ, ସମୟ: ରାତି ୮ଟା।

## ପୁରୀ

- ନୀଳାଚଳ ଟ୍ରଫି କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଜଗନ୍ନାଥ ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ସେଚନ ବିହାର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ପେଣ୍ଟକଟା, ସମୟ: ସକାଳ ୯ଟା ୩୦।
- ବିମାନ ବନ୍ଦରକୁ ବିରୋଧ କରି ଜିଲାପାଳ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାଉସୀ ମା'ଙ୍କ ଜଳାଶାୟୀ ଉତ୍ସବ, ସ୍ଥାନ: ମା' ମାଉସୀମା ମନ୍ଦିର, ସମୟ: ଅପରାହ୍ନ ୩ଟା।
- ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ନେଇ ଧାରଣା, ସ୍ଥାନ: ଶ୍ରୀମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ସମୟ : ସକାଳ ୮ ଟା।
- ସିଏମ ଟ୍ରଫି କ୍ରୀଡା ପ୍ରତିଯୋଗିତା, ସ୍ଥାନ : ପରମିଟ ପଡିଆ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ବ୍ୟାସକବି ଫକୀର ମୋହନଙ୍କ ଜନ୍ମସ୍ଥଳ ସ୍ମୃତିରକ୍ଷା ସମ୍ପର୍କରେ ଆଲୋଚନା, ସ୍ଥାନ : ଶାନ୍ତି କାନନ, ବାଲେଶ୍ୱର, ସମୟ : ଅପରାହ୍ନ ୫ଟା।
- ବିଶାଳ ଜନ ଆକ୍ରୋଶ ମହିଳା ସମାବେଶ, ସ୍ଥାନ : ନୂତନ ବସ୍‌ଷ୍ଟାଣ୍ଡ ପାଖ ନେତାଜୀ ଷ୍ଟାଡିୟମ, ବାଲିଆପାଳ, ସମୟ : ଅପରାହ୍ନ ୫ଟା।

## ଭଦ୍ରକ

- ଅବସରକାଳୀନ ସମ୍ବର୍ଦ୍ଧନା ସଭା,ସ୍ଥାନ: ବାବାଜୀ ଚରଣ ସଂସ୍କୃତ ବିଦ୍ୟାଳୟ, ନିଳୋକ, ବନ୍ତ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ନାର୍କୋଡ଼ କମିଟି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମହିଳା ଆକ୍ରୋଶ ମଶାଲ ଶୋଭାଯାତ୍ରା, ସ୍ଥାନ: ଜଳହରି, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ସିନ୍ଦୋଳ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ, ଆରୁହା, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- . ବୈଶାଖୀ ମେଳାର ୫ମ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୬ଟା।

## କେନ୍ଦୁଝର

- ଆଇନ ସଚେତନତା ଶିବିର, ସ୍ଥାନ: ଜେଏମ୍‌ଏଫ୍‌ସି କୋର୍ଟ, ବଡ଼ବିଲ, ସମୟ : ସକାଳ ୯ ଟା

## ମୟୂରଭଞ୍ଜ

- ଆମେ–୮୦ ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ୍ ବାରିପଦା, ପୂର୍ବାହ୍ନ ୧୦ଟା।
- ବାରିପଦା ଏକ୍ସପୋ ମେଳା, ସ୍ଥାନ: କଲେଜ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଜେଏମ୍‌ଏମ୍‌ର ପଦଯାତ୍ରା ଓ . ବିକ୍ଷୋଭ, ସ୍ଥାନ: ଚିତ୍ରଡ଼ାସ୍ଥିତ ବ୍ଲକ କାର୍ଯ୍ୟାଳୟ, ମୋରଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ସାମୁହିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ,ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି,ସମୟ: ଅପରାହ୍ନ ୩ଟା।

## ଅନୁଗୋଳ

- ଅଷ୍ଟପ୍ରହର ନାମଯଜ୍ଞ ଶୁଭାଧିବାସ ଓ କଳସ ଯାତ୍ରା, ସ୍ଥାନ: ମାଳିପଦର ଗ୍ରାମ, ଆଠମଲ୍ଲିକ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ନୃସିଂହ ଚତୁର୍ଦ୍ଦଶୀ ଉତ୍ସବ, ସ୍ଥାନ: ବୁଗୁଡ଼ା ଶ୍ରୀବଳଦେବ ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ଶ୍ରୀ ବାସୁଦେବଙ୍କ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ, ସ୍ଥାନ: ବେଣାଜୋରୀ ବଟ, ଭରତପୁର, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- ଉତ୍କଳ ସାମ୍ବାଦିକ ସଂଘ କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ବିକ୍ଷୋଭ ଓ ଗଣଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡା, ସମୟ: ସକାଳ ୯ଟା।
- ପବିତ୍ର ସୀତା ନବମୀ ଉପଲକ୍ଷେ ଶ୍ରୀରାମଚରିତ ମାନସ ଓ ସୁଶ୍ରୀ ସୋନାଲି ଦାସଙ୍କ ପ୍ରବଚନ, ସ୍ଥାନ: ମହୀପାଳ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୫ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ଶନି ମନ୍ଦିର ପୀଠ, ହରିଦାସପୁର, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମା' ପଳାଶବୁଢ଼ୀ ପୀଠରେ ୨୦ତମ ବିଶ୍ୱଶାନ୍ତି ମହାଯଜ୍ଞ କର୍ମାରମ୍ଭ, ସ୍ଥାନ: ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁସ୍ଥିତ ମା ପଳାଶବୁଢ଼ୀ ପୀଠ, ସମୟ: ସକାଳ ୬ଟା୫୫।
- ମା' ମଙ୍ଗଳା ମନ୍ଦିରର ୧୪ତମ ବାର୍ଷିକ ପ୍ରତିଷ୍ଠା ଓ ଭୈରବୀ ମା'ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦଯାପନୀ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରସୁଲପୁର ବ୍ଲକର ଭିକିପୁର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଶୁଳିଆ ଠାକୁରାଣୀଙ୍କର ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋପୀନାଥପୁର ଶୁଳିଆ ଠାକୁରାଣୀ ପୀଠ, ସମୟ:ପୂର୍ବାହ୍ନ ୧୧ଟା ।
- ଚନ୍ଦନ ଯାତ୍ରାର ଏକାଦଶ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ;ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦ ।
- ଚନ୍ଦନ ଯାତ୍ରା ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା ।
- ଚନ୍ଦନ ଯାତ୍ରା ଏକାଦଶ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା ।
- ନୃସିଂହ ଜନ୍ମ ଅବସରରେ ଚାଚେରୀ ପରିକ୍ରମା, ସ୍ଥାନ: କଣ୍ଟିଲୋ ନୀଳମାଧବଙ୍କ ପୀଠ, ସମୟ:ଅପରାହ୍ନ ୩ଟା ୩୦ ।

## ରାୟଗଡ଼ା

- ମାଣିକେଶ୍ୱରୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଗୌଡ଼ ଢେପାଗୁଡା, ଗୁଡାରି ବ୍ଲକ୍, ସମୟ: ସକାଳ ୮ଟା।

## କୋରାପୁଟ

- ନୃସିଂହ ନାଥଙ୍କ ଜନ୍ମ ମହୋତ୍ସବ ଓ ସହର ପରିକ୍ରମା, ସ୍ଥାନ: ବଣ୍ଡାଗୁଡ଼ା ଲକ୍ଷ୍ମୀନୃସିଂହ ମନ୍ଦିର, କୋଟପାଡ଼, ସମୟ: ସକାଳ ୯ଟା।
- ଖବରଦାତାଙ୍କ ସମସ୍ୟା ନେଇ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ପକ୍ଷରୁ ମାଗଣା ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିନାଖଣ୍ଡିସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା।
- ଶ୍ରୀଶ୍ରୀ ମରୁତନନ୍ଦନଙ୍କ ସପ୍ତମ ବାର୍ଷିକ ଉତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ମାଲିବାରୀ, ସମୟ: ସକାଳ ୭.୩୦ଟା।
- ଜିଲାସ୍ତରୀୟ ହାକାଥନ ପ୍ରତିଯୋଗିତା, ସ୍ଥାନ: ଧମାସ୍ଥିତ ମଥୁରା ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୮.୩୦ଟା।
- କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟ ଆୟୋଜିତ ହିନ୍ଦୀ ନୂତନ ଲେଖକ ଶିବିର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ ଟା।
- ବହୁଜନ ସମାଜ ପାର୍ଟି ପକ୍ଷରୁ ବିଭିନ୍ନ ଦାବିରେ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ବ୍ୟାଡମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ରାଉରକେଲା

- ଲକ୍ଷ୍ମୀନୃସିଂହ ଜନ୍ମୋତ୍ସବର ୨ୟ ଦିବସ, ସ୍ଥାନ: ସେକ୍ଟର–୫ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାର ୧୦ମ ଦିବସ ଭଜନ ସନ୍ଧ୍ୟା, ସ୍ଥାନ: ସେକ୍ଟର–୩ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାରର ୪ର୍ଥ ଦିବସ, ସ୍ଥାନ: ସେକ୍ଟର–୧୩ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ବୈଶାଖ ମେଳା, ସ୍ଥାନ: ନୃସିଂହନାଥ, ପାଇକମାଳ, ସମୟ:ସକାଳ ୭ଟା।
- ଶହୀଦ ଖଗେନ୍ଦ୍ର ମହାପାତ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ(ତୃତୀୟ ଦିବସ), ସ୍ଥାନ:ଗୋଡ଼ଭଗା ଗ୍ରାମ୍ୟ ଖେଳ ପଡ଼ିଆ,ସମୟ:ଅପରାହ୍ନ ୨ଟା।
- ପଞ୍ଚ ଦିନାତ୍ମକ ଶିବ ପୁରାଣ ପାରାୟଣ, ସ୍ଥାନ:ସରଣ୍ଡା ବିଶ୍ୱେଶ୍ୱର ବାବା ଶିବ ମନ୍ଦିର ପ୍ରାଙ୍ଗଣ, ସରଣ୍ଡା,ସମୟ: ଅପରାହ୍ନ ୫ଟା।

## କଳାହାଣ୍ଡି

- ଚନ୍ଦନ ଯାତ୍ରା ଉପଲକ୍ଷେ ନୃସିଂହ ଜନ୍ମ ଓ ଲକ୍ଷ୍ମୀ ନୃସିଂହଙ୍କ ବିବାହ ଉତ୍ସବ, ସ୍ଥାନ: କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିର, ସମୟ: ସକାଳ ୮ଟା।

## ବୌଦ୍ଧ

- ରାତ୍ରି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନ ଉତ୍ସବ,ସ୍ଥାନ:କରଞ୍ଜକଟା ଖେଳ ପଡ଼ିଆ, ହରଭଙ୍ଗା ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ଚନ୍ଦନ ଯାତ୍ରା ଉତ୍ସବର ପଞ୍ଚମ ଦିନ,ସ୍ଥାନ:ସାଲକଟା ଗ୍ରାମ, ହରଭଙ୍ଗା ବ୍ଲକ, ସମୟ ସନ୍ଧ୍ୟା ୭ଟା।
- ବୁଦ୍ଧ ପୂର୍ଣ୍ଣିମା ଓ ଚନ୍ଦନ ଯାତ୍ରା ଉତ୍ସବର ପଞ୍ଚମ ଦିନ,ସ୍ଥାନ:ପରଗଲପୁର ଗ୍ରାମ, ହରଭଙ୍ଗା ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ ଶ୍ରୀସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ସେରଗେଡ଼ା ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ତରଭା ନୀଳକଣ୍ଠେଶ୍ୱର ମନ୍ଦିର ଶୀତଳଷଷ୍ଠୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ପ୍ରଥମ ଫ୍ଲଡ୍‌ଲାଇଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ନୂଆପଡା ବ୍ଲକ ଆମାନାରା ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା ୩୦ ।
- ବୈଶାଖ ମେଳା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ ମିଛାପାଲି ପଞ୍ଚାୟତ ଖୋଳିଗାଁ ରାଣୀମହାସ, ସମୟ: ପୂର୍ବାହ୍ନ ୧୦ଟା ।
- ଅଖଣ୍ଡ ଷୋହଳ ପ୍ରହର ମହାମନ୍ତ୍ର ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ ଖମବାହୀ ଗାଁ, ସମୟ: ସକାଳ ୯ଟା ୩୫ ।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ରାଣୀମୁଣ୍ଡା, ସମୟ: ପ୍ରାତଃ ୪ଟା ୧୫ ।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ ଅବ୍ୟାହତ, ସ୍ଥାନ: ଖଡିଆଳ ବ୍ଲକ ଅରେଡା ପଞ୍ଚାୟତ ଚନୁଟମାଲ ଗାଁ, ସମୟ: ସକାଳ ୭ଟା ୧୫।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: ବ୍ରାହ୍ମଣପଡା ୱାର୍ଡ ନଂ.୧୨ ଖଡିଆଳ, ସମୟ: ସକାଳ ୮ଟା ୩୦ ।

## ଝାରସୁଗୁଡ଼ା

- ବିଷ୍ଣୁ ସହସ୍ର ନାମ ପଠନ କାର୍ଯ୍ୟକ୍ରମ, ସ୍ଥାନ:ମହାକାଳ ମନ୍ଦିର, ବାଗଡ଼ିହି, ସମୟ: ସକାଳ ୭ଟା।
- ସୁଭଦ୍ରା ଶକ୍ତି ମେଳା କାର୍ଯ୍ୟକ୍ରମ, ସ୍ଥାନ:ବିଟିଏମ ପଡ଼ିଆ, ଝାରସୁଗୁଡ଼ା, ସମୟ:ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଅଶ୍ୱିନୀ ନକ୍ଷତ୍ର ସକାଶେ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। କୌଣସି ଖବର ଶୁଣିବା ପରେ ଏକ ଅଜଣା ଆବେଗରେ ମନ ଉଦ୍‌ବେଳିତ ହେବ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାରୁ ଉପରିସ୍ଥଙ୍କୁ ଅଭିଯୋଗ କରିବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବାର ସୁଯୋଗ ପାଇବେ।

**ବୃଷ** – କର୍ମକ୍ଷେତ୍ରରେ ପାରସ୍ପରିକ ବିରୋଧାତ୍ମକ ପରିବେଶରେ ମଧ୍ୟ ନିଜର ସ୍ଥିତିକୁ ସୁଦୃଢ଼ କରିବେ। ବନ୍ଧୁଙ୍କ ସହ ଆଲୋଚନା ପରିସରରେ ଯୁକ୍ତି ବଳରେ ସମସ୍ୟା ସମାଧାନ କରିବେ। ରୋହିଣୀ ନକ୍ଷତ୍ରର ପ୍ରକାଶନ, ଶିଳ୍ପ, ବ୍ୟବସାୟିକ ଓ ପରିବହନ କ୍ଷେତ୍ର ସମସ୍ୟାବହୁଳ ହେବ। ଘର ନିର୍ମାଣରେ ସମୟ ଅତିବାହିତ କରିପାରନ୍ତି।

**ମିଥୁନ** – ପୁନର୍ବସୁ ନକ୍ଷତ୍ର ସକାଶେ ଆଜିର ଜୀବନଯାତ୍ରାରେ ଅସୁବିଧା ସୃଷ୍ଟି ହେବ ନାହିଁ। କଠିନ ଶ୍ରମ ଓ ସମୟ ବିନିଯୋଗ କରି ଶିଳ୍ପ, ବାଣିଜ୍ୟ, ପରିବହନରେ ଲାଭବାନ ହେବେ। ଗୃହ, ଭୂମି, ଗାଡିମୋଟରରେ ସ୍ୱଳ୍ପ ସମୟ ପାଇଁ ସମସ୍ୟା ଆସିପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରି କାର୍ଯ୍ୟସିଦ୍ଧିରେ ବିଳମ୍ବତା ସୃଷ୍ଟି କରିବ।

**କର୍କଟ** – ଅଶ୍ଳେଷା ନକ୍ଷତ୍ର ବନ୍ଧୁ, ସହକର୍ମୀଙ୍କ ସାହାଯ୍ୟ, ସହଯୋଗରେ କାର୍ଯ୍ୟ ହାସଲ କରିବେ। ଆଜି ଆର୍ଥିକ ଦିଗଟି ଭଲ ରହିବ ଓ କାମଗୁଡିକ ସହଜରେ ସମ୍ପନ୍ନ ହେବ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବା କାରଣରୁ କୌଣସି କାମରେ ଉତ୍ସାହ ଲାଗିବ ନାହିଁ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

**ସିଂହ** – ମଘା ନକ୍ଷତ୍ର ପୂର୍ବ ସମସ୍ୟା ସୁଧାରିବାକୁ ଚେଷ୍ଟା କଲେ କୃତକାର୍ଯ୍ୟ ହୋଇପାରିବେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ମିଥ୍ୟା ଅଭିଯୋଗ ଆସିପାରେ। ଅକୁହା କଥାକୁ ବନ୍ଧୁଙ୍କ ଆଗରେ ବଖାଣି ଘର ଲୋକମାନଙ୍କ ବିରାଗ ଭାଜନ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହୋଇପାରନ୍ତି।

**କନ୍ୟା** – ଚିତ୍ରା ନକ୍ଷତ୍ର ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟରେ କାର୍ଯ୍ୟସିଦ୍ଧି ଘଟିବ। କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବାରୁ ମନ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଅନିଶ୍ଚିତତା ମଧ୍ୟରେ ଗତି କରିବା ସଙ୍ଗକୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରା ବିଳମ୍ବିତ ହୋଇପାରେ। ଆଲୋଚନା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ।

**ତୁଳା** – ବିଶାଖା ନକ୍ଷତ୍ର କର୍ମକ୍ଷେତ୍ରରେ ନିର୍ଭୀକତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ। ଖଳ ଲୋକଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିପାରନ୍ତି। ଅଧସ୍ତନ କର୍ମଚାରୀଙ୍କ ମତକୁ ସମ୍ମାନ ଦେଇ କାମ କଲେ ସହଜରେ କାମ ହାସଲ କରିବେ। ପରିବାରରେ ଗୋଳମାଳିଆ ପରିସ୍ଥିତିକୁ ସମ୍ଭାଳି ନେବାରେ ସମର୍ଥ ହୋଇପାରନ୍ତି।

**ବିଛା** – ଅନୁରାଧା ନକ୍ଷତ୍ର ସକାଶେ ନିଜ ପରିସରର ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି। ଆଲୋଚନା କ୍ଷେତ୍ରରେ, ପ୍ରଶାସନିକ କାମରେ, ରାଜନୈତିକ ଚର୍ଚ୍ଚାରେ ଆଶାଜନକ ଫଳ ପାଇବେ। ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା ସମସ୍ୟା ଆସିପାରେ। ଆଜିର ପ୍ରାତଃ ଭ୍ରମଣ ଅବକାଶରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ।

**ଧନୁ** – ପାରିବାରିକ ସ୍ଥିତିରେ ବୈଷମ୍ୟତା ରହୁଥିବାରୁ ମାନସିକ ଅସୁସ୍ଥତା ଅନୁଭବ କରିବେ। ଯେତେ ଭଲ କାମ କଲେ ମଧ୍ୟ ପରିବାର ସଦସ୍ୟ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରି ପାରନ୍ତି। କାମ ଠିକ୍ ଭାବେ ସମ୍ପନ୍ନ କରିବାରେ କେତେକ ପ୍ରତିବନ୍ଧକ ସୃଷ୍ଟି ହେବ। ପରିବହନରେ ଆକସ୍ମିକ ସମସ୍ୟାକୁ ସମାଧାନ କରିବାରେ ସଫଳତା ହାସଲ କରିବେ।

**ମକର** – ଶ୍ରବଣା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ମତଭେଦ କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ପରିବାର ମଧ୍ୟରେ ନିଜ ନିଜ ଭିତରେ ଅଯଥା କଳହରୁ ଦୂରେଇ ରହିବା ଭଲ ହେବ। ଜମିଜମା କାରବାର କ୍ଷେତ୍ରରେ କଳହର ସମ୍ମୁଖୀନ ହେବାକୁ ପଡିପାରେ। ଶିଳ୍ପ,ବାଣିଜ୍ୟ,ନିର୍ମାଣ ଓ ବ୍ୟବସାୟିକ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଆସିବ।

**କୁମ୍ଭ** – ଆଜିର କର୍ମକ୍ଷେତ୍ରରେ ଶତଭିଷା ନକ୍ଷତ୍ର ସକାଶେ ପ୍ରିୟବ୍ୟକ୍ତିମାନଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡିପାରେ। ଭଲ ସମ୍ପର୍କ ଥିବା ନିଜର ସମ୍ପର୍କୀୟମାନେ ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବିନା କାରଣରେ କଳହ କରିପାରନ୍ତି। ପିଠି କିମ୍ବା ଆଣ୍ଠୁଗଣ୍ଠିରେ ଦରଜ ଅନୁଭବ କରିବା କାରଣରୁ ସାମାନ୍ୟ ଚିନ୍ତା ବୃଦ୍ଧି ପାଇବ।

**ମୀନ** – ଉତ୍ତରଭାଦ୍ର ନକ୍ଷତ୍ର ଅର୍ଥନୈତିକ ଉନ୍ନତି ଘଟିବା ସହ ନୂତନ କର୍ମାରମ୍ଭରୁ ଖୁସୀ ରହିବେ। ପଡୋଶୀ କିମ୍ବା ନିଜ ଆତ୍ମୀୟମାନଙ୍କଠାରୁ ଅଯାଚିତ ଭାବେ ସହାୟତା ପାଇପାରନ୍ତି। ଆକସ୍ମିକ ଭାବେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ବ୍ୟବସାୟ ଏକପ୍ରକାର ରହିବ ଓ ଲାଭର ମାତ୍ରା ମଧ୍ୟ କମିବ ନାହିଁ।

ଆଜି ଏପ୍ରିଲ ୩୦ ତାରିଖ, ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ନୃସିଂହ ଚତୁର୍ଦ୍ଦଶୀ ଗୁରୁବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ରାଶିନକ୍ଷତ୍ର–ଚିତ୍ରା/କନ୍ୟା, ଦିବା ଘ.୦୧।୧୪ ମି. ଗତେ, ତୁଳାଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ. ୦୫।୨୨ ଗତେ, ଘ.୦୭।୦୪ ମଧ୍ୟେ, ଘ.୧୦।୨୭ ଗତେ, ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୧୯ ଗତେ ଘ.୦୨।୫୪ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିଲେ ଚିରାକନା**
**ହଜିଲେ ମାଠ।**

ମଣିଷର ଆଭିଜାତ୍ୟ ଟିକିଏ ବଞ୍ଚିରହିଲେ ସେ ସେଇ ଅନୁଭବରେ ହିଁ ଆନନ୍ଦ ପାଇଥାଏ। ଚଳନ୍ତି ବହୁ ମୂଲ୍ୟର ସାମଗ୍ରୀ ସେଇ ସେତକ ଆନନ୍ଦ ତୁଳନାରେ କିଛି ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଥାନ ଦେଖି ବସିବ,**
**ଥାନ ଦେଖି ହସିବ,**
**ଥାନ ଦେଖି ଭାଷିବ,**
**ଥାନ ଦେଖି ଲସିବ।**

ଲସିବା ଅର୍ଥ ନଇଁବା। ସ୍ଥାନ, କାଳ, ପାତ୍ର ଅନୁସାରେ ବସିବା, ହସିବା, କହିବା ଏବଂ ନମ୍ରତା ଭାବ ଦେଖାଇବା ଶୋଭନୀୟ ହୋଇଥାଏ। ସ୍ଥଳ ବିଶେଷରେ ଏପରି ସ୍ୱଭାବ ପ୍ରଶଂସନୀୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୪ ଜିଲାର ସିଏସ୍‌ଆର୍ ପ୍ରକଳ୍ପର ସମୀକ୍ଷାକଲେ ମନ୍ତ୍ରୀ

ଭୁବନେଶ୍ୱର, ୨୯।୪(ସୁନିତ୍ ମିଶ୍ର)

କୋଇଲା ଖଣି ଅଞ୍ଚଳରେ କମ୍ପାନୀଗୁଡ଼ିକ ଦ୍ୱାରା ବିଭିନ୍ନ ସିଏସ୍‌ଆର୍ ପ୍ରକଳ୍ପ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି। ଲୋକସେବା ଭବନଠାରେ ବୁଧବାର ଆୟୋଜିତ ଏହି ସମୀକ୍ଷା ବୈଠକରେ ସାଧାରଣ ଲୋକମାନଙ୍କ ପାଇଁ ଜନକଲ୍ୟାଣକାରୀ କାର୍ଯ୍ୟ ସୁନିଶ୍ଚିତ କରିବା ନିମନ୍ତେ କମ୍ପାନୀଗୁଡ଼ିକୁ ମନ୍ତ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଜିଲା ରାଜ୍ୟର ପ୍ରମୁଖ କୋଇଲା ଥିବା ଅଞ୍ଚଳ। ଏନ୍‌ଟିପିସି, ଓପିଜିସି, ଏନ୍‌ଏଲ୍‌ସି ଏବଂ ଏମ୍‌ସିଏଲ୍ ଆଦି କମ୍ପାନୀ ଦ୍ୱାରା ଖଣି ଖନନ, ତାପଜ ଶକ୍ତି ଉତ୍ପାଦନ ଲାଗି ଏହିସବୁ ଅଞ୍ଚଳ ଉପରେ ନିର୍ଭରଶୀଳ। ଏହି ପରିପ୍ରେକ୍ଷୀରେ ଏସବୁ ଅଞ୍ଚଳର ସାଧାରଣ ଜନତାଙ୍କ ନିମନ୍ତେ ବିଭିନ୍ନ ଜନକଲ୍ୟାଣକାରୀ ବ୍ୟବସ୍ଥା ସୁନିଶ୍ଚିତ କରିବା କମ୍ପାନୀଗୁଡିକର ସାମାଜିକ ଓ ନୈତିକ ଦାୟିତ୍ୱ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ବୈଠକରେ ଉପରୋକ୍ତ କମ୍ପାନୀଗୁଡିକ ଦ୍ୱାରା ୪ଟି ଜିଲାର ବିଭିନ୍ନ ସିଏସ୍‌ଆର୍ ପ୍ରକଳ୍ପ ବାବଦରେ ସବିଶେଷ ଆଲୋଚନା କରାଯାଇଛି। ଝାରସୁଗୁଡ଼ାଠାରେ ପ୍ରସ୍ତାବିତ ଏକ ବିଶ୍ୱବିଦ୍ୟାଳୟ ଲାଗି ସିଏସ୍‌ଆର୍ ପାଣ୍ଠି ପ୍ରଦାନ ସୁନିଶ୍ଚିତ କରିବା ସହ ଯଥାଶୀଘ୍ର ଏଥିଲାଗି ସ୍ଥାନ ଚିହ୍ନଟକରି ପ୍ରକଳ୍ପ ଆରମ୍ଭ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କାର୍ଡିଆକ୍ କେୟାର ହସ୍ପିଟାଲ, ଲଖନପୁରଠାରେ ଷ୍ଟାଡିୟମ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ନିମନ୍ତେ ପାଣ୍ଠି ସଂଗ୍ରହକରି ପ୍ରକଳ୍ପ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଅବଶିଷ୍ଟାଂଶ

## ଡାବୁଗାଁରେ ହାଜତ ...

ଅତିରିକ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବା ସହ ଏହି ଘଟଣାରେ ଅବହେଳା ପ୍ରଦର୍ଶନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ପରେ ଶବ ବ୍ୟବଚ୍ଛେଦ ପାଇଁ ପରିବାର ଲୋକେ ରାଜି ହୋଇଥିଲେ। ବ୍ୟବଚ୍ଛେଦ ପରେ ମୃତ ଯୁବକଙ୍କ ମର ଶରୀର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ହାଜତ ଭିତରେ ମୃତ୍ୟୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ଏବଂ ଯାହାର ଭୁଲ ଯୋଗୁ ଏଭଳି ଘଟଣା ଘଟିଛି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ପ୍ରକାଶ ମିଶ୍ର ସୂଚନା ଦେଇଛନ୍ତି।

## ପଶ୍ଚିମବଙ୍ଗରେ ଟିଏମ୍‌ସି...

ପି–ମାର୍କ ଆକଳନ ଅନୁଯାୟୀ ଭାଜପା ୧୫୦ରୁ ୧୭୫ ଆସନ ଜିତିବାକୁ ଥିବାବେଳେ ଟିଏମ୍‌ସି ୧୧୮ରୁ ୧୩୮ ଆସନ ମଧ୍ୟରେ ସୀମିତ ରହିବ ବୋଲି କୁହାଯାଇଛି। ପୋଲ୍ ଡାଏରି ଅନୁଯାୟୀ, ଭାଜପା ୧୪୨ରୁ ୧୭୧ ଏବଂ ଟିଏମ୍‌ସି ୯୯ରୁ ୧୨୭ ଆସନ ପାଇବ। ସେହିପରି ପ୍ରଜା ପୋଲ୍ ଆକଳନ ଅନୁଯାୟୀ, ଭାଜପା ୧୭୮ରୁ ୨୦୮ ଏବଂ ଟିଏମ୍‌ସି ୮୫ରୁ ୧୧୦ ଆସନରେ ବିଜୟୀ ହେବ ବୋଲି କୁହାଯାଇଛି। ପଶ୍ଚିମବଙ୍ଗ ବିଧାନସଭାର ମୋଟ ଆସନ ସଂଖ୍ୟା ୨୯୪ ହୋଇଥିବାବେଳେ କୁହୁକ ସଂଖ୍ୟା ୧୪୮।

ଆସାମରେ ଭାଜପା କ୍ଷମତା ବଜାୟ ରଖିବାକୁ ଯାଉଥିବା ଆକ୍ସିସ୍ ମାଇଁ ଇଣ୍ଡିଆ ପୂର୍ବାନୁମାନ କରିଛି। ୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭାରେ ସରକାର ଗଢ଼ିବା ପାଇଁ ମ୍ୟାଜିକ୍ ନମ୍ବର ୬୪ । ଭାଜପା ଓ ଏହାର ସହଯୋଗୀ ୮୮ରୁ ୧୦୦ ଆସନ ଜିତିବାକୁ ଥିବାବେଳେ କଂଗ୍ରେସ ଓ ଏହାର ସହଯୋଗୀ ଦଳ ୨୪ରୁ ୩୬ ଆସନ ମଧ୍ୟରେ ସୀମିତ ରହିବ ବୋଲି ଆକଳନ କରାଯାଇଛି। ପିପୁଲ୍ସ ପଲ୍ସର ପୂର୍ବାନୁମାନ ଅନୁଯାୟୀ ଏନ୍‌ଡିଏ ୬୮ରୁ ୭୨ ଆସନ ଏବଂ କଂଗ୍ରେସ ଓ ସହଯୋଗୀ ୨୨ରୁ ୨୬ ଆସନ ଜିତିବେ। ମାଟ୍ରିଜ୍ ଆକଳନ ଅନୁଯାୟୀ, ଏନ୍‌ଡିଏ ୮୫ରୁ ୯୫ ଏବଂ କଂଗ୍ରେସ ମେଣ୍ଟ ୨୫ରୁ ୩୨ ଆସନ ଜିତିବ।

୧୪୦ ଆସନ ବିଶିଷ୍ଟ କେରଳମ୍ ବିଧାନସଭାରେ ସଂଖ୍ୟାଗରିଷ୍ଠତା ହାସଲ ପାଇଁ କୁହୁକ ସଂଖ୍ୟା ୭୧ ହୋଇଥିବାବେଳେ ୟୁଡିଏଫ୍ ୭୮ରୁ ୯୦ ଆସନ ଜିତିବ ବୋଲି ଆକ୍ସିସ୍ ମାଇଁ ଇଣ୍ଡିଆ ପୂର୍ବାନୁମାନ କରିଥିବାବେଳେ ଏଲ୍‌ଡିଏଫ୍ ୪୯ରୁ ୬୨ ଏବଂ ଏନ୍‌ଡିଏ ୩ ଆସନରେ ସୀମିତ ରହିବ ବୋଲି କହିଛି। ପିପୁଲ୍ସ ପଲ୍ସର ପୂର୍ବାନୁମାନ ଅନୁଯାୟୀ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ୭୫ରୁ ୮୫ ଆସନ ଜିତିବାକୁ ଥିବାବେଳେ ଏଲ୍‌ଡିଏଫ୍ ୫୫ରୁ ୬୫ ଏବଂ ଏନ୍‌ଡିଏ ଶୂନରୁ ୩ ଆସନ ଜିତିବ। ମାଟ୍ରିଜ୍‌ର ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଅନୁଯାୟୀ, ଏଲ୍‌ଡିଏଫ୍ ୬୦ରୁ ୬୫, ୟୁଡିଏଫ୍ ୭୦ରୁ ୭୫ ଏବଂ ଏନ୍‌ଡିଏ ୩ରୁ ୫ ଆସନ ଜିତିବ।

ତାମିଲନାଡୁରେ ଝୁଲା ବିଧାନସଭା ହେବା ନେଇ ୨ଟି ଏକ୍‌ଜିଟ୍ ପୋଲ୍ ପୂର୍ବାନୁମାନ କରିଛନ୍ତି। ଆକ୍ସିସ୍ ମାଇଁ ଇଣ୍ଡିଆ ଅନୁଯାୟୀ ଡିଏମ୍‌କେ ନେତୃତ୍ୱାଧୀନ ମେଣ୍ଟ ୯୨ରୁ ୧୧୦ ଆସନ ଜିତିବାକୁ ଥିବାବେଳେ ଏଆଇଏଡିଏମ୍‌କେ ମେଣ୍ଟ ୨୨ରୁ ୨୩ ଆସନରେ ଜିତିବ। ତେବେ ଅଭିନେତାରୁ ନେତା ହୋଇଥିବା ବିଜୟଙ୍କ ଟିଭିକେ ପ୍ରଥମ ଥର ନିର୍ବାଚନ ଲଢ଼ିଥିବାବେଳେ ଉକ୍ତ ଦଳକୁ ୯୮ରୁ ୧୨୦ ଆସନ ମିଳିବ ବୋଲି ଆକ୍ସିସ୍ ମାଇଁ ଇଣ୍ଡିଆ ପୂର୍ବାନୁମାନ କରିଛି। କାମାକ୍ଷା ଆନାଲିଟିକ୍ସ ଅନୁଯାୟୀ ଡିଏମ୍‌କେ ମେଣ୍ଟ ୭୮ରୁ ୯୫, ଏଆଇଏଡିଏମ୍‌କେ ମେଣ୍ଟ ୬୮ରୁ ୮୪ ଏବଂ ଟିଭିକେ ୬୭ରୁ ୮୧ ଆସନ ଜିତିବ। ଅନ୍ୟପକ୍ଷରେ ଡିଏମ୍‌କେ ନେତୃତ୍ୱାଧୀନ ମେଣ୍ଟ ୧୨୫ରୁ ୧୪୫ ଆସନ ଜିତିବାକୁ ଥିବାବେଳେ ଏଆଇଏଡିଏମ୍‌କେ–ଭାଜପା ମେଣ୍ଟ ୬୫ରୁ ୮୦ ଏବଂ ଟିଭିକେ ୧୮ରୁ ୨୪ ଆସନ ଜିତିବ ବୋଲି ପିପୁଲ୍ସ ପଲ୍ସ ପୂର୍ବାନୁମାନ କରିଛି। ଡିଏମ୍‌କେ ମେଣ୍ଟ ୧୨୨ରୁ ୧୩୨, ଏନ୍‌ଡିଏ ୮୭ରୁ ୧୦୦ ଏବଂ ଟିଭିକେ ୧୦ରୁ ୧୨ ଆସନରେ ବିଜୟୀ ହେବ ବୋଲି ମାଟ୍ରିଜ୍ ପୂର୍ବାନୁମାନ କରିଛି। ତାମିଲନାଡୁ ବିଧାନସଭାର ଆସନ ସଂଖ୍ୟା ୨୩୪ ହୋଇଥିବାବେଳେ ସଂଖ୍ୟାଗରିଷ୍ଠତା ପାଇଁ ୧୧୮ ଆସନ ଜିତିବା ଆବଶ୍ୟକ। ପଣ୍ଡିଚେରୀ କେନ୍ଦ୍ରଶାସିତ ଅଞ୍ଚଳରେ ଏନ୍‌ଡିଏ ୧୬ରୁ ୨୦ ଆସନ ଜିତିବ ବୋଲି ଆକ୍ସିସ୍ ମାଇଁ ଇଣ୍ଡିଆ ପୂର୍ବାନୁମାନ କରିଥିବାବେଳେ ଡିଏମ୍‌କେ–କଂଗ୍ରେସ ମେଣ୍ଟ ୬ରୁ ୮ ଏବଂ ଟିଭିକେ ୨ରୁ ୪ ଆସନ ଜିତିବ ବୋଲି କହିଛି। ପଣ୍ଡିଚେରୀ ବିଧାନସଭା ଆସନ ସଂଖ୍ୟା ୩୦ ହୋଇଥିବାବେଳେ ମ୍ୟାଜିକ୍ ସଂଖ୍ୟା ୧୬। ପଶ୍ଚିମବଙ୍ଗ, ତାମିଲନାଡୁ, ପଣ୍ଡିଚେରୀ, କେରଳମ୍ ଓ ଆସାମ ବିଧାନସଭା ପାଇଁ ଭୋଟ ଗଣତି ମେ' ୪ରେ ଅନୁଷ୍ଠିତ ହୋଇ ଫଳାଫଳ ପ୍ରକାଶ ପାଇବ। ଆସାମ, କେରଳମ୍, ପଣ୍ଡିଚେରୀରେ ଏପ୍ରିଲ ୯ ଓ ତାମିଲନାଡୁରେ ଏପ୍ରିଲ ୨୩ ଗୋଟିଏ ପର୍ଯ୍ୟାୟରେ ଭୋଟ ହୋଇଥିବାବେଳେ ପଶ୍ଚିମବଙ୍ଗରେ ଏପ୍ରିଲ ୨୩ ଓ ୨୯ ଦୁଇ ପର୍ଯ୍ୟାୟରେ ମତଦାନ ହୋଇଥିଲା।

## ଆଜି ବିଧାନସଭାର ...

ବାଚସ୍ପତିଙ୍କୁ ଏକ ନୋଟିସ ଦିଆଯିବ ବୋଲି ସେ କହିଛନ୍ତି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସରକାର କେବଳ ମହିଳାମାନଙ୍କ ଉପରେ ଆଲୋଚନା କରିବେ। ଏହା ବାହାରେ ମଧ୍ୟ ହୋଇପାରିଥାନ୍ତା। ଜୟଦେବ ଭବନରେ ବି କରିପାରିଥାନ୍ତେ। କ'ଣ ପାଇଁ ଲୋକଙ୍କ ଝାଳବୁହା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବେ ତାହା ସରକାର ଜାଣିଥିବେ। ସରକାର ମହିଳା ସଂରକ୍ଷଣକୁ ରାଜନୈତିକ ଦୃଷ୍ଟିରେ ଦେଖୁଛନ୍ତି। ୨୦୨୩ରେ ସଂସଦରେ ସର୍ବସମ୍ମତିକ୍ରମେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇଥିଲା। ଏହାକୁ ତୁରନ୍ତ ଲାଗୁ କରିବା କଥା। ମାତ୍ର ସରକାର ତାକୁ ସ୍ଥଗିତ ରଖି ଏପ୍ରିଲ ୧୬ରେ ଆଣି ପୁଣି ହାରିଲେ। ବିଧାନସଭାକୁ ଆମେ ସମ୍ମାନ ଦେଉଛୁ, ତେଣୁ ସାମିଲ ହେବୁ। ହେଲେ ଏ ବିଧାନସଭା ଡାକିବା ପଛରେ ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ରହିଛି। ଆମେ ଶୁଣୁଛୁ, ବିରୋଧୀ ଦଳ ବିରୋଧରେ ନିନ୍ଦା ପ୍ରସ୍ତାବ ଆଣି ବିରୋଧୀଙ୍କୁ ସମାଲୋଚନା ପାଇଁ ସରକାର ବିଧାନସଭା ଅଧିବେଶନ ଡାକିଛନ୍ତି ବୋଲି ଆଚାର୍ଯ୍ୟ କହିଛନ୍ତି।

ଅନ୍ୟପକ୍ଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଓଡ଼ିଶାର ଜନସାଧାରଣ ବୁଝିସାରିଲେଣି ବିରୋଧୀ ମହିଳାଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ। ତାଙ୍କର ଅସଲ ମୁଖା ସଂସଦରେ ଖୋଲି ଯାଇଛି। ଏହି ବିଲ୍ ପାରିତ ହୋଇଥିଲେ ବିଧାନସଭା ଓ ସଂସଦରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ିଥାନ୍ତା। ହେଲେ ବିରୋଧୀ ଏହାକୁ କରାଇଦେଲେ ନାହିଁ। ପୂର୍ବ ସରକାର ଦୀର୍ଘବର୍ଷ ଧରି ମହିଳାଙ୍କୁ ଭୁଆଁ ବୁଲାଇ ଭୋଟ ନେଉଥିଲେ, ଯାହାର ଅସଲ ମୁଖା ଏବେ ଖୋଲିଯାଇଛି। ଗୁରୁବାର ମହିଳାମାନଙ୍କ ଭୂମିକା ଶୀର୍ଷକ ନେଇ ଆଲୋଚନା ହେବ ବୋଲି ମନ୍ତ୍ରୀ କହିଛନ୍ତି।




# ଖୁବ୍‌ଶୀଘ୍ର ଆସିବ 'ପିଏଲ୍‌ଆଇ' ଯୋଜନା

## ସବୁ ପିଏସ୍‌ୟୁ ଏମ୍‌ଡିଙ୍କୁ ସାଧାରଣ ଉଦ୍ୟୋଗ ବିଭାଗର ପତ୍ର

**ଭୁବନେଶ୍ୱର,୨୯।୪(ରବିନାରାୟଣ ଜେନା)**

ରାଜ୍ୟର କେତେକ ସରକାରୀ ଉଦ୍ୟୋଗରେ ପ୍ରୋତ୍ସାହନ ରାଶି ପ୍ରଦାନରେ ବ୍ୟତିକ୍ରମ ଦେଖାଯାଉଛି। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ 'ପର୍‌ଫର୍ମାନ୍ସ ଲିଙ୍କ୍‌ଡ ଇନ୍‌ସେନ୍‌ଟିଭ୍' (ପିଏଲ୍‌ଆଇ) ଯୋଜନା ଅଣାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ସାଧାରଣ ଉଦ୍ୟୋଗ ବିଭାଗ ପକ୍ଷରୁ ଏପ୍ରିଲ ୨୩ରେ ରାଜ୍ୟର ସମସ୍ତ ସରକାରୀ ଉଦ୍ୟୋଗ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ (ପିଏସ୍‌ୟୁ-ଏମ୍‌ଡି)ଙ୍କୁ ପତ୍ର ଲେଖି ଅବଗତ କରାଯାଇଛି। ବିଭାଗୀୟ ଅତିରିକ୍ତ ସଚିବ ସୁଶାନ୍ତ କୁମାର ସିଂ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, କର୍ପୋରେଟ୍ ଶାସନ ମାନୁଆଲ ନିୟମାବଳୀ ଅନୁଯାୟୀ, ସମସ୍ତ ଲାଭକାରୀ ରାଜ୍ୟ ପବ୍ଲିକ୍ ସେକ୍ଟର ଉଦ୍ୟୋଗଗୁଡ଼ିକର ପରିଚାଳନା ନିର୍ଦ୍ଦେଶକମାନେ ଏଣିକି 'ପିଏଲ୍‌ଆଇ' ଯୋଜନା ପ୍ରସ୍ତୁତ କରିବେ। ଏହି ଯୋଜନା ସଂକ୍ରାନ୍ତରେ ପ୍ରଥମେ ପିଏସ୍‌ୟୁର ବୋର୍ଡ ଅଫ୍ ଡାଇରେକ୍ଟର୍ସମାନେ ସୁପାରିସ୍ କରିବେ। ଏହାପରେ ପ୍ରଶାସନିକ ବିଭାଗର ସଚିବଙ୍କ ଦ୍ୱାରା ସାଧାରଣ ଉଦ୍ୟୋଗ ବିଭାଗର ସମ୍ମତି ପରେ ଅନୁମୋଦିତ କରାଯିବ। ଏହି ଯୋଜନା ଅନୁସାରେ, ପ୍ରୋତ୍ସାହନ ପାଇବାକୁ ଯୋଗ୍ୟତା ସୀମା ସାଧାରଣ ଭାବେ ବୁଝାମଣା(ଏମ୍‌ଓୟୁ) ସ୍କୋର୍‌ଠାରୁ ୧୦-୧୫% କମ୍ ରଖାଯିବ। ସର୍ବାଧିକ ସଫଳତା ହାର ଏମ୍‌ଓୟୁରେ ହୋଇଥିବା ସ୍କୋର୍‌ଠାରୁ ୨୫-୩୦% ଅଧିକ ହେବ। ପ୍ରୋତ୍ସାହନ ରାଶି ଏପରି ଭାବେ ଧାର୍ଯ୍ୟ ହେବ, ଯେପରି କୌଣସି କର୍ମଚାରୀଙ୍କୁ ଦିଆଯାଉଥିବା ସର୍ବାଧିକ ବେତନ ତାଙ୍କ ମୂଳ ଦରମାର ୧୦୦%ରୁ ଅଧିକ ହେବନାହିଁ। ଏହା ପିଏସ୍‌ୟୁର ସମସ୍ତ ବୁଝାମଣା ସ୍କୋର୍‌ର ସଫଳତା ପ୍ରତିଶତ ଉପରେ ଧାର୍ଯ୍ୟ ହେବ। ପିଏଲ୍‌ଆଇ ଯୋଜନା କାର୍ଯ୍ୟାନ୍ୱୟନ ବେଳେ ଏମ୍‌ଓୟୁ ସ୍କୋର, ପିଏସ୍‌ୟୁର ଲାଭ ଓ କର୍ମଚାରୀଙ୍କ ପ୍ରୋତ୍ସାହନ ମଧ୍ୟରେ ସ୍ପଷ୍ଟ ଏବଂ ଭାରସାମ୍ୟ ରହିବ। ଏହାବ୍ୟତୀତ ଅନ୍ୟ କେତେକ ଦିଗକୁ ଯୋଜନା ଲାଗୁବେଳେ ଗୁରୁତ୍ୱ ଦିଆଯିବ ବୋଲି ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି।

ସେ ଦର୍ଶାଇଛନ୍ତି, କେତେକ ପିଏସ୍‌ୟୁରେ କର୍ମଚାରୀଙ୍କୁ ପ୍ରୋତ୍ସାହନ ଦେବା ସମୟରେ କର୍ପୋରେଟ୍ ମାନୁଆଲ ନିୟମଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରାଯାଉ ନ ଥିବା ବିଭାଗ ନଜରକୁ ଆସିଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏହି 'ପିଏଲ୍‌ଆଇ' ଯୋଜନା ଗ୍ରହଣ କରାଯାଇଛି।

# ସଭ୍ୟ ସମାଜ ପାଇଁ କଳଙ୍କ: ରାଜସ୍ଥାନ ଭାଜପା ମନ୍ତ୍ରୀ

## ବ୍ୟାଙ୍କକୁ କଙ୍କାଳ ବୋହିନେବା ଘଟଣା

### ପୀଡ଼ିତ ପରିବାରକୁ ଦେବେ ମାସକର ଦରମା

**ଜୟପୁର, ୨୯।୪ (ପି.ଟି.)**

କେନ୍ଦୁଝର ଜିଲାରେ ଜମା ଟଙ୍କା ପାଇବା ପାଇଁ ବ୍ୟାଙ୍କକୁ ଜଣେ ଆଦିବାସୀ ବ୍ୟକ୍ତି ଭଉଣୀଙ୍କ କଙ୍କାଳ ବୋହି ଆଣିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ରାଜସ୍ଥାନର କୃଷିମନ୍ତ୍ରୀ କିରୋଡି ଲାଲ ମୀନା। ଏହି ଅଭାବନୀୟ ଘଟଣାକୁ ସଭ୍ୟ ସମାଜ ଉପରେ ଏକ 'କଳଙ୍କ' ବୋଲି ଅଭିହିତ କରିବା ସହ ମନ୍ତ୍ରୀ ପୀଡ଼ିତ ପରିବାରକୁ ନିଜର ଏକ ମାସର ଦରମା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ଡିଆନାଳି ଗ୍ରାମର ଜିତୁ ମୁଣ୍ଡା ନିଜ ଭଉଣୀଙ୍କ ମୃତ୍ୟୁ ପ୍ରମାଣ ଦେବା ପାଇଁ ତାଙ୍କର କଙ୍କାଳ ଧରି ପାଟଣା ଥାନା ଅନ୍ତର୍ଗତ ମଲ୍ଲିପଶି ଗ୍ରାମରେ ଥିବା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ପହଞ୍ଚିଥିଲେ। ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ନିୟମ ଓ କାଗଜପତ୍ରର ଦୁହାଇ ଦେଇ ତାଙ୍କୁ ହଇରାଣ କରାଯାଇଥିବା ଅଭିଯୋଗ ହୋଇଛି। ବ୍ୟାଙ୍କରେ ସେ କଙ୍କାଳ ଧରି ପହଞ୍ଚିବାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି। ସୋସିଆଲ ମିଡିଆ ପ୍ଲାଟଫର୍ମ 'X'ରେ ଏହି ଭିଡିଓ ଶେୟାର କରି ମନ୍ତ୍ରୀ ମୀନା କହିଛନ୍ତି, ଜିତୁ ମୁଣ୍ଡାଙ୍କ ଅସହାୟତା ଓ ଯନ୍ତ୍ରଣା ତାଙ୍କୁ ମର୍ମାହତ କରିଛି। ସରକାରୀ ପ୍ରକ୍ରିୟା ନାଁରେ ଜଣେ ଗରିବ ଆଦିବାସୀ ବ୍ୟକ୍ତିଙ୍କୁ ଏଭଳି ମାନସିକ ନିର୍ଯାତନା ଦେବା ଯେକୌଣସି ସଭ୍ୟ ସମାଜ ପାଇଁ ଏକ କଳଙ୍କ। ଏହି ମାମଲାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, ଜିତୁ ମୁଣ୍ଡାଙ୍କ ଦୁଃଖରେ ସେ ସହଭାଗୀ ଏବଂ ଏହି କଷ୍ଟ ସମୟରେ ତାଙ୍କ ସହ ଛିଡ଼ା ହେବା ତାଙ୍କର କର୍ତ୍ତବ୍ୟ। ଖୁବ୍‌ଶୀଘ୍ର ତାଙ୍କର ଏକ ମାସର ଦରମା ପୀଡ଼ିତଙ୍କ ପରିବାର ନିକଟକୁ ପଠାଇ ଦିଆଯିବ। ଭବିଷ୍ୟତରେ ଯେପରି କୌଣସି ଅସହାୟ ବ୍ୟକ୍ତିଙ୍କୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ନ ପଡ଼େ, ସେଥିପାଇଁ ସଜାଗ ରହିବା ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ସେ ମତ ଦେଇଛନ୍ତି।


ରାଜସ୍ଥାନ କୃଷିମନ୍ତ୍ରୀ କିରୋଡି ଲାଲ ମୀନା

# ହେପାଟାଇଟିସ୍-ବି ମୃତ୍ୟୁ: ଶୀର୍ଷ ୧୦ ଦେଶ ମଧ୍ୟରେ ଭାରତ

**ନୂଆଦିଲ୍ଲୀ,୨୯।୪**

ବିଶ୍ୱରେ ହେପାଟାଇଟିସ୍-ବି ସଂକ୍ରମଣ ଓ ଏହା ଜନିତ ମୃତ୍ୟୁସଂଖ୍ୟାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏକ ଚିନ୍ତାଜନକ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ଅନୁଯାୟୀ, ବିଶ୍ୱର ମାତ୍ର ୧୦ଟି ଦେଶରେ ହେପାଟାଇଟିସ୍-ବି ଜନିତ ମୃତ୍ୟୁ ସଂଖ୍ୟା ସର୍ବାଧିକ ରହିଛି, ଯାହା ସମୁଦାୟ ମୃତ୍ୟୁର ପ୍ରାୟ ୬୯ ପ୍ରତିଶତ। ଏହି ଶୀର୍ଷ ୧୦ ଦେଶ ତାଲିକାରେ ଭାରତ ଅନ୍ୟତମ।

ଚାଇନା ପରେ ଭାରତରେ 'ହେପାଟାଇଟିସ୍ ବି ଏବଂ ସି'ର ସର୍ବାଧିକ ରୋଗୀ ଅଛନ୍ତି। ଭାରତରେ ପ୍ରାୟ ୩.୫ କୋଟିରୁ ଅଧିକ ଲୋକ ଏହି ରୋଗରେ ଆକ୍ରାନ୍ତ। ୨୦୨୨ ମସିହାର ତଥ୍ୟ ଅନୁଯାୟୀ, ଭାରତରେ ବାର୍ଷିକ ପ୍ରାୟ ୧.୨୩ ଲକ୍ଷ ଲୋକ ଏହି ଭୂତାଣୁ ଜନିତ ରୋଗରେ ପ୍ରାଣ ହରାଉଛନ୍ତି। ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଯେ, ଭାରତରେ ମାତ୍ର ୨.୪ ପ୍ରତିଶତ ରୋଗୀଙ୍କ କ୍ଷେତ୍ରରେ ହେପାଟାଇଟିସ୍-ବି ଚିହ୍ନଟ ହୋଇପାରିଛି। ଅଧିକାଂଶ ଲୋକ ନିଜ ଭିତରେ ଥିବା ଏହି ସଂକ୍ରମଣ ବିଷୟରେ ଜାଣିପାରୁ ନାହାନ୍ତି। ଭାରତ ବ୍ୟତୀତ ଚାଇନା, ବାଂଲାଦେଶ, ଇଥିଓପିଆ, ନାଇଜେରିଆ ଏବଂ ଭିଏତନାମ ଭଳି ଦେଶଗୁଡ଼ିକରେ ମଧ୍ୟ ଏହି ରୋଗର ଭୟାବହତା ଅଧିକ ରହିଛି। ହେପାଟାଇଟିସ-ବି ମୁଖ୍ୟତଃ ଲିଭର୍ ବା ଯକୃତକୁ ସଂକ୍ରମିତ କରିଥାଏ, ଯାହା ପରବର୍ତ୍ତୀ ସମୟରେ ସିରୋସିସ୍ ଏବଂ କ୍ୟାନସରର କାରଣ ସାଜେ। ଅସୁରକ୍ଷିତ ରକ୍ତ ସଞ୍ଚାଳନ, ସଂକ୍ରମିତ ଛୁଞ୍ଚିର ବ୍ୟବହାର ଏବଂ ମା'ଠାରୁ ଶିଶୁକୁ ଏହି ସଂକ୍ରମଣ ବ୍ୟାପିଥାଏ। ତେବେ ଠିକ୍ ସମୟରେ ଟିକାକରଣ ଏବଂ ସଚେତନତା ମାଧ୍ୟମରେ ଏହାକୁ ରୋକାଯାଇପାରିବ। ଭାରତ ସରକାରଙ୍କ 'ଜାତୀୟ ଭୂତାଣୁ ଜନିତ ହେପାଟାଇଟିସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ' ଅଧୀନରେ ମାଗଣା ପରୀକ୍ଷା ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୨୦୩୦ ସୁଦ୍ଧା ଏହି ମାରାତ୍ମକ ରୋଗକୁ ନିର୍ମୂଳ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲେ ହେଁ, ଭାରତ ଭଳି ଜନବହୁଳ ଦେଶ ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

# କଳାହାଣ୍ଡିରେ ମୃଦୁ ଭୂମିକମ୍ପ

**ଭବାନୀପାଟଣା,୨୯।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକରେ ବୁଧବାର ସନ୍ଧ୍ୟା ୭ଟା ୪୨ରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ଏହାର ପ୍ରଭାବରେ ପ୍ରାୟ ୧୦ରୁ ୧୫ ସେକେଣ୍ଡ ପ୍ରଚଣ୍ଡ ଶବ୍ଦ ହୋଇଥିଲା, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଥିଲେ। କେତେକ ସ୍ଥାନରେ ଲୋକେ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ। ବିଶେଷ କରି ଜିଲାର ଧର୍ମଗଡ଼ ସମେତ ଜୟପାଟଣା, ଜୁନାଗଡ଼, କଲମପୁର, କୋକସରା ଏବଂ ଥୁଆମୂଳ ରାମପୁର ବ୍ଲକରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଏହି ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୧ ବୋଲି ଭୂ-ବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ ସୂଚିତ କରାଯାଇଛି। ଗତ କିଛିଦିନ ହେଲା ଜିଲାରେ ଦିନବେଳା ୪୩ ଡିଗ୍ରୀରୁ ଅଧିକ ତାପମାତ୍ରା ରହୁଛି। ଏହାକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବୁଧବାର ଅପରାହ୍ନରେ ଜିଲାର କିଛି ସ୍ଥାନରେ କାଳ ବୈଶାଖୀ ପ୍ରଭାବରେ ଜୋରରେ ପବନ ବହିବା ସହ ବର୍ଷା ହୋଇଥିଲା। ଏହା ଛାଡିଯିବା ପରେ ଭୂମିକମ୍ପ ଅନୁଭୂତ ହୋଇଥିଲା।



ଭୂକମ୍ପ ସ୍ଥଳର ଚିତ୍ର।

# ଶର୍ଟ ରେଞ୍ଜ ନାଭାଲ ଆଣ୍ଟିଶିପ୍ ମିଶାଇଲର ଏକାଧିକ ଉତ୍‌କ୍ଷେପଣର ସଫଳ ପରୀକ୍ଷଣ


ଉତ୍‌କ୍ଷେପଣ ସମୟର ଦୃଶ୍ୟ।

**ବାଲେଶ୍ୱର, ୨୯।୪ (ବାଞ୍ଛାନିଧି ଦେ)**

ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆର୍‌ଡିଓ) ଏବଂ ଭାରତୀୟ ନୌସେନାର ମିଳିତ ସହଯୋଗରେ ଶର୍ଟ ରେଞ୍ଜ ନାଭାଲ ଆଣ୍ଟିଶିପ୍ ମିଶାଇଲ (ଏନ୍‌ଏଏସ୍‌ଏମ୍-ଏସ୍‌ଆର୍)ର ପ୍ରଥମଥର ନୌସେନା ହେଲିକପ୍ଟରରୁ ଏକସଙ୍ଗେ ଏକାଧିକ ଉତ୍‌କ୍ଷେପଣର ସଫଳ ପରୀକ୍ଷଣ ବୁଧବାର ଓଡ଼ିଶାର ବଙ୍ଗୋପସାଗର ଉପକୂଳରେ କରାଯାଇଛି। ଏହି ପରୀକ୍ଷଣ ସମୟରେ ଗୋଟିଏ ହେଲିକପ୍ଟରର କମ୍ ସମୟ ବ୍ୟବଧାନରେ ଗୋଟିକ ପରେ ଗୋଟିଏ ଦୁଇଟି ମିଶାଇଲ ଉତ୍‌କ୍ଷେପଣ କରାଯାଇଥିଲା, ଯାହା ଆଡଭାନ୍ସଡ୍ ଏଆର ଲଞ୍ଚ୍ଡ ଆଣ୍ଟି ଶିପ୍ ମିଶାଇଲ ପ୍ରଣାଳୀର ପ୍ରଥମ ଉତ୍‌କ୍ଷେପଣ ଥିଲା। ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଆଇଟିଆର୍ ଦ୍ୱାରା ନିୟୋଜିତ ରାଡାର, ଇଲେକ୍ଟ୍ରୋ ଅପ୍ଟିକ ସିଷ୍ଟମ୍ ଓ ଟେଲିମେଟ୍ରି ଭଳି ବିଭିନ୍ନ ପ୍ରଣାଳୀ ସମେତ ଦିଗ ନିର୍ଣ୍ଣୟ ଯନ୍ତ୍ରପାତି ମାଧ୍ୟମରେ ସଂଗୃହୀତ ତଥ୍ୟ ଅନୁଯାୟୀ ଏହି ପରୀକ୍ଷଣ ସମସ୍ତ ମାନ୍ୟତା ପୂରଣ କରିଥିଲା। ଏହାସହ ଏହି କ୍ଷେପଣାସ୍ତ୍ର ପ୍ରଥମ ଥର ଏକସଙ୍ଗେ ଏକାଧିକ ଉତ୍‌କ୍ଷେପଣ ଏବଂ ଜଳସୀମା ଲକ୍ଷ୍ୟଭେଦର ଦକ୍ଷତାକୁ ପ୍ରଦର୍ଶନ କରିଥିଲା। ଏହି ପରୀକ୍ଷଣକୁ ଡିଆର୍‌ଡିଓର ବରିଷ୍ଠ ବୈଜ୍ଞାନିକଙ୍କ ସହ ବ୍ୟବହାରକାରୀ ଭାବେ ଭାରତୀୟ ନୌସେନା ଓ ବାୟୁସେନାର ପ୍ରତିନିଧି ଏବଂ ଡିଆର୍‌ଡିଓର ବିକାଶ ଓ ଉତ୍ପାଦନ ସହଯୋଗୀମାନେ ନିରୀକ୍ଷଣ କରିଥିଲେ। ଏନ୍‌ଏଏସ୍‌ଏମ୍ - ଏସ୍‌ଆର୍ କ୍ଷେପଣାସ୍ତ୍ରରେ ସଲିଡ୍ ପ୍ରୋପଲସନ ବୁଷ୍ଟର ଏବଂ ଦୀର୍ଘ ଜ୍ୱଳନ ସହାୟକ ଇଞ୍ଜିନ ବ୍ୟବହୃତ ହୋଇଛି। ଉକ୍ତ କ୍ଷେପଣାସ୍ତ୍ର ପ୍ରଣାଳୀ ହାଇଦ୍ରାବାଦ ସ୍ଥିତ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଲାବରେଟୋରି, ପୁଣେସ୍ଥିତ ହାଇ-ଏନର୍ଜି ମ୍ୟାଟେରିଆଲ୍ସ ରିସର୍ଚ୍ଚ ଲାବରେଟୋରି, ଚଣ୍ଡିଗଡ଼ସ୍ଥିତ ଟର୍ମିନାଲ ବାଲିଷ୍ଟିକ୍ସ ରିସର୍ଚ୍ଚ ଲାବରେଟୋରି, ଚାନ୍ଦିପୁରସ୍ଥିତ ଆଇଟିଆର୍ ସହଯୋଗରେ ହାଇଦ୍ରାବାଦସ୍ଥିତ ରିସର୍ଚ୍ଚ ସେଣ୍ଟର ଇମାରତ ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଛି। ପ୍ରଥମ ଥର ଏକସଙ୍ଗେ ଏକାଧିକ ଉତ୍‌କ୍ଷେପଣର ସଫଳ ପରୀକ୍ଷଣକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆର୍‌ଡିଓ, ଭାରତୀୟ ନୌସେନା ଓ ଭାରତୀୟ ବାୟୁସେନା ଏବଂ ଏଥିରେ ଜଡ଼ିତ ବିକାଶ ଓ ଉତ୍ପାଦନ ସହଯୋଗୀ ଶିଳ୍ପାନୁଷ୍ଠାନକୁ ଅଭିନନ୍ଦନ ଜଣାଇଛନ୍ତି। ଏଥସହ ଏହା ଦେଶର ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ନୂତନ ପରିକଳ୍ପନା ଓ ବିକାଶ କ୍ଷମତାର ଦୃଢ଼ତାକୁ ପ୍ରମାଣିତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସେହିପରି ପ୍ରତିରକ୍ଷା ବିଭାଗର ସଚିବ (ଅନୁସନ୍ଧାନ ଏବଂ ବିକାଶ) ତଥା ଡିଆର୍‌ଡିଓର ଅଧ୍ୟକ୍ଷ ଡ. ସମୀର ଭି କାମାଥ୍ ମଧ୍ୟ ସଫଳ ପରୀକ୍ଷଣରେ ସାମିଲ ସମସ୍ତ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ ଜନିତ ଅଗ୍ନିକାଣ୍ଡ ଏଡାଇବା ପାଇଁ ସତର୍କ ସୂଚନା
(ଡାକ୍ତରଖାନା, ସପିଂ ମଲ୍, ବହୁତଳ କୋଠା ଇତ୍ୟାଦି ପାଇଁ)


ଗ୍ରୀଷ୍ମ ଋତୁରେ ଏ.ସି.ର ବ୍ୟାପକ ବ୍ୟବହାର ସମୟରେ ବିଦ୍ୟୁତ୍ ଉପକରଣ ଗୁଡିକ ଓଭରଲୋଡିଙ୍ଗ୍ ଓ ଉତ୍ତପ୍ତ ହେବାର ସମ୍ଭାବନା ଥାଏ। ଏହି ବିପଦକୁ ରୋକିବା ପାଇଁ ଉପଯୁକ୍ତ ରେଟିଂର ସର୍କିଟ୍ ବ୍ରେକର, ତାର ଇତ୍ୟାଦି ବ୍ୟବହାର କରନ୍ତୁ ଏବଂ ସେଗୁଡିକୁ ନିୟମିତ ଯାଞ୍ଚ କରନ୍ତୁ।


ବୈଦ୍ୟୁତିକ ପ୍ୟାନେଲ ରୁମ୍, ଟ୍ରାନ୍ସଫର୍ମର ଏବଂ ଜେନେରେଟର ଥିବା କକ୍ଷରେ ଉତ୍ପନ୍ନ ଉତ୍ତାପ କମେଇବା ପାଇଁ ପର୍ଯ୍ୟାପ୍ତ ବାୟୁ ଚଳାଚଳ ବ୍ୟବସ୍ଥା କରନ୍ତୁ। ସହଜରେ ଜଳିଯାଉଥିବା କୌଣସି ବସ୍ତୁକୁ ବୈଦ୍ୟୁତିକ ଉପକରଣ ଓ ପ୍ୟାନେଲ ରୁମ୍ ଠାରୁ ଦୂରରେ ରଖନ୍ତୁ।


ସମସ୍ତ ବୈଦ୍ୟୁତିକ କାର୍ଯ୍ୟ ଏବଂ ବୈଦ୍ୟୁତିକ ଉପକରଣର ରକ୍ଷଣାବେକ୍ଷଣ ଲାଇସେନ୍ସପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା କରାନ୍ତୁ।


ଅଗ୍ନି ଚିହ୍ନଟ ଓ ଆଲାର୍ମ ସିଷ୍ଟମ ଏବଂ ଉପଯୁକ୍ତ ଅଗ୍ନିନିର୍ବାପକ ବ୍ୟବସ୍ଥା ସ୍ଥାପନା କରି ସେଗୁଡିକୁ ନିୟମିତ ଯାଞ୍ଚ ଓ ରକ୍ଷଣାବେକ୍ଷଣ କରନ୍ତୁ।


ବୈଦ୍ୟୁତିକ ସୁରକ୍ଷା ଓ ଅଗ୍ନିନିରାପତ୍ତା ସମ୍ପର୍କିତ ଉପକରଣର ବ୍ୟବହାର ଏବଂ ସି.ପି.ଆର୍ (CPR) ବିଷୟରେ ସମସ୍ତ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାନ୍ତୁ।

ଶକ୍ତି ବିଭାଗ, ଓଡିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ
4001/50/2627
OIPR-4001/4066/2/26-27/0002

“ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଊର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡ଼କୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ– ତେବେ ମୁଁ ନିଶ୍ଚୟ ଊର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। –ଶ୍ରୀଅରବିନ୍ଦ

ନୃସିଂହ ଜନ୍ମ
ଚତୁର୍ଦ୍ଦଶୀ ଉପବାସ



# ସମୃଦ୍ଧିର ପ୍ରତୀକ



ଦେବଦତ୍ତ ପଟ୍ଟନାୟକ

ଲକ୍ଷ୍ମୀଙ୍କ ଦୁଇ ପାଖରେ ଦୁଇଟି ହାତୀ ତାଙ୍କ ମୁଣ୍ଡ ଉପରେ ପାଣି ଢାଳୁଥିବାର ଛବି ବା ମୂର୍ତ୍ତି ସାରା ଭାରତରେ ବେଶ୍ ଜଣାଶୁଣା। ଏହାକୁ ସମୃଦ୍ଧିର ପ୍ରତୀକ ମନେକରାଯାଏ। ଏହି ଛବି କିମ୍ବା ମୂର୍ତ୍ତି ଘର, ଦୋକାନ, ବ୍ୟାଙ୍କ ଏବଂ ଏପରିକି ଏବକାର ବିଜ୍ଞାପନରେ ଆମେ ଦେଖିବାକୁ ପାଉ। ତେବେ ଅନେକେ ପ୍ରଶ୍ନ କରନ୍ତି ଯେ, ଧନଦେବୀଙ୍କ ଦୁଇ ପାଖରେ କାହିଁକି ଦୁଇ ହାତୀ ଠିଆ ହୋଇଛନ୍ତି? ଏହାର ଉତ୍ତର ଏକ ଆର୍ଥିକ ଦିଗ ସହ ଜଡ଼ିତ ସତ୍ୟକୁ ପ୍ରକାଶକରେ, ଯାହା ଭାରତର ଭୌଗୋଳିକ, ପରିବେଶ ତଥା ହଜାର ବର୍ଷର ଇତିହାସ ଓ ପରମ୍ପରା ସହ ସ୍ୱାଭାବିକ ଭାବେ ସୃଷ୍ଟି ହୋଇଛି। ଭାରତ ହେଉଛି ଏକ ମୌସୁମୀ ଦେଶ। ୪ ମାସ ଧରି ଏଠାରେ ଜୋର ବର୍ଷା ହୁଏ, ଯେଉଁଥିରେ ରାସ୍ତା ନଦୀ ପାଲଟିଯାଏ ଏବଂ ଜମିବାଡ଼ି ସନ୍ତସନ୍ତିଆ କାଦୁଅ ହୋଇଯାଏ। ଏବେ ଆମେ ସହରଗୁଡ଼ିକରେ ବନ୍ୟା ସୃଷ୍ଟି ହୋଇ ରାସ୍ତାରେ ବିରାଟକାୟ ଗାଡ଼ ଦେବା ଦେଖିବାକୁ ପାଉଛୁ। ତେବେ ୩,୦୦୦ ବର୍ଷ ପୂର୍ବର ସ୍ଥିତି ବିଷୟରେ ଚିନ୍ତା କରନ୍ତୁ। ସେତେବେଳେ କୌଣସି ପିଚୁ ରାସ୍ତା କିମ୍ବା କଂକ୍ରିଟ ବନ୍ଧ କି ଡ୍ରେନେଜ୍ ବ୍ୟବସ୍ଥା ନ ଥିଲା। ବର୍ଷାରେ ଗାଁଗୁଡ଼ିକ ବୁଡ଼ିଯାଇ ଘରସବୁ ଭାଙ୍ଗିଯାଉଥିଲା। ବାଣିଜ୍ୟ ପଥ ମଧ୍ୟ ଧୋଇହୋଇ ଯାଉଥିଲା। ଗୋରୁ, ଘୋଡ଼ା ଏବଂ ପଶୁଟଣା ଗାଡ଼ି ରାସ୍ତାରେ ଯାଇପାରୁ ନ ଥିଲା। ବଣିକମାନେ କିଛି ନ କରି ବସି ରହି ମୌସୁମୀ ସମୟ ଶେଷକୁ ଚାହିଁ ରହୁଥିଲେ ଏବଂ ପରେ ଅର୍ଥ ବ୍ୟବସ୍ଥା ପୁନର୍ବାର ସକ୍ରିୟ ହୋଇପାରୁଥିଲା।

କିନ୍ତୁ ଗୋଟିଏ ଜୀବ ହାତୀ ଏହି ଜଳମଗ୍ନ ସନ୍ତସନ୍ତିଆ ଅଞ୍ଚଳରେ ଭଲ ଭାବେ ବଢ଼ିପାରୁଥିଲା, ସୁସ୍ଥ ବି ରହୁଥିଲା। ବଡ଼ ପାଦ ଓ ଅତ୍ୟଧିକ ଶକ୍ତି ବଳରେ ହାତୀ ପାଣିକାଦୁଅରେ ସହଜରେ ଯିବାଆସିବା କରିପାରୁଥିଲା। ନଦୀକୁ ବିନା ଦ୍ୱିଧାରେ ପାରହୋଇ ଜଙ୍ଗଲ ମଧ୍ୟରେ ମାଡ଼ିଚାଲୁଥିଲା। ଗୋଟିଏ ହାତୀ ଏକାକୀ ଜଙ୍ଗଲ ମଧ୍ୟରେ ଗୋଟିଏ ବାଟ ସୃଷ୍ଟି କରିପାରୁଥିଲା। ହେଲେ ଗୋଟିଏ ହାତୀ ପଲ ଏକ ବାଣିଜ୍ୟ ପଥ ସୃଷ୍ଟି କରିପାରୁଥିଲେ। ମୌସୁମୀ ବର୍ଷା ଶେଷ ହେଲେ ହାତୀ ଶସ୍ୟ ଓ ସାମଗ୍ରୀ ଉତ୍ପାଦନ ହେଉଥିବା ଅଞ୍ଚଳ ସହ ଦୂରବର୍ତ୍ତୀ ବଜାରକୁ ଯୋଡୁଥିଲା, ଅର୍ଥାତ୍ ଜିନିଷ ନେବା ଆଣିବା କରୁଥିଲା। ହାତୀ ବାଟ ସଫା କରିବା ପରେ ପୁନର୍ବାର ଉପକୂଳରୁ ଲୁଣ, ପାହାଡ଼ିଆ ଅଞ୍ଚଳରୁ ଖଣିଜ ପଥର ଏବଂ ସମତଳ ଅଞ୍ଚଳରୁ ଖାଦ୍ୟଶସ୍ୟର ବାଣିଜ୍ୟିକ କାରବାର ସୁଗମ ହୋଇପାରୁଥିଲା। ଏଣୁ ହାତୀମାନେ କେବଳ ଭବ୍ୟ ଓ ବୁଦ୍ଧିମାନ ପ୍ରାଣୀ ନୁହେଁ, ବରଂ ସେମାନେ ଆର୍ଥିକ ପୁନର୍ଗଠନର ଚାଳକ ଥିଲେ। ସେମାନଙ୍କ ଦ୍ୱାରା



ବାଣିଜ୍ୟ ସମ୍ଭବ ହେଉଥିଲା। ସେମାନେ ରାସ୍ତାକୁ ପୁନଃ ଗମନଯୋଗ୍ୟ କରୁଥିଲେ ଏବଂ ଚକଲଗା ଗାଡ଼ିଗୁଡ଼ିକର ସୁରକ୍ଷା କରୁଥିଲେ। ସେମାନଙ୍କ ଉପସ୍ଥିତି ଯୋଗୁ ଧନ ପୁଣି ଆସିପାରୁଥିଲା। ହାତୀ ଓ ସମୃଦ୍ଧି ମଧ୍ୟରେ ଥିବା ଏହି ସମ୍ପର୍କ ଭାରତୀୟଙ୍କ ମାନସିକତାରେ ଗଭୀର ଭାବେ ରହିଗଲା।

ଏବେ ଗଜଲକ୍ଷ୍ମୀଙ୍କ ଫଟୋଚିତ୍ର ବିଷୟରେ ଆଲୋଚନା କରାଯାଉ। ହାତୀ ଲକ୍ଷ୍ମୀଙ୍କ ଉପରେ ପାଣି ଢାଳୁଥିବାବେଳେ ସେ ଶାନ୍ତ ଭାବେ ଠିଆ ହୋଇଛନ୍ତି। ପାଣି ସଜେଇବାର ଏକ ବସ୍ତୁ ନୁହେଁ, ଏହା ମୌସୁମୀର ସଙ୍କେତ। ହାତୀ ଗତିଶୀଳତାର ପୁନଃ ଆରମ୍ଭ ଏବଂ ଆର୍ଥିକ ଜୀବନର ପୁନରୁଦ୍ଧାରକୁ ଦର୍ଶାଏ। ଲକ୍ଷ୍ମୀଙ୍କ ସହ ହାତୀର ଛବି ହେଉଛି ଏକ ଦୃଶ୍ୟ ଅବଧାରଣା – ବାସ୍ତବରେ ମୌସୁମୀ ଜୀବନକୁ ନିୟନ୍ତ୍ରଣ କରିବା, ରାସ୍ତା ପୁନର୍ଗଠନ କରିବା ଏବଂ ମାର୍କେଟଗୁଡ଼ିକୁ ପୁନଃ ସଂଯୋଗ କରିବା ସକାଶେ ତୁମର ଶକ୍ତି ଓ ଦକ୍ଷତା ରହିଲେ ସମୃଦ୍ଧି ଆସିଥାଏ। ହାତୀ କେବଳ ସେବକ ନୁହେଁ, ବରଂ ଧନ ସୃଷ୍ଟିକରିବାରେ ସେମାନଙ୍କ ଭାଗୀଦାରି ରହିଛି।

ଲକ୍ଷ୍ମୀଙ୍କ ଉପରେ ହାତୀମାନେ ପାଣି ଢାଳିବା ସେମାନଙ୍କ ପାଳନ ପ୍ରବୃତ୍ତିକୁ ସୂଚିତକରେ। ପାଖାପାଖି ଖ୍ରୀଷ୍ଟପୂର୍ବ ୧୦୦୦ରେ ଭାରତରେ ହାତୀ ପାଳନ କରାଯାଉଥିଲା। ହାତୀ ପାଳନର ପ୍ରାଚୀନ ପ୍ରମାଣ ଭାରତର ପୂର୍ବଭାଗରେ ଥିବା ଅଙ୍ଗରେ ଦେଖିବାକୁ ମିଳେ। ଅଙ୍ଗ ରାଜା ହାତୀ ଉପହାର ଦେଉଥିଲେ। ଅଙ୍ଗ ବିହାର ଓ ପଶ୍ଚିମବଙ୍ଗ ସୀମାରେ ରହିଛି ଏବଂ ଏଠାରେ ଭାରତର ପ୍ରଥମ ସାମ୍ରାଜ୍ୟ ଗଢ଼ି ଉଠିଥିଲା। ଏହା ହେଉଛି ସେହି ଭୂମି ବା ସାମ୍ରାଜ୍ୟ ଯେଉଁଠାରୁ ବାଣିଜ୍ୟ ପଥ ଉତ୍ତର ଆଡ଼କୁ ପାହାଡ଼ ଯାଏ ଲମ୍ବିଥିଲା। ଏଠାରୁ ଦକ୍ଷିଣକୁ ଭାରତର ଉପକୂଳ ଯାଏ ଲମ୍ବିଥିବା ରାସ୍ତାରେ ଭାରତର ମୂଲ୍ୟବାନ୍ ସାମଗ୍ରୀ ପରିବହନ ହେଉଥିଲା ଏବଂ ସେଗୁଡ଼ିକ ସମୁଦ୍ର ପଥରେ ମୌସୁମୀ ପ୍ରବାହ ସମୟରେ ପଶ୍ଚିମରେ ଆରବ ଏବଂ ପୂର୍ବରେ ଜାଭା ଓ କାମ୍ବୋଡ଼ିଆ ପର୍ଯ୍ୟନ୍ତ ଯାଉଥିଲା।

ଏବେ ଆଧୁନିକ ବ୍ୟବସ୍ଥାରେ ହାତୀ କ୍ଷମତା ତଥା ସାମର୍ଥ୍ୟର ପ୍ରତୀକ। ଯେଉଁ ଟିମ୍ କଠିନ ସ୍ଥିତିରେ ଆଗକୁ ବଢ଼ିପାରନ୍ତି,ଯେଉଁ ନେତାମାନେ ବାଧା ଦୂର କରିପାରନ୍ତି, ଯେଉଁ ବ୍ୟବସ୍ଥା ଅବ୍ୟବସ୍ଥା ମଧ୍ୟରେ କାର୍ଯ୍ୟ କରିପାରନ୍ତି ସେସବୁ ହେଉଛନ୍ତି କର୍ପୋରେଟ ବିଶ୍ୱର ହାତୀ। ଯେତେବେଳେ ଏହିସବୁ ହାତୀ ତୁମ ସପକ୍ଷରେ ଯାଆନ୍ତି , ସେତେବେଳେ ଲକ୍ଷ୍ମୀ(ଧନ) ତୁମ ପାଖକୁ ଆସେ। ସେମାନଙ୍କ ବିନା ଏପରିକି ବୃହତ୍ ସିଦ୍ଧାନ୍ତ ମଧ୍ୟ ଅଟକି ରହେ ଏବଂ ମାର୍କେଟ ଯାଏ ପହଞ୍ଚିବାକୁ ସକ୍ଷମ ହୋଇ ନ ଥାଏ। ପଦ୍ମପୋଖରୀରେ ଲକ୍ଷ୍ମୀ ହେଉଛନ୍ତି ଏକ ସମୃଦ୍ଧ ବିଶ୍ୱ, ଯାହାକୁ ସେମାନେ ସୃଷ୍ଟି କରନ୍ତି ଓ ଉପଭୋଗ ବି କରିଥାନ୍ତି।

ପଦ୍ମପୋଖରୀରେ ରତ୍ନଖଚିତ ଲକ୍ଷ୍ମୀଙ୍କ ଚାରିପାଖରେ ରହି ପାଣି ଢାଳୁଥିବା ହାତୀମାନଙ୍କ ମୂର୍ତ୍ତି ପ୍ରଥମକରି ବୌଦ୍ଧସ୍ଥଳୀଗୁଡ଼ିକରେ ଦେଖିବାକୁ ମିଳିଥିଲା। ବିଶେଷକରି ବୌଦ୍ଧସ୍ତୂପଗୁଡ଼ିକର ରେଲିଂରେ ଏହା ଦେଖାଯାଏ। ଖ୍ରୀଷ୍ଟପୂର୍ବ ୧୦୦ ପାଖାପାଖିରେ ଏସବୁ ମୂର୍ତ୍ତି ପଶ୍ଚିମଘାଟ ବିନ୍ଧ୍ୟ ପର୍ବତମାଳାର ଉତ୍ତରରେ ଥିବା ସାଞ୍ଚି, ଭରହୁତରେ ନିର୍ମାଣ କରାଯାଇଥିଲା। ଉଲ୍ଲେଖନୀୟ ଯେ,ବିନ୍ଧ୍ୟ ପର୍ବତମାଳା ଅଞ୍ଚଳ ଭାରତର ପଶ୍ଚିମ ଉପକୂଳ ଆଡ଼କୁ ଲମ୍ବିଛି ଏବଂ ପୂର୍ବ ଉପକୂଳ ନିକଟସ୍ଥ କୃଷ୍ଣା ନଦୀ ଅବବାହିକାର ନାଗାର୍ଜୁନକୁଣ୍ଡ ଓ ଅମରାବତୀ ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି। ଏପରିକି ଲକ୍ଷ୍ମୀ ଯେତେବେଳେ ନ ଥିଲେ ସେ ସମୟରେ ହାତୀ ସବୁଠି ଥିଲେ, ଯାହା କ୍ଷମତା ଓ ସମୃଦ୍ଧିକୁ ସୂଚିତ କରୁଛି। ବାରବରା ଗୁମ୍ଫା ଖ୍ରୀଷ୍ଟପୂର୍ବ ୨୫୦ରେ ସମ୍ରାଟ୍ ଅଶୋକଙ୍କ ସମୟରେ ନିର୍ମାଣ କରାଯାଇଥିଲା । ଏଠାରେ ହାତୀ ମୂର୍ତ୍ତିଗୁଡ଼ିକ ଦେଖିବାକୁ ମିଳେ, ଯେଭଳି ଖ୍ରୀଷ୍ଟପୂର୍ବ ୧୦୦ର ଖାରବେଳଙ୍କ ଦ୍ୱାରା ନିର୍ମିତ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାରେ କରାଯାଇଛି। ଅଶୋକ ସ୍ତମ୍ଭଗୁଡ଼ିକରେ ମଧ୍ୟ ହାତୀ ମୂର୍ତ୍ତି ଦେଖିବାକୁ ମିଳେ।

ଭାରତୀୟ ଲୋକକଥାରେ ଲକ୍ଷ୍ମୀଙ୍କୁ ଚଞ୍ଚଳା କୁହାଯାଏ, ଅର୍ଥାତ୍ ସେ ସଦା ଚଞ୍ଚଳ ଓ ସକ୍ରିୟ, ଯାହା ପୁନର୍ବାର ମୌସୁମୀର ସଙ୍କେତ ଦେଇଥାଏ। ପାଣି ବହିଯାଏ, ଭାଗ୍ୟ ବି ବହି ଚାଲିଥାଏ ଏବଂ ହାତୀ ତୁମକୁ ସେହି ଦିଗରେ ଯିବା ଲାଗି ସାହାଯ୍ୟ କରେ। ଏଣୁ ସମସ୍ତ ଦୋକାନୀ ଏବେ ବି ପ୍ରବେଶ ପଥରେ ସେମାନଙ୍କ ମୁଦ୍ରା ବାକ୍ସ ରଖି ହାତୀଙ୍କୁ ପ୍ରାର୍ଥନା କରିଥାନ୍ତି। ସକ୍ଷମ ଲୋକ, ଦୃଢ଼ ପ୍ରକ୍ରିୟା ଏବଂ ସହନୀୟ ବ୍ୟବସ୍ଥାଗୁଡ଼ିକ ବ୍ୟବସାୟରେ ବାଧା, ଅନିଶ୍ଚିତତା କିମ୍ବା ସଙ୍କଟକୁ ସାମ୍ନାକରି ତିଷ୍ଠି ରହିପାରିଛି। ଲକ୍ଷ୍ମୀଙ୍କ ଦୁଇ ପାର୍ଶ୍ୱରେ ଥିବା ହାତୀ ୨୦୦୦ ବର୍ଷରୁ ଅଧିକ ସମୟ ଧରି ରହିଆସିଛି, କାରଣ ଏହା ଏକ ଗମ୍ଭୀର ସତ୍ୟକୁ ଦର୍ଶାଇଛି। ଏହି ସତ୍ୟ ହେଉଛି– ଧନ ଅଲୌକିକ ଭାବରେ ବୃଦ୍ଧି ପାଏ ନାହିଁ। ଯେତେବେଳେ ଠିକ୍ ସମୟର ସୁଯୋଗରେ ସାମର୍ଥ୍ୟ ବା ଯୋଗ୍ୟତା ଉପଯୋଗ ହୋଇଥାଏ ସେତେବେଳେ ଧନ ଆସିଥାଏ। ହାତୀ ହେଉଛି ସାମର୍ଥ୍ୟ। ଲକ୍ଷ୍ମୀ ହେଉଛନ୍ତି ସୁଯୋଗ। ଏହି ଦୁଇଟି ଏକାଠିହୋଇ ଏକ ମୌସୁମୀ ବିଶ୍ୱରେ ସମୃଦ୍ଧି ଆଣନ୍ତି।

–devduttofficial@gmail.com

# ଟପ୍ପର ହେବା ଜରୁରୀ କି



ପ୍ରବୀର କୁମାର ସାହୁ

ନିକଟରେ ପ୍ରକାଶ ପାଇଥିବା ସିବିଏସ୍ଇ ଦଶମ ବୋର୍ଡ ପରୀକ୍ଷା ଫଳକୁ ନେଇ ଓଡ଼ିଶା ସାରା ଚର୍ଚ୍ଚା। କେବଳ ଓଡ଼ିଶା କାହିଁକି, ସାରା ଭାରତରେ ଅନେକ ଛାତ୍ରୀଛାତ୍ର ଶତକଡା ଶହେ ନମ୍ବର ରଖି ଟପ୍ପର ହୋଇଛନ୍ତି। ଆଗକୁ ଅନ୍ୟ ବୋର୍ଡର ପରୀକ୍ଷାଫଳ ବାହାରିବା ବାକି ଅଛି। ତେଣୁ ଟପ୍ପରଙ୍କ ସଂଖ୍ୟା ବଢ଼ିବା ନିଶ୍ଚିତ। ପ୍ରତିବର୍ଷ ଦେଶସାରା ଏମିତି ଅନେକ ପରୀକ୍ଷା ହୁଏ, ଅନେକ ଜଣ ଟପ୍ପର ହୁଅନ୍ତି। ମିଡିଆରେ ସେମାନଙ୍କୁ ନେଇ ଘମାଘୋଟ ଖବର ପ୍ରସାରଣ କରାଯାଏ। ପରେ ଏ ସମ୍ପର୍କିତ ଖବର ଜନମାନସରୁ ଲିଭିଯାଏ। ପ୍ରତିବର୍ଷ ଏମିତି ଅନେକ ଟପ୍ପର ହୁଅନ୍ତି, ତେଣୁ ସ୍ୱାଭାବିକ ଭାବେ କେହି ମନେରଖନ୍ତି ନାହିଁ। ଏତେ ପରେ ବି ଟପ୍ପର ହେବା ଅସଲରେ ଦୀର୍ଘସ୍ଥାୟୀ ସଫଳତା ନୁହେଁ। ଟପ୍ପର ହେବା ନିହାତି ଭାବରେ ପରିଶ୍ରମର ଫଳ। କିନ୍ତୁ ଟପ୍ପର ହେବା ବ୍ୟକ୍ତିର ସର୍ବକାଳୀନ ପରିଚୟ ନୁହେଁ। ପ୍ରତ୍ୟେକ ବ୍ୟକ୍ତି ନିଜ କର୍ମରେ କେତେ ଦକ୍ଷ, କେତେମାତ୍ରାରେ ସୃଜନଶୀଳ ଏବଂ ଅନ୍ୟମାନଙ୍କଠାରୁ ସେ କିପରି ଭିନ୍ନ ତାହା ହିଁ ମଣିଷର ଅସଲ ପରିଚୟ। ଆଉ ସେହି ପରିଚୟ ନିହାତି ନିଜସ୍ୱ ଏବଂ ଚିରକାଳ। ଅନ୍ୟ କେହି ଚେଷ୍ଟାକଲେ ବି ସେ ଯୋଗ୍ୟତା କାହା ପାଖରୁ ଛଡ଼ାଇ ନେଇପାରିବ ନାହିଁ।

ପ୍ରତିବର୍ଷ ଅନେକ ପିଲା ବିଭିନ୍ନ ପରୀକ୍ଷା ଦ୍ୱାରା ବୈଜ୍ଞାନିକ, ଡାକ୍ତର, ପ୍ରଶାସନିକ ଇତ୍ୟାଦି କ୍ଷେତ୍ରରେ ନିଯୁକ୍ତି ପାଆନ୍ତି। ସେଥିମଧ୍ୟରୁ ଅନେକ ଟପ୍ପର ବି ଥାଆନ୍ତି। ସେମାନେ ଯେ କେତେ ପାରଦର୍ଶୀ ତାହା ସେମାନଙ୍କ ଟପ୍ପର ହେବା କିମ୍ବା ମାର୍କ ଉପରେ ନିର୍ଭର କରେନାହିଁ। ଯିଏ ଯେଉଁ ଉପାୟରେ ସତ୍‌ମାର୍ଗରେ ସୃଜନଶୀଳ ଏବଂ ଦକ୍ଷ, ସେ ସେହି ଉପାୟରେ ନିଜର ପରିଚୟ ସୃଷ୍ଟିକରେ। ସେହି ଡାକ୍ତରଙ୍କ ପାଖରେ ରୋଗୀଙ୍କର ଅଧିକ ଭିଡ଼ ହୁଏ, ଯିଏ ଭଲ ଚିକିତ୍ସା କରନ୍ତି। ସେଇ ଗାୟକର ଗୀତ ଲୋକ ଅଧିକ ଶୁଣନ୍ତି, ଯିଏ ଭଲ ଗୀତ ଗାଇପାରନ୍ତି। ଲୋକମାନେ ଏମାନଙ୍କୁ ପସନ୍ଦ କରିବା ସହ ମାର୍କ କିମ୍ବା ଟପ୍ପର ହେବାର କୌଣସି ସମ୍ପର୍କ ନ ଥାଏ। ମୋର କହିବା କଥା ନୁହେଁ ଯେ ଟପ୍ପର ପିଲା ଦକ୍ଷ କିମ୍ବା ଯୋଗ୍ୟ ନୁହନ୍ତି। ଅସଲରେ କହିବା କଥା ଟପ୍ପର ହେବା ମଣିଷର ପରିଚୟ ନୁହେଁ। ଆପଣ ଆପଣଙ୍କ କାମରେ କେତେ ଭିନ୍ନ, କେତେ ସୃଜନଶୀଳ ତାହା ହିଁ ଆପଣଙ୍କ ପରିଚୟ। ଏଥିରେ ଟପ୍ପର ସହ କିଛି ସମ୍ପର୍କ ନାହିଁ।

ଆପଣ କେତେ ଦକ୍ଷ କିମ୍ବା ଆପଣଙ୍କ ଜ୍ଞାନର ଗଭୀରତା ପାଇଁ ମାର୍କ କେବେ ବି ମାପକ ନୁହେଁ। ସର୍ବଦା ନିଯୁକ୍ତି ପାଇଁ ମାର୍କଠାରୁ ଦକ୍ଷତା ଲୋଡ଼ା। ବର୍ତ୍ତମାନ ଅନ୍ୟମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଅଯାଚିତ ଭାବରେ ପିଲାମାନଙ୍କ ଉପରେ ମାର୍କ ପାଇଁ ଚାପ ପକାଯାଉଛି, ଯାହା ଭବିଷ୍ୟତ ପିଢ଼ି ପାଇଁ ମାରାତ୍ମକ। ନିଯୁକ୍ତି ପାଖରୁ ଆରମ୍ଭକରି ବ୍ୟକ୍ତି ବିକାଶ ଯାଏ ସବୁସ୍ଥାନରେ ଦକ୍ଷତା ଲୋଡ଼ା। ଦକ୍ଷତା ସବୁବେଳେ ମଣିଷର ପରିଚୟ ସୃଷ୍ଟି କରେ। ଆଜି ସମାଜରେ ପ୍ରତିଷ୍ଠିତ ହୋଇଥିବା ସମସ୍ତ ସଫଳତମ ବ୍ୟକ୍ତି ନିଜର ମାର୍କ କିମ୍ବା ଟପ୍ପର ହୋଇଥିବା କାରଣରୁ ସେମାନେ ପ୍ରତିଷ୍ଠିତ ନୁହନ୍ତି। ସମସ୍ତେ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ସୃଜନଶୀଳ ଭାବେ ଦକ୍ଷ ଯୋଗୁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଆପଣଙ୍କ ଜୀବନର ଦିଗ ଏବଂ ଭବିଷ୍ୟତର ପନ୍ଥା ଆପଣଙ୍କ ସାର୍ଟିଫିକେଟ ନିର୍ଦ୍ଧାରଣ କରିପାରିବ ନାହିଁ। ଜୀବନରେ ଆଗକୁ ବଢ଼ିବା ପାଇଁ ଜ୍ଞାନ ନିହାତି ଆବଶ୍ୟକ।

ଉଭୟ ଦକ୍ଷତା ଏବଂ ସୃଜନଶୀଳ ପାଇଁ ପାଠ ନିହାତି ଜରୁରୀ। ଆପଣ ଯେତେମାତ୍ରାରେ ବିଦ୍ୟା ଗ୍ରହଣ କରିପାରିବେ, ସେତେମାତ୍ରାରେ ଆପଣ ନିଜକୁ ଦକ୍ଷ କରିପାରିବେ। ଇତିହାସ କୁହେ, ପୃଥିବୀର ଜୀବନଶୈଳୀରେ ନୂତନ ଦିଗ ଆଣିଥିବା ବ୍ୟକ୍ତିବିଶେଷ କଲେଜ ଟପ୍ପର କିମ୍ବା ଉଚ୍ଚ ମାର୍କଧାରୀ ବ୍ୟକ୍ତି ନ ଥିଲେ। ସେମାନଙ୍କ ମଧ୍ୟରୁ ଅନେକ କଲେଜ ଡ୍ରପ୍‌ଆଉଟ ଥିଲେ। ଏପରି କି ଶିକ୍ଷାନୁଷ୍ଠାନ କେବେ ପହଞ୍ଚିପାରି ନ ଥିଲେ। କେବଳ ନିଜର ଉଚ୍ଚ ଦକ୍ଷତା ପାଇଁ ସେମାନେ ଆଜି ଅମର। ନିଜ ଦକ୍ଷତାକୁ ସମୟ ଅନୁପଯୋଗୀ ପରିବର୍ତ୍ତନ ଏବଂ ପରିମାର୍ଜିତ କରିବା ପାଇଁ ଶିକ୍ଷା ନିହାତି ଜରୁରୀ। ଅସଲରେ ଜୀବନରେ ଶିକ୍ଷା ଗ୍ରହଣର କେବେ ଶେଷ ତାରିଖ ନ ଥାଏ। ଜୀବନସାରା ମଣିଷକୁ ଶିଖିବାକୁ ପଡ଼େ। ଯେଉଁ ବ୍ୟକ୍ତି ଯେତେମାତ୍ରାରେ ଶିଖିବାକୁ ଆଗ୍ରହୀ, ସେ ସେତେମାତ୍ରାରେ ଅନ୍ୟମାନଙ୍କଠାରୁ ଉତ୍କୃଷ୍ଟ। ଟପ୍ପର ହେବା ଅପରାଧ ନୁହେଁ କିମ୍ବା ଖରାପ ବି ନୁହେଁ। ଜଣେ ଭଲ ପାଠ ପଢ଼ିଲେ ହିଁ ଟପ୍ପର ହୋଇପାରିବ ତାହା ସତ୍ୟ, କିନ୍ତୁ ଟପ୍ପର ହେବା ଆପଣଙ୍କ ସାରାଜୀବନ ପାଇଁ ପରିଚୟ ହୋଇପାରିବ ନାହିଁ, ତାହା ହିଁ ସବୁଠାରୁ କଠୋରତମ ସତ୍ୟ। ଆପଣ କେତେଦକ୍ଷ, କେତେମାତ୍ରାରେ ସୃଜନଶୀଳ ତାହା ହିଁ ମଣିଷର ଅସଲ ପରିଚୟ।

କଣିପାଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୯୮୬୧୦୬୮୪୫୬

## ଏଇ ଭାରତରେ

ଇଚ୍ଛାଶକ୍ତି ବଳରେ ନୂତନତ୍ୱର ନୂଆଧାରା ସୃଷ୍ଟି କରିଛନ୍ତି କୋଲ୍‌କାତାର କାଳିଦାସ ହଲଧର। ସେ ଅଦରକାରୀ ଫ୍ରିଜ୍ ସଂଗ୍ରହକରି ସେଥିରେ ୧୯ଟି ଲାଇବ୍ରେରି କରିଛନ୍ତି, ଯେଉଁଥିରେ ୧୦,୦୦୦ରୁ ଅଧିକ ବହି ରହିଛି। ପ୍ରଥମେ କୋଲ୍‌କାତା ପାଟୁଲିସ୍ଥିତ ଗୋଟିଏ ଗ୍ରୋସରି ଦୋକାନ କୋଣରେ ଏକ ଭଙ୍ଗା ଫ୍ରିଜ୍‌ରେ ପିଲାଙ୍କର କିଛି ବହି ରଖାଯାଇ ଏହି ଲାଇବ୍ରେରି ଆରମ୍ଭ କରାଯାଇଥିଲା। ଏବେ ଏହା ଏକ ଷ୍ଟ୍ରିଟ୍ ଲାଇବ୍ରେରି ପାଲଟିଗଲାଣି, ଯାହା ପିଲାଙ୍କୁ ବହି ପଢ଼ିବା ଲାଗି ପ୍ରେରିତ କରିପାରୁଛି। କାଳିଦାସ ଜଣେ ଇଂଲିଶ ଶିକ୍ଷକ ଓ ତାଙ୍କର ୨୬ ବର୍ଷର ଅଭିଜ୍ଞତା ଅଛି। ସେ କୋଭିଡ୍–୧୯ ସମୟରେ ଏଭଳି ଏକ ଲାଇବ୍ରେରି ଆରମ୍ଭ କରିଥିଲେ। ୨୦୨୧ରେ ସ୍ୱେଚ୍ଛାସେବୀ, ପଡ଼ୋଶୀ ଏବଂ ଦାତାଙ୍କ ପ୍ରାପ୍ତ ୫୦୦ ବହିକୁ ନେଇ ଲାଇବ୍ରେରି ନୂଆରୂପ ନେଇଥିଲା। ଏବେ ଦକ୍ଷିଣ ୨୪ ପ୍ରଗଣା, ସୁନ୍ଦରବନ ଏବଂ ନଦିଆ ଆଦିର ଦୁର୍ଗମ ତଥା ଅନୁନ୍ନତ ଅଞ୍ଚଳରେ ପିଲାଙ୍କ ପାଇଁ ୧୯ଟି ଲାଇବ୍ରେରି ଖୋଲି ସାରିଲେଣି। ବସ୍ତିପିଲାଙ୍କ ପାଖରେ ବହି ପହଞ୍ଚାଇବା ଲାଗି ଭ୍ରାମ୍ୟମାଣ ଲାଇବ୍ରେରି ବ୍ୟବସ୍ଥା କରାଯାଇଛି ଏବଂ ପ୍ରତି ରବିବାର ସ୍କୁଲ ନିକଟରେ ବାଇସାଇକେଲ ଲାଇବ୍ରେରି ମଧ୍ୟ ପହଞ୍ଚିଯାଉଛି। କାଳିଦାସ ୧୦୦ଟି ଷ୍ଟ୍ରିଟ୍ ଲାଇବ୍ରେରି କରିବା ପାଇଁ ଯୋଜନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ଏପ୍ରିଲ ୧୯୭୭

- ହିମାଚଳ ପ୍ରଦେଶର କୃଷି ଓ ସେଚ ଉପମନ୍ତ୍ରୀ ମେହେମା ସିଂହ କଂଗ୍ରେସ ଦଳର ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସରେ ଯୋଗ ଦେଇଛନ୍ତି।
- ପୂର୍ବତନ ରେଲ୍‌ୱେ ମନ୍ତ୍ରୀ ପରିମଳ ଘୋଷଙ୍କ କଂଗ୍ରେସ ଦଳରୁ ଇସ୍ତଫା ପ୍ରଦାନ।
- ନଅଟି ରାଜ୍ୟର ବିଧାନସଭା ଭାଙ୍ଗିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ପରାମର୍ଶ ବିରୁଦ୍ଧରେ ୪ଟି ରାଜ୍ୟ ପକ୍ଷରୁ କରାଯାଇଥିବା ଆବେଦନ ସୁପ୍ରିମ୍‌କୋର୍ଟରେ ଖାରଜ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | 9 | | |
| 9 | | | | | | | 7 | 2 |
| | | 2 | | | | | | |
| | 7 | 1 | | 6 | 3 | 2 | | 5 |
| | 4 | | | | 1 | | | 6 |
| | | | | | 4 | | | |
| | | | | 2 | 6 | 1 | | |
| 7 | | 6 | | 4 | 5 | | | 8 |
| | 1 | 5 | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 2 | 3 | 8 | 4 | 6 | 9 | 5 |
| 4 | 9 | 6 | 1 | 2 | 5 | 7 | 3 | 8 |
| 3 | 8 | 5 | 9 | 7 | 6 | 1 | 2 | 4 |
| 7 | 4 | 9 | 5 | 1 | 2 | 3 | 8 | 6 |
| 2 | 3 | 8 | 4 | 6 | 9 | 5 | 7 | 1 |
| 6 | 5 | 1 | 8 | 3 | 7 | 2 | 4 | 9 |
| 5 | 6 | 3 | 2 | 9 | 8 | 4 | 1 | 7 |
| 9 | 2 | 7 | 6 | 4 | 1 | 8 | 5 | 3 |
| 8 | 1 | 4 | 7 | 5 | 3 | 9 | 6 | 2 |

ଗତକାଲିର ଉତ୍ତର

# ସ୍ଲଟ୍ ବୁକିଂ ବ୍ୟବସ୍ଥାରେ ଶ୍ରୀଜୀଉ ଦର୍ଶନ



ହରିଶଙ୍କର ମିଶ୍ର

ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ସୁଧାର ଆଣିବାକୁ ସରକାର ସ୍ଲଟ୍ ବୁକିଂ ବ୍ୟବସ୍ଥା ପ୍ରଚଳନ ପାଇଁ କହିଛନ୍ତି। ଏହା ଉପରେ ପ୍ରାଥମିକ ପଦକ୍ଷେପ ଆରମ୍ଭ ହୋଇଯାଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନର ପରିବର୍ତ୍ତିତ ଏସ୍‌ଓପି ମଧ୍ୟ ସୂଚନା ଦେଉଛି। ଏହା କେତେଦୂର ଫଳପ୍ରଦ ହେବ ତାହା ଭବିଷ୍ୟତରେ ଜଣାପଡ଼ିବ । କିନ୍ତୁ ଏହା ପଛରେ ଯେଉଁ ପରାମର୍ଶଦାତାଙ୍କ ଭୂମିକା ରହିଛି ସେମାନେ କେବେବି ସ୍ଲଟ୍ ବୁକିଂ ବ୍ୟବସ୍ଥା ଥିବା ମନ୍ଦିରରେ ବାସ୍ତବ ଉପଲବ୍ଧି ପରିବର୍ତ୍ତେ ବିଶିଷ୍ଟ ଲୋକ ଭାବରେ ଦର୍ଶନ କରିଛନ୍ତି। ଠିକ୍ ଯେପରି ଅତୀତରେ ଦର୍ଶନରେ ସୁଧାର ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ କେତେଜଣ ସେବକ ଓ ବିଶିଷ୍ଟ ବ୍ୟକ୍ତି ଦେଶର ବିଭିନ୍ନ ମନ୍ଦିରକୁ ଅନୁଭବ ଯାତ୍ରା କରିଥିଲେ। କିନ୍ତୁ ଅନୁଭବ ସାଉଁଟିବାକୁ ଯାଇଥିବା ସେଇ ବ୍ୟକ୍ତିମାନେ କୌଣସି ମନ୍ଦିରକୁ ଧାଡ଼ିଦର୍ଶନ ବ୍ୟବସ୍ଥାରେ ଯାଇ ନ ଥିଲେ । କିନ୍ତୁ ସମ୍ପୃକ୍ତ ମନ୍ଦିରମାନଙ୍କରେ ବ୍ୟାରିକେଡ୍‌କୁ ଦେଖି ଧାଡ଼ି ଦର୍ଶନ ପାଇଁ ପ୍ରସ୍ତାବ ଦେଲେ। ସେମାନେ ବୋଧହୁଏ ଅନୁଭବ କରି ନ ଥିଲେ ଯେ ସମ୍ପୃକ୍ତ ମନ୍ଦିରରେ ବର୍ଷସାରା କେବଳ ଗୋଟିଏ ବିଗ୍ରହଙ୍କ ଦର୍ଶନ ବ୍ୟବସ୍ଥା ଯୋଗୁ ସ୍ଥାୟୀ ବ୍ୟାରିକେଡ୍ କରାଯାଇଛି । ତଥାପି ଶ୍ରୀମନ୍ଦିର ଦର୍ଶନର ସ୍ୱତନ୍ତ୍ର ଧାର୍ମିକ ବିଧି ସହ ନିରବଚ୍ଛିନ୍ନ ଭାବରେ ବର୍ଷସାରା ଏବଂ ଶ୍ରୀଜୀଉମାନଙ୍କ ଦର୍ଶନ ସ୍ଥାନ ପର୍ଯ୍ୟନ୍ତ ବ୍ୟାରିକେଡ୍ ବ୍ୟବସ୍ଥା ଅସମ୍ଭବ ଜାଣି ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ତାହା ଗ୍ରହଣକଲେ। ୨୦୧୮ ଅକ୍ଟୋବର ୩ରେ ଆରମ୍ଭ ହୋଇଥିବା ଧାଡ଼ି ଦର୍ଶନର ପ୍ରଥମ ଦିନ ତାହାକୁ ବିରୋଧ କରାଯିବା ନିଶ୍ଚିତ ଥିବାରୁ ତତ୍କାଳୀନ ଶାସକ ଦଳର ଅନୁଗୃହୀତ ସେବକ ତାକୁ ଦଙ୍ଗାର ଭ୍ରମ ସୃଷ୍ଟି କରାଇବା ଏବଂ ଅନେକ ଲୋକ ସଙ୍ଗିନ ଦଫାରେ ମାସାଧିକ ଜେଲରେ ରହିବା ଅନେକଙ୍କ ମନୋବଳକୁ ଦୁର୍ବଳ କରିଦେଲା। ତା'ପରେ ଧାଡ଼ି ଦର୍ଶନ କେବଳ ସାତ ପାହାଚ ପାଖରେ ସ୍ୱଳ୍ପ ସ୍ଥାନ ବ୍ୟାରିକେଡ୍‌ରେ ସୀମିତ ରହିଥିଲେ ମଧ୍ୟ ଭିତରେ ଦର୍ଶନ ବ୍ୟବସ୍ଥା ଅତ୍ୟନ୍ତ ଅବ୍ୟବସ୍ଥିତ ହେଲା। ପରେ ପରେ କୋଭିଡ୍ ମହାମାରୀ ପାଇଁ ଶ୍ରୀମନ୍ଦିର ସାଧାରଣ ଲୋକଙ୍କ ପାଇଁ ବନ୍ଦ ହେଲା। ଏହାପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ପାଇଁ କେବଳ ସିଂହଦ୍ୱାର ଦେଇ ଧାଡ଼ିରେ ପ୍ରବେଶକୁ ବିରୋଧକରି ସହରବାସୀଙ୍କୁ ସବୁ ଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନ ଦାବିକରି ପୁରୀର ଏକ ସଂଗଠନ ଦସ୍ତଖତ ଅଭିଯାନ ଆରମ୍ଭ କରିବାରୁ ସେମାନଙ୍କ ପାଇଁ ପଶ୍ଚିମ ଦ୍ୱାର ଦେଇ ପ୍ରବେଶ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ବାସ୍ତବରେ ଏହା ପଛରେ ବହିରାଗତ ଯାତ୍ରୀଙ୍କ ପ୍ରବେଶ ପାଇଁ ସେବକ ସନ୍ତୁଷ୍ଟୀକରଣ ଉଦ୍ଦେଶ୍ୟ ରହିଥିଲା। ଏହି ସମୟରେ ବହୁ ଲକ୍ଷ ଟଙ୍କା ବ୍ୟୟରେ ସିଂହଦ୍ୱାର ପର୍ଯ୍ୟନ୍ତ ହେଉଥିବା ଧାଡ଼ିର ଫଟୋ ଦେଖାଇ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନର ବ୍ୟାପକ ପ୍ରଚାର ଯୋଗୁ ଭକ୍ତଙ୍କ ସଂଖ୍ୟା ବଢ଼ିଗଲା। ଅପରପକ୍ଷରେ ୪ଦ୍ୱାର ଖୋଲିବା ୨୦୨୪ ନିର୍ବାଚନ ପୂର୍ବରୁ ଭାଜପାର ନିର୍ବାଚନୀ ମୁଦ୍ଦା ହୋଇଗଲା ଓ ଫଳଦାୟୀ ମଧ୍ୟ ହେଲା। ଭାଜପା ସରକାର ଶପଥ ଗ୍ରହଣ ଦିନ ଏହାକୁ କାର୍ଯ୍ୟକାରୀ କରିବାକୁ ଘୋଷଣାକରି କିଛିଦିନ ପରେ ତାହା କାର୍ଯ୍ୟକାରୀ କରିବାରେ ପୂର୍ବରୁ ପଶ୍ଚିମ ଦ୍ୱାର ଦେଇ ପୁରୀ ସହରବାସୀଙ୍କ ପ୍ରବେଶ ବାଧାପ୍ରାପ୍ତ ହେଲା।



ପୁରୀ ବାସିନ୍ଦା ସେମାନଙ୍କ ଅତି ଆବଶ୍ୟକ ସମୟରେ ଶ୍ରୀମନ୍ଦିର ପ୍ରବେଶରୁ ବଞ୍ଚିତ ହେବାରୁ ୧।୪।୨୬ ତାରିଖରୁ ପ୍ରତିଦିନ ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ସଚେତନତା ଯାତ୍ରା ଆରମ୍ଭ କରିଛନ୍ତି। ଏଥିରେ ବିଭିନ୍ନ ବର୍ଗର ମହିଳାଙ୍କ ସମେତ ବରିଷ୍ଠ ନାଗରିକ ଯୋଗଦେଉଛନ୍ତି। ପୁରୀ ସହରବାସୀଙ୍କ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି କୁହାଗଲେ ମଧ୍ୟ ତାହା ଏଯାବତ୍ କାର୍ଯ୍ୟକାରୀ ହୋଇ ନ ଥିବାବେଳେ ସ୍ଲଟ୍ ବୁକିଂ ବ୍ୟବସ୍ଥା ସେମାନଙ୍କୁ ଅଧିକ ଅସନ୍ତୁଷ୍ଟ କରାଇଛି। ଏଠାରେ ସ୍ପଷ୍ଟହେବା ଦରକାର ଯେ ଶ୍ରୀମନ୍ଦିରର ବ୍ୟବସ୍ଥାବଳୀ ସାରା ଦେଶର ସମସ୍ତ ମନ୍ଦିରଠାରୁ ଭିନ୍ନ। ଏଠାରେ ନୀତି ଅଧିକ ଥିବାବେଳେ ଅନେକ ସମୟରେ ମହାସ୍ନାନ, ବଡ଼ ମହାସ୍ନାନ ପାଇଁ ନୀତି ପ୍ରଭାବିତ ହୋଇଥାଏ। ଶ୍ରୀଜୀଉମାନଙ୍କ ଦର୍ଶନରେ ଅନ୍ୟତମ ବାଧକ ହେଉଛି ଅବରୋଧ। ଜଗମୋହନରେ ଥିବା ହୁଣ୍ଡି ସ୍ଥାନାନ୍ତର ପାଇଁ ବିବିଧ ବିବୃତି ମଧ୍ୟରେ କିଏ ଆଦେଶ ପାଇଁ ପ୍ରାଧିକୃତ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ଜଗମୋହନର ଅନ୍ୟାନ୍ୟ ଭାଗ ମଧ୍ୟ ଅବରୋଧମୁକ୍ତ ହୋଇପାରିନାହିଁ। କିନ୍ତୁ ରାମ୍ପ ମାଧ୍ୟମରେ ଦର୍ଶନ ସୁଗମ ହୋଇପାରିବ ବୋଲି ବହୁ ଲକ୍ଷ ଅର୍ଥ ଖର୍ଚ୍ଚ ହୋଇସାରିଛି। ଆଗରୁ ପାଟ ଅଗଣାରେ ବିଭିନ୍ନ ବ୍ୟକ୍ତି ସେମାନଙ୍କ ପୂର୍ବ ପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ପ୍ରଶାସନ ପାଖରେ ଟଙ୍କା ଦାଖଲକରି ମାର୍ବଲ ପଥର ପକାଇଥିଲେ। ସେଥିରେ କିଛି ନାମ ଖୋଦିତ ଯୋଗୁ ଯାତାୟାତରେ ଅସୁବିଧା ନ ଥିଲା। କିନ୍ତୁ ତାହା ବାହାର କରାଯାଇ ଯେଉଁ ପଥର ପକାଗଲା ତାହା ସାମାନ୍ୟ ସୂର୍ଯ୍ୟାଲୋକରେ ତାତିଯିବାରୁ ସେଥିରେ ଚାଲିବା ଅସହ୍ୟ ହେଉଛି। ତାକୁ ପ୍ରତିହତ ପାଇଁ ଚୂନ ଲଗାଇବା ବା ଗାଲିଚା ବିଛାଇବା ଓ ଜଳ ସିଞ୍ଚନରେ ଅର୍ଥ ବ୍ୟୟ ହୋଇ ଚାଲିଛି। ପରିକ୍ରମା ମାର୍ଗ ମଧ୍ୟ ସେଥିରୁ ମୁକ୍ତ ନୁହେଁ। କିଛି ମାସ ପୂର୍ବରୁ ବାତାନୁକୂଳିତ ବ୍ୟାରିକେଡ୍‌ରେ ବହୁ କୋଟି ଟଙ୍କା ବ୍ୟୟ ପରେ ତାହା ଅପସାରିତ ହୋଇଗଲା। ଏବେ ଜଗମୋହନକୁ ବାତାନୁକୂଳିତ ଓ ମନ୍ଦିରର ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ଆଲୋକୀକରଣ ପାଇଁ ଯୋଜନା ହେଉଛି ଯଦିଓ ଆଗରୁ ଆଲୋକ ହୋଇଥିଲା। ସେଥିରେ ବ୍ୟବହୃତ ଜିନିଷ କୁଆଡ଼େ ଗଲା ତାହା ସନ୍ଦେହ ଘେରରେ। ଗରମ ପାଣି ପ୍ରକ୍ରିୟା ମଧ୍ୟ ବନ୍ଦ ହୋଇଯାଇଛି। କିନ୍ତୁ ଏହା ସତ୍ୟ ଯେ କୌଣସି ଭକ୍ତ ଦର୍ଶନ ପାଇଁ ସ୍ୱାଚ୍ଛନ୍ଦ୍ୟ ଚାହେଁ ନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ପ୍ରଶାସନ ଭକ୍ତଙ୍କ ଦର୍ଶନ ସମୟରେ ସାମ୍ନାରେ ଥାଳି ଧରି ରହୁଥିବା ସେବକଙ୍କୁ ଅପସାରଣ କରିବାରେ ବ୍ୟର୍ଥ ହୋଇଛି। ଫଳରେ ନିର୍ବିରୋଧ ଦର୍ଶନରୁ ଭକ୍ତମାନେ ବଞ୍ଚିତ ହେଉଥିବା ବେଳେ ସେମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଯେଉଁ ସ୍ଲଟ୍ ବୁକିଂ ମାଧ୍ୟମରେ ସରକାର ଦର୍ଶନରେ ସୁଧାର ଆସିବ ବୋଲି କହୁଛନ୍ତି ସେଥିପାଇଁ ପର୍ଯ୍ୟାପ୍ତ ପ୍ରତୀକ୍ଷା ଗୃହ, ଶୌଚାଳୟ ଓ ଜଳଯୋଗାଣ ବ୍ୟବସ୍ଥା ପାଇଁ ଶ୍ରୀମନ୍ଦିର ପାଖରେ ପର୍ଯ୍ୟାପ୍ତ ସ୍ଥାନ ନାହିଁ, ଯାହାକି ସେହି ବ୍ୟବସ୍ଥାରେ ଦର୍ଶନ ପାଇଁ ବାସ୍ତବ ଜରୁରୀ। ନଚେତ୍ ଅପେକ୍ଷାରତ ଭକ୍ତଙ୍କ ଦର୍ଶନ ଯଦି ନୀତି ବା ମହାସ୍ନାନ ପାଇଁ ବିଳମ୍ବିତ ହୁଏ ତେବେ ପରବର୍ତ୍ତୀ ସ୍ଲଟ୍ ବୁକିଂ କରିଥିବା ଭକ୍ତଙ୍କ ପାଇଁ ସମସ୍ୟା ସୃଷ୍ଟିକରିବ।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଶ୍ରୀମନ୍ଦିର ପାଇଁ ଜଣେ ସ୍ଥାୟୀ ପ୍ରଶାସକ ନିଯୁକ୍ତିରେ ବ୍ୟର୍ଥ ହୋଇଥିବା ସରକାର ଅସ୍ଥାୟୀ ମୁଖ୍ୟ ପ୍ରଶାସକଙ୍କ ଏହି ପରୀକ୍ଷା ନିରୀକ୍ଷାର ନୀରବ ସମର୍ଥକ ହେବା ଦୁର୍ଭାଗ୍ୟଜନକ। ଦେଖାଯାଉଛି ଯେ ସେବକଙ୍କ ପାଖରେ ମଥାନତ ଅସ୍ଥାୟୀ ମୁଖ୍ୟ ପ୍ରଶାସକ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନାମରେ ସରକାରଙ୍କୁ ବିଭିନ୍ନ ବାଟ ଦେଖାଇ ବିଭ୍ରାନ୍ତ କରାଉଛନ୍ତି। ପଦଭିତ୍ତିକ ବିଶିଷ୍ଟ ଲୋକ ନିର୍ଦ୍ଧାରଣ ସହ ଆଭ୍ୟନ୍ତରୀଣ ଶୃଙ୍ଖଳାକୁ ପ୍ରାଥମିକତା ଏବଂ ଅବରୋଧମୁକ୍ତ ଜଗମୋହନ ପରେ ମନ୍ଦିର ସଂସ୍କୃତିରେ ଥିବା ଖେଦା ଦର୍ଶନ ହିଁ ଏହି ସମସ୍ୟାର ସ୍ଥାୟୀ ସମାଧାନ, ଏଥିରେ ଦ୍ୱିରୁକ୍ତି ନାହିଁ।

–ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

## ପାଠକ ଶ୍ରେଷ୍ଠ ବିଚାରକ

### ଗହମ ଦିଆଯାଉ

ମହାଶୟ,

ପୂର୍ବରୁ ପ୍ରତି ରାଶନକାର୍ଡରେ ୨୦ କିଲୋ ଗହମ ମିଳୁଥିଲା। ପରେ ପରିବାର ଲୋକ ସଂଖ୍ୟା ହିସାବରେ ପ୍ରତ୍ୟେକଙ୍କୁ ୫ କିଲୋ ହିସାବରେ ଚାଉଳ ଓ ଗହମ ଦିଆଗଲା। ହେଲେ ଆଜକୁ ପ୍ରାୟ ୩ ବର୍ଷ ହେବ ଆଉ ଗହମ ଦିଆଯାଉନାହିଁ। ବର୍ତ୍ତମାନ ଅଟା କିଲୋ ୫୦ ଟଙ୍କା ଛୁଇଁଲାଣି। ଗରିବ ଲୋକମାନେ ତାହା କିଣିବାକୁ ସକ୍ଷମ ହେଉନାହାନ୍ତି। ସେମାନେ ବାଧ୍ୟ ହୋଇ ଭାତ ଖାଉଛନ୍ତି। ସାଧାରଣତଃ ଡାଇବେଟିସ୍ ରୋଗୀମାନେ ରୁଟି ଉପରେ ନିର୍ଭର କରିଥାଆନ୍ତି। ଏଣୁ ସରକାର ତୁରନ୍ତ ପ୍ରତି କାର୍ଡରେ ଅନ୍ତତଃ ୧୫ କିଲୋ ଗହମ ଦେବାର ବ୍ୟବସ୍ଥା କରନ୍ତୁ।

–ରାମଚନ୍ଦ୍ର ଦାସ, ମୋତିଗଞ୍ଜ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ଚିରନ୍ତନୀ

ହୁଡ଼ା କରେ ଗାଁଆର ମଶାଣି
ଧୁକୁ ଧୁକୁ ଜଳେ କା'ର ଜୁଇ
କାନ୍ଧରେ ଧାନହଳା ଥୋଇ
ଝୁଲି ଝୁଲି ଆସେ ରାଧୁ ଭୋଇ
ପାଶେ ଯାଇ ପଚାରିଲି ମୁହିଁ
''ମଶାଣିରେ ଜଳେକା'ର ଜୁଇ ?''
–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ପ୍ରାବେଶିକ ମେଧାବୃତ୍ତିରେ ଦିବ୍ୟାଂଶୀଙ୍କ କୃତିତ୍ୱ

**ଅସ୍ତରଙ୍ଗ (ମମତା ଜେନା):** ଶିକ୍ଷା ବିକାଶ ସମିତ ଓଡ଼ିଶା ଯୋଜନାରେ ପ୍ରାବେଶିକ ମେଧାବୃତ୍ତି ପରୀକ୍ଷାରେ କାକଟପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତୃତୀୟ ଶ୍ରେଣୀ ଛାତ୍ରୀ ଦିବ୍ୟାଂଶୀ ଜେନା ୪ର୍ଥ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା କମିଟି ସଭାପତି ପୀତବାସ ଦୀକ୍ଷିତ, ପ୍ରଧାନ ଆଚାର୍ଯ୍ୟ ତନ୍ମୟ ପାତ୍ର, ସମ୍ପାଦକ ରବିନ୍ଦ୍ର ପ୍ରଧାନ ଓ ଗୁରୁଜୀ, ଗୁରୁମା ତାଙ୍କ ପିତା ରବୀନ୍ଦ୍ର ଜେନା, ମାତା ଦମୟନ୍ତୀ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୦୪।୨୦୨୬

| | |
|---|---|
| ୫,୯୫,୮୮୭ ଟଙ୍କା | |
| ସୁନା | ୭.୦୫୦ ଗ୍ରାମ୍ |
| ରୁପା | ୩୬.୭୫୦ ଗ୍ରାମ୍ |

# ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ

## ଚନ୍ଦନ ଯାତ୍ରାରେ ବିଭ୍ରାଟକୁ ନେଇ ଆଲୋଚନା

**ପୁରୀ, ୨୯।୪(ଅଜିତ୍ କୁମାର ମହାନ୍ତି)**

ଅକ୍ଷୟତୃତୀୟାଠାରୁ ମହାପ୍ରଭୁଙ୍କ ୨୧ଦିନିଆ ବାହାର ଚନ୍ଦନଯାତ୍ରା ଆରମ୍ଭ ହୋଇଥିବା ବେଳେ ଗତ ମଙ୍ଗଳବାର ଚନ୍ଦନ ଯାତ୍ରାର ନବମ ଦିବସରେ ବିଭ୍ରାଟ ଦେଖିବାକୁ ମିଳିଥିଲା। ଦିନଚାପ ପବନର ବେଗକୁ ଦେଖି ବିଡ଼ିଆ ମଣୋହି କରାଯାଇ କେବଳ ନୀତି ସମ୍ପାଦନ କରାଯାଇଥିଲା। ଅନ୍ୟପକ୍ଷରେ ରାତିଚାପରେ ବିଭ୍ରାଟ ଦେଖିବାକୁ ମିଳିଥିଲା। ଫଳରେ ଠାକୁରମାନେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାପଡଙ୍ଗା ଉପରେ ବସିରହିଥିଲେ। ଶୁଦ୍ଧୁ ସୁଆର ସେବକଙ୍କୁ ଚାପରେ ଚଢ଼ିବା ପାଇଁ ମହାଜନ ସେବକ ବାରଣ କରିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ପ୍ରଶାସନର ହସ୍ତକ୍ଷେପ ଓ ପ୍ରତିଶ୍ରୁତି ପରେ ଚାପଖେଳ ନ ହୋଇ କେବଳ ନୀତି ସମ୍ପାଦନ ହୋଇଥିଲା। ନୀତିରେ ଚାପ କରାଯାଇ ଠାକୁର ବିଳମ୍ବିତ ରାତିରେ ଶ୍ରୀମନ୍ଦିରକୁ ବାହୁଡ଼ାବିଜେ କରିଥିଲେ। ଉକ୍ତ ଘଟଣାକୁ ନେଇ ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ପ୍ରଶାସନ ଏବଂ ସେବାୟତ ନିଯୋଗ ମଧ୍ୟରେ ଆଲୋଚନା କରାଯାଇଛି। ନୀତି ବନ୍ଦକୁ ସେବାୟତ ନିନ୍ଦା କରିଥିବା ବେଳେ ଯିଏ ବିଶୃଙ୍ଖଳା କରୁଛନ୍ତି, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛନ୍ତି।

ଏନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ଚାପ ଉପରକୁ ଯିବା ନେଇ ବିବାଦ ଦେଖାଯାଇଛି। ଏହା ଉପରେ ବିସ୍ତୃତ ଭାବେ ସେବାୟତ ନିଯୋଗ ସହ ଆଲୋଚନା କରାଯାଇଛି। ମଙ୍ଗଳବାର ପବନର ବେଗ ଅଧିକ ଥିବାରୁ ଚାପଖେଳ ନ ହୋଇ ଖାଲି ନୀତି ସମ୍ପାଦନ ହୋଇଥିଲା। ଏହା ପ୍ରଥମ ନୁହେଁ, ପୂର୍ବରୁ ମଧ୍ୟ ଏପରି ହୋଇଆସୁଛି। ତେବେ ଏହି ବିବାଦକୁ ନେଇ କମାଣ୍ଡରଙ୍କୁ ରିପୋର୍ଟ ମଗାଯାଇଛି। କମାଣ୍ଡର ରିପୋର୍ଟ ଦେବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଘଟଣାକୁ ନିନ୍ଦା କରିବା ସହ ଦୁଃଖ ପ୍ରକାଶ କରିଛନ୍ତି। ଯେଉଁ ସେବକ ନୀତିରେ ବିଶୃଙ୍ଖଳା କରୁଛନ୍ତି, ପ୍ରଶାସନ ସେମାନଙ୍କ ସହ ଉତ୍ତମ ସମନ୍ୱୟ ରଖି ନୀତି ଠିକ୍ ଭାବେ ସମ୍ପାଦନ କରୁ, ନଚେତ୍ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରୁ। ଏଭଳି ଘଟଣା କାରଣରୁ ମହାପ୍ରଭୁଙ୍କ ଯାତ୍ରା ଦେଖିବାରୁ ଭକ୍ତମାନେ ବଞ୍ଚିତ ହୋଇଥିଲେ।

ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ପଣ୍ଡିତ ମହେଶ ସାହୁ କହିଛନ୍ତି, ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏଭଳି ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ। କେତେଜଣ ବିଶୃଙ୍ଖଳିତ ସେବକଙ୍କ ପାଇଁ ନିନ୍ଦିତ ହେବାକୁ ପଡୁଛି। ଶ୍ରଦ୍ଧା ଓ ସମର୍ପଣକୁ ଆଧାରକରି ସେବା କରାଯିବା ଉଚିତ୍।

ସେବକ ଅମିତ୍ ଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ସମସ୍ତ ସେବକ ମାନିବାକୁ ବାଧ୍ୟ। ସ୍ୱତ୍ୱଲିପି ଅନୁଯାୟୀ କୌଣସି ତ୍ରୁଟି ହୋଇନି। ଚାପ ଉପରେ କିଏ ରହିପାରିବ, କିଏ ନ ରହିପାରିବ ତାହାକୁ ନେଇ ବିବାଦ ହୋଇଥିଲା। କାହାଳୀ ବାଜିବା ପରେ ଏପରି ଡଙ୍ଗାକୁ ଅଟକାଇବା ଠିକ୍ ନୁହେଁ। ଯାହା ବିବାଦ ଥିଲା ତାହାକୁ ଆପୋସ ସମାଧାନ କରାଯାଇଥାନ୍ତା। ଏପରି ଘଟଣା ସର୍ବସାଧାରଣ ଆଗରେ ନିନ୍ଦନୀୟ।



ଲିଙ୍ଗରାଜ କଳାନିକେତନ ପକ୍ଷରୁ ବୁଧବାର ଚନ୍ଦନଚକଡ଼ାରେ ଚନ୍ଦନ ସଙ୍ଗୀତ ପରିବେଷଣ କରାଯାଉଛି।

## ରଥଖଳାରୁ...

### ତୁମ୍ବଗୁଡ଼ିକରେ ଅଗରବିନ୍ଧ କାର୍ଯ୍ୟ ଶେଷ



**ପୁରୀ,୨୯।୪(ଅଜିତ୍ କୁମାର ମହାନ୍ତି):** ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ବୁଧବାର ରଥ ନିର୍ମାଣର ୯ମ ଦିନରେ କାରିଗରମାନେ ମୁଖ୍ୟ ମହାରଣାଙ୍କ ନିର୍ଦ୍ଦେଶରେ ନିର୍ମାଣ ଆରମ୍ଭ କରିଥିଲେ। ମୋଟ ୪୨ଟି ତୁମ୍ବର ୧୬ ଯୋଡ଼ା ବିନ୍ଧ ପରଖ କାର୍ଯ୍ୟ ଶେଷ ପରେ ତୁମ୍ବଗୁଡ଼ିକରେ ଅଗରବିନ୍ଧ କାର୍ଯ୍ୟ ଶେଷ କରିଛନ୍ତି। ମହାରଣା ସେବକମାନେ ତୁମ୍ବଗୁଡ଼ିକରେ ଅଖ ସଂଯୋଗ ପାଇଁ ପନ୍ଦାରୀ ଗାଡ଼ ଖୋଦେଇ କାର୍ଯ୍ୟ ଜାରି ରହିଛି। ଗୁରୁବାର ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ମହାପ୍ରଭୁ ଶ୍ରୀନୃସିଂହ ଦେବଙ୍କ ଜନ୍ମ (ପ୍ରକଟ) ତିଥିରେ ଗୁଜ ଅନୁକୂଳ ହେବ। ଏଥିପାଇଁ ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଭୋଇ ସେବକଙ୍କ ସହାୟତାରେ ତିନି ରଥ ଚାଲିକୁ ଗୁଜ, କୁଡୁକା ଏବଂ ଜଳଯନ୍ତ୍ର ନିର୍ମାଣ ପାଇଁ ପ୍ରଥମ ଦଫାରେ ୮ଟି ଲେଖାଏଁ ୧୨ ଫୁଟିଆ ଧାଉରା ଏବଂ ଅସନ ଗୋଟା କାଠ ଯୋଗାଇଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନି ରଥର ୧ନଂ. ଚକ ଏବଂ ୨ନଂ. ଚକଗୁଡ଼ିକର ତୁମ୍ବ ପାଇଁ ପନ୍ଦାରି ବଳା ନିର୍ମାଣ ଶେଷ କରିଛନ୍ତି।

## ସଂକ୍ଷେପରେ

### ସାଇବର ଠକେଇ: ଫେରିପାଇଲେ ୧୬ ଲକ୍ଷ

**ପୁରୀ,୨୯।୪(ଅଜିତ୍ କୁମାର ମହାନ୍ତି):** ଜିଲାରେ ସାଇବର ଅପରାଧ ନିୟନ୍ତ୍ରଣ ଓ ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଶୀଘ୍ର ନ୍ୟାୟ ଦେବା ପାଇଁ ପୁରୀ ପୋଲିସ ସଦା କାର୍ଯ୍ୟ ଜାରି ରଖିଛି। ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ସାଇବର ପୋଲିସ ଏକ ମୋବାଇଲ୍ ଇନଭେଷ୍ଟମେଣ୍ଟ ଫଣ୍ଡ ଠକେଇ ମାମଲାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଅର୍ଥ ଫେରାଇବାରେ ସଫଳ ହୋଇଛି। ପୁରୀ ସାଇବର ଥାନା କେସ୍ ନଂ ୧୭/୨୫ ଅନୁଯାୟୀ ପି. କ୍ରିଷ୍ଣ ପ୍ରସନ୍ନ ନାମକ ଜଣେ ବ୍ୟକ୍ତି ଅନଲାଇନ ମାଧ୍ୟମରେ ଏକ ମୋବାଇଲ ଇନଭେଷ୍ଟମେଣ୍ଟ ଫଣ୍ଡରେ ନିବେଶ କରି ଠକେଇର ଶିକାର ହୋଇଥିଲେ। ସେମାନେ ଅଧିକ ଲାଭର ପ୍ରଲୋଭନ ଦେଇ ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ଜମା କରିବା ପାଇଁ କହିଥିଲେ। ପରେ ସେ ଠକେଇ ବିଷୟରେ ଅବଗତ ହୋଇ ପୁରୀ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସାଇବର ପୋଲିସ ତୁରନ୍ତ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବ୍ୟାଙ୍କ ଖାତା, ଡିଜିଟାଲ ଟ୍ରାଞ୍ଜାକ୍ସନ ଓ ଟେକ୍ନିକାଲ ତଥ୍ୟର ସୂକ୍ଷ୍ମ ବିଶ୍ଳେଷଣ ମାଧ୍ୟମରେ ଚିହ୍ନଟ କରାଯାଇଥିଲା। ସମୟୋପଯୁକ୍ତ ପଦକ୍ଷେପ ଗ୍ରହଣ କରି ସଂପୃକ୍ତ ବ୍ୟାଙ୍କ ଖାତାଗୁଡ଼ିକୁ ହୋଲ୍ଡ କରାଯାଇଥିଲା। ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ପରେ ଠକେଇର ଶିକାର ହୋଇଥିବା ବ୍ୟକ୍ତି ହରାଇଥିବା ୧୬ ଲକ୍ଷ ୮୧ହଜାର ୨୮୪ ଟଙ୍କା ଫେରି ପାଇଛନ୍ତି। ସାଇବର ଠକେଇର ଶିକାର ହେଲେ ତୁରନ୍ତ ନିକଟସ୍ଥ ସାଇବର ପୋଲିସ ଥାନା କିମ୍ବା ଜାତୀୟ ସାଇବର ହେଲ୍ପଲାଇନ ୧୯୩୦ରେ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି।

### ୧୯୯୨ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**କଣାସ,୨୯।୪(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ଅନ୍ତର୍ଗତ ବାଲିପାଟଣା ସ୍କୁଲର ୧୯୯୨ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ମା' ପଞ୍ଚମୁଖୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପରିବାରବର୍ଗଙ୍କୁ ନେଇ ପୁରାତନ ଛାତ୍ରୀଛାତ୍ର ଏହି ଉତ୍ସବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବାଲିପାଟଣା ସ୍କୁଲର ସମସ୍ତ ଗୁରୁଜନ, କର୍ମଚାରୀ ଉପସ୍ଥିତ ଥିଲେ। ପୁରାତନ ଛାତ୍ରୀଛାତ୍ର ନିଜ ନିଜ ପରିଚୟ ପ୍ରଦାନ କରିବା ସହ ନିଜର ବ୍ୟକ୍ତିଗତ ଜୀବନ ବିଷୟରେ ପରିପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିପାଟଣା ସ୍କୁଲ ପ୍ରଧାନଶିକ୍ଷକ ସ୍ୱର୍ଗତ ସର୍ବେଶ୍ୱର ମଙ୍ଗରାଜଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରିଥିଲେ ଏବଂ ଏଥିରେ ପୁରାତନ ଶିକ୍ଷକ ସୂର୍ଯ୍ୟନାରାୟଣ ନାୟକ, ଭାଗୀରଥି ମହାପାତ୍ର, ଅର୍ଜୁନ ମଲିକ ପ୍ରମୁଖ ଯୋଗଦେଇ ନିଜ ନିଜର ମତପୋଷଣ କରିଥିଲେ। ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅକ୍ଷୟ କୁମାର ବେହେରା, ଲଳିତ ବେହେରା, ପାଣ୍ଡବ ବେହେରା, ସୁକାନ୍ତ ପ୍ରଧାନ, ଅଟଳ ଦାଶ, ବିଷ୍ଣୁପ୍ରିୟା ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ସାପ୍ତାହିକ ଐତିହ୍ୟ ଆସର

**ପୁରୀ୨୯।୪(ଅଜିତ୍ କୁମାର ମହାନ୍ତି):** ପୁରୀ ଐତିହ୍ୟ ପଦଯାତ୍ରାର ସଦସ୍ୟଙ୍କ ଦ୍ୱାରା ସାପ୍ତାହିକ ଐତିହ୍ୟ ଆସର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଦର୍ଶନ ସହିତ କୋଠଭୋଗ ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା। ଆଲୋଚନାରେ ଶ୍ରୀମନ୍ଦିରର ବିରିମୁଣ୍ଡ ଚୁନାମୁଣ୍ଡି ସେବାୟତ ବିକାଶ ସାମନ୍ତରାୟ ଅତିଥି ଭାବେ ଯୋଗଦେଇ ମହାପ୍ରଭୁଙ୍କ କୋଠଭୋଗ ପ୍ରସ୍ତୁତି ଓ ତାଙ୍କ ଅନୁଭୂତି ନେଇ ସମ୍ୟକ୍ ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଇଚ୍ଛା ଅନୁସାରେ ମା' ମହାଲକ୍ଷ୍ମୀଙ୍କ ଦ୍ୱାରା ସମଗ୍ର ରନ୍ଧନକାର୍ଯ୍ୟ ସମ୍ପନ୍ନ ହୋଇଥାଏ। ଯୁଗଯୁଗରୁ ଚଳିଆସୁଥିବା ବ୍ୟବସ୍ଥା ଏବେ ମଧ୍ୟ ପରମ୍ପରା ଆଧାରରେ ନିଷ୍ଠାର ସହ କରାଯାଉଛି। ସେବାରେ ମହାପ୍ରଭୁଙ୍କ କରୁଣା ତଥା ମହାଲକ୍ଷ୍ମୀଙ୍କ ସହାୟତା ଅନୁଭବ କରିଥିବା ସେ କହିଥିଲେ। ମହାପ୍ରଭୁଙ୍କ ନିକଟରେ ସମର୍ପଣ ଭାବ ରଖିଲେ ଯେତେ ପରିଶ୍ରମ ପଡ଼ିଲେ ବାଧେ ନାହିଁ। ସବୁକିଛି ତାଙ୍କରି ଦ୍ୱାରା ସମ୍ଭବ ହୋଇଥାଏ। ୧୮ କିଗ୍ରା ୬୫୦ଗ୍ରାମ ବିରି ୩ଟି ଶିଳରେ ୩ ସେବକଙ୍କ ଦ୍ୱାରା ବଟା ଯାଇଥାଏ। ଉକ୍ତ କୁଟା ଓ ବଟା କାର୍ଯ୍ୟ ଏକଘଣ୍ଟାରୁ କମ୍ ସମୟରେ ସାରିବାକୁ ହୋଇଥାଏ। ଏହାପରେ ସେମାନେ ମସଲା ଇତ୍ୟାଦି ପ୍ରସ୍ତୁତ କରନ୍ତି। ଅଣସର ଓ ଚନ୍ଦନ ଯାତ୍ରା ବେଳେ ଲାଗି ହେଉଥିବା ପଣା ପ୍ରସାଦ ମଧ୍ୟ ସେମାନେ ପ୍ରସ୍ତୁତ କରନ୍ତି। ରୋଷଘରେ ଅମୁଣିଆ ଓ ଶଙ୍ଖୁଡ଼ିର ନିୟମ ମାନି ଚରମ ଶୁଚି, ଶୃଙ୍ଖଳା ତଥା ସ୍ୱଚ୍ଛତା ରକ୍ଷାପୂର୍ବକ ସମସ୍ତ କାର୍ଯ୍ୟ କରାଯାଇଥାଏ। ତାହାହିଁ ହେଉଛି ମହାପ୍ରସାଦର ମହିମା ବୋଲି କହିଥିଲେ। ଉକ୍ତ ସଭାରେ ପଦଯାତ୍ରାର ଆବାହକ ଡ. କୁମାର ଅରୋଜ୍ୟୋତିଙ୍କ ଦ୍ୱାରା ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଐତିହ୍ୟ ଗବେଷକ ଦେବୀପ୍ରସନ୍ନ ନନ୍ଦ, ସହ-ଆବାହକ ଅଶୋକା ମଞ୍ଜରୀ ନାୟକଙ୍କ ସମେତ ଜ୍ୟୋସ୍ନା ମହାପାତ୍ର, ଦେବାଶିଷ ମିଶ୍ର, ପ୍ରଶାନ୍ତ ମିଶ୍ର, ତନ୍ମୟ ଚାଟାର୍ଜୀ ଓ ସିଦ୍ଧାର୍ଥ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବେଆଇନ ପଥର ବୋଝେଇ ଟ୍ରକ୍ ଜବତ

**ଗୋପ,୨୯।୪ (ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ-ବାଲିଘାଇ ରାସ୍ତାର ନାଗପୁର ଠାରେ ଗୋପ ତହସିଲଦାର ସୂର୍ଯ୍ୟଶଙ୍କର ଦାଶ ବେଆଇନ ପଥର ବୋଝେଇ ଟ୍ରକ୍ ଜବତ କରି ଗୋପ ଥାନାକୁ ପଠାଇ ଦେଇଛନ୍ତି। ଏହି ଚଢ଼ାଉ ପରେ ତହସିଲ୍‌ଦାର ଦାଶ କହିଛନ୍ତି, ଆଗକୁ ଆହୁରି ଅଧିକମାତ୍ରାରେ ମାଟି, ବାଲି ସହିତ ଅନ୍ୟାନ୍ୟ ଲଘୁ ଖଣିଜ ଦ୍ରବ୍ୟକୁ ବେଆଇନ ଭାବେ ନେଉଥିବା ଗାଡ଼ିଗୁଡ଼ିକ ଉପରେ ଚଢ଼ାଉ ଜୋର୍‌ଦାର କରାଯିବ।

ଗୋପ ତହସିଲ୍‌ଦାର ଦାଶ ବେଆଇନ ମାଟି, ବାଲି ବୋଝେଇକରି ଯାଉଥିବା ଟ୍ରାକ୍ଟର, ଟ୍ରକ୍ ଉପରେ ଚଢ଼ାଉ କରି ଜବତ କରିବା ସହ ସରକାରୀ ରାଜସ୍ୱ ଆଦାୟ କରାଯାଇଛି। ମାତ୍ର କିଛିଦିନ ଧରି ଚଢ଼ାଉ ନ ହେବାରୁ ପୁଣିଥରେ ବାଲି, ମାଟି ଚୋରାଚାଲାଣ ଆରମ୍ଭ ହୋଇଯାଇଛି। ଏହି ଅଭିଯୋଗକୁ ନେଇ ତହସିଲ୍‌ଦାର ଦାଶ ବେଆଇନ ଟ୍ରକ୍ ଜବତ କରି ଗୋପ ଥାନାକୁ ହସ୍ତାନ୍ତର କରିଥିବା ସୂଚନା ଦେଇଛନ୍ତି। ଏପରି ଏକ ଅଭିଯୋଗ ଉପରେ ଗୋପ ଥାନା ଏସ୍‌ଆଇ ବୁଦ୍ଧରାୟ ମାଝୀ କହିଛନ୍ତି, ଚାଳକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ ହୋଇଛି।

## ଆଜି ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି

**ପୁରୀ,୨୯।୪(ଅଜିତ୍ କୁମାର ମହାନ୍ତି)**

ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ଶ୍ରୀନୃସିଂହଙ୍କ ଜନ୍ମନୀତି ପାଳନ ହେବ। ଶ୍ରୀମନ୍ଦିରର ନୀତି ଅନୁଯାୟୀ, ଶ୍ରୀବିଗ୍ରହଙ୍କର ସର୍ବାଙ୍ଗନୀତି ସମ୍ପନ୍ନ ହୋଇ ଯାତଭୋଗ ସରିବା ପରେ ଚଳନ୍ତି ପ୍ରତିମା ଆଜ୍ଞାମାଳ ପାଇ ଚନ୍ଦନ ଯାତ୍ରା ନିମନ୍ତେ ଚନ୍ଦନଚକଡ଼ାକୁ ବିଜେ କରିବେ। ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ନୌକାବିହାର ସାରି ଶ୍ରୀମନ୍ଦିରକୁ ବାହୁଡ଼ିବେ। ପରେ ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଦେଇ ଦୋଳମଣ୍ଡପ ସାହି, ସୁଭାଷ ବୋଷ ଛକ ଦେଇ ଚକ୍ରତୀର୍ଥ ରୋଡ୍‌ସ୍ଥିତ ନୃସିଂହ ମନ୍ଦିରକୁ ଯିବେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ଶ୍ରୀନୃସିଂହ ଦେବଙ୍କୁ ଲାଗି କରାଯିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାପରେ ଭୋଗ କରିବେ। ସେବାୟତମାନେ ନୀତି ସାରି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମହାପ୍ରଭୁଙ୍କ ମଇଲମ ହୋଇ ଆଳତି ବଢ଼ିବ। ପରେ ତିନିବାଡ଼ରେ ଠାକୁରଙ୍କୁ ପଞ୍ଚାମୃତ ମହାସ୍ନାନ ହେବେ। ଠାକୁର ନୂଆ ଲୁଗା ଲାଗିହୋଇ ପାଣିପଡ଼ି ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ମହାଜନସେବକ ଦକ୍ଷିଣୀ ଘରୁ ନୃସିଂହ ଠାକୁରଙ୍କୁ ଆଣି ରତ୍ନସିଂହାସନ ଉପରକୁ ବିଜେ କରାଇବେ। ଅପରପକ୍ଷରେ ମୁକ୍ତିମଣ୍ଡପ ନିକଟରେ ଥିବା ନୃସିଂହମନ୍ଦିର ଭିତରେ ପତି ମହାପାତ୍ର ଏବଂ ମୁକ୍ତିମଣ୍ଡପ ଉପରେ ବିଜେ ନୃସିଂହଙ୍କ ପାଖରେ ପୂଜାପଣ୍ଡା ମହାସ୍ନାନ ପୂଜା କରିବେ। ଉଭୟଙ୍କ ପାଖରେ ପଞ୍ଚ ଉପଚାରରେ ଶୀତଳ ଭୋଗ ମଣୋହି ହେବା ପରେ ବନ୍ଦାପନା ନୀତି ସମ୍ପନ୍ନ ହେବ। ମହାଜନସେବକ ନୃସିଂହଙ୍କୁ ହାତରେ ବିଜେ କରାଇ ଝୁଲଣମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇବା ପରେ ବିମାନବଡୁମାନେ ନୃସିଂହଙ୍କୁ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରାଇବେ। ସେଠାରେ ବିଭିନ୍ନ ନୀତି ସହ ଭୋଗ ବନ୍ଦାପନା ସରିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ।

## ରାଜରାସ୍ତାରେ କଳାପତାକା ଧରି ଗର୍ଜିଲେ ମହିଳା



ଭାଜପାର ମହିଳାମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

**ନିମାପଡ଼ା, ୨୯।୪(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଭାଜପାର ୫ଶହରୁ ଊର୍ଦ୍ଧ୍ୱ ମହିଳା ହାତରେ କଳାପତାକା ଧରି ମୁହଁରେ କଳାରିବନ ବାନ୍ଧି ରାଜରାସ୍ତାରେ ଗର୍ଜିଥିଲେ। ଶତାଧିକ ମହିଳାଙ୍କ ଏକ ଶୋଭାଯାତ୍ରା ପୁରୁଣା ବସ୍‌ଷ୍ଟାଣ୍ଡରୁ ବାହାରି ବିଭିନ୍ନ ନାରାଦେଇ ସହର ପରିକ୍ରମା କରିଥିବା ବେଳେ ଜନଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ମହିଳାମାନେ ବ୍ଲକ ଛକଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ଅବସରରେ ବ୍ଲକ ଛକଠାରେ ଆୟୋଜିତ ଏକ ପଥପ୍ରାନ୍ତ ସଭାରେ ଭାଜପା ନେତ୍ରୀମାନେ କଂଗ୍ରେସ ଓ ବିଜେଡି ନେତୃବୃନ୍ଦଙ୍କୁ ତୀବ୍ର ସମାଲୋଚନା କରିଥିବାବେଳେ ନାରୀଶକ୍ତିର ସୁରକ୍ଷା ସମ୍ମାନ, ମହିଳାଙ୍କ ଅଧିକାର ପାଇଁ ଲଢ଼େଇ ହେବ ବୋଲି ନେତ୍ରୀମାନେ କହିଛନ୍ତି। ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରାଯାଇଥିବା ପ୍ରତିବାଦରେ ନିମାପଡ଼ାରେ ଭାଜପା ପକ୍ଷରୁ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବରିଷ୍ଠ ମହିଳାନେତ୍ରୀ ଝିଲିଲତା ଦାଶ, ଅନ୍ନପୂର୍ଣ୍ଣା ଦାଶ, ସୁପ୍ରିୟା ନନ୍ଦ, କବିତା ତରାଇ, ମଧୁସ୍ମିତା ସାହୁ, କୁନି ପଣ୍ଡା, ପ୍ରଣୟିନୀ ମିଶ୍ର ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା।

## ଶ୍ରୀମନ୍ଦିରର ସେବା, ସେବକ ପରମ୍ପରା ଅଦ୍ୱିତୀୟ

**ପୁରୀ,୨୯।୪(ଅଜିତ୍ କୁମାର ମହାନ୍ତି)**



ଆଲୋଚନାଚକ୍ରରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟମାନେ।

ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ନୀଳାଦ୍ରି ଭକ୍ତନିବାସ ସମ୍ମିଳନୀ କକ୍ଷରେ 'ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ଓ ସେବକ ପରମ୍ପରାର ଐତିହ୍ୟ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ସଭାପତି ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉଦ୍‌ଘାଟନ କରିଥିଲେ। ପୁରାଣର ବର୍ଣ୍ଣନାନୁଯାୟୀ, ଶ୍ରୀମନ୍ଦିରର ସେବା ଓ ସେବକ ପରମ୍ପରା ଅଦ୍ୱିତୀୟ। ବଡ଼ଦେଉଳର ଭବ୍ୟ ରତ୍ନସିଂହାସନରେ ସ୍ମରଣାତୀତ କାଳରୁ ବିରାଜିତ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧାବିଗ୍ରହଙ୍କର ନୀତି, ଭୋଗ, ବେଶ, ଯାନିଯାତ୍ରା ଓ ସେବା ଅବର୍ଣ୍ଣନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ତଳୁଛ ନୀଳକଣ୍ଠ ମହାପାତ୍ର, ବଡ଼ଓଡ଼ିଆ ମଠର ମହନ୍ତ ବଂଶୀଧର ଦାସଗୋସ୍ୱାମୀ ଯୋଗ ଦେଇଥିଲେ। ଆଲୋଚ୍ୟ ପ୍ରସଙ୍ଗରେ ଡ. ଶ୍ରୀନିବାସ ଆଚାର୍ଯ୍ୟ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରା, ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ମାଧବ ଚନ୍ଦ୍ର ମହାପାତ୍ର, ସୁଦର୍ଶନ ପୂଜାପଣ୍ଡା ସାମନ୍ତ, ମଦନମୋହନ ଦତ୍ତମହାପାତ୍ର, ଭଗବାନ ସୁଆର, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଡ. ଶରତ ଚନ୍ଦ୍ର ମହାନ୍ତି, ସୂର୍ଯ୍ୟନାରାୟଣ ମହାପାତ୍ର, ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ, ସ୍ୱାମୀ ଶୁଭାନନ୍ଦ ପୁରୀ, ସତ୍ୟାନନ୍ଦ ମହାରାଜ, ଜଗନ୍ନାଥ

### ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ପୂଜାପଣ୍ଡା ସାମନ୍ତ ପ୍ରମୁଖ ସେବାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଟ୍ରଷ୍ଟ ସଚିବ ନନ୍ଦକିଶୋର ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଲୋଚନାଚକ୍ରକୁ କାର୍ଯ୍ୟକାରୀ ସଭାପତି ଡ. ଭାସ୍କର ମିଶ୍ର ଏବଂ ସଙ୍ଗଠନ ସମ୍ପାଦକ ବିଶ୍ୱନାଥ ସାମନ୍ତରା ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ସେବକ ରାଧାନାଥ ପ୍ରତିହାରୀ, ସମାଜସେବୀ ମନୋଜ ରଥ, ସର୍ବେଶ୍ୱର ବଇଠାରୁ, ଶତରୂପା ପ୍ରମୁଖ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତି ସଙ୍ଗୀତ ଗାନ କରିଥିଲେ। ବରିଷ୍ଠ ବିଦ୍ୱାନ ଡ. ନରେଶ ଚନ୍ଦ୍ର ଦାଶ ଧ୍ୟାନମନ୍ତ୍ର ଆବୃତ୍ତି କରିଥିଲେ। ଶ୍ରୀମନ୍ଦିରର ବରିଷ୍ଠ ସେବକମାନେ ସେବାର ଅନେକ ଅନାଲୋଚିତ ତଥ୍ୟ ଉପସ୍ଥାପନ କରିଥିଲେ।

## ଫଟୋରେ ଖବର



କୃଷ୍ଣପ୍ରସାଦ ବ୍ଲକରେ ଗ୍ରାମସଭା ପାଣ୍ଠିର ଅପବ୍ୟବହାର ଅଭିଯୋଗ ନେଇ ପୁରୀର ଏକ ହୋଟେଲ୍‌ରେ ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ବୁଧବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।




ସାମ୍ବାଦିକଙ୍କ ବହୁବିଧ ସମସ୍ୟାକୁ ନେଇ ପେସାଦାର ସାମ୍ବାଦିକ ସଂଘ ପକ୍ଷରୁ ପୁରୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଦାବିପତ୍ର ପ୍ରଦାନ କରୁଛନ୍ତି।

## କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ସହରାଞ୍ଚଳ ବିକାଶ ପ୍ରକଳ୍ପର ସମୀକ୍ଷା

ଭୁବନେଶ୍ୱର, ୨୯।୪(ଅନୁରାଧା ମହାରଣା)

ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡ୍‌କୋ ଅଧ୍ୟକ୍ଷା ଉଷା ପାଢ଼ୀ ବୁଧବାର ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏକ ବ୍ୟାପକ କ୍ଷେତ୍ରସ୍ତରୀୟ ପରିଦର୍ଶନ କରି ଭୂମି ବିକାଶ, ରଣନୈତିକ ଭିତ୍ତିଭୂମି ପଦକ୍ଷେପ ଓ ଜିଲାର ସହରାଞ୍ଚଳ ବିକାଶ ପ୍ରକଳ୍ପମାନଙ୍କର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ପ୍ରଥମେ ଅଧ୍ୟକ୍ଷା ପାଢ଼ୀ ଅଳିଜଙ୍ଗା ଅଞ୍ଚଳର ପ୍ରାୟ ୬୦୦ ଏକର ଜମିର ଅନୁଧ୍ୟାନ କରିଥିଲେ। ଭୂମି ବିକାଶର ଅବସ୍ଥା, ଲେଆଉଟ୍ ପ୍ଲାନିଂ ଏବଂ ଭବିଷ୍ୟତ ଶିଳ୍ପ ନିବେଶ ପାଇଁ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ପରେ ସେ ସୁକୁଟିଙ୍ଗିରା ଅଞ୍ଚଳ ପରିଦର୍ଶନ କରି ଶିଳ୍ପ ସମ୍ପ୍ରସାରଣ ପାଇଁ ଏହି ଅଞ୍ଚଳଗୁଡ଼ିକର ସମ୍ଭାବନା, ଭିତ୍ତିଭୂମି ସୁବିଧା ଓ ସଂଯୋଗ ସୃଷ୍ଟିର ପରିସ୍ଥିତି ଉପରେ ମୂଲ୍ୟାଙ୍କନ କରିଥିଲେ। ଏହି ଅବସରରେ ଜିଲାପାଳ ଅମ୍ବର କର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ପ୍ରମୁଖଙ୍କ ସହ ପାଢ଼ୀ ଟାଟା ଷ୍ଟିଲର ଡି.ବି. ପ୍ଲଟ୍ ନଂ.୨ ପରିଦର୍ଶନ କରିଥିଲେ।

# ୪ଶହରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ଭୁବନେଶ୍ୱର ସରକାରୀ ପଲିଟେକ୍‌ନିକ୍‌ରେ କ୍ୟାମ୍ପସ୍ ଟୁ କ୍ୟାରିୟର କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୯।୪( ସୁଚିସ୍ମିତା ସାହୁ)



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟମାନେ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର ସରକାରୀ ପଲିଟେକ୍‌ନିକ୍‌ଠାରେ ଆୟୋଜିତ କ୍ୟାମ୍ପସ ଟୁ କ୍ୟାରିଅର କାର୍ଯ୍ୟକ୍ରମରେ ଅନୁଷ୍ଠାନର ୪ ଶହରୁ ଅଧିକ ଛାତ୍ରୀଛାତ୍ର ନିଯୁକ୍ତି ପାଇଛନ୍ତି। ବୁଧବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସେମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଛାତ୍ରୀଛାତ୍ରଙ୍କ ଏହି ସଫଳତା ରାଜ୍ୟ ଦକ୍ଷତା ବିକାଶର ପ୍ରକୃତ ଚିତ୍ରକୁ ପରିପ୍ରକାଶ କରୁଛି। କେବଳ ରୋଜଗାରକ୍ଷମ ହେବା ନୁହେଁ, ପ୍ରତିଯୋଗିତାମୂଳକ ବଜାରରେ ନିଜକୁ ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠିତ କରାଇବା ହିଁ ପ୍ରକୃତ ଦକ୍ଷତା ବିକାଶ ବୋଲି ସେ କହିଛନ୍ତି। ପରେ ମନ୍ତ୍ରୀ କ୍ୟାମ୍ପସ ପରିସରରେ ବିଭିନ୍ନ ପ୍ରଶିକ୍ଷଣ ୟୁନିଟ୍ ତଥା ଲାବ୍‌ରୁ ବାହାରୁ ଥିବା ବର୍ଜ୍ୟବସ୍ତୁ, ଅଦରକାରୀ ସାମଗ୍ରୀ ଓ ଯନ୍ତ୍ରପାତିର ଭଗ୍ନାଂଶ ଆଦିର ପୁନଃ ଉପଯୋଗ ପାଇଁ ପ୍ରତିଷ୍ଠା କରାଯାଇଥିବା ୱେଷ୍ଟ ଟୁ ୱେଲ୍‌ଥ ସ୍କିଲ ପାର୍କର ଉଦ୍‌ଘାଟନ କରିଥିଲେ। ପରିବେଶ ସୁରକ୍ଷା ସହ ଗ୍ରୀନ ସ୍କିଲ ହାସଲ ଦିଗରେ ଏହି ପାର୍କଟି ବେଶ ସହାୟକ ହେବ। ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ସହ ପରିବେଶ ସୁରକ୍ଷା ଦିଗରେ ଏହି ଅଭିନବ ପ୍ରୟାସକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ବିଭିନ୍ନ ଟ୍ରେଡରେ ଛାତ୍ରୀଛାତ୍ରମାନେ ପ୍ରଶିକ୍ଷଣ ଶେଷ କରିବା ପରେ ୩୨ରୁ ଅଧିକ ପ୍ରତିଷ୍ଠିତ କମ୍ପାନୀରେ ସେମାନଙ୍କୁ କ୍ୟାମ୍ପସ ପ୍ଲେସମେଣ୍ଟ ଜରିଆରେ ନିଯୁକ୍ତି ସୁଯୋଗ ମିଳିଛି। ଏମାନଙ୍କ ମଧ୍ୟରେ ୧୭୫ଜଣ ଛାତ୍ର ଓ ୨୩୪ଜଣ ଛାତ୍ରୀ ରହିଛନ୍ତି। ପେଟିଏମ୍ ଭଳି କମ୍ପାନି ବାର୍ଷିକ ସର୍ବାଧିକ ୩.୯୫ଲକ୍ଷରେ ନିଯୁକ୍ତି ସୁଯୋଗ ପ୍ରଦାନ କରିଛି। ସେହିପରି ସୁଦକ୍ଷା ଯୋଜନା ଜରିଆରେ ସରକାରୀ ପଲିଟେକ୍‌ନିକ୍ ଭୁବନେଶ୍ୱରରୁ ସଫଳତାର ସହ ତାଲିମ ଶେଷକରି ନିଯୁକ୍ତି ପାଇବାକୁ ଥିବା ୧୬୮ଜଣ ଛାତ୍ରୀଙ୍କ ସଫଳ ଯାତ୍ରାକୁ ନେଇ ଅନୁଷ୍ଠାନ ତରଫରୁ ପ୍ରକାଶିତ ପୁସ୍ତକ ନାରୀ ବନ୍ଦନା, ଏମ୍‌ପାୱାରିଂ ନାରୀଶକ୍ତି ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ରାଜ୍ୟ ବୈଷୟିକ ଶିକ୍ଷା ଏବଂ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦର ସଚିବ ସ୍ୱପ୍ନ କୁମାର ମିଶ୍ର, ସରକାରୀ ପଲିଟେକ୍ନିକ ଅଧ୍ୟକ୍ଷ ଡ. ରଜତ ପାଣିଗ୍ରାହୀ, ଅଧ୍ୟାପକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୩ତମ ବାର୍ଷିକୋତ୍ସବ



ଉତ୍ସବରେ ଏନ୍‌ସିଇଆର୍‌ଟି ଯୁଗ୍ମନିର୍ଦ୍ଦେଶକ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ ସହ ଅନ୍ୟ ଅତିଥି।

ଭୁବନେଶ୍ୱର,୨୯।୪(ସୁଚିସ୍ମିତା ସାହୁ)

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଓ ଛାତ୍ର ସଂସଦର ୬୩ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏନ୍‌ସିଇଆର୍‌ଟି ନୂଆଦିଲ୍ଲୀର ଯୁଗ୍ମନିର୍ଦ୍ଦେଶକ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଯୋଗଦେଇ ଏକ ପ୍ରଗତିଶୀଳ ଏବଂ ସମାବେଶୀ ବ୍ୟବସ୍ଥା ନିର୍ମାଣରେ ଶିକ୍ଷକ ଶିକ୍ଷାର ବିକାଶଶୀଳ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଏନ୍‌ସିଇଆର୍‌ଟିର ସ୍ୱତନ୍ତ୍ର ବର୍ଗ ଅଧୀନରେ ଡିମ୍ଡ ବିଶ୍ୱବିଦ୍ୟାଳୟର ମାନ୍ୟତା ଏବଂ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପଦ୍ଧତି ବିକଶିତ କରିବା ଲାଗି ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ନବୋନ୍ମେଷ, ଆନ୍ତଃବିଷୟକ ଶିକ୍ଷା, ଗବେଷଣା ଆଧାରିତ ଶିକ୍ଷା, ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଓ ମତାମତ, ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରା ଓ ବୈଜ୍ଞାନିକ ସ୍ୱଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତିଷ୍ଠାନ ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ର ପରିଷଦ ଉପଦେଷ୍ଟା ପ୍ରଫେସର ଲକ୍ଷ୍ମୀଧର ବେହେରା ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବାର୍ଷିକ ପତ୍ରିକା 'ପ୍ରତିବିମ୍ବ' ଉନ୍ମୋଚିତ ହୋଇଥିଲା। ବିଭିନ୍ନ ବିଭାଗର ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ଡ. ହାଡ଼ିବନ୍ଧୁ ପଟ୍ଟନାୟକ, ସମ୍ପାଦକ ରମେଶ ଚନ୍ଦ୍ର ପାତାଳସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ପରିଷଦର ଯୁଗ୍ମ ଉପଦେଷ୍ଟା ପ୍ରଫେସର ରଶ୍ମୀରେଖା ସେଠୀ ଧନ୍ୟବାଦ ଦେଇଥିଲେ।

## ଏକାଧିକଥର ଆନ୍ତଃ ଜିଲା ମ୍ୟୁଚୁଆଲ ଟ୍ରାନ୍ସଫର ପାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଏନ୍‌ପିଏସ୍ ଶିକ୍ଷକ ସଂଘ

ଭୁବନେଶ୍ୱର,୨୯।୪(ସୁଚିସ୍ମିତା ସାହୁ)

ଏକାଧିକଥର ଆନ୍ତଃଜିଲା ମ୍ୟୁଚୁଆଲ ଟ୍ରାନ୍ସଫର ପାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଓଡ଼ିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ। ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ସହ ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ପ୍ରଦୀପ୍ତ କହିଛନ୍ତି, ରାଜ୍ୟ କ୍ୟାଡର କର୍ମଚାରୀଙ୍କ ସମଗ୍ର ଚାକିରି କାଳ ଭିତରେ ଏକାଧିକଥର ଆନ୍ତଃଜିଲା ମ୍ୟୁଚୁଆଲ ବଦଳି ହେଉଥିବାବେଳେ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ମାଧ୍ୟମିକ ଟିଜିଟି (ପିସିଏମ୍,ସିବିଜେଡ୍, ଆର୍ଟ୍ସ ) ଶିକ୍ଷକଙ୍କର ବଦଳି ହେଉନାହିଁ। ଏମାନେ ରାଜ୍ୟ କ୍ୟାଡର କର୍ମଚାରୀ ହୋଇଥିଲେ ମଧ୍ୟ ଚାକିରିକାଳ ଭିତରେ ଆନ୍ତଃଜିଲା ମ୍ୟୁଚୁଆଲ ବଦଳି ଗୋଟେ ଥର କରାଯାଉଛି। ଫଳରେ ଏହି ଶିକ୍ଷୟିତ୍ରୀଶିକ୍ଷକ ବହୁତ ମାନସିକ ଅଶାନ୍ତି ଭିତରେ ରହୁଛନ୍ତି। ମ୍ୟୁଚୁଆଲ ବଦଳିରେ ସ୍କୁଲ ଏବଂ ଜିଲାସ୍ତରରେ କୌଣସି ଶିକ୍ଷକ ଅଭାବ କିମ୍ବା ଅତିରିକ୍ତ ପଦବୀ ସୃଷ୍ଟି ହେବ ନାହିଁ। ଅନେକ ଶିକ୍ଷକଙ୍କୁ ଗତବର୍ଷ ମ୍ୟୁଚୁଆଲ ବଦଳିରେ ଗୋଟିଏ ଜିଲାରୁ ଅନ୍ୟ ଜିଲାକୁ ସ୍ଥାନାନ୍ତର କରାଯାଇଛି, କିନ୍ତୁ ସେମାନେ ସେମାନଙ୍କର ବୃଦ୍ଧ ଓ ଅସୁସ୍ଥ ପିତାମାତାଙ୍କ ଯତ୍ନ ନେବା ପାଇଁ ନିଜ ଜିଲାକୁ ଯାଇପାରିନାହାନ୍ତି। ତେଣୁ ହଜାର ହଜାର ଶିକ୍ଷକଙ୍କ ପାଇଁ ନିଜ ଜିଲାକୁ ପହଞ୍ଚିବା ଅତ୍ୟନ୍ତ ଅନିବାର୍ଯ୍ୟ ହୋଇପଡିଛି। ଏଣୁ ଟିଜିଟି ଶିକ୍ଷୟିତ୍ରୀଶିକ୍ଷକଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମାଧ୍ୟମିକ ଶିକ୍ଷକଙ୍କ ପାଇଁ ୨୦୨୬-୨୭ବର୍ଷ ଟ୍ରାନ୍ସଫର ଗାଇଡ୍‌ଲାଇନରେ ଟିଜିଟି ଶିକ୍ଷକଙ୍କ ପାଇଁ ଦ୍ୱିତୀୟଥର ଆନ୍ତଃଜିଲା ମ୍ୟୁଚୁଆଲ ବଦଳି ପ୍ରଯୁଜ୍ୟ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ପ୍ରଦୀପ୍ତ ଦାବି କରିଛନ୍ତି।



ବିଶ୍ୱ ନୃତ୍ୟ ଦିବସ ପାଳନ ଅବସରରେ ରବୀନ୍ଦ୍ର ମଣ୍ଡପଠାରେ ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟ ଅତିଥିମାନେ ନୃତ୍ୟ ଗୁରୁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ଆମ ଓଡ଼ିଶାର ନୃତ୍ୟ ପରମ୍ପରା ସମୃଦ୍ଧ : ବାଚସ୍ପତି

ଓଡ଼ିଶୀ ଗବେଷଣା କେନ୍ଦ୍ର, ସଙ୍ଗୀତ ନାଟକ ଏକାଡେମୀ ପାଳିଲେ 'ବିଶ୍ୱ ନୃତ୍ୟ ଦିବସ'

ଭୁବନେଶ୍ୱର,୨୯।୪(ସୌମ୍ୟରଞ୍ଜନ ରାଉତ)


ଗୁରୁ ପୁଷ୍ପିତା ମିଶ୍ର, ଗୁରୁ ଡ. ମନୋରଞ୍ଜନ ପ୍ରଧାନ ନୃତ୍ୟ ପରିବେଷଣ କରୁଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବୁଧବାର 'ବିଶ୍ୱ ନୃତ୍ୟ ଦିବସ' ୨ଟି ସ୍ଥାନରେ ପାଳିତ ହୋଇଯାଇଛି। ସକାଳେ ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାବେଳେ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ସଭା ସହ ନୃତ୍ୟ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଲେ, ଓଡ଼ିଶାର ନୃତ୍ୟ ପରମ୍ପରା ସମୃଦ୍ଧ। ଆମ ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ଓ ଆମର ଲୋକନୃତ୍ୟ ଆମ ରାଜ୍ୟ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଛି। ବିଶ୍ୱ ନୃତ୍ୟ ଦିବସ ଅବସରରେ ସମସ୍ତ କଳାକାରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ସେ କହିଲେ, ଆଗାମୀ ଦିନରେ ମଧ୍ୟ ଆମ ନୃତ୍ୟଶିଳ୍ପୀମାନେ ନୃତ୍ୟ ପ୍ରତିଭା ମାଧ୍ୟମରେ ଓଡ଼ିଶାର ସଂସ୍କୃତିକୁ ବିଶ୍ୱ ବିଦିତ କରିବା ନିମନ୍ତେ ନିଜର ନିରନ୍ତର ପ୍ରୟାସ ଜାରି ରଖିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର, ଗୁରୁ କସ୍ତୁରୀ ପଟ୍ଟନାୟକ, ନୃତ୍ୟଶିଳ୍ପୀ ଦୀପ୍ତି ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଶୀ ନୃତ୍ୟର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗୁରୁ ଡ. ମନୋରଞ୍ଜନ ପ୍ରଧାନ, ଗୁରୁ ପୁଷ୍ପିତା ମିଶ୍ର, ଗୁରୁ ଡ. ଦୀପ୍ତି ରାଉତରାୟ ପ୍ରମୁଖ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ସମ୍ବଲପୁରୀ, ଘୁମୁରା, ପଶୁମୁଖା, ଢେମସା ଆଦି ନୃତ୍ୟ ପରିବେଷିତ ହୋଇଥିଲା। ପରେ ଗୋଟିପୁଅ ନୃତ୍ୟଗୁରୁ ଭାଗୀରଥି ମହାପାତ୍ର ଓ ଗୁରୁ ଲିଙ୍ଗରାଜ ବାରିକଙ୍କୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଅର୍ଥ ପରାମର୍ଶଦାତା ପ୍ରମୋଦ କୁମାର ମଣ୍ଡଳ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭାର୍ଗବୀ ନଦୀବନ୍ଧ ରାସ୍ତା ଉନ୍ନତୀକରଣର ଭିତ୍ତିପ୍ରସ୍ତର

ବାଲକାଟୀ,୨୯।୪(ମନୋଜ ମଣ୍ଡଳ)



ବାଲିଅନ୍ତା ବ୍ଲକ ପ୍ରତାପଶାସନ ପଞ୍ଚାୟତର ଭାର୍ଗବୀ ନଦୀ ବନ୍ଧ ବାମ ପାର୍ଶ୍ୱ ରାସ୍ତା ପ୍ରଶସ୍ତ ସହ ଉନ୍ନତୀକରଣ ହେବ। ଏ ନେଇ ବୁଧବାର ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ବାଲକାଟୀସ୍ଥିତ ଗଞ୍ଜେଇ ଗୋଦାମ ଛକରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରାସ୍ତା ଉନ୍ନତୀକରଣ ଦ୍ୱାରା ଅଞ୍ଚଳରେ ଗମନାଗମନ ଆହୁରି ସୁବିଧା ହୋଇପାରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପବିତ୍ର ବେହେରା, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଜିଲା ପରିଷଦ ସଭ୍ୟା କୁନକୁନ ଲେଙ୍କା, ବ୍ଲକ ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ବ୍ଲକ ବିଜେଡି ସଭାପତି ପ୍ରଦୀପ୍ତ କୁମାର ଜେନାମଣି, ସମିତି ସଭ୍ୟ ଗଙ୍ଗାଧର ମହାରି, ଆଶିଷ ଦାଶ, ବିଜୟ ମୁଦୁଲି, ବାଲିପାଟଣା ଜଳସମ୍ପଦ ବିଭାଗ ଏସ୍‌ଡିଓ ବୈକୁଣ୍ଠନାଥ ଭୋଇ ଉପସ୍ଥିତ ଥିଲେ। ବାଲକାଟୀସ୍ଥିତ ଭାର୍ଗବୀ ନଦୀର ବାମ ପାର୍ଶ୍ୱ ନଦୀ ବନ୍ଧର ଆରଡ଼ି ରାସ୍ତା ଠାରୁ ଦୁଇକିମି ପର୍ଯ୍ୟନ୍ତ ଏହି ଉନ୍ନତୀକରଣ କାମ ପାଇଁ ବିଭାଗ ପକ୍ଷରୁ ୫୦ ଲକ୍ଷ ୧୯ ହଜାର ୧୮୧ ଟଙ୍କା ମଞ୍ଜୁର ହୋଇଛି। ଆସନ୍ତା ଅଗଷ୍ଟ ୨୫ରେ କାମ ସମ୍ପୂର୍ଣ୍ଣ ହେବ ବୋଲି ବିଭାଗୀୟ ଯନ୍ତ୍ରୀ ବାସୁଦେବ ସୋରେନ ସୂଚନା ଦେଇଛନ୍ତି। ନଦୀବନ୍ଧରେ ଥିବା ଜଙ୍ଗଲ ସଫା ସହ ରାସ୍ତା ପିଚୁ ଓ କଂକ୍ରିଟ ହେବ।

## ପଳାଶୁଣୀ ଏମ୍‌ଆର୍‌ଏଫ୍‌ରେ ସୌର ୱାଟର କିଓସ୍କ




ଭୁବନେଶ୍ୱର, ୨୯।୪(ଅନୁରାଧା ମହାରଣା)

ପଳାଶୁଣିସ୍ଥିତ ବିଏମ୍‌ସିର ମେଗା ଏମ୍‌ଆର୍‌ଏଫ୍ ପରିସରରେ ଏକ ସୌର ୱାଟର କିଓସ୍କ ସ୍ଥାପନ କରାଯାଇଛି। ବୁଧବାର ଏହାକୁ ମେୟର ସୁଲୋଚନା ଦାସ ଉଦଘାଟନ କରିଛନ୍ତି। ବିଏମ୍‌ସି ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, କର୍ପୋରେଟର ପ୍ରମୁଖଙ୍କ ସହ ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ ଉପସ୍ଥିତ ଥିଲେ। ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି (ଓରେଡା) ସହଯୋଗରେ ବିକଶିତ ହୋଇଥିବା ସୌର ୱାଟର କିଓସ୍କ କର୍ମଚାରୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବ ବୋଲି ମେୟର କହିଛନ୍ତି।

## ବିଦ୍ୟାର୍ଥୀଙ୍କ ସାମଗ୍ରୀକ ବିକାଶ ଶିକ୍ଷାଳୟର ପ୍ରାଥମିକତା

ବାଲିପାଟଣା,୨୯।୪(ଅଭିମନ୍ୟୁ ନାୟକ)

ବନମାଳିପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଶିକ୍ଷା ସଂଯୋଗ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ମନୋରଞ୍ଜନ ରାୟ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ ଅଭିମନ୍ୟୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କ ସାମଗ୍ରିକ ବିକାଶ ଶିକ୍ଷାଳୟର ପ୍ରାଥମିକତା ବୋଲି କହିଥିଲେ। ମାଲକାନାଗିରି ବରିଷ୍ଠ ସାମ୍ବାଦିକ ଦୁର୍ଯ୍ୟୋଧନ ପାତ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଲେ, ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଛାତ୍ରୀଛାତ୍ରୀଙ୍କୁ ଶିକ୍ଷାମନସ୍କ କରେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ରମେଶ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ କୁମାରୀ ବେହେରା ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ୨ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ କବିତା କୁମାରୀ ଦେଇ ଓ ଚନ୍ଦୁ ଚରଣ ବେହେରାଙ୍କୁ ବିଦାୟୀ ସମ୍ମାନ ପ୍ରଦାନ କରାଯାଇଥିଲା। ତିତିକ୍ଷା ନିବେଦିତା ସଭା ପରିଚାଳନା କରିଥିଲେ। ସିଦ୍ଧାର୍ଥ ପ୍ରସାଦ ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀମାନେ ନୃତ୍ୟ ଓ ନାଟକ ପରିବେଷଣ କରିଥିଲେ।


କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

## ହାଇଟେକ୍ ମେଡିକାଲ କଲେଜରେ ୧୬ତମ ଗ୍ରାଜୁଏଶନ ଡେ'

ଭୁବନେଶ୍ୱର, ୨୯।୪(ଅନୁରାଧା ମହାରଣା)

ହାଇଟେକ୍ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲର ୧୬ତମ ଗ୍ରାଜୁଏଶନ ଡେ' ପାଳିତ ହୋଇଛି। ଏହି ଅବସରରେ ୨୦୨୦-୨୧ବର୍ଷର ୧୫୦ଜଣ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ଉତ୍ସବରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଯୋଗଦେଇ ନୂଆ ଡାକ୍ତରମାନଙ୍କୁ ଗରିବ ଓ ଅସହାୟ ରୋଗୀଙ୍କ ସେବାରେ ବ୍ରତୀ ହେବା ସହ ଦେଶ ସେବାରେ ନିଜକୁ ସମର୍ପିତ କରିବାକୁ ଆହ୍ୱାନ ଦେଇଥିଲେ। ଯେଉଁମାନଙ୍କ ତ୍ୟାଗ, ସମର୍ପଣ ଓ ନିରବଚ୍ଛିନ୍ନ ସହାୟତା ପାଇଁ ଆପଣମାନେ ଆଜି ଜଣେ ଜଣେ ଡାକ୍ତର ହୋଇପାରିଛନ୍ତି, ସେହି ବାପା, ମାଆ ଓ ପରିବାର ଅନ୍ୟ ସଦସ୍ୟଙ୍କ ପ୍ରତି ସର୍ବଦା କୃତଜ୍ଞ ରହିବାକୁ ଡ. ପାଣିଗ୍ରାହୀ ପରାମର୍ଶ ଦେଇଥିଲେ। ହାଇଟେକ ଗ୍ରୁପ୍‌ର ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ ଜଣେ ଭଲ ଡାକ୍ତର ସହ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଡିଏମ୍‌ଇଟି ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଡାକ୍ତରମାନେ କର୍ମମୟ ଜୀବନରେ ସବୁବେଳେ ଉତ୍ସର୍ଗୀକୃତ ସେବା ମନୋଭାବ ସହ କାର୍ଯ୍ୟ କରନ୍ତୁ। ସେମାନେ ପ୍ରଥମେ ନିଜକୁ ସୁସ୍ଥ ରଖିଲେ, ସୁସ୍ଥ ସମାଜ ଗଠନ କରିବାରେ ସମର୍ଥ ହେବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଇଞ୍ଜିନିୟର ରୁପେଶ ପାଣିଗ୍ରାହୀ, ଡାକ୍ତର ରାକେଶ ପାଣିଗ୍ରାହୀ, ନିର୍ଦ୍ଦେଶିକା ସାବିତ୍ରୀ ପାଣିଗ୍ରାହୀ, ନିର୍ଦ୍ଦେଶିକା ମଧୁସ୍ମିତା ତ୍ରିପାଠୀ, ହାଇଟେକ୍ ମେଡିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ଦେବାନନ୍ଦ ମହାପାତ୍ର, ମେଡିକାଲ ଅଧୀକ୍ଷକ ଡା. ଶ୍ରୀକାନ୍ତ ତିୱାରୀ, ପ୍ରଶାସନିକ ଅଧିକାରୀ ଗୋପେଶ୍ୱର ଆଚାର୍ଯ୍ୟ, ଡା. ଅମ୍ରିତ ପାଢୀଯୋଶୀ ଓ ଡା. ଚନ୍ଦନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଚିତ୍ତରଞ୍ଜନ ସାହାଣୀ ନୂତନ ଡାକ୍ତରମାନେ କର୍ମମୟ ଜୀବନ ସହ ପାରିବାରିକ ଜୀବନ ମଧ୍ୟରେ ସନ୍ତୁଳନ ରଖିବା ପାଇଁ ପରାମର୍ଶ ଦେଇଥିଲେ।



ହାଇଟେକ୍ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲର ୧୬ତମ ଗ୍ରାଜୁଏଶନ ଡେ'ରେ ଡିଗ୍ରୀଧାରୀ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

# ବର୍ଷକରେ ୨୨ ହଜାର କୋଟି ଲୁଟିଛନ୍ତି ସାଇବର ଅପରାଧୀ

ସୋଆରେ ସାଇବର ସୁରକ୍ଷା ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୪(ଅନୁରାଧା ମହାରଣା)



ସମ୍ମିଳନୀରେ ଓଡ଼ିଶା ସିଆଇଡି-କ୍ରାଇମ୍‌ବ୍ରାଞ୍ଚର ନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ସହ ଅନ୍ୟ ଅତିଥିମାନେ।

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ 'ସାଇବର ସିକ୍ୟୁରିଟି, ଏଆଇ ଆଣ୍ଡ ଏମର୍ଜିଙ୍ଗ ଟେକ୍ନୋଲୋଜିସ୍- ସିକ୍ୟୁଓରିଂ ଟୁମୋରୋଜ୍ ଇଣ୍ଟେଲିଜେଣ୍ଟ ସିଷ୍ଟମ୍‌ସ୍' ଉପରେ ୨ ଦିନିଆ ଜାତୀୟ ସମ୍ମିଳନୀ ବୁଧବାର ଆରମ୍ଭ ହୋଇଛି। ଓଡ଼ିଶା ସିଆଇଡି-କ୍ରାଇମ୍‌ବ୍ରାଞ୍ଚର ନିର୍ଦ୍ଦେଶକ ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉପରେ ଗୁରୁତ୍ୱ ଦେଇ ସେ କହିଲେ, ଯେତେବେଳେ କୌଣସି ନୂତନ ଜ୍ଞାନକୌଶଳର ଉଦ୍ଭାବନ ହୁଏ, ସେତେବେଳେ ମୂଳ ପ୍ରଶ୍ନ ଥାଏ ଏହାକୁ ବିକାଶ କରିଥିବା ସଂସ୍ଥା ଏହାର ନକାରାତ୍ମକ ଓ ସକାରାତ୍ମକ ପ୍ରଭାବ ଉପରେ ଅନୁଶୀଳନ କରିଛନ୍ତି ନା ନାହିଁ। ସାଇବର ଅପରାଧ ମାଧ୍ୟମରେ ଗୋଟିଏ ବର୍ଷ ମଧ୍ୟରେ ୨୨ ହଜାର କୋଟି ଟଙ୍କା ଲୁଟ୍ ହୋଇଛି ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଡାଟା ସିକ୍ୟୁରିଟି କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ସିଇଓ ବିନାୟକ ଗଡ୍‌ସେ, ନ୍ୟାଶନାଲ ସିକ୍ୟୁରିଟି କାଉନ୍‌ସିଲ୍ ସେକ୍ରେଟାରିଏଟ୍ ପିଏମ୍‌ଓର ପୂର୍ବତନ ଅଧିକାରୀ ଲେଫ୍ଟନାଣ୍ଟ ଜେନେରାଲ୍ ଏମ୍.ୟୁ. ନାୟାର, ଇଣ୍ଟରନ୍ୟାଶନାଲ ଟେଲିକମ୍ୟୁନିକେଶନ ୟୁନିୟନ ଜେନେଭା ପକ୍ଷରୁ କିଶୋର ନାରଙ୍ଗ, ସେଲୁଲାର ଅପରେଟର୍ସ ଆସୋସିଏଶନ ଅଫ ଇଣ୍ଡିଆର ବରିଷ୍ଠ ଉପଦେଷ୍ଟା ବିକ୍ରମ ତିୱାଥିଆ ଓ ସାଇବର ସିକ୍ୟୁରିଟି ଆସୋସିଏଶନ ଅଫ୍ ଇଣ୍ଡିଆର ସଭାପତି ଏନ.କେ. ଗୋୟଲ ବକ୍ତବ୍ୟ ରଖିଥିଲେ। ପ୍ରାଇସ୍ ୱାଟରହାଉସ୍ କୁପର୍ସ (ପିଡବ୍ଲୁସି) ଇଣ୍ଡିଆର ନିର୍ଦ୍ଦେଶକ ଡ.ଦେବବ୍ରତ ନାୟକ ଯୋଗଦେଇ ସାଇବର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେବା ସହ ଏଥିପ୍ରତି ସବୁ ବର୍ଗ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ମତ ରଖିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସୋଆ ଏବଂ ସାଇବର ସିକ୍ୟୁରିଟି ଆସୋସିଏଶନ୍ ଅଫ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। ଏଆଇସି ସୋଆ ଫାଉଣ୍ଡେଶନର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଅତିଥିଙ୍କୁ ସମ୍ମାନିତ କରିଥିଲେ। ଆଇଟିଇଆର୍‌ର ଆଡିଶନାଲ ଡିନ୍ ଷ୍ଟୁଡେଣ୍ଟ ଆଫେୟାର୍ସର ପ୍ରଫେସର ରେଣୁ ଶର୍ମା ଧନ୍ୟବାଦ ଦେଇଥିଲେ।

# ପ୍ରଗତିଶୀଳ ସମାଜ ଗଠନରେ ବୁଦ୍ଧିଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ରାଜ୍ୟସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ


ରାଜ୍ୟସ୍ତରୀୟ ସମ୍ମିଳନୀରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବୁଦ୍ଧିଜୀବୀମାନେ।

ବୋଲଗଡ଼,୨୯।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ରାଜସୁନାଖଲାସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ସଭାଗୃହରେ ଉତ୍କଳୀୟମ୍ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବୁଧବାର ରାଜ୍ୟସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଉଣ୍ଡେସନର ଅଧ୍ୟକ୍ଷ ଆଇନଜୀବୀ ରାଜୀବଲୋଚନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସମୃଦ୍ଧ ଓ ପ୍ରଗତିଶୀଳ ସମାଜ ଗଠନରେ ବୁଦ୍ଧିଜୀବୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଖୋର୍ଦ୍ଧା ଜିଲା ଓକିଲ ସଂଘ ସଭାପତି ଲୋତକବିନ୍ଦୁ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ରାଜସୁନାଖଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ସନ୍ତିକାନ୍ତ ଷଡ଼ଙ୍ଗୀ, ସାମାଜିକ କର୍ମୀ ପ୍ରଫୁଲ୍ଲ ନାୟକ, କ୍ରୀଡ଼ା ସଂଗଠକ ତଥା ଫ୍ରେଣ୍ଡ୍ସ ସ୍ପୋର୍ଟ୍ସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଏବଂ ଫାଉଣ୍ଡେସନର ରାଜ୍ୟ ସଂଯୋଜିକା ସୁଚିତ୍ରା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଫାଉଣ୍ଡେସନର ଖୋର୍ଦ୍ଧା ଜିଲା ସଂଯୋଜକ ବଲ୍ଲଭ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଶାର ବିକାଶରେ ବୁଦ୍ଧିଜୀବୀ ସମାଜର ଭୂମିକା ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ପ୍ରଧାନ ଏହି ଫାଉଣ୍ଡେସନ ଏକ ଟ୍ରଷ୍ଟ ଭାବେ ୨୦୧୪ ମସିହାରୁ ଓଡ଼ିଶା ସମେତ ଦେଶର ଅନ୍ୟ ୧୧ଟି ରାଜ୍ୟରେ ପ୍ରକୃତି, ସଂସ୍କୃତି ଓ ମାନବିକ ଅଧିକାର ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଆସୁଥିବା କହିଥିଲେ। ଏହି ଅବସରରେ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଖବରଦାତା, ପୋଲିସ, ସରପଞ୍ଚ, ସମିତିସଭ୍ୟ, ଶିକ୍ଷକ, କଳାକାର, ନୃତ୍ୟଶିଳ୍ପୀ ଏବଂ ସାହିତ୍ୟିକମାନଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା।

# ଆର୍‌ଟିଓ-୧ ପାଇଁ ୫ ଏକର ଜମି ଅଧିଗ୍ରହଣ



## ମାଟିରେ ମିଶିଲା ୧୧ ଘର

ଝାଁଳା,୨୯।୪ (ବୁଲା ବାରିକ)

ଜଟଣୀ ତହସିଲ ପକ୍ଷରୁ ଆର୍‌ଟିଓ-୧ ପାଇଁ ବୁଧବାର ଝାଁଳା ପଞ୍ଚାୟତ ଓଗାଳପଡ଼ା ମୌଜାରେ ଥିବା ୫ ଏକର ଜମି ଅଧିଗ୍ରହଣ କରାଯାଇଛି। ଜଟଣୀ ଅତିରିକ୍ତ ତହସିଲଦାର ଅଶୋକ ସ୍ୱାଇଁ ଏବଂ ଇପ୍ସିତା ବଳିୟାରସିଂଙ୍କ ନେତୃତ୍ୱରେ ଏହି ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଥିଲା। ବୁଧବାର ଉଚ୍ଛେଦ ଅଭିଯାନରେ ଦୁଇଟି ଜେସିବି ଦ୍ୱାରା ୧୧ଟି ଘର ଭଙ୍ଗାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ଓ ୫ରୁ ଉର୍ଦ୍ଧ୍ୱ ପୋଲିସ ଅଧିକାରୀ ନିୟୋଜିତ ଥିଲେ। ଜଟଣୀ ତହସିଲ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଉଚ୍ଛେଦ ଦ୍ୱିତୀୟ ଦିନରେ ପହଞ୍ଚିଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ ତହସିଲ କର୍ତ୍ତୃପକ୍ଷ ପୋଲିସ ବଳ ସହ ଓଗାଳପଡ଼ା ସରକାରୀ ଜମିରେ ପହଞ୍ଚିଥିଲେ। ଉଚ୍ଛେଦ ସମୟରେ ସେମିତି ବିରୋଧ ପ୍ରଦର୍ଶନ ହୋଇ ନ ଥିଲା। ଲୋକେ କାନ୍ଦିକାନ୍ଦି ସେମାନଙ୍କ ଘର ଖାଲି କରିଥିଲେ। କିନ୍ତୁ ଗୋଟିଏ ମୌଜାରେ ଅନ୍ୟ କିଛି ଘର ଥିବାରୁ ସେମାନଙ୍କ ଘରକୁ ଛାଡ଼ି କାହିଁକି ମାତ୍ର ୧୧ଟି ଘରକୁ ଟାର୍ଗେଟ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏନେଇ ଅତିରିକ୍ତ ତହସିଲଦାର ସ୍ୱାଇଁ କହିଛନ୍ତି, ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ। ପର୍ଯ୍ୟାୟ କ୍ରମେ ଏହି ଅଞ୍ଚଳରେ ଥିବା ସମସ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯିବ।

# ବେଗୁନିଆ ବ୍ଲକ୍ ଓଷ୍ଟାର ନୂତନ କର୍ମକର୍ତ୍ତା ଚୟନ

ବେଗୁନିଆ/ବାଘମାରି,୨୯।୪
(ସନ୍ଧ୍ୟାରାଣୀ ମିଶ୍ର/ ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ୍ ଓଷ୍ଟା ସଂଘର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ସାରୁଅ ପଞ୍ଚପଲ୍ଲୀ ବାଉତି ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ଡିଙ୍ଗର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିବାକର ସାହୁ ସଭାପତି, ବିଜୟ କୁମାର ପ୍ରଧାନ କାର୍ଯ୍ୟକାରୀ ସଭାପତି, କବିତା ଦତ୍ତ, ଗୁରୁବାରୀ ସାହୁ ଓ ଅକ୍ଷୟ କୁମାର ମହାପାତ୍ର ଉପସଭାପତି, ବଂଶୀଧର ପାଣିଗ୍ରାହୀ ସମ୍ପାଦକ, ମାନସ କୁମାର ସେଠୀ ସଙ୍ଗଠନ ସମ୍ପାଦକ, ଶ୍ରୀନିବାସ ରଣସିଂହ, ନିରଞ୍ଜନ ବଡ଼ଜେନା ଓ ବିଷ୍ଣୁପ୍ରିୟା ବେହେରା ଯୁଗ୍ମସମ୍ପାଦକ ଭାବେ ଚୟନ ହୋଇଛନ୍ତି। କାର୍ଯ୍ୟକ୍ରମକୁ ସଭାପତି ଗଣେଶ୍ୱର ମିଶ୍ର ପରିଚାଳନା କରିଥିଲେ। ଜିଲା ପର୍ଯ୍ୟବେକ୍ଷକ ଭାବେ ଜିଲା ସମ୍ପାଦକ ସୁଧାକର ମହାପାତ୍ର, ପ୍ରକାଶ ଚନ୍ଦ୍ର ପଲେଇ, ରମେଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ ଓ କିଶୋର ସୁବୁଦ୍ଧି ଉପସ୍ଥିତ ଥିଲେ। ସନ୍ତୋଷ କୁମାର ପଟ୍ଟନାୟକ, ପ୍ରଶାନ୍ତ କୁମାର ପ୍ରଧାନ ଓ ପ୍ରତିଭା ମଞ୍ଜରୀ ମହାପାତ୍ର ଏବଂ ଅନ୍ୟ ଅତିଥିମାନେ ସଂଗଠନର ମହତ୍ତ୍ୱ ଉପରେ ମତ ପ୍ରକାଶ କରିଥିଲେ। ରତିକାନ୍ତ କହଲସିଂଙ୍କ ଦୀର୍ଘଦିନର ସାଙ୍ଗଠନିକ ଅବଦାନକୁ ସଭାରେ ପ୍ରଶଂସା କରାଯାଇଥିଲା। ବ୍ରହ୍ମାନନ୍ଦ ମିଶ୍ରଙ୍କ ସମେତ ଅନେକ ଶିକ୍ଷକ ଉପସ୍ଥିତ ଥିଲେ। ରତିକାନ୍ତ କହଲସିଂହ ଧନ୍ୟବାଦ ଦେଇଥିଲେ।

# 'ଲୋକକଳାକୁ ଲୋକପ୍ରିୟ କରୁଛି ମହୋତ୍ସବ'


ଉତ୍ସବର ତୃତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିବୃନ୍ଦ।

## ନୀଳକଣ୍ଠେଶ୍ୱର ଲୋକୋତ୍ସବର ତୃତୀୟ ସନ୍ଧ୍ୟା

ବୋଲଗଡ଼,୨୯।୪(ଦେବବ୍ରତ ହୋତା)

ପିଟୁକୁଳି ବଜାର ବଣିକ ସଂଘ ଦ୍ୱାରା ଆୟୋଜିତ ତଥା ରାଜ୍ୟ ସଂସ୍କୃତି ବିଭାଗ ପ୍ରାୟୋଜିତ ନୀଳକଣ୍ଠେଶ୍ୱର ଲୋକୋତ୍ସବର ବୁଧବାର ଥିଲା ତୃତୀୟ ସନ୍ଧ୍ୟା। ସ୍ଥାନୀୟ ମହୋତ୍ସବ ପଡ଼ିଆରେ ଆୟୋଜିତ ଏହି ଲୋକୋତ୍ସବରେ ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଯୋଗଦେଇ ସ୍ଥାନୀୟ ଲୋକକଳାକୁ ଲୋକପ୍ରିୟ କରିବାରେ ଏହି ମହୋତ୍ସବ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି ବୋଲି କହିଥିଲେ। ମହୋତ୍ସବ କମିଟି ସଭାପତି ପବିତ୍ର ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ରଘୁନାଥ ସାହୁ, ସାମାଜିକ କର୍ମୀ ସୁଶାନ୍ତ ତ୍ରିପାଠୀ, ପ୍ରକାଶ ରଥ, ସିନେ କଳାକାର ଓ କମିଟି ସଦସ୍ୟମାନେ ମଞ୍ଚାସୀନ ଥିଲେ। ଅପରାହ୍ନରେ ଶିକ୍ଷକ ପ୍ରହଲ୍ଲାଦ ପ୍ରହରାଜ ଓ ପ୍ରଭାକର ସୁନ୍ଦରାୟଙ୍କ ପରିଚାଳନାରେ ସ୍କୁଲ ପିଲାଙ୍କ ପାଇଁ ପ୍ରସ୍ତୁତ କୁଇଜ୍ କାର୍ଯ୍ୟକ୍ରମ ପରେ ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିବିଧ ନୃତ୍ୟ ଓ ବାହ୍ୟ ସାଂସ୍କୃତିକ ଦଳମାନେ ପାଇକ ଆଖଡ଼ା, ଦଶାବତାର ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୃତୀ ଛାତ୍ରୀ ଗାୟତ୍ରୀ ମାର୍ଥା, ଶିକ୍ଷାବିତ୍ ବିଜୟ ସାହୁ, ସାମାଜିକ କର୍ମୀ ଅନୁପମା ବଳିୟାରସିଂହ, କବୟିତ୍ରୀ ସୁମତି ଦେଇ, ପ୍ରଦୀପ୍ତ ପାଲଟାସିଂହ, ବନବିହାରୀ ପଟ୍ଟନାୟକ, ମଙ୍ଗୁଳି ଚରଣ ଶତ୍ରୁସଲ୍ୟ, ଧନେଶ୍ୱର ସାହୁ, ଚିତ୍ରଶିଳ୍ପୀ ପ୍ରକାଶ ଚନ୍ଦ୍ର ନାୟକ, ଖବରଦାତା ଗଙ୍ଗାଧର ଦାସ, ନିରଞ୍ଜନ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଶ୍ରୀକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କମିଟି ସମ୍ପାଦକ ଚିତ୍ତରଞ୍ଜନ ସାମନ୍ତ ଧନ୍ୟବାଦ ଦେଇଥିଲେ। ମହୋତ୍ସବ କମିଟି ଓ ବଣିକ ସଂଘ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଟୋ ଓଲଟି ଚାଳକ ମୃତ

ଝାଁଳା,୨୯।୪ (ବୁଲା ବାରିକ)

ଇନ୍‌ଫୋସିଟି ଥାନା ଅଧୀନ ଝାଁଳା ବଜାରରେ ଅଟୋ ଓଲଟି ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତାବର ପଞ୍ଚାୟତ କାଶୀପୁର ଗ୍ରାମର ରଶ୍ମିରଞ୍ଜନ କର(୪୩)। ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧ଟା ବେଳେ ରଶ୍ମିରଞ୍ଜନ ତାଙ୍କ ଅଟୋ ନେଇ ଭୁବନେଶ୍ୱରସ୍ଥ ନିଜ ଗାଁ କାଶୀପୁରକୁ ଫେରୁଥିଲେ। କିନ୍ତୁ କୌଣସି କାରଣରୁ ଅଟୋଟି ଭାରସାମ୍ୟ ହରାଇ ଫୁଟପାଥ୍ ଉପରକୁ ଚଢ଼ିଯାଇଥିଲା। ଫଳରେ ରଶ୍ମିରଞ୍ଜନ ଅଟୋରୁ ତଳକୁ ଖସିପଡ଼ିଥିଲେ। ସେହି ସମୟରେ ଅଟୋଟି ତାଙ୍କ ଉପରେ ଓଲଟି ପଡ଼ିଥିଲା। ତାଙ୍କ ଛାତି ଓ ମୁହଁ ଉପରେ ଅଟୋ ପଡ଼ିରହିଥିଲା। ଖବର ପାଇ ଇନ୍‌ଫୋସିଟି ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଭୁବନେଶ୍ୱର ଏମ୍ସକୁ ପଠାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ପୋଲିସ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

ଖୋର୍ଦ୍ଧା,୨୯।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପୋଲିସ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ କରାଯାଇଛି। ଏନେଇ ୨୭ ତାରିଖରେ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନାଚୁଣୀ ଥାନା ଆଇଆଇସି ଚନ୍ଦ୍ରଶେଖର ଜେନାଙ୍କୁ ଖୋର୍ଦ୍ଧା ସାଇବର କ୍ରାଇମ୍ ଓ ଇକୋନୋମିକ ଅଫେନ୍ସ ଥାନାକୁ ବଦଳି କରାଯାଇଛି। ଖୋର୍ଦ୍ଧା ସାଇବର କ୍ରାଇମ ଓ ଇକୋନୋମିକ ଅଫେନ୍ସ ଥାନା ଆଇଆଇସି ବିଭୂତି ଭୂଷଣ ମହାପାତ୍ରଙ୍କୁ ନାଚୁଣୀ ଥାନା ଆଇଆଇସି ଭାବେ ବଦଳି କରାଯାଇଛି। ଟାଙ୍ଗୀ ଥାନା ଅତିରିକ୍ତ ଆଇଆଇସି ଶ୍ରଦ୍ଧା ନାୟକଙ୍କୁ ବାଲୁଗାଁ ଥାନା ଆଇଆଇସି ଭାବେ ବଦଳି କରାଯାଇଛି। ସେହିପରି ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କୁ ବାଣପୁର ଥାନା ଆଇଆଇସି ଭାବେ ବଦଳି କରାଯାଇଛି। ଅନୁରୂପ ଭାବେ ବାଣପୁର ଥାନା ଆଇଆଇସି ରମେଶ କୁମାର ଦତ୍ତଙ୍କୁ ଖୋର୍ଦ୍ଧା ଜିଲା ପୋଲିସ ମୁଖ୍ୟାଳୟ ଡିସିଆର୍‌ବି, ଇନ୍ସପେକ୍ଟର ମମତା ପତିଙ୍କୁ ଜିଲା ପୋଲିସ ମୁଖ୍ୟାଳୟ ଆଇୟୁସିଏଡବ୍ଲ୍ୟୁ ଏବଂ ଇନ୍ସପେକ୍ଟର ଶମ୍ଭୁନାଥ ନାୟକଙ୍କୁ ଜିଲା ପୋଲିସ ମୁଖ୍ୟାଳୟ ଡିଆଇବି ବିଭାଗରୁ ଆଇଏଟିଏୟୁ ବିଭାଗକୁ ବଦଳି କରାଯାଇଛି।

# କଳାପଥର ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ


ଅତିଥି ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

କଳାପଥର,୨୯।୪(ଗଙ୍ଗାଧର ସାହୁ)

ବାଙ୍କୀ ବ୍ଲକ କଳାପଥରସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ଏକାଦଶ ବାର୍ଷିକୋତ୍ସବ ଅଧ୍ୟକ୍ଷ ପ୍ରିୟବ୍ରତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି, ଖଣ୍ଡପଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ବିଦ୍ୟାଧର ମହାରଣା ମୁଖ୍ୟବକ୍ତା ଏବଂ ଫତେଗଡ଼ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପଦ୍ମିନୀ ବାରିକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ କେବଳ ପାଠପଢ଼ା ନୁହେଁ, ଅନ୍ୟ କ୍ଷେତ୍ରରେ ମଧ୍ୟ ସେମାନଙ୍କର ନିପୁଣତା ଦେଖାଇପାରିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ମଣ୍ଡଳ ସହକାରୀ ଶିକ୍ଷା ଅଧିକାରୀ ମକର ମହାରଣା, କଳାପଥର କ୍ଲଷ୍ଟର ସଂଯୋଜକ ସୂର୍ଯ୍ୟକାନ୍ତ ମହାପାତ୍ର ଏବଂ ଆଇନଜୀବୀ ଦେବାଶିଷ ମାନସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ବିଜେନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ। ପ୍ରିନ୍ସିପାଲ ପ୍ରଶାନ୍ତ କୁମାର ମାନସିଂ, ବରିଷ୍ଠ ଶିକ୍ଷୟିତ୍ରୀ କ୍ରିଷ୍ଣାରାଣୀ ମହାପାତ୍ର, ସ୍ନେହ ମଞ୍ଜରୀ ମଲ୍ଲିକ, ସସ୍ମିତା ସ୍ୱରୂପା ନାୟକ, ମମତାମୟୀ ବଳିୟାରସିଂ, ରୋଜାଲିନାୟକ ଏବଂ ସ୍ମୃତି ସିଂହ ପ୍ରମୁଖଙ୍କ ପରିଚାଳନାରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଅନ୍‌ଷ୍ଟପେବୁଲ୍ କିଙ୍ଗ୍‌ସ, ବି. ବି. ରକ୍‌ଷ୍ଟାର ବିଜୟୀ

## ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ୍

ବୋଲଗଡ଼,୨୯।୪(ଦେବବ୍ରତ ହୋତା)

ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଦ୍ୱାଦଶ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୁଧବାର ଷଷ୍ଠ ଓ ସପ୍ତମ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଆର୍ମି ଇଲେଭେନ୍ ଓ ଅନ୍‌ଷ୍ଟପେବୁଲ କିଙ୍ଗସ୍ ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ଆର୍ମି ଇଲେଭେନ୍ ଦଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୬୦ ରନ କରିଥିଲା। ଜବାବରେ ଅନ୍‌ଷ୍ଟପେବୁଲ କିଙ୍ଗ୍‌ସ ଦଳ ୫.୫ ଓଭର ଖେଳି ୨ ଉଇକେଟ ହରାଇ ୬୧ ରନ କରି ମ୍ୟାଚ୍ ଜିତିଥିଲା। ମ୍ୟାନ ଅଫ୍ ଦ ମ୍ୟାଚ୍ ଭାବେ ବିଶ୍ୱରଞ୍ଜନ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ସପ୍ତମ ଲିଗ୍ ମ୍ୟାଚରେ ଫିଲ୍ଡ ଫାଇଟର ଏବଂ ବି ବି ରକ୍‌ଷ୍ଟାର ଦଳ ପରସ୍ପରକୁ ଭେଟିଥିଲେ। ବି. ବି. ରକ୍‌ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇଲେଟ ହରାଇ ୯୭ ରନ କରିଥିଲା। ଜବାବରେ ଫିଲ୍ଡ ଫାଇଟର ଦଳ ୧୦ ଓଭରରେ ୮ ଉଇକେଟ ହରାଇ ୮୪ ରନ କରି ପରାସ୍ତ ହୋଇଥିଲା। ଜଗନ୍ନାଥ ମ୍ୟାନ୍ ଅଫ ଦ ମ୍ୟାଚ୍ ହୋଇଥିଲେ। ସୁନିଲ ସାହୁ ଓ ମାଷ୍ଟର ରିଙ୍କୁ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ଖୋର୍ଦ୍ଧା ଓକିଲ ସଂଘ ସଭାପତି ଲୋତକବିନ୍ଦୁ ପଟ୍ଟନାୟକ ଓ ଭାଜପା ନେତା ସଞ୍ଜୟ ବେହେରା ଯୋଗଦେଇ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ ଫ୍ରେଣ୍ଡସ କ୍ଲବର ସଦସ୍ୟମାନେ ଖେଳ ପରିଚାଳନା କରିଥିଲେ।

# ୪ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଖୋର୍ଦ୍ଧା,୨୯।୪(ପ୍ରଭାତ ପାଣିଗ୍ରାହୀ)

ପାନବରଜ ଖେଳପଡ଼ିଆ ନିକଟରୁ ଆଦର୍ଶ ଥାନା ପୋଲିସ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ପାନବରଜ ଅଞ୍ଚଳର ଶିବପ୍ରସାଦ ରଥ। ତାଙ୍କଠାରୁ ୪୦ ଗ୍ରାମ୍ ବ୍ରାଉନସୁଗାର ସମେତ ଏକ ସ୍କୁଟି ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୪ଲକ୍ଷ ଟଙ୍କା ହେବ ବୋଲି ବୁଧବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ କହିଛନ୍ତି। ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୨୪୦/୨୬) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଖେଳପଡ଼ିଆ ନିକଟରେ ଶିବପ୍ରସାଦ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ବିଶେଷ ସୂତ୍ରରୁ ଏହି ଖବର ପାଇ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସେଠାରେ ଚଢ଼ାଉ କରି ଶିବପ୍ରସାଦଙ୍କୁ ଗିରଫ କରିଥିଲା। ଖବରଦାତା ସମ୍ମିଳନୀରେ ଥାନାଧିକାରୀଙ୍କ ସମେତ ଏସ୍‌ଆଇ ସସ୍ମିତା ବେହେରା ଓ ଦୀନେଶ ପିଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ପାଲା ଜଗତର ଉଜ୍ଜ୍ୱଳ ନକ୍ଷତ୍ର ଥିଲେ ଗୌରୀଶଙ୍କର

ଖୋର୍ଦ୍ଧା,୨୯।୪(ପ୍ରଭାତ ପାଣିଗ୍ରାହୀ)

ଚିଲିକା ବ୍ଲକ ବଉଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁର ଶାସନର ଗାୟକ ବାଗଭୂଷଣ ଗୌରୀଶଙ୍କର ରଥଶର୍ମାଙ୍କ ଦ୍ୱାଦଶାହ ପାଳିତ ହୋଇଯାଇଛି। ପୁତ୍ର ସନ୍ତୋଷ କୁମାର ରଥ ଓ ପୂର୍ବତନ ସରପଞ୍ଚ ଦେବାଶିଷ ରଥଙ୍କ ତତ୍ତ୍ୱାବଧାନରେ ତଥା ଭଗବତୀ ମଣ୍ଡଳୀ ପାଲା ଗାୟକ ପରିଷଦ ମଣ୍ଡଳୀର ଉପଦେଷ୍ଟା ଗାୟକ ଦକ୍ଷିଣକେଶରୀ ରାମଚନ୍ଦ୍ର କରଙ୍କ ସଭାପତିତ୍ୱରେ ପୂଜାର୍ଚ୍ଚନା, ଦଶମେଳ ପାଲା, ସଂକୀର୍ତ୍ତନ ଏବଂ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଖବରଦାତା ପ୍ରତାପଶ୍ୱେର ଶତପଥୀଙ୍କ ଆନୁକୂଲ୍ୟରେ ସଙ୍ଗୀତଜ୍ଞ ଅଜିତ ମିଶ୍ର ଓ ସଂଗ୍ରାମ ବଳବନ୍ତରାୟଙ୍କ ଦ୍ୱାରା ଏକ ଆଧ୍ୟାତ୍ମିକ ଭଜନ ସମାରୋହ ପରିବେଷଣ କରାଯାଇଥିଲା।

ସ୍ୱର୍ଗତ ରଥଶର୍ମା ଗାୟକ ରତ୍ନ ସ୍ୱର୍ଗତ ଲୋକନାଥ କରଙ୍କ ପଟ୍ଟଶିଷ୍ୟ ଥିଲେ। ବଉଳାବନ୍ଧ ଗ୍ରାମର ବହୁ ପୁରାତନ ରଥଯାତ୍ରାରେ ଦୀର୍ଘବର୍ଷ ଧରି ଆଦ୍ୟସେବକ ଭାବେ ରଥରେ ପ୍ରଭୁଙ୍କ ସେବା କରିଥିଲେ। ପାଲା ଜଗତର ଉଜ୍ଜ୍ୱଳ ନକ୍ଷତ୍ର ଭାବେ ସେ ବହୁ ସ୍ୱରଚିତ ଛାନ୍ଦ, ଚଉପଦୀ, କବିତା, ନାଟକ, ଶ୍ଳୋକ ପ୍ରଭୃତି ରଚନା କରିଥିଲେ। ପାଲା ମଞ୍ଚରେ ସେ ଅପ୍ରତିଦ୍ୱନ୍ଦ୍ୱୀ ଗାୟକ ଥିଲେ। ଦୀର୍ଘ ଷାଠିଏ ବର୍ଷ ଧରି ପାଲା ଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିଲେ। ଗାୟକ ଦକ୍ଷିଣକେଶରୀ ରାମଚନ୍ଦ୍ର କରଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବୋଲଗଡ଼ ବିଇଓ ପ୍ରମୋଦ କୁମାର ସ୍ୱାଇଁ, ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ଉପଦେଷ୍ଟା ଲଳିତ ମୋହନ ପଟ୍ଟନାୟକ, ଜାଗୃତିକାର ସଭାପତି ପ୍ରଫେସର ଗଙ୍ଗାଧର ପ୍ରଧାନ, ସମ୍ପାଦକ ବିରଞ୍ଚି ନାରାୟଣ ପ୍ରସାଦ ନାୟକ, ମଧୁସୂଦନ ସେନାପତି, ଭଗବତୀ ମଣ୍ଡଳ ପାଲାଗାୟକ ପରିଷଦ ସଭାପତି ରମେଶ ଚନ୍ଦ୍ର ପାତ୍ର, ସମ୍ପାଦକ ବିଭୂତି ଭୂଷଣ ଦାଶ, ଚିଲିକା ପୂଜ୍ୟପୂଜା ସଂସଦର ସଭାପତି ଦିଲୀପ କୁମାର ଶତପଥୀ, ସଙ୍ଗୀତଜ୍ଞ ଅଜିତ କୁମାର ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇ ବାଗଭୂଷଣ ଗୌରୀଶଙ୍କରଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ ସହ ତାଙ୍କ ଗାୟନଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ।


ସ୍ମୃତି ସଭାରେ ଅତିଥିଙ୍କ ସହ ପରିବାର ସଦସ୍ୟ।

# 'ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ସହ ପେନ୍‌ସନ ଦିଆଯାଉ'

## ମେ' ୧ରେ କଳାବ୍ୟାଜ୍ ପିନ୍ଧିବେ ଖବରଦାତା

ଖୋର୍ଦ୍ଧା,୨୯।୪(ପ୍ରଭାତ ପାଣିଗ୍ରାହୀ)

ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ପେନ୍‌ସନ, ସ୍ୱାସ୍ଥ୍ୟବୀମା ଯୋଜନାରେ ସମ୍ପ୍ରସାରଣ, ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ଓଡ଼ିଶା ପ୍ରେସ୍ ଏକାଡେମୀ ଗଠନ ଏବଂ ମୃତ୍ୟୁ ଅନୁକମ୍ପା ରାଶି ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବାକୁ ଉତ୍କଳ ସାମ୍ବାଦିକ ସଂଘ (ୟୁଜେଏ) ଦାବି କରିଛି। ବୁଧବାର ୟୁଜେଏ ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲା ଶାଖା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କ ନେତୃତ୍ୱରେ ଏକାଧିକ ଖବରଦାତା ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ଦେଇଛନ୍ତି।

ଓଡ଼ିଶାରେ କାର୍ଯ୍ୟରତ ଖବରଦାତାମାନେ ଆର୍ଥିକ ଓ ସାମାଜିକ ସ୍ଥିତି ଦେଇ ଗତି କରୁଛନ୍ତି। ଏକାଧିକ ରାଜ୍ୟ ଶତାଧିକ ଖବରଦାତାଙ୍କୁ ଅଧିସ୍ୱୀକୃତି ପ୍ରଦାନ କରୁଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ମାତ୍ର ୨୦୦ରେ ସୀମିତ। ୨୦ରୁ ଉର୍ଦ୍ଧ୍ୱ ରାଜ୍ୟରେ ଖବରଦାତାମାନଙ୍କୁ ୧୦ରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ପେନ୍‌ସନ, ରିହାତି ମୂଲ୍ୟରେ ପରିବହନ ସୁବିଧା ଆଦି ଦିଆଯାଉଛି। ଏ ଦିଗରେ ଓଡ଼ିଶା ସରକାରଙ୍କ ପକ୍ଷରୁ କିଛି ସୀମିତ ଯୋଜନା ବ୍ୟତୀତ ଆବଶ୍ୟକ ମୌଳିକ ସୁବିଧାରୁ ଏହି ବର୍ଗଙ୍କୁ ବଞ୍ଚିତ କରାଯାଇଛି। ରାଜ୍ୟ ସରକାର ଖବରଦାତାମାନଙ୍କ ଦାବି ପ୍ରତି ସମ୍ବେଦନଶୀଳତା ପ୍ରଦର୍ଶନ କରୁନାହାନ୍ତି। ୨୦୨୪ ଫେବୃଆରୀରେ ବିଧାନସଭା ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ସେତେବେଳେ ତତ୍କାଳୀନ ବିରୋଧୀ ଦଳର ସଦସ୍ୟ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେତେଜଣ ବିଧାୟକ ବିକ୍ଷୋଭ ସ୍ଥଳରେ ପହଞ୍ଚି ସରକାରକୁ ଆସିଲେ ସାମ୍ବାଦିକଙ୍କ ଦାବିକୁ ୬ମାସ ମଧ୍ୟରେ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏସବୁ ଦାବି ନେଇ ଆଗାମୀ ମେ' ୧ ତାରିଖରେ ଜିଲାର ସାମ୍ବାଦିକମାନେ କଳାବ୍ୟାଜ୍ ପରିଧାନ କରିବେ ବୋଲି ଜିଲା ସଭାପତି ଖାଡ଼ଙ୍ଗା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟନାରାୟଣ ପାଇକରାୟ, ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଦିଲୀପ ପଟ୍ଟନାୟକ, ଉପସଭାପତି ପ୍ରଦୀପ ପ୍ରଧାନ, ଉମାଶଙ୍କର ପ୍ରସାଦ, ଈଶ୍ୱର ମଙ୍ଗରାଜ, ପ୍ରବୀଣ ଭଞ୍ଜ, ରଞ୍ଜିତ ସାମନ୍ତରାୟ, ସୂର୍ଯ୍ୟନାରାୟଣ ମହାନ୍ତି, ପ୍ରଦୀପ ବେହେରା, ସୁଶାନ୍ତ ବିଶ୍ୱାଳ, ପ୍ରଶାନ୍ତ ସାହୁ, ରଙ୍ଗନାଥ ବେହେରା, ବିଭୂତି ଭୂଷଣ ମହାନ୍ତି, ଦେବପ୍ରସାଦ ଦାସ, ଶୁଭକାନ୍ତ ମହାପାତ୍ର, ସତ୍ୟପ୍ରକାଶ ସାହୁ ଏବଂ ବିଶ୍ୱଜିତ ପ୍ରମୁଖ ଉପସ୍ଥିତ ଥିଲେ।


ୟୁଜେଏ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଦାବିପତ୍ର ଦିଆଯାଉଛି।

## ରେଳଷ୍ଟେଶନରୁ ଲୁଟେରା ଗିରଫ

କଟକ,(କାର୍ତ୍ତିକ ସାହୁ): ରେଳଯାତ୍ରୀଙ୍କଠାରୁ ଲୁଟପାଟ୍ କରୁଥିବା ଜଣେ ଯୁବକଙ୍କୁ କଟକ ଆର୍‌ପିଏଫ୍ ବୁଧବାର ଗିରଫ କରିଛି। ଅଭିଯୁକ୍ତ ହେଲେ ନିଆଳି ଥାନା ଅନ୍ତର୍ଗତ ମାହାଙ୍ଗା ଗାଁର ଚନ୍ଦୁ ଓରଫ ସୁରେଶ ପ୍ରଧାନ(୩୪)। ସେ କଟକ ରେଳଷ୍ଟେଶନ ପରିସରରେ ସନ୍ଦେହଜନକ ଭାବେ ବୁଲୁଥିବା ଆର୍‌ପିଏଫ୍ କର୍ମଚାରୀମାନେ ଦେଖିଥିଲେ। ସେମାନେ ସୁରେଶଙ୍କୁ ପଚରାଉଚରା କରିବାରୁ ସେ ନିଜର ରେଳଯାତ୍ରା ସମ୍ବନ୍ଧରେ କିଛି କହିପାରି ନ ଥିଲେ। ଆର୍‌ପିଏଫ୍ ତଲାସି ପରେ ତାଙ୍କ ପାଖରୁ ଗୋଟିଏ ଦାମୀ ଚୋରା ମୋବାଇଲ ମିଳିଥିଲା। ଉକ୍ତ ମୋବାଇଲକୁ ସେ ଜଣେ ରେଳଯାତ୍ରୀଙ୍କଠାରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ମୋବାଇଲ ସହ ତାଙ୍କୁ ଜିଆର୍‌ପି ଜିମା ଦିଆଯିବା ପରେ କୋର୍ଟ ଚାଲାଣ କରାଯାଇଛି।

**ସଂକ୍ଷେପରେ**

## ୩ ଚୋରି ମୋବାଇଲ ଜବତ, ଯୁବକ ଗିରଫ

ମଙ୍ଗୁଳି-ଜଗତପୁର,୨୯।୪(ମାନସ ସାମଲ)

ମୋବାଇଲ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଜଗତପୁର ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଯୁବକ ଜଣଙ୍କ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଧୀନ ସାଗର ସେଠୀ (୨୨)। କିନ୍ତୁ ସେ ଘର ଭଡ଼ା ନେଇ ଚଉଳିଆଗଞ୍ଜ ଥାନା ଅଧୀନ ମହାନଦୀ ବିହାରରେ ରହୁଥିଲେ। ସାଗରଙ୍କ ନିକଟରୁ ପୋଲିସ ୩ ମୋବାଇଲ ଜବତ କରିଛି। ସୂଚନା ମୁତାବକ, ଜଗତପୁରସ୍ଥିତ ଏକ ଘରୋଇ ନର୍ସିଂ ହୋମରେ ଗତ ୨୪ ତାରିଖ ଅପରାହ୍ଣ ୩ଟା ୧୫ ମିନିଟ ସମୟ ଜଣେ ଦୁର୍ବୃତ୍ତ ୩ଜଣ ରୋଗୀଙ୍କ ସମ୍ପର୍କୀୟଙ୍କ ମୋବାଇଲ ଚୋରି କରି ଫେରାର ହୋଇଯାଇଥିଲେ। ଏ ନେଇ ସନ୍ଧ୍ୟାରାଣୀ ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୬୪/୨୬) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ଆଜି ଏସ୍‌ସିବି ଆସିବ ଏମ୍‌ଜିଏମ୍ ହେଲ୍‌ଥ କେୟାର ଡାକ୍ତରୀ ଟିମ୍

କଟକ,୨୯।୪(ଶିଳ୍ପା ପ୍ରିୟଦର୍ଶିନୀ)

■ଯକୃତ ପ୍ରତିରୋପଣ ୟୁନିଟ୍‌ର ଭିତ୍ତିଭୂମି ଯାଞ୍ଚ କରିବା ସହ ରୋଗୀ ଦେଖିବେ

■୬ ରୁ ୭ ଜଣ ରୋଗୀ ପ୍ରସ୍ତୁତ ରଖିଛି ଏସ୍‌ସିବି

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ଚେନ୍ନାଇସ୍ଥିତ ଏମ୍‌ଜିଏମ୍ ହେଲ୍‌ଥ କେୟାର ଡାକ୍ତରୀ ଟିମ୍ ଗୁରୁବାର ପହଞ୍ଚିବେ। ପୂର୍ବାହ୍ଣ ପ୍ରାୟ ୧୧ଟାରେ ମେଡିକାଲରେ ଦୁଇ ଜଣିଆ ଟିମ୍ ପହଞ୍ଚି ପ୍ରଥମେ ଯକୃତ ପ୍ରତିରୋପଣ ୟୁନିଟ୍‌ର ଭିତ୍ତିଭୂମି ଯାଞ୍ଚ କରିବେ। ପରେ ଏହି ୟୁନିଟ୍ ପରିସରରେ ଟିମ୍‌ର ଡାକ୍ତର ମାନେ ରୋଗୀ ଦେଖିବାର ସମସ୍ତ ଯୋଜନା କରାଯାଇଛି। ତେବେ ପୂର୍ବରୁ ପ୍ରତିରୋପଣ ପାଇଁ ୪ଜଣ ରୋଗୀଙ୍କୁ ମେଡିକାଲ ପକ୍ଷରୁ ପ୍ରସ୍ତୁତ କରାଯାଇଥିବାବେଳେ ସେମାନଙ୍କ ବ୍ୟତୀତ ଆଉ ପ୍ରାୟ ୩ରୁ ୪ଜଣ ତଥା ସମୁଦାୟ ୬ରୁ ୭ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଡାକ୍ତରମାନେ ଯାଞ୍ଚ କରିବେ। ଡାକ୍ତରୀ ଟିମ୍ ଭିତ୍ତିଭୂମି ଯାଞ୍ଚ ସହ ପ୍ରତିରୋପଣ ନେଇ ରୋଗୀ ଚିହ୍ନଟ କରିବା ପରେ ମେଡିକାଲ ପକ୍ଷରୁ ପ୍ରତିରୋପଣ ପାଇଁ ପ୍ରସ୍ତୁତି କରାଯିବ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ମୁତାବକ, ଏସ୍‌ସିବିରେ କାର୍ଯ୍ୟ କରୁଥିବା ଯକୃତ ପ୍ରତିରୋପଣ ୟୁନିଟରେ ଦୁଇଟି ପ୍ରତିରୋପଣ ପରେ ପ୍ରାୟ ୨ ବର୍ଷ ହେବ ଏହା ବନ୍ଦ ହୋଇପଡ଼ିଛି। ପୂର୍ବରୁ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି)ର ଡାକ୍ତରୀ ଟିମ୍ ପ୍ରତିରୋପଣ କରିଥିଲେ। ଏବେ ଏମ୍‌ଜିଏମ୍ ହେଲ୍‌ଥ କେୟାର ଡାକ୍ତରମାନେ ଏହି ୟୁନିଟ୍ ଭିତ୍ତିଭୂମି ଯାଞ୍ଚ କରି ଏଥିରେ ଆଉ କଣ ଯୋଡ଼ାଯିବ ଏବଂ କ'ଣ ଆବଶ୍ୟକ ରହିଛି ସେନେଇ ଜଣାଇବେ। ପରେ ଭିତ୍ତିଭୂମି ସଜାଡ଼ିବା ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଧାରିତ ସମୟ ଦିଆଯିବ। ସମୟ ମଧ୍ୟରେ ଭିତ୍ତିଭୂମି ସଜାଡ଼ି ଟିମ୍‌କୁ ଜଣାଇଲେ ହିଁ ପ୍ରତିରୋପଣର ତାରିଖ ଧାର୍ଯ୍ୟ କରାଯିବ। ସେହିପରି ଏମ୍‌ଜିଏମ୍ ଡାକ୍ତରୀ ଟିମ୍‌ର ପରାମର୍ଶ ମୁତାବକ ୬ ରୁ ୭ ଜଣ ରୋଗୀଙ୍କ ସମସ୍ତ ପରୀକ୍ଷା କରାଯିବ। ପରୀକ୍ଷା ରିପୋର୍ଟ ମୁତାବକ ପ୍ରତିରୋପଣ ପାଇଁ ରୋଗୀ ଚୟନ କରାଯିବ ବୋଲି ଜଣାପଡ଼ିଛି।

ସୂଚନାଥାଉ କି, ଯକୃତ ପ୍ରତିରୋପଣ ପାଇଁ ୧୪ବର୍ଷ ପୂର୍ବରୁ ଏସ୍‌ସିବିରେ ଯୋଜନା ହୋଇଥିଲା। ୨୦୨୨ ଓ ୨୦୨୪ ଏପ୍ରିଲରେ ଦୁଇଟି ପ୍ରତିରୋପଣ କରାଯାଇଥିଲା। ଏଥିପାଇଁ ଏଆଇଜି ସହ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ହେଲେ ତୃତୀୟ ପ୍ରତିରୋପଣ ନେଇ ରୋଗୀ ଚୟନ କରାଯାଇଥିଲେ ମଧ୍ୟ ଏହା ସମ୍ଭବ ହୋଇ ନ ଥିଲା। ଏଆଇଜି ସହ ଚୁକ୍ତିର ଅବଧି ଶେଷ ହୋଇଥିଲା। ପରେ ଉଚ୍ଚ ନ୍ୟାୟାଳୟ ସହର ସମସ୍ୟା ମାମଲାରେ ଏସ୍‌ସିବିରେ ଯକୃତ ପ୍ରତିରୋପଣ ୟୁନିଟ୍ କାର୍ଯ୍ୟକ୍ଷମ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏସ୍‌ସିବିର ଏକ ଡାକ୍ତରୀ ଦଳ ଚେନ୍ନାଇ ଯାଇ ଯକୃତ ପ୍ରତିରୋପଣ କରୁଥିବା ଏମ୍‌ଜିଏମ୍ ହେଲ୍‌ଥ କେୟାରର ୟୁନିଟ୍ ବୁଲି ଦେଖିଥିଲେ। ସମସ୍ତ ବିଷୟରେ ଉକ୍ତ ଡାକ୍ତରୀ ଦଳ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶରେ ଏମ୍‌ଜିଏମ୍ ସହ ଯକୃତ ପ୍ରତିରୋପଣ ନେଇ ଚୁକ୍ତି କରାଯାଇଥିଲା। କେବଳ ଯକୃତ ନୁହେଁ ବରଂ ଅନ୍ୟ କେତେକ ଜଟିଳ ପ୍ରତିରୋପଣ କରିବା ନେଇ ମଧ୍ୟ ଏମ୍‌ଜିଏମ୍ ସହ ଚୁକ୍ତି କରାଯାଇଛି।

## ବିଳମ୍ବିତ ରାତିରେ ବାଟାଲିୟନ ପରିସରରେ ଯୁବତୀଯୁବକଙ୍କ ବୁଲିବାକୁ ନେଇ ଉତ୍ତେଜନା

କଟକ,୨୯।୪(କାର୍ତ୍ତିକ ସାହୁ)

**ଚାଉଳିଆଗଞ୍ଜ ଥାନାର ୩ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ**

ଓଏମ୍‌ପି ଷଷ୍ଠ ବାଟାଲିୟନ ପରିସରରେ ବୁଧବାର ବିଳମ୍ବିତ ରାତିରେ ୨ଜଣ ଯୁବତୀଯୁବକଙ୍କ ବୁଲିବାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଖବର ପାଇ ଘଟଣାସ୍ଥଳକୁ ଯାଇଥିବା ୩ଜଣ ପୋଲିସ କର୍ମଚାରୀ ଗଣ୍ଡଗୋଳକାରୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଧାରୁଆ ଅସ୍ତ୍ରରେ ଆକ୍ରମଣର ଶିକାର ହୋଇଥିବା ଆହତ କର୍ମଚାରୀଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନାନୁସାରେ, ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏମ୍‌ପି ଛକରେ ଥିବା ଷଷ୍ଠ ବାଟାଲିୟନ ପରିସରରେ ବୁଧବାର ବିଳମ୍ବିତ ରାତିରେ ୨ଜଣ ଯୁବତୀଯୁବକ ବୁଲୁଥିଲେ। ସେମାନଙ୍କ ଏପରି ବୁଲିବାକୁ ନେଇ ବାଟାଲିୟନ ପରିସରରେ ଥିବା କେତେଜଣ ପୋଲିସ କର୍ମଚାରୀ ସନ୍ଦେହ ପ୍ରକାଶ କରିଥିଲେ। ପୋଲିସ କର୍ମଚାରୀ ଦୁହିଁଙ୍କୁ ଡାକି ପଚରାଉଚରା କରିବା ସହ ଉଭୟଙ୍କୁ ବାଟାଲିୟନ କଣ୍ଟ୍ରୋଲ ରୁମ୍‌କୁ ନେଇ ଯାଇଥିଲେ। ଏ ସମ୍ପର୍କରେ ସୂଚନା ପାଇ ଚାଉଳିଆଗଞ୍ଜ ଥାନା ପୋଲିସ ପିସିଆର୍ ପହଞ୍ଚିଥିଲା। ଏହା ମଧ୍ୟରେ ଯୁବତୀଯୁବକଙ୍କ ପରିବାର ଲୋକ ମଧ ଖବର ପାଇ ସେଠାରେ ପହଞ୍ଚିଥିଲେ। ପିସିଆର୍ ପୋଲିସ କର୍ମଚାରୀ ସେମାନଙ୍କୁ ବୁଝାଶୁଝା ଉଦ୍ୟମ କରିଥିଲେ। ମାତ୍ର କେହି ଶୁଣି ନ ଥିଲେ। ବରଂ ସେମାନେ ପରସ୍ପର ମଧ୍ୟରେ ଯୁକ୍ତିତର୍କ ଲାଗି ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଉଭୟ ପକ୍ଷ ଶାନ୍ତ ପଡ଼ି ନ ଥିଲେ। ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଥିଲା। ଠେଲାପେଲା ମଧ୍ୟରେ ଆକ୍ରମଣ ହେତୁ ୩ ପୋଲିସ କର୍ମଚାରୀ ଆକ୍ରମଣର ଶିକାର ହୋଇଥିଲେ। ପୋଲିସ ଗଣ୍ଡଗୋଳକାରୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।

## ଶଙ୍କର୍ଷଣ ମହାଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ତିଗିରିଆ,୨୯।୪(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଶାସନସ୍ଥିତ ଶଙ୍କର୍ଷଣ ମହାଦେବଙ୍କ ମନ୍ଦିରରେ ଗ୍ରାମ୍ୟ କମିଟି ତରଫରୁ ୩ ଦିନ ବ୍ୟାପି ହେବାକୁ ଥିବା ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଗ୍ରାମ ଦେବୀଙ୍କ ଆଜ୍ଞା ମାଳ ନେଇ ଠାକୁର ପରିକ୍ରମା ଓ କଳସ ଯାତ୍ରା ସହ ସମସ୍ତେ ଦେବା ଦେବୀ ଅଭାହାନ ପୂଜା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ଗୀତା ଯଜ୍ଞ, ତୃତୀୟ ଦିବସରେ ବୁଦ୍ଧ ପୂର୍ଣ୍ଣିମାରେ ଚଣ୍ଡୀ ଯଜ୍ଞ ଓ ପୂର୍ଣ୍ଣାହୁତି ସହିତ ଯଜ୍ଞ ସମାପ୍ତ ହେବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ଏଥିରେ ଶିବ ପ୍ରସାଦ ଦାଶ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଥିଲେ। ଆଚାର୍ଯ୍ୟ ଅବିନାଶ ଦାଶ ପ୍ରଚରକ ପ୍ରଦୀପ ମିଶ୍ର, ବ୍ରହ୍ମା ଶ୍ୟାମା ସୁନ୍ଦର ମିଶ୍ର, ହୃଷିକେଶ ମିଶ୍ର, ରୁଦ୍ରାଭିଷେକ, ମନୋରଞ୍ଜନ ମିଶ୍ର ଚଣ୍ଡୀ ପାଠ କରିଥିଲେ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ପଟଚିତ୍ର ହେଉଛି ଓଡ଼ିଶାର ପ୍ରସିଦ୍ଧ ପାରମ୍ପରିକ ଚିତ୍ରକଳା ଶୈଳୀ



କଟକ ନେତାଜୀ ବସ୍ ଟର୍ମିନାଲ ପରିସରସ୍ଥିତ ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାରରେ ଅନୁଷ୍ଠିତ ପଟଚିତ୍ର ପ୍ରଶିକ୍ଷଣ କର୍ମଶାଳା। (ଫଟୋ: ରାଜକିଶୋର ମହାନ୍ତି)

କଟକ,୨୯।୪(କାର୍ତ୍ତିକ ସାହୁ)

**ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାରରେ ପଟଚିତ୍ର ପ୍ରଶିକ୍ଷଣ**

ପଟ ମାନେ କପଡ଼ା (କ୍ୟାନଭାସ) ଏବଂ ଚିତ୍ର ମାନେ ଚିତ୍ରଣ ଅର୍ଥାତ କପଡ଼ା ଉପରେ ଅଙ୍କିତ ଚିତ୍ରକଳାକୁ ପଟଚିତ୍ର କୁହାଯାଏ। ପଟଚିତ୍ର ହେଉଛି ଓଡ଼ିଶାର ଏକ ପ୍ରସିଦ୍ଧ ପାରମ୍ପରିକ ଚିତ୍ରକଳା ଶୈଳୀ। ଏହି କଳାର ମୂଳ କେନ୍ଦ୍ର ପୁରୀ ଜିଲା ଅନ୍ତର୍ଗତ ରଘୁରାଜପୁର ଗ୍ରାମ, ଯେଉଁଠାରେ ଅନେକ ପରମ୍ପରାଗତ ଶିଳ୍ପୀ ପରିବାର ପିଢ଼ି ପରେ ପିଢ଼ି ଏହି କଳାକୁ ଅନୁସରଣ କରୁଛନ୍ତି। ଏହି କଳାରେ ପ୍ରାକୃତିକ ରଙ୍ଗରେ ସୂକ୍ଷ୍ମ, ନିଖୁଣ, ପୌରାଣିକ ବିଷୟ ଆଦି ସୁନ୍ଦର ଭାବେ ପ୍ରକାଶ ପାଏ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ କଟକ ଓରମାସ ଦ୍ୱାରା ନେତାଜୀ ବସ୍ ଟର୍ମିନାଲସ୍ଥିତ ପ୍ରଥମ ମହଲାରେ ଥିବା ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ଦ' ଭିଲେଜ ଷ୍ଟୋରରେ ପଟ୍ଟଚିତ୍ର କଳାର ଦୁଇଦିନିଆ ପ୍ରାୟୋଗିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବତୀଯୁବକମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରସିଦ୍ଧ ପଟଚିତ୍ର ଶିଳ୍ପୀମାନେ ପଟଚିତ୍ରର ଇତିହାସ, ପାରମ୍ପରିକତା, ପ୍ରାକୃତିକ ରଙ୍ଗର ବ୍ୟବହାର, ଚିତ୍ର ଅଙ୍କନର ବିଶେଷ ପ୍ରଣାଳୀ ଏବଂ ଏହାର ସାଂସ୍କୃତିକ ମହତ୍ତ୍ୱ ସମ୍ପର୍କରେ ବିସ୍ତୃତ ଧାରଣା ପ୍ରଦାନ କରିଥିଲେ। ଏଥିସହ ଏହି କୌଶଳର ଗୁରୁତ୍ୱ ଓ ଏହା ମାଧ୍ୟମରେ ସ୍ୱୟଂ ରୋଜଗାର ସୃଷ୍ଟି କରିବାର ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଓଡ଼ିଶାର ପ୍ରାଚୀନ ଏବଂ ଗୌରବମୟ କଳା ଐତିହ୍ୟ 'ପଟଚିତ୍ର'କୁ ନିକଟରୁ ଜାଣିବା, ବୁଝିବା ଏବଂ ଏହାର ସୃଜନଶୀଳ ପ୍ରକ୍ରିୟାକୁ ଅନୁଭବ କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଓରମାସ ଯୁଗ୍ମ କାର୍ଯ୍ୟ ନିର୍ବାହୀ ବିପିନ ରାଉତ ମତପ୍ରକାଶ କରିଛନ୍ତି।

## ଆଠଗଡ଼ ବାର୍ ମହିଳା ଆଇନଜୀବୀଙ୍କୁ ସମ୍ବର୍ଦ୍ଧନା

ଖୁଣ୍ଟୁଣୀ,୨୯।୪ (ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ମିଡିଆ ହାଉସ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ଆଠଗଡ଼ ବାର୍ ଆସୋସିଏଶନରେ କାର୍ଯ୍ୟରତ ମହିଳା ଆଇନଜୀବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ ଅଧ୍ୟକ୍ଷତା କରିଥିଲେ। ମହିଳା ଆଇନଜୀବୀଙ୍କ ମଧ୍ୟରେ ସନ୍ତୋଷୀ ଶ୍ରୀଚନ୍ଦନ ରାୟ, ଶ୍ୱେତା ପଦ୍ମିନୀ ଦାସ, ସୁଧାସ୍ମିତା ନନ୍ଦ, ସୁପ୍ରଭା ଦୋରା, ପ୍ରତିମା ପଣ୍ଡା ଓ ଦୀପାଳି ଦାସଙ୍କୁ ଆଠଗଡ଼ ମିଡିଆ ହାଉସ ପକ୍ଷରୁ ବରିଷ୍ଠ ଖବରଦାତା ତଥା ସଭାପତି ସଚ୍ଚିଦାନନ୍ଦ ପଣ୍ଡା, ସମ୍ପାଦକ ଦିଲୀପ କୁମାର ଦାସ, ବରିଷ୍ଠ ସଦସ୍ୟ ଆଠଗଡ଼ ପ୍ରହରୀର ପରିଚାଳକ ଶୈଳେନ୍ଦ୍ର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସ୍ୱରାଜ ପଣ୍ଡା, ସହସମ୍ପାଦକ ମାନସ ରଞ୍ଜନ ସାହୁ, ମହେଶ୍ୱର ବେହେରା ଓ ସୋନାଲି କାଳିଆ ପ୍ରମୁଖ ମହିଳା ଆଇନଜୀବୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଆଠଗଡ଼ର ବରିଷ୍ଠ ଆଇନଜୀବୀ ତଥା ବାର୍ ଆସୋସିଏଶନର ପୂର୍ବତନ ସଭାପତି ପ୍ରାଣକୃଷ୍ଣ ଦାସ, ବାର୍ ଆସୋସିଏଶନର ନବନିର୍ବାଚିତ ସଭାପତି ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ବନ ବିହାରୀ ସାହୁ, କୋଷାଧ୍ୟକ୍ଷ ଶ୍ରୀନିବାସ ଦାସ, ଉପସଭାପତି ସୁବାସ ଚନ୍ଦ୍ର ସାହୁ, ବୈଜୟନ୍ତ ଦାସ, ସୁଶାନ୍ତ କୁମାର ମିଶ୍ର, ପ୍ରସନ୍ନ ରାଉତ ଓ ଅନ୍ୟ ସମସ୍ତ ବରିଷ୍ଠ କନିଷ୍ଠ ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜାଲ୍ ବାଜା ଲାଇସେନ୍ସ, ହାର୍ଡଡିସ୍କ ଜବତ: ଜଣେ ଗିରଫ

ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୨୯।୪(ମାନସ ସାମଲ/ଆଶୁତୋଷ ଦାସ)

ଟଙ୍କା ନେଇ ବିବାହ ଶୋଭାଯାତ୍ରା ପାଇଁ ଜାଲ୍ ଲାଇସେନ୍ସ ପ୍ରଦାନ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଚୌଦ୍ୱାର ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଯୁବକ ହେଲେ ଚୌଦ୍ୱାର ଥାନା ଅଧୀନ ଓଟିଏମ କଲୋନୀର ଶ୍ରୀଧର ରାଉତ ଓରଫ ବାୟା (୩୨)। ପୋଲିସ ଜାଲ ଲାଇସେନ୍ସ ଓ ଗୋଟିଏ ସିପିୟୁ ଜବତ କରିଛି। ଏହି ଘଟଣାରେ ଜନସେବା ମାଲିକ ଫେରାର ଥିବା ଜଣାପଡ଼ିଛି। ପୋଲିସ ନିଜଆଡୁ ଏକ ମାମଲା (ନଂ. ୨୮୩/୨୬) ରୁଜୁ କରିଛି। ସୂଚନା ମୁତାବକ, ସୋମବାର ସନ୍ଧ୍ୟାରେ ଓଟିଏମ୍ କଲୋନୀରେ ବର ପକ୍ଷ ରାତି ପ୍ରାୟ ୯ଟା ସମୟରେ ଉଚ୍ଚଶବ୍ଦରେ ଡିଜେ ଓ ସଙ୍ଗୀତ ବଜାଇ ଏକ ବିବାହ ଶୋଭାଯାତ୍ରାରେ ଯାଉଥିଲା। ଜଣେ ମହିଳା ଆଇନଜୀବୀ ଅତ୍ୟଧିକ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଚୌଦ୍ୱାର ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବରପକ୍ଷଙ୍କୁ ଡିସିପିଙ୍କ ଅନୁମତି କାଗଜ ମାଗିଥିଲେ। ଯାଞ୍ଚ ପରେ ଲାଇସେନ୍ସ ନକଲି ବୋଲି ଜାଣିବାକୁ ପାଇଥିଲେ। ଯାଞ୍ଚ ସମୟରେ ଓଟିଏମ୍ କଲୋନୀର ଶ୍ରୀଧରଙ୍କୁ ଏପରି ଲାଇସେନ୍ସ ପାଇଁ ୨୦୦୦ ଟଙ୍କା ଦିଆଯାଇଥିବା କନ୍ୟାପକ୍ଷ କହିଥିଲେ। ମଙ୍ଗଳବାର ଶ୍ରୀଧରଙ୍କୁ ପୋଲିସ ଥାନାକୁ ନେଇ ପଚରାଉଚରା କରି ଜାଣିବାକୁ ପାଇଥିଲା କି ରାଧାମୋହନ ବଜାରରେ ଥିବା ଏକ ଜନସେବା କେନ୍ଦ୍ରରୁ ଏହି ନକଲି ଲାଇସେନ୍ସ ପ୍ରସ୍ତୁତ କରାଯାଇଛି। ବୁଧବାର ଉକ୍ତ ଜନସେବା କେନ୍ଦ୍ର ତାଲା ଭାଙ୍ଗି ପୋଲିସ କମ୍ପ୍ୟୁଟର ଓ ହାର୍ଡଡିସ୍କ ଜବତ କରିଛି।

## ବାଳକ ନିଖୋଜ ନେଇ ଥାନାରେ ଅଭିଯୋଗ

କଟକ ସଦର,୨୯।୪(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ କଳପଡ଼ା ବଜାରରୁ ସୋମବାର ସନ୍ଧ୍ୟାରୁ ଅଂଶୁମାନ ପରିଡ଼ା (୧୨) ନାମକ ବାଳକ ନିଖୋଜ ହୋଇଯାଇଛନ୍ତି। ଖୋଜାଖୋଜି କରିବା ପରେ ମଙ୍ଗଳବାର ସକାଳେ ସମ୍ପୃକ୍ତ ବାଳକଙ୍କ ବଡ଼ବାପା ରଞ୍ଜନ ପରିଡ଼ା ନିଖୋଜ ହୋଇଥିବା ନେଇ ଥାନାରେ ଏତଲା ଦେଇଛନ୍ତି। ଖାଦ୍ୟ କିଣିବା ପାଇଁ ଘରୁ ବାହାରକୁ ଆସିଥିବା ବେଳେ ଆଉ ଫେରି ନ ଥିଲେ। ରାସ୍ତାରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ତଦନ୍ତ ଚଳାଇଛି। ପିତୃହୀନ ଅଂଶୁମାନଙ୍କ ସନ୍ଧାନ ପାଇଲେ ୪୨ ମୌଜା କିମ୍ବା ସ୍ଥାନୀୟ ଥାନାକୁ ଖବର କରିବା ପାଇଁ ସ୍ଥାନୀୟ ଥାନା ଅଧିକାରୀ ହେମନ୍ତ କୁମାର ସେଠୀ ଅନୁରୋଧ କରିଛନ୍ତି।

## ୪୨ ମୌଜାରେ ଭାଜପାର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ଦଳୀୟ କର୍ମୀଙ୍କ ସହ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ।

କଟକ ସଦର,୨୯।୪(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ଗୋବିନ୍ଦପୁରଠାରେ ଭାଜପା ପକ୍ଷରୁ ବୁଧବାର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ମିଶ୍ରଣପର୍ବରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ନାରୀ ନେତ୍ରୀ ଗୀତାରାଣୀ ଦାସ ଯୋଗଦେଇ ବିଭନ୍ନ ଦଳରୁ ଆସିଥିବା କର୍ମୀମାନଙ୍କୁ ଭାଜପାରେ ସାମିଲ କରିଥିଲେ। ପ୍ରମୁଖ ନେତାଙ୍କ ମଧ୍ୟରେ ଦଧିବାମନପୁର ସରପଞ୍ଚଙ୍କ ପ୍ରତିନିଧି ପଦ୍ମନାଭ ଗୋଛାୟତ, ବାଉରୀ ବନ୍ଧୁ ସ୍ୱାଇଁ, ତ୍ରିଲୋଚନ ରାଉତ, ରାଜକିଶୋର ଭୋଇ, ପ୍ରଦୀପ ଭୋଇ, ଚନ୍ଦନ ପ୍ରଧାନ, ସୁରଜ କୁମାର ସାହୁ, ତ୍ରିଲୋଚନ ଦାସ, ବନମାଳୀ ଭୋଇ, ମଣ୍ଟୁ ବେହେରା, ପ୍ରକାଶ ଲେଙ୍କା ପ୍ରମୁଖ ଭାଜପାରେ ଯୋଗଦେଇଥିଲେ। ମିଶ୍ରଣ ପର୍ବରେ ମଣ୍ଡଳ ସଭାପତି ସୁଧାଂଶୁ ଦାସ, ପ୍ରିୟ ରଞ୍ଜନ ଖଟୁଆ, ନିରଞ୍ଜନ ରାଉଳ, ପ୍ରବେଶ ରାଉତ, ଅଶୋକ ବିଶ୍ୱାଳ ଓ ବିନୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବନପାଳଙ୍କ ମନମୁଖି କାର୍ଯ୍ୟ, ରେଞ୍ଜରଙ୍କ ନିକଟରେ ଅଭିଯୋଗ

ତିଗିରିଆ,୨୯।୪(ଜାଫର ଖାଁ)

ତିଗିରିଆ ବନ ବନପାଳ ପ୍ରଶାନ୍ତ କୁମାର ପରିଡା ନିଜ କର୍ତ୍ତବ୍ୟରେ ଅବହେଳା କରୁଥିବାରୁ ସ୍ଥାନୀୟ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଆଠଗଡ ରେଞ୍ଜରଙ୍କ ନିକଟରେ ବୁଧବାର ଅଭିଯୋଗ କରିଛନ୍ତି। ଭାଜପା ନୂଆପାଟଣା ମଣ୍ଡଳ ସାଧାରଣ ସମ୍ପାଦକ ରୁଦ୍ରପ୍ରସାଦ ପରିଡା ଓ ସମ୍ପାଦକ ସୌମ୍ୟରଞ୍ଜନ ରାଉତ ଆଠଗଡ ରେଞ୍ଜର ସୁଷମା ସାହୁଙ୍କୁ ଭେଟି ୨୦୨୨, ଜାନୁଆରୀ ୪ରେ କଲରା ପତରିଆ ବାଘ ମୃତ୍ୟୁ ଘଟଣା ପରେ ତିଗିରିଆରେ ବନପାଳ ଭାବେ ପରିଡା ଯୋଗ ଦେଇଥିଲେ। ପରିଡା ଭିରୁଡ଼ା ପଞ୍ଚାୟତ ପ୍ରତି ବୈମାତୃକ ମନୋଭାବ ରଖି କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି। ଭିରୁଡ଼ା ପଞ୍ଚାୟତ ନିକଟରେ ଥିବା ସୋରିଷପାଳ ସଂରକ୍ଷିତ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ କେବଳ ଅଚଳକୋଟ ପଞ୍ଚାୟତରୁ ୫ ହାତୀ ସୁରକ୍ଷା କର୍ମୀଙ୍କୁ ନିଯୁକ୍ତି ଦେଇଛନ୍ତି। ଭିରୁଡ଼ା କିମ୍ବା ଅନ୍ୟ କୌଣସି ପଞ୍ଚାୟତରୁ କ'ଣ ପାଇଁ ବନପାଳ ପରିଡା ନିଯୁକ୍ତି ଦେଲେ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।ଦୀର୍ଘ ଦିନ ଧରି ସଂରକ୍ଷିତ ଜଙ୍ଗଲରେ ଏହି ବେଆଇନ ଦେଶୀ ମଦ ରନ୍ଧା ଚାଲିଛି। ମଦ ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବନପାଳ ପରିଡା ଓ ଅନ୍ୟାନ୍ୟ କର୍ମଚାରୀଙ୍କ କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅଭିଯୋଗ ବିଷୟରେ ବନପାଳ ପରିଡାଙ୍କୁ ପଚାରିବାରୁ ସେମାନେ ତାଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଯଥା ହାତୀ ସୁରକ୍ଷା ପଦବୀରେ ନିଯୁକ୍ତି ପାଇବାକୁ ଇଚ୍ଛା କରୁଛନ୍ତି, ଯାହା ମୋଦ୍ୱାରା ହୋଇପାରିବ ନାହିଁ। ସେଥିପାଇଁ ସେମାନେ ଅଭିଯୋଗ କରିଥିବା ସେ କହିଛନ୍ତି।

## ଗ୍ରୀଷ୍ମଋତୁରେ ରକ୍ତଦାନକୁ ଗୁରୁତ୍ୱ

କଟକ,୨୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ଟ୍ରାନ୍ସଫ୍ୟୁଜନ ମେଡିସିନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଥିବା ସମ୍ମିଳନୀ କକ୍ଷରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର କିଭଳି ଅଧିକ ସଂଖ୍ୟାରେ ହୋଇପାରିବ, ଏହା ଉପରେ ଆଲୋଚନା ହୋଇଥିଲା। ଗ୍ରୀଷ୍ମ ଋତୁରେ ରକ୍ତଦାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଧ୍ୟାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ରାନ୍ସଫ୍ୟୁଜନ ମେଡିସିନର ବିଭାଗୀୟ ମୁଖ୍ୟ ପ୍ରଫେସର ସ୍ମିତା ମହାପାତ୍ର, ଆସୋସିଏଟ ପ୍ରଫେସର ଡା. ସସ୍ମିତା ବେହେରା, ଆସିଷ୍ଟାଣ୍ଟ ପ୍ରଫେସର ବିନୟ ଭୂଷଣ ସାହୁ, ଡା. ନୀଳାଶିଷ ପାଣି, ଡା. ଶୁଭ୍ରଜିତ ପୁହାଣ, ନିରଞ୍ଜନ ପଟ୍ଟନାୟକ, ଏସ୍‌ସିବି ମେଡିକାଲର ଫାଇନାନ୍ସ ଅଫିସର ମାନସ କୁମାର ପାତ୍ର, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଡ. ସଞ୍ଜୀବ କୁମାର ଦାସ, ଜ୍ଞାନ ରଞ୍ଜନ ରାଉତରାୟ, ଷ୍ଟିୱାର୍ଟ ସାଇନ୍ସ କଲେଜର ଅଧ୍ୟାପିକା ସନ୍ଧ୍ୟାରାଣୀ ଦାସ, ଏମ୍‌ପିଙ୍କ ନୋମିନି ଅଜିତ କୁମାର ଦାସ, ସମାଜସେବୀ ମୋହନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଓମ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ଉତ୍ସବ

ଫୁଲନଖରା,୨୯।୪(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନାସ୍ଥିତ ଗୋପାଳପୁରଠାରେ ଥିବା ଓମ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ରାଜ୍ୟ ସଭା ସଦସ୍ୟ ଡ. ସଂତୃପ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନରେ ସଫଳତା ପାଇବା ଯେତେ ବଡ଼ କଥା ନୁହେଁ, ଯେଉଁ ବାଟ ଦେଇ ସଫଳତାର ସ୍ତରରେ ଜଣେ ପହଞ୍ଚେ ତାହା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆଧାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ସମ୍ପାଦକ ଇଂ. ଶ୍ରୀସନ୍ନ୍ୟାସୀ ଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତ୍ୟେକ ବିଦ୍ୟାର୍ଥୀ ନିଶା ଏବଂ ମୋବାଇଲଠାରୁ ଦୂରରେ ରହି ମା', ମାଟି ଏବଂ ମାତୃଭାଷାର ଟେକ ରଖିବା ପାଇଁ ଯତ୍ନବାନ ହେବା ଉଚିତ ବୋଲି କହିଥିଲେ। ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝୀ ଏବଂ ସ୍ଥାନୀୟ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ରଜତ ଜୟନ୍ତୀ ବିଶେଷାଙ୍କ 'ଗୁଣ୍ଡିଚିର ସେତୁବନ୍ଧ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିଶୁ ମନ୍ଦିରର ସମ୍ପାଦିକା ଅରୁଣିମା ମହାନ୍ତି ଅତିଥି ପରିଚୟ ପ୍ରଦାନ ଏବଂ ପ୍ରଧାନ ଆଚାର୍ଯ୍ୟା ସୁମନ୍ତିକା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଶୁଭେଚ୍ଛୁ ଏବଂ ଅନ୍ୟାନ୍ୟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁଜୀ ମନୋଜ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ମୁଖ୍ୟ ଅତିଥି ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ଶିଶୁ ଜନ୍ମର ଅଙ୍ଗଚାଳନାରୁ ନୃତ୍ୟର ଆରମ୍ଭ


ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।


କଳାବିକାଶ କେନ୍ଦ୍ର ଅଡିଟୋରିୟମ୍‌ରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

କଟକ,୨୯।୪(କାର୍ତ୍ତିକ ସାହୁ)

**କଳାବିକାଶ କେନ୍ଦ୍ର, ଗୁଞ୍ଜନ ଡ୍ୟାନ୍ସ ଏକାଡେମୀରେ ବିଶ୍ୱ ନୃତ୍ୟ ଦିବସ**

ଶିଶୁ ଜନ୍ମ ହେବା ସମୟରୁ ତାହାର ଅଙ୍ଗଚାଳନା ଆରମ୍ଭ ହୁଏ। ସେହି ଅଙ୍ଗଚାଳନାରୁ ନୃତ୍ୟର ଆରମ୍ଭ ଘଟେ ବୋଲି କଳା ବିକାଶ କେନ୍ଦ୍ରରେ ବୁଧବାର ସନ୍ଧ୍ୟାରେ ପାଳିତ ବିଶ୍ୱ ନୃତ୍ୟ ଦିବସରେ ମୁଖ୍ୟ ଅତିଥି ଗୁରୁ ପଦ୍ମଶ୍ରୀ କୁମକୁମ ମହାନ୍ତି ମତବ୍ୟକ୍ତ କରିଛନ୍ତି। କଳା ବିକାଶ କେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂ ଉଦ୍‌ଘାଟନ କରି କହିଲେ, କଳା ବିକାଶ କେନ୍ଦ୍ର ୭୪ବର୍ଷ ଅତିକ୍ରମ କରି ଆସନ୍ତା ବର୍ଷ ୭୫ତମ ବର୍ଷର ଉତ୍ସବ ପାଳନ କରିବାକୁ ଯାଉଛି। ଏହା ପୂର୍ବ ଭାରତର ସର୍ବପୁରାତନ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ଅନ୍ୟତମ ଏବଂ ଓଡ଼ିଆ ଅସ୍ମିତାର ଏକ ପ୍ରତୀକ ବୋଲି ମେୟର ମତ ପ୍ରକାଶ କରିଥିଲେ। କଳା ବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି ବକ୍ତବ୍ୟ ମାଧ୍ୟମରେ କୁନି କଳାକାରମାନଙ୍କ ନୃତ୍ୟ ପରିବେଷଣ ନେଇ ଉତ୍ସାହିତ କରିଥିଲେ। କଳାବିକାଶ କେନ୍ଦ୍ରର ସାଧାରଣ ସମ୍ପାଦକ ବିକାଶ ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ। ଡ. ସ୍ନେହ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। କେନ୍ଦ୍ରର ପ୍ରଶାସନିକ ଅଧିକାରୀ ରବୀନ୍ଦ୍ରନାଥ ଜଟ ସାଂସ୍କୃତିକ ପର୍ବକୁ ସୁଚାରୁ ଭାବେ ପରିଚାଳନା କରିଥିଲେ।

ସେହିପରି ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମହତାବ ରୋଡ୍‌ସ୍ଥିତ ଗୁଞ୍ଜନ ଆର୍ଟ ଥିଏଟରଠାରେ ବିଶ୍ୱ ନୃତ୍ୟ ଦିବସ ପାଳିତ ହୋଇଯାଇଛି। ଓଡ଼ିଶୀ ନୃତ୍ୟ ଛନ୍ଦରେ ଛନ୍ଦାୟିତ ଶିଳ୍ପୀର ଅଙ୍ଗଭଙ୍ଗୀ ଆବେଗ ଭରିଥିଲା ଦର୍ଶକ ମନରେ। ଅନୁଷ୍ଠାନର ଗୁରୁ ମୀରା ଦାସଙ୍କ ମାର୍ଗଦର୍ଶନରେ ସ୍ୱର୍ଣ୍ଣମୟୀ ବେହେରାଙ୍କ ଏକକ ଓଡ଼ିଶୀ ନୃତ୍ୟ ଅତ୍ୟନ୍ତ ଚମତ୍କାର ହୋଇଥିଲା। ତେବେ ଓଡ଼ିଶୀ ନୃତ୍ୟର ମୌଳିକତାକୁ ଅକ୍ଷୁଣ୍ଣ ରଖି ଶାସ୍ତ୍ରୀୟତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଏଭଳି ନୃତ୍ୟ ପରିବେଷଣର ଉଦ୍ଦେଶ୍ୟ ବୋଲି ଗୁରୁ ମୀରା ଦାସ ଏହି ଅବସରରେ ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ଆକର୍ଷଣ ଭାବେ ଗୁରୁ ମୁକ୍ତିଲତା ପାଲଙ୍କ ବକ୍ତୃତା ବେଶ୍ ଉପଭୋଗ୍ୟ ହୋଇଥିଲା। ସେହିପରି ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦଳଗତ ନୃତ୍ୟ ଭୂମି ମଙ୍ଗଳମ୍‌ରେ ଅଙ୍ଗଚାଳନାର କଳାକୌଶଳ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର କାର୍ଯ୍ୟନିର୍ବାହୀ ଉପସଭାପତି ବିଭୁପ୍ରସାଦ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଚକ୍ଷୁ ବିଶେଷଜ୍ଞ ଡା. ଅନୁରାଗ ମିଶ୍ର ଯୋଗଦେଇଥିଲେ।

# ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ, ଛଉ ଛାତ୍ରୀଛାତ୍ର ନିରାଶ

## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ 'ଛଉ'କୁ ଉପେକ୍ଷା

ଭୁବନେଶ୍ୱର,୨୯।୪
(ସୌମ୍ୟରଞ୍ଜନ ରାଉତ)

ବିଶ୍ୱ ନୃତ୍ୟ ଦିବସ ଅବସରରେ ବୁଧବାର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟରେ ଓଡ଼ିଶୀ ଓ ଛଉନୃତ୍ୟ ବିଭାଗ ରହିଥିଲେ ମଧ୍ୟ ଏବର୍ଷ କେବଳ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ହୋଇଥିଲା। ଫଳରେ ଛଉ ଓ ଅନ୍ୟ ନୃତ୍ୟ ଦେଖିବାକୁ କଳାପ୍ରେମୀ ଓ ଦର୍ଶକ ଅପେକ୍ଷା କରି ନିରାଶ ହେବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ଓଡ଼ିଶୀ ବିଭାଗର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିବାକୁ ସୁଯୋଗ ପାଇଥିବାବେଳେ ଛଉ ବିଭାଗର ଛାତ୍ରୀଛାତ୍ର ପ୍ରତିଭା ପ୍ରଦର୍ଶନ କରିପାରି ନ ଥିବାରୁ ସେମାନେ ମଧ୍ୟ ମନ ଦୁଃଖରେ ରହିଥିବା ଦେଖିବାକୁ ମିଳିଥିଲା। ବିଶ୍ୱ ନୃତ୍ୟ ଦିବସ ଭଳି ସ୍ୱତନ୍ତ୍ର ଦିନରେ ଛଉ ନୃତ୍ୟକୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିଶୁଣି ଉପେକ୍ଷା କରିଥିଲେ ନା ଖାମଖିଆଲ ଭାବେ କାର୍ଯ୍ୟକ୍ରମ ଆୟୋଜନ କରି ଭୁଲି ଯାଇଥିଲେ ତାହାକୁ ନେଇ କାର୍ଯ୍ୟକ୍ରମ ସ୍ଥଳରେ ପିଲାଙ୍କ ମଧ୍ୟରେ ଚର୍ଚ୍ଚା ଲାଗି ରହିବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଛଉନୃତ୍ୟ ବିଭାଗକୁ ଅବହେଳା କରାଯାଉଥିବାରୁ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ଆମ ପ୍ରତିଭାକୁ କାହିଁକି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନାହାନ୍ତି? ଆମେ ଅବହେଳିତ ମନେକରୁଛୁ ବୋଲି କେତେଜଣ ଛାତ୍ରୀଛାତ୍ର କହିବା ସହ ପ୍ରଶ୍ନ ଉଠାଇଥିଲେ।

ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଜେନାଙ୍କୁ ପଚାରିବାରୁ ସେ କହିଲେ, ଓଡ଼ିଶୀ ନୃତ୍ୟ ବିଭାଗରେ ଛାତ୍ରୀଛାତ୍ର ଆଗୁଆ ପ୍ରସ୍ତୁତ ହୋଇ ରହିଥିଲେ। କିନ୍ତୁ ଛଉ ବିଭାଗର ପିଲାମାନେ ନୃତ୍ୟ କରିବାକୁ ଇଚ୍ଛା କଲେ ନାହିଁ। ସେମାନଙ୍କର ପରୀକ୍ଷା ସରିଯାଇଥିବାରୁ ଘରକୁ ପଳାଇବେ ବୋଲି କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ସେମାନେ ନୃତ୍ୟ କରିବେ ବୋଲି କହିଥିଲେ। ଛଉ ବିଭାଗର କେତେଜଣ ଛାତ୍ରୀଛାତ୍ର ଅଧ୍ୟକ୍ଷ ଠିକ୍ କଥା କହୁ ନ ଥିବା ଜଣାଇଛନ୍ତି। ସମସ୍ତ ନୃତ୍ୟ ଶୈଳୀକୁ ସମାନ ଗୁରୁତ୍ୱ ଦେଇ ବିଶ୍ୱ ନୃତ୍ୟ ଦିବସକୁ ପାଳନ କରାଯିବା ଉଚିତ ଥିଲା।


ଓଡ଼ିଶୀ ବିଭାଗର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।


ପୁରୀ: ବାହାର ଚନ୍ଦନଯାତ୍ରାର ୧୦ମ ଦିବସରେ ବୁଧବାର ଚନ୍ଦନଚକଡ଼ା ଜଗତି ଉପରେ ମହାପ୍ରଭୁଙ୍କ ନାରୀକେଳ ବେଶ। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

# ଲୁହାକଡ଼ିରେ ବନ୍ଧା ଶିଶୁ ରାସ୍ତାରୁ ଉଦ୍ଧାର

## ସିଡିଏରେ ଚାଞ୍ଚଲ୍ୟ

କଟକ,୨୯।୪(କୁମାରଶ୍ରୀ)

ଲୁହା କଡିରେ ବନ୍ଧା ହୋଇଥିବା ଏକ ଶିଶୁପୁତ୍ରଙ୍କୁ ବୁଧବାର ସନ୍ଧ୍ୟାରେ କାଠଯୋଡ଼ି ନଦୀବନ୍ଧ ରାସ୍ତାରୁ ଉଦ୍ଧାର କରାଯାଇଛି। ଏହି ଘଟଣା ସିଡିଏ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ୬ ବର୍ଷର ଏହି ଶିଶୁଟି ସିଡିଏ ଅଞ୍ଚଳର ଏକ ପ୍ରତିଷ୍ଠିତ ସାମାଜିକ ଅନୁଷ୍ଠାନରେ ରହୁଥିଲେ। ସେ ଶାରୀରିକ ଏବଂ ମାନସିକସ୍ତରରେ ଭିନ୍ନକ୍ଷମ। ତେବେ ରାପିଂ ବେଲ୍ଟ ବାନ୍ଧିବା ପରିବର୍ତ୍ତେ ଚିକିତ୍ସାଧୀନ ଏହି ଶିଶୁର ଗୋଡରେ ଲୁହା ଶିକୁଳି ବାନ୍ଧିବାକୁ ନେଇ ଏବେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ମର୍କତନଗର ଥାନା ପୋଲିସ ଏବଂ ଚାଇଲ୍ଡ ଲାଇନର ହସ୍ତକ୍ଷେପ ପରେ ଶିଶୁପୁତ୍ରଙ୍କୁ ପୁନର୍ବାର ସମ୍ପୃକ୍ତ ଅନୁଷ୍ଠାନରେ ଛଡ଼ାଯାଇଛି। ଗୁରୁବାର ପରିବାର ଲୋକଙ୍କୁ ଶିଶୁକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

ଘଟଣାରୁ ପ୍ରକାଶ, ବୁଧବାର ସନ୍ଧ୍ୟା ସମୟର ଘଟଣା। ସାମାଜିକ କର୍ମୀ ଭରତ ନାୟକ ଏବଂ ଅନ୍ୟ କେତେଜଣ ସିଡିଏ ରାସ୍ତାରେ ଖଟି କରୁଥିଲେ। ଏହି ସମୟରେ ଶିଶୁପୁତ୍ରର ଗୋଡରେ ଲୁହା କଡି ବନ୍ଧା ହୋଇଥିବା ବେଳେ ବହୁକଷ୍ଟରେ ଚାଲିଚାଲି ଯାଉଥିବା ଦେଖିବାକୁ ପାଇଥିଲେ। ଭରତ ଏ ନେଇ ନିକଟସ୍ଥ ଫାଣ୍ଡିରେ ଖବର ଦେଇଥିଲେ। ଫାଣ୍ଡି ପୋଲିସ ପହଞ୍ଚି ଶିଶୁଙ୍କୁ ଉଦ୍ଧାର କରି ମର୍କତନଗର ଥାନାକୁ ନେଇଥିଲା। ପରେ ଚାଇଲ୍ଡଲାଇନକୁ ଖବର ଦିଆଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତିଙ୍କ ସୂଚନା ମୁତାବକ, ଶିଶୁର ଘର ଭୁବନେଶ୍ୱର ବଡଗଡ ଅଞ୍ଚଳରେ। କିଛି ଦିନ ପୂର୍ବେ ଶିଶୁଟି ଚାଲିଚାଲି କଟକ ପଳାଇ ଆସିଥିଲେ। ଶିଶୁଟି କହି ପାରେନାହିଁ। ମାନସିକସ୍ତରରେ ମଧ୍ୟ ସେ ଦୁର୍ବଳ। ତାକୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଶିଶୁଭବନରେ ଭର୍ତ୍ତି କରାଯାଇଥିଲା। ଶିଶୁଭବନରେ ଚିକିତ୍ସା ପରେ ଶିଶୁକୁ ନେବା ପାଇଁ ତାଙ୍କ ମା'ମନା କରିଥିଲେ। ଦିନ ମଜୁରିଆ ଭାବେ କାମ କରୁଥିବା ମା' ପୁଅର ରକ୍ଷଣାବେକ୍ଷଣରେ ଅସମର୍ଥ ଦର୍ଶାଇଥିଲେ। ଏଣୁ ବାଧହୋଇ ସମ୍ପୃକ୍ତ ଶିଶୁପୁତ୍ରଙ୍କୁ ସିଡିଏ ଅଞ୍ଚଳରେ ଥିବା ସାମାଜିକ ଅନୁଷ୍ଠାନରେ ଛଡ଼ା ଯାଇଥିଲା। ଏଭଳି ଶିଶୁଙ୍କ ଗୋଡରେ ରାପିଂ ବେଲ୍ଟ ବନ୍ଧାଯିବା କଥା। ହେଲେ କେହି ସେବିକା ତାଙ୍କ ଗୋଡରେ ଲୁହା କଡି ବାନ୍ଧି ଦେଇଥିଲେ। ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ତାଗିଦ୍ କରାଯାଇଛି। ଏହାଛଡ଼ା ଶିଶୁପୁତ୍ରର ମା'ଙ୍କୁ ଡକାଯାଇଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ସୂଚନା ଦେଇଛନ୍ତି।

# 'ଗ୍ରେଟ୍ ଇଣ୍ଡିଆନ୍ ଟ୍ରାଭେଲ ବଜାର'ରେ ଓଡ଼ିଶା ପର୍ଯ୍ୟଟନକୁ ୨ ପୁରସ୍କାର

ଭୁବନେଶ୍ୱର,୨୯।୪ (ସୌମ୍ୟରଞ୍ଜନ ରାଉତ)

ରାଜସ୍ଥାନର ଜୟପୁରଠାରେ ଆୟୋଜିତ 'ଗ୍ରେଟ୍ ଇଣ୍ଡିଆନ୍ ଟ୍ରାଭେଲ ବାଜାର'ର ୧୫ତମ ସଂସ୍କରଣରେ ଓଡ଼ିଶା ପର୍ଯ୍ୟଟନ ୨ଟି ସମ୍ମାନଜନକ ପୁରସ୍କାର ହାସଲ କରିଛି। ପର୍ଯ୍ୟଟନ ଭିତ୍ତିଭୂମିର ସୁଦୃଢ଼ୀକରଣ, ନୀତିଗତ ସହାୟତା ଏବଂ ପର୍ଯ୍ୟଟନ ସ୍ଥଳୀର ପ୍ରଚାର ପ୍ରସାର କ୍ଷେତ୍ରରେ ନିରନ୍ତର ପ୍ରୟାସ ପାଇଁ ରାଜ୍ୟକୁ ଆଉଟ୍‌ଷ୍ଟାଣ୍ଡିଂ କଣ୍ଟ୍ରିବ୍ୟୁଶନ ଇନ୍ ଟୁରିଜମ୍ ଡେଭଲପ୍‌ମେଣ୍ଟ ବର୍ଗରେ 'ଟ୍ରାଭେଲ ଆଣ୍ଡ୍ ଟୁରିଜମ୍ ଏକ୍ସିଲେନ୍ସ ଆୱାର୍ଡ ୨୦୨୬' ପ୍ରଦାନ କରାଯାଇଛି। ଏଥିସହ ଓଡ଼ିଶା ପର୍ଯ୍ୟଟନ ପାଭିଲିୟନର ଆକର୍ଷଣୀୟ ଡିଜାଇନ ଓ ଅଭିନବ ଉପସ୍ଥାପନା ପାଇଁ ଏହାକୁ ସାର୍ବଜନୀନ ବର୍ଗରେ 'ଶ୍ରେଷ୍ଠ ଷ୍ଟଲ୍ ପୁରସ୍କାର' ମିଳିଛି।

ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ, ରାଜସ୍ଥାନ ପର୍ଯ୍ୟଟନ ବିଭାଗ ଓ ଫେଡେରେଶନ ଅଫ୍ ଇଣ୍ଡିଆ ଚାମ୍ବର୍ସ ଅଫ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ପକ୍ଷରୁ ଗତ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଜାତୀୟ ସମ୍ମିଳନୀ ଓ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାରୁ ୧୧ ଜଣ ସହପ୍ରଦର୍ଶକ ସାମିଲ ହୋଇଥିଲେ, ଯେଉଁଥିରେ ଟୁର୍ ଅପରେଟର୍, ହସ୍ପିଟାଲିଟି ଷ୍ଟେକ୍‌ହୋଲ୍ଡର ଏବଂ ପର୍ଯ୍ୟଟନ ସେବା ପ୍ରଦାନକାରୀମାନେ ଏକ ବଜାର–


ଓଡ଼ିଶା ପର୍ଯ୍ୟଟନକୁ 'ଟ୍ରାଭେଲ ଆଣ୍ଡ ଟୁରିଜମ୍ ଏକ୍ସିଲେନ୍ସ ଆୱାର୍ଡ ୨୦୨୬' ପ୍ରଦାନ କରାଯାଉଛି।

ଉପଯୋଗୀ ପର୍ଯ୍ୟଟନ ବ୍ୟବସ୍ଥାକୁ ସମ୍ମିଳିତ ଭାବେ ଉପସ୍ଥାପନ କରିଥିଲେ। ଓଡ଼ିଶା ପାଭିଲିୟନ ଅନ୍ତର୍ଜାତୀୟ କ୍ରେତା, ବିଦେଶୀ ଟୁର୍ ଅପରେଟର୍ ଏବଂ ଡେଷ୍ଟିନେଶନ ମ୍ୟାନେଜମେଣ୍ଟ କମ୍ପାନୀମାନଙ୍କୁ ବେଶ୍ ଆକର୍ଷିତ କରିଥିଲା। ୧୨୦ରୁ ଅଧିକ ଜି୨ବି ବୈଠକ ଏବଂ ରଣନୀତିକ ନେଟ୍‌ୱର୍କିଂ ଅଧିବେଶନ ମାଧ୍ୟମରେ ଓଡ଼ିଶା ପର୍ଯ୍ୟଟନ ଏହାର ଐତିହ୍ୟ, ଆଧ୍ୟାତ୍ମିକ, ଉପକୂଳବର୍ତ୍ତୀ, ଇକୋ ଏବଂ ଅନୁଭୂତିଭିତ୍ତିକ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକୁ ପ୍ରଦର୍ଶିତ କରିଛି। ନିକଟରେ ସଂଶୋଧିତ 'ଓଡ଼ିଶା ପର୍ଯ୍ୟଟନ ନୀତି ୨୦୨୬' ସହାୟତାରେ ଓଡ଼ିଶା ବିଶ୍ୱସ୍ତରୀୟ ଭ୍ରମଣ ଏବଂ 'ମାଇସ' ସୁଯୋଗ ପାଇଁ ନିଜ ପ୍ରସ୍ତୁତିକୁ ହାଇଲାଇଟ କରିଥିଲା। ଏହି ନୀତିର ଉଦ୍ଦେଶ୍ୟ ହେଉଛି ଭିତ୍ତିଭୂମିକୁ ସୁଦୃଢ଼ କରିବା, ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ଏବଂ ଓଡ଼ିଶାକୁ ଏକ ପ୍ରତିଯୋଗୀ ତଥା ପୁଞ୍ଜିନିବେଶକ ଅନୁକୂଳ ଗନ୍ତବ୍ୟ ସ୍ଥଳ ଭାବରେ ଗଢ଼ିତୋଳିବା। ସେହିପରି ଓଡ଼ିଶାର ଅଂଶଗ୍ରହଣକାରୀ ଷ୍ଟେକ୍‌ହୋଲ୍ଡରମାନେ ଅନ୍ତର୍ଜାତୀୟ ବ୍ୟବସାୟୀଙ୍କ ସହିତ ଏକାଧିକ ସଫଳ ବ୍ୟବସାୟିକ ବୈଠକ କରିଥିଲେ। ଆସନ୍ତା ଅକ୍ଟୋବର ୩ରୁ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା 'ଓଡ଼ିଶା ଟ୍ରାଭେଲ ବାଜାର'ର ୭ମ ସଂସ୍କରଣ ପାଇଁ ଏକ ରଣନୀତିକ ପୂର୍ବ ପ୍ରସ୍ତୁତି ଭାବରେ କାର୍ଯ୍ୟ କରିବ, ଯାହା ରାଜ୍ୟକୁ ଅଧିକ ବିଦେଶୀ ପର୍ଯ୍ୟଟକ ଏବଂ ପୁଞ୍ଜିନିବେଶ ଆଣିବା ପାଇଁ ସହଯୋଗ କରିବ ବୋଲି ବିଭାଗର ଅଧିକାରୀ ଆଶା ରଖିଛନ୍ତି।

# ମାନବିକ ଅଧିକାର ପାଇଁ ଶର୍ଟ ଫିଲ୍ମ ପ୍ରତିଯୋଗିତା

ପୁରୀ,୨୯।୪(ଅଜିତ୍ କୁମାର ମହାନ୍ତି)

ଜାତୀୟ ମାନବିକ ଅଧିକାର ଆୟୋଗ ପକ୍ଷରୁ 'ମାନବିକ ଅଧିକାର' ସମ୍ପର୍କରେ ଏକ ଶର୍ଟ ଫିଲ୍ମ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହି ଫିଲ୍ମ ସର୍ବନିମ୍ନ ୩ ମିନିଟ୍ ଓ ସର୍ବାଧିକ ୧୦ ମିନିଟ୍ ମଧ୍ୟରେ ହେବା ଆବଶ୍ୟକ। ଏହା ହିନ୍ଦୀ କିମ୍ବା ଯେକୌଣସି ଭାରତୀୟ ଭାଷା ସହ ସବ୍‌ଟାଇଟେଲ ଇଂଲିଶ୍ ଭାଷାରେ ହେବା ବିଧେୟ। ଜୁରିମାନଙ୍କ ଦ୍ୱାରା ଚୟନ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଫିଲ୍ମକୁ ଯଥାକ୍ରମେ ୨ ଲକ୍ଷ, ୧ ଲକ୍ଷ ଓ ୫୦ ହଜାର ଟଙ୍କାର ଅର୍ଥରାଶି ସହ ଟ୍ରଫି ଓ ସାର୍ଟିଫିକେଟ ଅଫ୍ ସ୍ପେଶାଲ ମେନ୍‌ଶନ ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥିପାଇଁ ଶେଷ ତାରିଖ ୩୦ ଜୁନ୍ ରଖାଯାଇଥିବା ବେଳେ nhrcshort-film@gmail.com ମାଧ୍ୟମରେ ଫିଲ୍ମ ପଠାଇବାକୁ ପଡ଼ିବ। ପ୍ରତିଯୋଗିତାର ନିୟମାବଳୀ ଏନ୍‌ଏଚ୍‌ଆରସିର ୱେବ୍‌ସାଇଟ https://nhrc.nic.in ରେ ଉପଲବ୍ଧ ରହିଛି ବୋଲି ଆୟୋଗର ମିଡିଆ ଓ କମ୍ୟୁନିକେଶନର ଉପନିର୍ଦ୍ଦେଶକ ଅବଗତ କରାଇଛନ୍ତି।

# ଭତ୍ତା ପାଇଁ ଯିବାବେଳେ ରାସ୍ତାରେ ପଡ଼ି ବୃଦ୍ଧା ଗୁରୁତର

## ବିଭାଗୀୟ ଅଧିକାରୀଙ୍କୁ ଦାୟୀକଲେ ହିତାଧିକାରୀ

ସାକ୍ଷୀଗୋପାଳ,୨୯।୪(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ନିକଟସ୍ଥ ସାରଙ୍ଗଯୋଡ଼ି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ଭତ୍ତା ଟଙ୍କା ଉଠାଇବା ପାଇଁ ବଳପୁର ହରିଜନ ସାହିର ବୃଦ୍ଧା ସୁକାନ୍ତି ଦେଇ(୭୭) ବୁଧବାର ମଧ୍ୟାହ୍ନରେ ଆସିଥିଲେ। ହଠାତ୍ ବାଟରେ ଗୁରୁତର ଅସୁସ୍ଥ ହୋଇ ରାସ୍ତାରେ ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ କେତେଜଣ ଲୋକ ସୁକାନ୍ତିଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ବୃଦ୍ଧାଙ୍କ ଭତ୍ତା ଟଙ୍କାକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟା ସତ୍ୟବାଦୀର ସାମାଜିକ ସୁରକ୍ଷା ବିଭାଗ କାର୍ଯ୍ୟକୁ ପଦାରେ ପକାଇଛି। ଉକ୍ତ ବିଭାଗ ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା ପାଇଁ ଏଭଳି ଘଟଣା ବାରମ୍ବାର ଘଟୁଥିବା ଅନେକ ହିତାଧିକାରୀ ଅଭିଯୋଗ କରିଛନ୍ତି।

ସୁକାନ୍ତିଙ୍କ ଅଭିଯୋଗ ଅନୁଯାୟୀ, ସେ ପାଉଥିବା ଭତ୍ତା ଟଙ୍କାରେ ନିଜର ଔଷଧ କିଣିଥାନ୍ତି। ତେବେ ତାଙ୍କୁ ୩ ମାସ ହେବ ଭତ୍ତା ମିଳି ନ ଥିବାରୁ ସେ ଆଉ ଔଷଧ କିଣିପାରୁନାହାନ୍ତି, ତେଣୁ ତାଙ୍କ ସ୍ୱାସ୍ଥ୍ୟ ଭଲ ରହୁନାହିଁ। ସହଯୋଗ ନିମନ୍ତେ ସେ ଯାହାକୁ କହୁଛନ୍ତି କେହି ଶୁଣୁନାହାନ୍ତି। କାଳେ ଭତ୍ତା ଆସିଥିବ ତାହା ବୁଝିବା ପାଇଁ ସେ ସାରଙ୍ଗଯୋଡ଼ି ଗ୍ରାମ୍ୟ ବ୍ୟାଙ୍କ ଆସୁଥିବା ବେଳେ ଏଭଳି ଘଟଣା ଘଟିଛି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅର୍ଥାତ୍ ପେନ୍‌ସନ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ମତାମତ ମିଳିପାରିନାହିଁ। ଏନେଇ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ କହିଛନ୍ତି, ଏହି ଘଟଣା ଅତିସମ୍ବେଦନଶୀଳ ହୋଇଥିବାରୁ ତୁରନ୍ତ ପଦକ୍ଷେପ ନିଆଯିବ।


ଗୁରୁତର ହୋଇଥିବା ବୃଦ୍ଧା ସୁକାନ୍ତି ଦେଇ।

## ଭତ୍ତା ଟଙ୍କା ନେବାକୁ ଆସି ବ୍ୟାଙ୍କରେ ଟଳିପଡ଼ିଲେ ବୃଦ୍ଧ

ଚାରିଛକ,୨୯।୪(ଶିଶିର କୁମାର ସ୍ୱାଇଁ)

ପୁରୀ ଜିଲା ନିମାପଡ଼ା ବ୍ଲକ ଭୋଦର ପଞ୍ଚାୟତ ଓଳାଂଶ ଗ୍ରାମର ଜଣେ ବୃଦ୍ଧ ଭତ୍ତା ଟଙ୍କା ନେବାକୁ ଆସି ବ୍ୟାଙ୍କରେ ଟଳିପଡ଼ିଥିବା ଜଣାପଡ଼ିଛି। ମୃତକ ହେଲେ ଧୂଳି ପ୍ରଧାନ (୯୮)। ସେ ତୁଳସୀପୁର ଶାଖା ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ଆସି ବ୍ୟାଙ୍କରେ ଅଚେତ ହୋଇପଡ଼ିଥିଲେ। ବ୍ୟାଙ୍କ କର୍ମଚାରୀ ତାଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଚଣ୍ଡ ଖରାରେ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ପୁରୀ ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ତଥା କୃଷକ ନେତା କୃଷ୍ଣଚନ୍ଦ୍ର ରାଉତ ଦାବି କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବସନ୍ତ


@ ସୌମ୍ୟ


@ ସୁରେନ୍ଦ୍ର


@ ତ୍ରିଲୋଚନ


@ ସତ୍ୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜି ଇଗ୍ନୁରେ କ୍ୟାମ୍ପସ ପ୍ଲେସ୍‌ମେଣ୍ଟ ଡ୍ରାଇଭ୍

ଭୁବନେଶ୍ୱର,୨୯।୪(ସୁଚିସ୍ମିତା ସାହୁ)

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ର ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ଓ ରାଇରଙ୍ଗପୁରର ମିଳିତ ସହଯୋଗରେ ପ୍ରଥମଥର ସ୍ୱତନ୍ତ୍ର କ୍ୟାମ୍ପସ ପ୍ଲେସ୍‌ମେଣ୍ଟ ଡ୍ରାଇଭ୍ 'କ୍ୟାମ୍ପସ ଟୁ କର୍ପୋରେଟ୍' କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରାର୍ଥୀମାନେ ସକାଳ ୯ଟା ୩୦ରେ ରିପୋର୍ଟିଂ କରିବାକୁ ସମୟ ନିର୍ଦ୍ଧାରଣ କରାଯାଇଛି। ଏହି ପ୍ଲେସମେଣ୍ଟ ଡ୍ରାଇଭ୍‌ରେ ସମସ୍ତ ସ୍ନାତକ ଛାତ୍ରୀଛାତ୍ରଙ୍କ ସମେତ ଡିପ୍ଲୋମା, ଆଇଟିଆଇ, ବୈଷୟିକ ଏବଂ ଅଣ ବୈଷୟିକ ପୃଷ୍ଠଭୂମିର ପ୍ରାର୍ଥୀ ସାମିଲ ହୋଇପାରିବେ ବୋଲି ଇଗ୍ନୁ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଶିକ୍ଷାଗତ ଶିକ୍ଷା ଏବଂ ଶିଳ୍ପ ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବା ପାଇଁ ଏହି ପ୍ଲେସମେଣ୍ଟ ଡ୍ରାଇଭ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଶିକ୍ଷାର୍ଥୀଙ୍କୁ ସେମାନଙ୍କ ବୃତ୍ତିଗତ ଯାତ୍ରାର ଆରମ୍ଭରେ ଶିଳ୍ପ ସମ୍ପର୍କ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରି ସମର୍ଥନ କରିବା ଏହି କ୍ୟାମ୍ପସ ଡ୍ରାଇଭର ଅନ୍ୟତମ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ବହୁ ଭଲ ଭଲ କମ୍ପାନୀରେ ଛାତ୍ରୀଛାତ୍ର ନିଯୁକ୍ତି ପାଇବାର ସୁଯୋଗ ପାଇପାରିବେ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଦାଶ କହିଛନ୍ତି। ଖବରଦାତା ସମ୍ମିଳନୀରେ ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ପାଣିଗ୍ରାହୀ ଏବଂ ଟ୍ରେନ ଗୁରୁ ନିର୍ଦ୍ଦେଶିକା ଜୟନ୍ତୀ ମହାପାତ୍ର ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଇଗ୍ନୁ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ କ୍ୟାମ୍ପସ ପ୍ଲେସ୍‌ମେଣ୍ଟ ଡ୍ରାଇଭ୍ ସମ୍ପର୍କରେ ସୂଚନା ଦେଉଛନ୍ତି।

# ଝିଆରୀ, ପୁତୁରା ସମେତ ୪ ଜଣଙ୍କୁ ମୁହାଁମୁହିଁ ଜେରା

ବ୍ରହ୍ମପୁର/ଗୋପାଳପୁର,୨୯।୪(ସୁବାସ ଚନ୍ଦ୍ର ପାଢ଼ୀ/ନବୀନରାଜ ଆଚାରୀ)

## ଜମି ବ୍ୟବସାୟୀ ସୁଧୀର ହତ୍ୟା ମାମଲା

### ୨୪ ଘଣ୍ଟାର ରିମାଣ୍ଡ ଅନୁମତି ଦେଲେ କୋର୍ଟ

ଜମି ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲାରେ ଗିରଫ ମୋଟ ୯ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣଙ୍କ ରିମାଣ୍ଡ ଅବଧି ସରିବା ପରେ ପୋଲିସ ବୁଧବାର ପୁଣି ୪ଜଣଙ୍କୁ ରିମାଣ୍ଡରେ ନେଇଛି। ବ୍ରହ୍ମପୁରସ୍ଥିତ ଜେଏମ୍ଏଫ୍‌ସି(ଗ୍ରାମୀଣ) କୋର୍ଟ ମାଜିଷ୍ଟ୍ରେଟ ରିତିକା ଜେନା ବୁଧବାର ଅପରାହ୍ନ ୪ଟାରୁ ଗୁରୁବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ୪ ଅଭିଯୁକ୍ତଙ୍କ ରିମାଣ୍ଡ ମଞ୍ଜୁର କରିଛନ୍ତି। ସେମାନେ ହେଲେ ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ସୁଧୀରଙ୍କ ଝିଆରୀ ନିବେଦିତା ପାତ୍ର, ତାଙ୍କ ପୁରୁଷବନ୍ଧୁ ଗାଙ୍ଗପୁର ଥାନା ଅନ୍ତର୍ଗତ ଖଳିଗୁଡା ଗ୍ରାମର କାଲୁ ଚରଣ ପ୍ରଧାନ ଓରଫ କାଳିଆ, ପୁତୁରା ତୁଷାର କୁମାର ପାତ୍ର ଓ ସୁପାରିକିଲର ସୁରଟ ଗୋଦରା ଥାନା ଅଞ୍ଚଳର ସୂର୍ଯ୍ୟ ପ୍ରତାପ ସିଂ ଓରଫ ଗୋଲୁ ଓରଫ ଲମ୍ବୁ। ସୁଧୀର ଅପହରଣ ଓ ହତ୍ୟା ଘଟଣାର ଏମାନେ ମୁଖ୍ୟ କାର୍ପଟଦାର ସାଜିଥିଲେ। ୪ ଜଣଙ୍କୁ ଦିନିକିଆ ରିମାଣ୍ଡରେ ନେବାକୁ ଅଦାଲତରେ ପିଟିଶନ ଦାଖଲ ହୋଇଥିଲା। ୨୪ ଘଣ୍ଟାର ରିମାଣ୍ଡ ମଞ୍ଜୁର ହେବା ପରେ ପୋଲିସ ସେମାନଙ୍କୁ ନିଜ ହେପାଜତକୁ ନେଇ ମୁହାଁମୁହିଁ ଜେରା କରୁଛି।



ଗୋପାଳପୁର ପୋଲିସ ନିବେଦିତାଙ୍କ ପୁରୁଷବନ୍ଧୁ କାଲୁ ଓ ସୁପାରିକିଲର ଗୋଲୁଙ୍କ ସହ ଜିତୁନ ପୋଲାଇ, ନାରାୟଣ ପ୍ରଧାନ, ଆଶିଷ ମହାପାତ୍ରଙ୍କୁ ଗତ ୨୫ ତାରିଖରୁ ୨୭ ତାରିଖ ଯାଏ ରିମାଣ୍ଡରେ ନେଇ ସେମାନଙ୍କ ମୁହଁରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓକାଳିଥିଲା। ରିମାଣ୍ଡ ଅବଧି ସରିବା ପରେ ସେମାନଙ୍କୁ ମଙ୍ଗଳବାର କୋର୍ଟରେ ହାଜର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ବୁଧବାର ନିବେଦିତା ଓ ତାଙ୍କ ଭାଇ ତୁଷାରଙ୍କ ସହ ପୁଣି କାଲୁ ଓ ଗୋଲୁଙ୍କୁ ରିମାଣ୍ଡରେ ନିଆଯାଇଛି। ହତ୍ୟା ଘଟଣାରେ ଭଉଣୀଭାଇଙ୍କ ସମ୍ପୃକ୍ତି, କାଲୁଙ୍କ ସହ କ'ଣ ସବୁ ଡିଲ୍ ହୋଇଥିଲା, ଅପହରଣର ବ୍ଲୁ ପ୍ରିଣ୍ଟ କିଏ ଓ କେଉଁଠି ପ୍ରସ୍ତୁତ କରିଥିଲେ, ଆରମ୍ଭରୁ ଶେଷ ଯାଏ କେଉଁମାନେ ମନିଟରିଂ କରୁଥିଲେ, ଅପହରଣ ପରେ ସୁଧୀରଙ୍କୁ ମାରପିଟ କରିବା ସହ ୨ କୋଟି ଟଙ୍କା ମୁକ୍ତି ଜାମିନର ଭିଡିଓ କିଏ ଜାରି କରିଥିଲା, ସୁଧୀରଙ୍କ ମୃତ୍ୟୁ ହୋଇଯିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ କେଉଁମାନେ ବୁଗୁଡା ରାମପାଦ ମନ୍ଦିରରୁ କେଉଁ ରାସ୍ତାଦେଇ ମୃତଦେହ ନେଇ ଯାଇଥିଲେ ଓ ମୃତଦେହ କେଉଁମାନେ ଫିଙ୍ଗିଥିଲେ ସେ ଦିଗରେ ପୋଲିସ ମୁହାଁମୁହିଁ ଜେରା କରୁଛି।

ଏ ନେଇ ବ୍ରହ୍ମପୁର ଏସ୍‌ପି ଦାୟିତ୍ୱରେ ଥିବା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ପୂର୍ବରୁ ରିମାଣ୍ଡରେ ନିଆଯାଇଥିବା ଅଭିଯୁକ୍ତମାନଙ୍କୁ ଜେରା ବେଳେ ପୋଲିସ ଅନେକ ସୁରାକ୍ ପାଇଛି; ଯାହାକି ତାଙ୍କ ତଦନ୍ତର ଡକ୍ୟୁମେଣ୍ଟେଶନ ପାଇଁ ଆବଶ୍ୟକ ରହିଛି। ସେ ଦିଗରେ ଏବେ ତଦନ୍ତ କରାଯାଉଛି। ଏଥିରେ ମୃତକଙ୍କ ପରିବାର କିମ୍ବା ସମ୍ପର୍କୀୟଙ୍କ ସମ୍ପୃକ୍ତି ଅଛି କି ନାହିଁ ତଦନ୍ତ ଜାରି ରହିଛି। ପ୍ରମାଣ ମିଳିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି କହିଛନ୍ତି। ସେହିପରି ଏହି ବର୍ବରକାଣ୍ଡରେ ସମ୍ପୃକ୍ତ ଥିବା ଆଉ କେତେଜଣଙ୍କ ପରିଚୟ ପୋଲିସ ସ୍ପଷ୍ଟ ଭାବେ ଜାଣିବାକୁ ପାଇଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୨୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଫାଷ୍ଟଟ୍ରାକ୍ ପୋକ୍‌ସୋ ଜଜ୍ ରୋହିତଲାଲ ପଣ୍ଡା ବୁଧବାର ଜଣେ ନାବାଳିକା ବଳାତ୍କାର ମାମଲାର ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଦାରିଆମ୍ବ ଗାଁର ଫଲିମନ ଶବର ଓରଫ ରେହନ (୩୩)।

ଫଲିମନ ୨୦୧୭ରେ ଗଞ୍ଜାମ ଜିଲା ପାଟପୁର ଅଞ୍ଚଳକୁ କୌଣସି କାମରେ ଆସି ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ପରେ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଛାତ୍ରୀ ଜଣଙ୍କ ଗର୍ଭବତୀ ହେବାରୁ ବିବାହ କରିବାକୁ ଫଲିମନଙ୍କୁ କହିଥିଲେ। ଫଲିମନ ତାଙ୍କୁ ଗର୍ଭପାତ କରିବାକୁ ବାଧ କରିଥିଲେ। ନାବାଳିକାଙ୍କ ଘର ଲୋକେ ଏହା ଜାଣିବା ପରେ ବିବାହ କରିବାକୁ ଫଲିମନଙ୍କୁ କହିବାରୁ ସେ ମନା କରିବା ସହ ଧମକ ଦେଇଥିଲେ। ଏ ନେଇ ୨୦୧୭ ଅଗଷ୍ଟ ୧ତାରିଖରେ ପାଟପୁର ଥାନାରେ ଅଭିଯୋଗକ୍ରମେ ନଂ.୧୧୯/୧୭ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଫଲିମନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପୀଡ଼ିତାଙ୍କ ଏକ କନ୍ୟା ସନ୍ତାନ ଜନ୍ମ ହୋଇ ୩ ମାସ ପରେ ତାର ମୃତ୍ୟୁ ଘଟିଥିଲା। ମାମଲାର ବିଚାର ବେଳେ ୧୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଜାମିନରେ ଥିବା ଫଲିମନ ରାୟ ପ୍ରକାଶ ବେଳେ କୋର୍ଟରେ ହାଜର ହୋଇଥିଲେ। ଜଜ୍ ରାୟ ପ୍ରକାଶ କରିବା ପରେ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡ. ଶିବ ପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ପୁରୀରେ ଆଇପିଏଲ୍ ବେଟିଂ, ୪ ଗିରଫ

ପୁରୀ,୨୯।୪(ଅଜିତ୍ କୁମାର ମହାନ୍ତି)

ପୁରୀରେ ଆଇପିଏଲ୍ ବେଟିଂ ର୍‍ୟାକେଟର ପର୍ଦ୍ଦାଫାଶ କରିଛି ପୋଲିସ। ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ଠାରୁ ୨୫.୩୫ ଲକ୍ଷ ଟଙ୍କା, ୧୦ଟି ବ୍ୟାଙ୍କ ଆକାଉଣ୍ଟ ସହ ୬ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସ୍କାଏ ଏକ୍ସଚେଞ୍ଜ ଆପ୍ ମାଧ୍ୟମରେ ଏହି ର୍‍ୟାକେଟ ଚାଲିଥିଲା। ଏନେଇ ଏସ୍‌ପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇ କହିଛନ୍ତି, ଏକ ର୍‍ୟାକେଟ ଆଇପିଏଲ୍ ବେଟିଂ କରୁଥିବା ଖବର ମିଳିବା ପରେ ସାଇବର ଥାନା ଓ ବାସେଳି ସାହି ଥାନା ପୋଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ଗୋଟେ ଟିମ୍ କରାଯାଇ ଅଭିଯୁକ୍ତମାନଙ୍କ ଉପରେ ନଜର ରଖାଯାଇଥିଲା। ଅଭିଯୁକ୍ତମାନେ ମଙ୍ଗଳବାର ଏକାଠି ଥିବା ସମୟରେ ପୋଲିସ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଛି। ର୍‍ୟାକେଟର ମୁଖ୍ୟ ଅଭିଯୁକ୍ତ ପ୍ରସନ୍ନ ପୃଷ୍ଟି ସହ ବି. ନାଗେଶ୍ୱର ରାଓ, ବିଶ୍ୱନାଥ ଲେଙ୍କା ଏବଂ ରାମାକାନ୍ତ ସାହୁଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୨୫ଲକ୍ଷ ୩ହଜାର ୫୦୦ ଟଙ୍କା ଜବତ କରାଯାଇଛି। ସେହିପରି ୩୧ଲକ୍ଷ ୮୧ହଜାର ୨୪୪ ଟଙ୍କା ଥିବା ୧୦ଆକାଉଣ୍ଟ ଫ୍ରିଜ୍ କରାଯାଇଛି। 'ସ୍କାଏ ଏକ୍ସଚେଞ୍ଜ' ନାମକ ଏକ ଆପ୍ଲିକେଶନ ବ୍ୟବହାର କରି ଏହି ବେଟିଂ ର୍‍ୟାକେଟ ଚାଲିଥିଲା। ଏହି ଆପ୍ ମାଧ୍ୟମରେ ଲୋକମାନେ ଟଙ୍କା ଜମା କରୁଥିଲେ ଏବଂ ପଏଣ୍ଟ ପାଉଥିଲେ। ଏହି ପଏଣ୍ଟଗୁଡ଼ିକୁ ବ୍ୟବହାର କରି ଆଇପିଏଲ୍ ମ୍ୟାଚରେ ବେଟିଂ କରାଯାଉଥିଲା। ଏହି ନେଟୱର୍କରେ ସ୍ଥାନୀୟ ଅର୍ଗାନାଇଜରମାନଙ୍କୁ ମଧ୍ୟ ସାମିଲ କରାଯାଇଥିଲା। ଲୋକଙ୍କୁ ଏହି ନେଟୱର୍କରେ ସାମିଲ କରିବା ପାଇଁ ଅର୍ଗାନାଇଜରମାନଙ୍କୁ ମାସିକ ୨୨ହଜାର ଟଙ୍କା ଦିଆଯାଉଥିଲା। ଘଟଣାରେ ସମ୍ପୃକ୍ତ ଥିବା ସଦସ୍ୟମାନେ ହ୍ୱାଟ୍‌ସଆପ୍ ମାଧ୍ୟମରେ ଜଣଙ୍କୁ ମୁଖ୍ୟ(ବସ୍) ବୋଲି ସମ୍ବୋଧନ କରି ଏହି କାରବାର କରୁଥିଲେ। ଏହି ବସ୍‌ଙ୍କ ନିକଟରେ ପହଞ୍ଚିବା ପାଇଁ ପୁରୀ ପୋଲିସ ଉଦ୍ୟମ ଜାରି ରଖିଛି। ଏହି ଘଟଣା ସମ୍ପର୍କରେ ପୁରୀ ସାଇବର କ୍ରାଇମ୍ ପୋଲିସ ପକ୍ଷରୁ କେସ୍ ନମ୍ବର ୧୮/୨୦୨୬ ପଞ୍ଜୀକୃତ ହୋଇଛି। ବିଏନ୍‌ଏସ୍‌ର ଧାରା ୨୯୭, ୩୧୮(୪), ୬୧(୨), ଆଇଟି ଆକ୍ଟର ଧାରା ୧୬୬(୬) ଏବଂ ପ୍ରାଇସ ଚିଟ୍ସ ଆଣ୍ଡ ମନି ସର୍କୁଲେଶନ ବ୍ୟାନିଙ୍ଗ ସ୍କିମ ଆକ୍ଟର ଧାରା ୪, ୫ ଏବଂ ଲଟେରି ରେଗୁଲେଶନ ଆକ୍ଟର ଧାରା ୭, ୩ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଘଟଣାକୁ ନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଭଡ଼ାଘରୁ କନିଷ୍ଠ ଯନ୍ତ୍ରୀଙ୍କ ମୃତଦେହ ଜବତ

ଗୁଡ଼ଭେଲା,୨୯।୪(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡ଼ଭେଲାରେ ଭଡ଼ାରେ ରହୁଥିବା ଏକ କମ୍ପାନୀର କନିଷ୍ଠ ଯନ୍ତ୍ରୀ ପ୍ରବୀର ବେହେରା (୨୭)ଙ୍କ ମୃତଦେହ ବୁଧବାର ତାଙ୍କ ଭଡ଼ାଘରୁ ତୁଷୁରା ପୋଲିସ ଜବତ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଘଟଣାସ୍ଥଳରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଚଳାଇଛି।

ଗୁଡ଼ଭେଲା ବ୍ଲକ୍ ଅଞ୍ଚଳରେ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପର କାମ ଚାଲିଛି। ଏହି ପ୍ରକଳ୍ପରେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ କନିକାପଡ଼ାର ପ୍ରବୀର କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ଗୁଡଭେଲା ବ୍ଲକ୍ ସଦରର ଜଗନ୍ନାଥପଡ଼ାରେ ଏକ ଘର ଭଡ଼ା ନେଇ ରହୁଥିଲେ। ତାଙ୍କ ସହ ରହୁଥିବା ଅନ୍ୟ ଜଣେ ଯୁବକ ୨୪ତାରିଖରୁ ଛୁଟିରେ ଘରକୁ ଯାଇଛନ୍ତି। ବୁଧବାର ସକାଳେ ଜଳ ଯୋଗାଣ ପ୍ରକଳ୍ପର ଅନ୍ୟ କର୍ମଚାରୀ ବାରମ୍ବାର ଫୋନ କରିଥିଲେ ମଧ୍ୟ ଯନ୍ତ୍ରୀ ଫୋନ୍ ରିସିଭ ନ କରିବାରୁ ସନ୍ଦେହରେ ପୋଲିସକୁ ଜଣାଇଥିଲେ। ପୋଲିସ ଭଡ଼ାଘରେ ପହଞ୍ଚି ମୃତଦେହ ଫ୍ୟାନ୍‌ରେ ରଶିରେ ଝୁଲୁଥିବା ଦେଖିବାକୁ ପାଇଥିଲା। ଝୁଲନ୍ତା ମୃତଦେହକୁ ପୋଲିସ ଉପସ୍ଥିତିରେ ତଳକୁ ଓହ୍ଲାଇ ଦିଆଯାଇଥିଲା। ପରେ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀରସ୍ଥିତ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଯାଇଛି। ଏନେଇ ତୁଷୁରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁହୋଇଛି। ପୋଲିସ ଯନ୍ତ୍ରୀଙ୍କ ପରିବାର ଲୋକଙ୍କୁ ଖବର ଦେଇଥିବାବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ଘଟଣାସ୍ଥଳରେ କେହି ପହଞ୍ଚି ନାହାନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ମହିଳା ହାବିଲଦାରଙ୍କୁ ନିର୍ଯାତନା ଅଭିଯୋଗ: ଆର୍‌ଆଇଙ୍କ ବଦଳି

ଅନୁଗୋଳ, ୨୯।୪ (ଦିବ୍ୟଶାନ୍ତନୁ ନାଥ)

## ଆମରଣ ଅନଶନରୁ ଓହରିଲେ ସୁମିତ୍ରା ବିଶ୍ୱାଳ

ଅନୁଗୋଳ ଜିଲା ପୋଲିସରେ ହାବିଲଦାର ଭାବେ କାର୍ଯ୍ୟରତ ସୁମିତ୍ରା ବିଶ୍ୱାଳଙ୍କୁ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ରିଜର୍ଭ ଇନିସ୍‌ପେକ୍ଟର (ଆର୍‌ଆଇ) ଗୋବିନ୍ଦ ମାହାରୀଙ୍କୁ ଅନୁଗୋଳରୁ କଳାହାଣ୍ଡିକୁ ବଦଳି କରାଯାଇଛି।

ସୂଚନା ଅନୁସାରେ, ସୁମିତ୍ରା ପ୍ରାୟ ୧ ମାସ ପୂର୍ବରୁ ଆର୍‌ଆଇ ଗୋବିନ୍ଦ ମାହାରୀ ଓ ହାବିଲଦାର ଶୁଭକାନ୍ତ ସାହୁ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ଓ ବିଭିନ୍ନ ପ୍ରକାର ହଇରାଣ ହରକତ କରୁଥିବା ନେଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏପରିକି ସେମାନଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ସେ ଚାକିରିରୁ ଇସ୍ତଫା ଦେଇଥିଲେ। ସୁମିତ୍ରାଙ୍କ ଅଭିଯୋଗ ଆଧାରରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ୍ ପୋଲିସର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଜଣେ ବରିଷ୍ଠ ଡିଏସ୍‌ପିଙ୍କୁ ତଦନ୍ତ ଭାର ଦେଇଥିଲେ। ତେବେ ୧ ମାସ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ନ୍ୟାୟ ପାଇଁ ସୁମିତ୍ରା ବୁଧବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ତେବେ ଏସ୍‌ପିଙ୍କ ସୁପାରିସ କ୍ରମେ ଆର୍‌ଆଇ ଗୋବିନ୍ଦ ମାହାରୀଙ୍କୁ କଳାହାଣ୍ଡିର ୯ମ ସ୍ପେଶାଲ ଇଣ୍ଡିଆନ ରିଜର୍ଭ ବାଟାଲିୟନକୁ ବଦଳି କରାଯାଇଛି। ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ହାବିଲଦାର ସୁମିତ୍ରା ବିଶ୍ୱାଳଙ୍କୁ ଡକାଇ ଆଲୋଚନା କରିଛନ୍ତି। ତାଙ୍କର ସମସ୍ତ ଅଭିଯୋଗ ଶୁଣିବା ସହିତ ସେଗୁଡ଼ିକର ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ଆଇଜି ଭୋଇ କହିଛନ୍ତି, ସୁମିତ୍ରା ଯେଉଁ ଅଭିଯୋଗ ଆଣିଥିଲେ ଏସ୍‌ପି ତା'ର ତଦନ୍ତ କରାଇଥିଲେ। ତଦନ୍ତ ରିପୋର୍ଟ ଆଧାରରେ ଆର୍‌ଆଇଙ୍କୁ ବଦଳି କରାଯାଇଛି। ପରବର୍ତ୍ତୀ ସମୟରେ ତାଙ୍କ ବିରୋଧରେ ଅନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାଥମିକ ତଦନ୍ତରୁ ଜଣାପଡୁଛି, ଛୁଟି ଦିଆନିଆକୁ ନେଇ ଆର୍‌ଆଇ ହଇରାଣ କରୁଥିଲେ। ସୁମିତ୍ରା ବିଶ୍ୱାଳ ଏବେ ବି ଚାକିରିରେ ଅଛନ୍ତି। ତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରାଯାଇନାହିଁ। ତାଙ୍କୁ କାଉନସେଲିଂ କରାଯାଇଛି। ଆଗକୁ ଯେପରି ପୋଲିସ କର୍ମଚାରୀଙ୍କ ଅଭିଯୋଗ ଏସ୍‌ପିଙ୍କ ନିକଟରେ ପହଞ୍ଚିପାରିବ ଓ ସେଗୁଡ଼ିକ ଶୀଘ୍ର ସମାଧାନ କରାଯାଇପାରିବ, ସେ ନେଇ ପଦକ୍ଷେପ ନିଆଯିବ। ଆଇଜି ଭୋଇଙ୍କଠାରୁ ପ୍ରତିଶ୍ରୁତି ପାଇବା ପରେ ସୁମିତ୍ରା ଆମରଣ ଅନଶନରୁ ଓହରିଥିବା ଜଣାପଡ଼ିଛି।

# ସୁରକ୍ଷା କର୍ମୀଙ୍କ ଗୁଳିରେ ମାଓବାଦୀ ନିହତ

ବଣାଇଁ, ୨୯।୪(ପ୍ରଦୀପ ତ୍ରିପାଠୀ)

- ମାଓବାଦୀ ସଙ୍ଗଠନକୁ ଝଟକା
- ତାଙ୍କ ନାଁରେ ଥିଲା ଏକ ଲକ୍ଷ ପୁରସ୍କାର
- ଅସ୍ତ୍ରଶସ୍ତ୍ର ଜବତ

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ଥିବା ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ ଜିଲା କୋଲହାନ ସଂରକ୍ଷିତ ଜଙ୍ଗଲ ଅଞ୍ଚଳର ଟୋଣ୍ଟୋ ଥାନା ଅନ୍ତର୍ଗତ ରୁଟୁଗୁଟୁ ଜଙ୍ଗଲରେ ବୁଧବାର ସୁରକ୍ଷାକର୍ମୀଙ୍କ ଗୁଳିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ନିହତ ମାଓବାଦୀ ହେଲେ ଗୋଇଲକେରା ଥାନା ଅଞ୍ଚଳର ସାଙ୍ଗାଜାଟା ଗାଁର ବାସିନ୍ଦା ଇସ୍ରାଇଲ ପୂର୍ତ୍ତି ଓରଫ୍ ଅମୃତ(୩୨)। ତାଙ୍କ ଉପରେ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା ଏବଂ ସେ ସଙ୍ଗଠନର ସକ୍ରିୟ ସେଣ୍ଟ୍ରାଲ ଟେକ୍ନିକାଲ/ଟ୍ରେନିଂ ଆଣ୍ଡ ଇଣ୍ଟେଲିଜେନ୍ସ(ପ୍ରଶିକ୍ଷକ/ଗୋଇନ୍ଦା ବିଶେଷଜ୍ଞ) କ୍ୟାଡର ଭାବେ ପରିଚିତ ଥିଲେ। ଘଟଣାସ୍ଥଳରୁ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ଜବତ ସାମଗ୍ରୀରୁ ସ୍ପଷ୍ଟ ହୋଇଛି ଯେ, ମାଓବାଦୀମାନେ ଏହି ଅଞ୍ଚଳରେ ଏକ ବଡ଼ ଅଭିଯାନ ପାଇଁ ପ୍ରସ୍ତୁତି ଚଳାଉଥିଲେ।

ସୂଚନା ଅନୁଯାୟୀ, ବୁଧବାର ସକାଳୁ ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ୍ ଜିଲା କୋଲହାନ ସଂରକ୍ଷିତ ଜଙ୍ଗଲ ଅଞ୍ଚଳର ଟୋଣ୍ଟୋ ଥାନା ଅନ୍ତର୍ଗତ ରୁଟୁଗୁଟୁ ଜଙ୍ଗଲରେ ସୁରକ୍ଷାବଳ କୋମ୍ବିଂ ଅପରେଶନ ଚଳାଇଥିଲେ। ସମ୍ପୃକ୍ତ ଜଙ୍ଗଲରେ ଲୁଚିରହିଥିବା ମାଓବାଦୀ ସଙ୍ଗଠନର ଜଣେ ପ୍ରଶିକ୍ଷକ ଓ କେତେଜଣ ସାଥୀ ହଠାତ୍ ସୁରକ୍ଷାବଳ ଉପରକୁ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ସୁରକ୍ଷାବଳ ମଧ୍ୟ ଗୁଳିମାଡ଼ କରିଥିଲା। ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ କୁଖ୍ୟାତ ମାଓବାଦୀ ଅମୃତଙ୍କ ମୃତ୍ୟୁ ଘଟିଥିଲା। ପୋଲିସ କହିବା ଅନୁଯାୟୀ, ସେ ଦୀର୍ଘଦିନ ଧରି ଏହି ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପରେ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଥିଲେ। ଇସ୍ରାଇଲଙ୍କ ନିହତ ଘଟଣା ମାଓବାଦୀ ସଙ୍ଗଠନକୁ ଏକ ଶକ୍ତ ଝଟ୍‌କା ବୋଲି ଚର୍ଚ୍ଚା ହେଉଛି।

# ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡ

ଫୁଲବାଣୀ,୨୯।୪ (ରାକେଶ କୁମାର ରାଉତ)

ଏକ ନାବାଳିକା ବଳାତ୍କାର ମାମଲାର ବିଚାରକରି ବୁଧବାର ଫୁଲବାଣୀ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ୧୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ଏକବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଞ୍ଚଳର ଜୋହନ ମଙ୍ଗାଲି। ସୂଚନା ଅନୁସାରେ, ଜୋହନ ଗତବର୍ଷ ଦାରିଙ୍ଗବାଡ଼ି ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ନିଜ ଗ୍ରାମକୁ ନେଇ ବଳାତ୍କାର କରିଥିଲେ। ନାବାଳିକା ଜଣକ ଏ ସମ୍ପର୍କରେ ଫୋନ୍ କରି ତାଙ୍କ ଘରକୁ ଜଣାଇବା ପରେ ପରିବାର ଲୋକେ ଦାରିଙ୍ଗବାଡ଼ି ଥାନାରେ ଏତଲା ଦେଇଥିଲେ। ଦାରିଙ୍ଗବାଡ଼ି ପୋଲିସ କେସ୍ ନଂ. ୯୨/୨୫ରେ ମାମଲା ରୁଜୁକରି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଜୋହନଙ୍କୁ ଗିରଫ କରିଥିଲା। ବିଚାରପତି ୧୪ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ ଆଧାରରେ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରାଜକୁମାର ବେହେରା ମାମଲା ପରିଚାଳନା କରୁଥିଲେ।

# ଗୋରକ୍ଷକଙ୍କ ଉପରକୁ ଗୁଳିମାଡ଼

ବୈଶିଙ୍ଗା,୨୯।୪(ରତନ ଦାଶ)

## ଭ୍ୟାନ୍ ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳରେ ଗୋରୁ ଚୋରାଚାଲାଣ ବୃଦ୍ଧି ପାଉଥିବା ବେଳେ ଏଥିରେ ଜଡ଼ିତ ଅସାମାଜିକଙ୍କ ଉତ୍ପାତ ମଧ୍ୟ ବଢ଼ିଚାଲିଛି। ଗୋରୁ ଚୋରି ଓ ଚାଲାଣ ରୋକିବା ପାଇଁ ଉଦ୍ୟମ କରୁଥିବା ବେଳେ ଜଣେ ଗୋରକ୍ଷକଙ୍କ ଉପରକୁ ଗୁଳିମାଡ଼ ହୋଇଛି। ସୌଭାଗ୍ୟବଶତଃ ଗୁଳି ତାଙ୍କ ଦେହରେ ନ ବାଜି ବାଇକ୍‌ରେ ବାଜିଥିଲା। ବାଇକ୍‌ରୁ ଲୁହାଖଣ୍ଡ ଛିଟିକି ତାଙ୍କ ଗୋଡ଼ରେ ପଶିଯିବାରୁ ସେ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ.୨୧୯/୨୬) ରୁଜୁକରି ତଦନ୍ତ ଜାରି ରଖିଥିବାବେଳେ ଗୋ ଚାଲାଣକାରୀମାନେ ଛାଡ଼ି ପଳାଇଥିବା ଏକ ଭ୍ୟାନ୍‌ରେ ଉତ୍ତ୍ୟକ୍ତ ଲୋକେ ନିଆଁ ଲଗାଇ ଦେଇଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ କେତେଜଣ ଗୋ ଚାଲାଣକାରୀ ଯୁଗପୁରା, ଯାମୁନଣ୍ଡା, କଦଳିଆ ରାସ୍ତାରେ ଶୋଇଥିବା ଗୋରୁଙ୍କୁ ଚୋରିକରି ଏକ ଭ୍ୟାନ୍ ଭିତରେ ଭର୍ତ୍ତି କରୁଥିବା ବେଳେ ଗ୍ରାମବାସୀ ପହଞ୍ଚି ଯାଇଥିଲେ। ଫଳରେ ଚାଲାଣକାରୀ ଗୋରୁଗୁଡ଼ିକୁ ଛାଡ଼ି ଫେରାର ହୋଇଯାଇଥିଲେ। ସେମାନେ ମୁଖ୍ୟରାସ୍ତାରେ ନ ଯାଇ ଯୁଗପୁରାରୁ ଯାମୁନଣ୍ଡା ଓ କଦଳିଆ ରାସ୍ତାରେ ପଳାଇ ଯାଇଥିଲେ। ଗ୍ରାମବାସୀ ସେମାନଙ୍କୁ ବାଇକ୍ ଯୋଗେ ପିଛା କରିଥିଲେ। ତେବେ କଦଳିଆ ଛକ ନିକଟରେ ଗୋରକ୍ଷକ ରମେଶ ବିଶ୍ୱାଳ ଓରଫ ଦିପୁ ଓ ତାଙ୍କ ସହଯୋଗୀମାନେ ଗୋରୁଚୋରି ଉଦ୍ଦେଶ୍ୟରେ ଆଣିଥିବା ଗାଡ଼ିକୁ ଅଟକାଇବାକୁ ଉଦ୍ୟମ କରିଥିଲେ। ଚାଲାଣକାରୀଙ୍କୁ ସୁରକ୍ଷା ଯୋଗାଇ ପଛରୁ ଆସୁଥିବା ଦୁଇଟି ବାଇକ୍‌ରେ ଥିବା ଯୁବକମାନେ ଗୋରକ୍ଷକଙ୍କ ଉପରକୁ ୨ ରାଉଣ୍ଡ ଗୁଳିଚାଳନା କରିଥିଲେ। ସେଠାରେ ଭ୍ୟାନ୍ ଛାଡ଼ିଦେଇ ଡ୍ରାଇଭରଙ୍କୁ ସାଙ୍ଗରେ ନେଇ ଚମ୍ପଟ ମାରିଥିଲେ। ପରେ ପରିବାର ଲୋକ ପହଞ୍ଚି ଆହତ ଦିପୁଙ୍କୁ ବୈଶିଙ୍ଗା ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ। ତେବେ ବୁଧବାର ସକାଳେ ଗ୍ରାମବାସୀ ଭ୍ୟାନ୍‌ଟି ଜଳୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି।

# ୨ ଗୋଷ୍ଠୀ ମଧ୍ୟରେ ଢେଲା ପଥରମାଡ଼

ବାଲେଶ୍ୱର,୨୯।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ କଣ୍ଟାବଣିଆ ଛକରେ ମଙ୍ଗଳବାର ସନ୍ଧ୍ୟାରେ ଘଟିଥିବା ବାଇକ୍ ଦୁର୍ଘଟଣାକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ଉତ୍ତେଜନା ବୁଧବାର ଉଗ୍ରରୂପ ଧାରଣ କରିଛି। ଦୁଇଗୋଷ୍ଠୀ ମଧ୍ୟରେ ଆପୋଷ ସମାଧାନ ବେଳେ ଗଣ୍ଡଗୋଳ ହେବାରୁ ଉଭୟପକ୍ଷ ପରସ୍ପରକୁ ଢେଲା ପଥର ମାଡ଼ କରିଥିଲେ। ଏଥିରେ ଗୋଟିଏ ଗୋଷ୍ଠୀର ୪ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ସେକ ସାକିଲ(୨୪) ନାମକ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୩ଜଣ ଆହତ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଅଛନ୍ତି। କିଛି ସମୟ ଧରି ଗୋଟିଏ ଗୋଷ୍ଠୀର ଲୋକମାନେ ଫୁଲାଡ଼ିରୁ ବାଲେଶ୍ୱର ସହର ରାସ୍ତାକୁ ଅବରୋଧ କରିଥିଲେ। ସହଦେବଖୁଣ୍ଟା ଥାନା ପୋଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୁ ଅବରୋଧ ହଟିଥିଲା। ଉତ୍ତେଜନା ଥମି ନ ଥିବାରୁ ଫୁଲାଡିରୁ କଣ୍ଟାବଣିଆ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଛି। ଏହାବାଦ୍ ବାଲେଶ୍ୱର ପୋଲିସ ପକ୍ଷରୁ ଉଭୟ ଗୋଷ୍ଠୀର ଲୋକଙ୍କୁ ନେଇ ଶାନ୍ତି ବୈଠକ ଦ୍ୱାରା ଘଟଣାର ସମାଧାନ ପାଇଁ ଉଦ୍ୟମ ଜାରିରହିଛି। ସନ୍ଧ୍ୟା ପର୍ଯ୍ୟନ୍ତ ଥାନାରେ ଏତଲା ଦିଆଯାଇ ନ ଥିବା ଥାନା ଅଧିକାରୀ ଆଲୋକ ବେହେରା କହିଛନ୍ତି।

GOVERNMENT OF ODISHA No.25001/69/2627
OFFICE OF THE SUPERINTENDING ENGINEER
RURAL WORKS DIVISION, BHANJANAGAR
Email : eerwbnjr@gmail.com
NATIONAL COMPETITIVE BIDDING THROUGH e-Procurement
Identification No. Online Tender / 02 / RWDBNJ / 2026-2027
Ltr. No. 2015 Date : 22.04.2026

| Identification No. | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
| --- | --- | --- | --- | --- | --- |
| Online Tender / RWDBNJ/02/2026-2027 | Building Work | 14 Nos. | 47.78 Lakh to 71.43 Lakhs | "B" & "A" Class as applicable | 09 (Nine) Calendar months |

| Procurement Officer | Bid Identification No. | Availability of tender online for bidding | |
| --- | --- | --- | --- |
| | | From | To |
| Superintending Engineer, R.W.Division, Bhanjanagar | Online Tender/02/ RWDBNJ/2026-2027 | 04.05.2026 at 10.00 A.M. | 14.05.2026 upto 5.00 P.M. |

Further details can be seen from the website : www.tendersodisha.gov.in
Sd./- Executive Engineer
R.W.Division, Bhanjanagar
OIPR-25001/25174/1/26-27/0002

DISTRICT PROJECT OFFICE, SAMAGRA SHIKSHA, BALANGIR
AT-College Chowk, PO-Dist. : Balangir, 767001,
P.H. No. - 06652-251010, Fax : 06652-250809
Email ID : dpcbolangirssa.opepa@nic.in
No. 1258/IE/2026 Date : 28.04.2026
Tender Call Notice
No.27001/37/2627 : In continuance to tender call notice No.894/IE/2026 Dtd.16.03.2026, the last date of submission of sealed tenders are extended up to dt.13.05.2026 2.00 PM.Hence, the reputed agency/ suppliers/manufacturer having valid PAN, GST & IT clearance along with registration of firm etc. are invited for supply of equipments and furniture for Saksham Resource Centre of PMSHRI Schools of Balangir district. The detailed bid documents can be downloaded from district website i.e. https://balangir.odisha.gov.in and OSEPA website i.e. https://osepa.odisha.gov.in. The interested and eligible agency/ suppliers/manufacturer may download bid document from the above website and apply accordingly on or before 13.05.2026 2.00 PM through Regd./Speed Post only. The tender will be opened on dt.15.05.2026 at 9.00A.M at Collectorate Conference Hall, Balangir.Corrigendum/addendum if required will be uploaded in the above website. Hence, the potential bidders are requested to go through the above website for any updates. The authority reserves all the rights to reject/modify or cancel part or whole tender without assigning any reason thereof.
By the order of Collector-cum-Chairman,
Sd./- District Education Officer-cum-DPC
Samagra Shiksha, Balangir
OIPR-27001/27071/1/26-27/0001

Panchasakha Shikhya Setu Sangathan
A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha -751007
Tender Call Notice
RFP No. 2465/PSSS/26 Date. 29/04/2026
No.27001/38/2627 : Sealed quotations are invited for the selection of agency for providing Security Services to Panchasakha Shikhya Setu Sangathan, under School & Mass Education Department, A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha - 751007. The last date of submission of quotation is **20.05.2026** before **6:30 P.M.** For more details, please visit - https://pss.odisha.gov.in
By the order of Member Secretary,
Panchasakha Shikhya Setu Sangathan
OIPR-27001/27178/1/26-27/0001

INVITATION FOR BIDS (IFB)
NATIONAL COMPETITIVE BIDDING THROUGH E-PROCUREMENT
IDENTIFICATION NO: RWS&S DIVN., PURI - 03 OF 2026-27
Ph. - (06752) 251276 Fax - (06752) 251276, E-mail - eerwsspuri@gmail.com
No.25001/67/2627 : The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of Work | Execution of electrical installation work for providing Power supply to different RWSS Points for the purpose of supply of drinking water in Puri District |
| --- | --- | --- |
| 1 | No. of works | 02 (Two) |
| 2 | Estimated Cost | Rs.8.65 Lakh (app.) & Rs.8.43 Lakh (app) |
| 3 | Time for completion | 02 (Two) Months |
| 4 | Cost of bidding document | Rs. 4000/- |
| 5 | Class of Contractors eligible | Holder of HT Licenses of ELBO |
| 6 | Availability of bids on-line | From 11.00 hour of 02.05.2026 to 17.00 hours of 14.05.2026 |
| 7 | Last date and time for seeking clarification | 17.00 hours of 11.05.2026 |
| 8 | Date & time of opening of technical bids | On dt 15.05.2026 at 11.30 Hours in the office of the Superintending Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office) |
| 9 | Date and time of opening of financial bids | Does not arise |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the website.
Sd./- Superintending Engineer
R.W.S&S Division, Puri
OIPR-25001/25017/1/26-27/0001

ଦିଲ୍ଲୀରେ ଆଜି



ଦିଲ୍ଲୀ ମେୟର ନିର୍ବାଚନରେ ବିଜୟୀ ହୋଇଥିବା ପ୍ରଭେଶ ୱାହିଙ୍କୁ ଅନ୍ୟମାନେ ଫୁଲତୋଡ଼ା ଦେଇ ଅଭିନନ୍ଦନ ଜଣାଉଛନ୍ତି। ବୁଧବାର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ମେୟର ଓ ଡେପୁଟି ମେୟର ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମୋନିକା ପନ୍ତ ଡେପୁଟି ମେୟର ନିର୍ବାଚିତ ହୋଇଛନ୍ତି। (ଫଟୋ: ଚମନ ଗୌତମ)

# ହସ୍ପିଟାଲ ପାଚେରି ଭୁଶୁଡ଼ି ୭ ମୃତ

ବେଙ୍ଗାଲୁରୁ,୨୯।୪(ପି.ଟି.)

ବେଙ୍ଗାଲୁରୁର ବୋରିଙ୍ଗ୍ ଆଣ୍ଡ ଲେଡି କର୍ଜନ ହସ୍ପିଟାଲ ପାଚେରି ଭୁଶୁଡ଼ି ଜଣେ ୬ ବର୍ଷର ପିଲା ସମେତ ୭ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ବୁଧବାର ପ୍ରବଳ ବର୍ଷା, ପବନ ସାଙ୍ଗକୁ କୁଆପଥର ବର୍ଷା ପରେ ପାଚେରି ଭୁଶୁଡ଼ି ପଡ଼ିଥିବା ପୋଲିସ କହିଛି। ମୃତକଙ୍କ ମଧ୍ୟରୁ କେତେଜଣ କେରଳର ବୋଲି ଜଣାପଡ଼ିଛି। ସେମାନେ ଷ୍ଟଡି ଟୁର୍‌ରେ ବେଙ୍ଗାଲୁରୁ ଆସିଥିଲେ। ବର୍ଷା ବେଳେ ସେମାନେ ପାଚେରି ପାର୍ଶ୍ୱରେ ଆଶ୍ରୟ ନେଇଥିବାବେଳେ ତାହା ଭୁଶୁଡ଼ି ପଡ଼ିବାରୁ ଘଟଣାସ୍ଥଳରେ ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଓ ଜରୁରୀ ସେବା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମେଶିନ ସହାୟତାରେ ଭଗ୍ନାବଶେଷ ଉଠାଇବା ପରେ ମାଟିତଳୁ ମୃତଦେହ ବାହାର କରିଥିଲେ। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଗ୍ରେଟର ବେଙ୍ଗାଲୁରୁ ଅଥରିଟି ମୁଖ୍ୟ କମିଶନର ଏମ୍. ମହେଶ୍ୱର ରାଓ ଏବଂ ପୋଲିସ କମିଶନର ସୀମନ୍ତ କୁମାରଙ୍କ ସହ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଥିବାବେଳେ କ'ଣ ପାଇଁ ପାଚେରି ଭୁଶୁଡ଼ିଲା, ତାହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଇଞ୍ଜିନିୟରମାନଙ୍କ ଦୋଷ ଥାଏ, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଦ୍ଧାରାମାୟା କହିଛନ୍ତି। ହସ୍ପିଟାଲ ପରିସରରେ ନିର୍ମାଣ କାମ ଚାଲିଥିବାବେଳେ ଠିକାଦାର ପାଚେରିକୁ ଲଗାଇ ମାଟି ଗଦେଇଥିଲେ ବୋଲି ଜଣାପଡ଼ିଛି। ଜମା ହୋଇଥିବା ମାଟିର ଅତ୍ୟଧିକ ଚାପରୁ ପାଚେରି ଭୁଶୁଡ଼ିଥିବା କୁହାଯାଉଛି।

# ଭାଜପା ଆଗରେ ରହିବା ପୂର୍ବାନୁମାନକୁ ଟିଏମ୍‌ସିର ଖଣ୍ଡନ

କୋଲକାତା,୨୯।୪

ପଶ୍ଚିମବଙ୍ଗ ନିର୍ବାଚନରେ ଭାଜପା ଆଗରେ ରହିବ ବୋଲି ବିଭିନ୍ନ ଏକ୍‌ଜିଟ୍ ପୋଲ୍ ପୂର୍ବାନୁମାନ କରିଥିବାବେଳେ ଟିଏମ୍‌ସି ରାଜ୍ୟ ସଭା ସଦସ୍ୟ ଡେରେକ୍ ଓ'ବ୍ରାଏନ୍ ଏହାକୁ ଖଣ୍ଡନ କରିଛନ୍ତି। ସେ ଏଭଳି ପୂର୍ବାନୁମାନର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଗତ ବିଧାନସଭା ନିର୍ବାଚନ ବେଳେ ୩ଟି ଏକ୍‌ଜିଟ୍ ପୋଲ୍‌ର ପୂର୍ବାନୁମାନ ଭୁଲ୍ ପ୍ରମାଣିତ ହୋଇଥିଲା ବୋଲି ଟିଏମ୍‌ସି ନେତା Xରେ ଲେଖିଛନ୍ତି। ଦଳର ପୂର୍ବତନ ରାଜ୍ୟ ସଭା ସଦସ୍ୟ ସାକେତ ଗୋଖଲେ ମଧ୍ୟ ଅନୁରୂପ ମତ ଦେଇଛନ୍ତି। ଏକ୍‌ଜିଟ୍ ପୋଲ୍ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବା କଥା କହିଥିଲେ ମଧ୍ୟ ରାଜ୍ୟରେ ଜନାଦେଶ ନିର୍ଣ୍ଣାୟକ ରହିଆସିଛି ବୋଲି ସେ କହିଛନ୍ତି।

# ଡ୍ରୋନ୍ ଆକ୍ରମଣରେ ରୁଷିଆର ତୈଳ ଭଣ୍ଡାର ଜଳିଗଲା

କିଭ୍,୨୯।୪

ୟୁକ୍ରେନ୍ ସୀମାଠାରୁ ୧,୫୦୦ କି.ମି.ରୁ ଅଧିକ ଦୂରରେ ଥିବା ରୁଷିଆର ଏକ ତୈଳ ଭଣ୍ଡାର କମ୍ପ୍ଲେକ୍ସରେ ବୁଧବାର ନିଆଁ ଲାଗିଯାଇଛି। ୟୁକ୍ରେନ୍‌ର ସଦ୍ୟତମ ସବୁଠୁ ଦୂରଗାମୀ ଡ୍ରୋନ୍ ଆକ୍ରମଣରେ ଏହା ଜଳିଯାଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଦାବି କରିଛନ୍ତି। ରୁଷିଆର ପେର୍ମ ଅଞ୍ଚଳରେ ଉକ୍ତ ତୈଳ ଭଣ୍ଡାର ତଥା ପମ୍ପିଙ୍ଗ୍ ଷ୍ଟେଶନ ରହିଛି। ଡ୍ରୋନ୍ ଆକ୍ରମଣରୁ ନିଆଁ ଲାଗିଥିବା ପେର୍ମ ଗଭର୍ନର ଡିମିଟ୍ରି ମାଖୋନିନ୍ କହିଛନ୍ତି। ତେବେ କିଭ୍ ଅଧିକ ଦୂରଗାମୀ ଡ୍ରୋନ୍‌ରେ ଆକ୍ରମଣ କରିଥିବା ଏବଂ ସ୍ୱଦେଶୀ ଜ୍ଞାନକୌଶଳରେ ଏଭଳି ଠିକ୍ ଲକ୍ଷ୍ୟଭେଦ କରିପାରୁଥିବା ଡ୍ରୋନ୍ ନିର୍ମାଣ କରିଥିବା ଦାବି ସମ୍ପର୍କରେ ରୁଷିଆ ଅଧିକାରୀମାନେ ଖୋଲାଖୋଲି ଭାବେ କିଛି କହିନାହାନ୍ତି।

# ପଶ୍ଚିମବଙ୍ଗ ଦ୍ୱିତୀୟ ପର୍ଯ୍ୟାୟରେ ୯୨.୫୫% ଭୋଟିଂ

କୋଲକାତା,୨୯।୪

ପଶ୍ଚିମବଙ୍ଗ ବିଧାନସଭାର ୧୪୨ ଆସନ ପାଇଁ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହାର ୯୨.୫୫ ପ୍ରତିଶତ ରହିଛି। ଔସଗ୍ରାମରେ ସର୍ବାଧିକ ୯୪.୦୬ ପ୍ରତିଶତ ମତଦାନ ହୋଇଥିବାବେଳେ ହର୍ବାରେ ୯୩ ପ୍ରତିଶତ ଭୋଟିଂ ହୋଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଭବାନୀପୁର ନିର୍ବାଚନମଣ୍ଡଳୀରେ ମତଦାନ ହାର ୮୫.୫୧ ପ୍ରତିଶତ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୨୧ରେ ଉପରୋକ୍ତ ୧୪୨ ଆସନ ପାଇଁ ହୋଇଥିବା ଭୋଟିଂରେ ମତଦାନ ହାର ୮୦.୪ ପ୍ରତିଶତ ଥିଲା।

କେତେକ ବୁଥ୍‌ରେ ଇଭିଏମ୍ ଟାମ୍ପରିଂ ଅଭିଯୋଗ ଆସିଥିବାରୁ ସେଠାରୁ ପୁନର୍ବାର ମତଦାନ ପାଇଁ ଘୋଷଣା ହୋଇପାରେ ବୋଲି ପଶ୍ଚିମବଙ୍ଗ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ମନୋଜ ଅଗ୍ରୱାଲ ବୁଧବାର କହିଛନ୍ତି। ଇଭିଏମ୍‌ରେ ଟେପ୍ ଲଗାଯାଇଥିବା ଅଭିଯୋଗ ଉପରେ ଜିଲା ନିର୍ବାଚନ ଅଧିକାରୀ କିମ୍ବା ନିର୍ବାଚନ ପର୍ଯ୍ୟବେକ୍ଷକମାନେ ରିପୋର୍ଟ ଦେଲେ ସାନି ନିର୍ବାଚନ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ସେ କହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ କେତେକ ନିର୍ଦ୍ଦିଷ୍ଟ ବୁଥ୍‌ରେ ଇଭିଏମ୍‌ର ନିର୍ଦ୍ଦିଷ୍ଟ ବଟନ୍‌କୁ ଟେପ୍‌ରେ ବନ୍ଦ କରାଯାଇଥିବା କିମ୍ବା ସେଥିରେ ଶ୍ୟାହି ଲଗାଯାଇଥିବା ଭାଜପା ଅଭିଯୋଗ କରିବା ପରେ ଅଗ୍ରୱାଲ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।





ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଅଭିନେତ୍ରୀ ଗାର୍ଗୀ ରୟ ଚୌଧୁରୀ ଭୋଟ ଦେବା ପରେ।

ଦ୍ୱିତୀୟ ପର୍ଯ୍ୟାୟରେ ୩.୨୧ କୋଟିରୁ ଊର୍ଦ୍ଧ୍ୱ ଭୋଟର ମତାଧିକାର ସାବ୍ୟସ୍ତ କରିଥିବାବେଳେ କେତେକ ସ୍ଥାନରେ ହିଂସାକାଣ୍ଡ ଘଟିଥିବା ଖବର ମିଳିଛି। ଭବାନୀପୁର ଆସନରେ ମମତାଙ୍କ ବିରୋଧରେ ଭାଜପାର ଶୁଭେନ୍ଦୁ ଅଧିକାରୀ ଲଢୁଥିବାବେଳେ କେତେକ ବୁଥ୍ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। କୋଲକାତାର ଭବାନୀପୁରଠାରୁ ଦକ୍ଷିଣ ୨୪ ପ୍ରଗଣାର ବାସନ୍ତୀ, ନଦିଆର ଚାପ୍ରା ଏବଂ ହାଓଡ଼ାର ବାଲି ନିର୍ବାଚନମଣ୍ଡଳୀରେ ବୁଥ୍‌ଗୁଡ଼ିକରେ ଲମ୍ବା ଧାଡ଼ି ସାଙ୍ଗକୁ କେତେକ ସ୍ଥାନରେ ରାଜନୈତିକ ବିବାଦ ଓ ଛୋଟମୋଟ ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ଭୋଟ ଦେବା ପାଇଁ ବିଭିନ୍ନ ବୁଥ୍‌ରେ ଗହଳି ଲାଗିରହିଥିବାରୁ ମତଦାନ ହାର ବଢ଼ିବା ଆଶା କରାଯାଉଛି। ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ୧୫୨ ଆସନ ପାଇଁ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହାର ରେକର୍ଡ ୯୩.୧୯ ପ୍ରତିଶତ ହୋଇଥିଲା।

ନିର୍ବାଚନ କାର୍ଯ୍ୟରେ ମୁତୟନ ହୋଇଥିବା କେନ୍ଦ୍ରୀୟ ବଳ ଭାଜପା ସପକ୍ଷରେ କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି। ନିର୍ବାଚନ ମୁକ୍ତ ଓ ଅବାଧ ଢଙ୍ଗରେ ହେଉ ନ ଥିବା ସେ କହିଛନ୍ତି। ଭବାନୀପୁରର ମିତ୍ର ଇନ୍‌ଷ୍ଟିଚ୍ୟୁଶନ ସ୍କୁଲ୍‌ରେ ଭୋଟ ଦେଇ ସାରିବା ପରେ ମମତା ଉପରୋକ୍ତ ଅଭିଯୋଗ ଆଣିଛନ୍ତି। ଦଳୀୟ କର୍ମୀ ଓ ପୋଲିଂ ଏଜେଣ୍ଟମାନଙ୍କୁ ଧମକ ଦିଆଯିବା ସହ ବୁଥ୍‌ରୁ ବାହାର କରିଦିଆଯାଉଥିବା ମମତା କହିଛନ୍ତି। ଦକ୍ଷିଣ ୨୪ ପ୍ରଗଣା ଜିଲାର ଏକ ବୁଥ୍ ନିକଟରେ କେନ୍ଦ୍ରୀୟ ସୁରକ୍ଷା ବଳ ମହିଳା ଓ ଛୋଟ ପିଲାଙ୍କ ଉପରେ ଲାଠିଚାଳନା କରିଥିବା ଟିଏମ୍‌ସି ରାଜ୍ୟ ସଭା ସଦସ୍ୟା ସାଗରିକା ଘୋଷ ଅଭିଯୋଗ କରିଛନ୍ତି।

# କେନ୍ଦ୍ରୀୟ ସୁରକ୍ଷା ବଳ ମାଡ଼ରେ ଭୋଟରଙ୍କ ମୃତ୍ୟୁ ଅଭିଯୋଗ

କୋଲକାତା,୨୯।୪

ଦ୍ୱିତୀୟ ପର୍ଯ୍ୟାୟ ଭୋଟ ବେଳେ ହାଓଡ଼ା ଜିଲାରେ କେନ୍ଦ୍ରୀୟ ସୁରକ୍ଷା ବଳର ମାଡ଼ରେ ଜଣେ ବରିଷ୍ଠ ଭୋଟରଙ୍କ ମୃତ୍ୟୁ ଘଟିଥିବା ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉଦୟନାରାୟଣପୁରରେ ବୃଦ୍ଧ ଭୋଟର ଜଣଙ୍କ ତାଙ୍କ ପୁଅ ସହ ଭୋଟ ଦେବାକୁ ଯାଇଥିଲେ। ପୁଅ ବୁଥ୍‌ରେ ପଶି ବାପାଙ୍କୁ ଭୋଟ ଦେବାରେ ସହାୟତା କରିବାକୁ ଉଦ୍ୟମ କରିବାରୁ କେନ୍ଦ୍ରୀୟ ବଳର ଯବାନ ଉଭୟଙ୍କୁ ଠେଲିଦେବା ସହ ମାଡ଼ ମାରିଥିଲେ। ବୃଦ୍ଧ ଜଣକ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ଅମତା ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ ବୋଲି ଅଭିଷେକ କହିଛନ୍ତି। କେନ୍ଦ୍ରୀୟ ବଳ ଭାଜପାର ଘରୋଇ ସେନା ଭାବେ କାର୍ଯ୍ୟ କରୁଥିବା ଏବଂ ଭୋଟରମାନଙ୍କୁ ଭୟଭୀତ କରାଉଥିବା ସେ ଅଭିଯୋଗ କରିଛନ୍ତି।

# ଇରାନ ସହ ଯୁଦ୍ଧ ନେଇ ଆମେରିକା କଂଗ୍ରେସରେ ସାକ୍ଷ୍ୟ ଦେବେ ହେଗ୍‌ସେଥ୍

ୱାଶିଂଟନ,୨୯।୪

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ପେଣ୍ଟାଗନ୍ ମୁଖ୍ୟ ପେଟେ ହେଗ୍‌ସେଥ୍ ଆମେରିକା କଂଗ୍ରେସ ଆଗରେ ପ୍ରଥମ ସାକ୍ଷ୍ୟ ଦେବେ। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଅବରୋଧ ହଟାଇବା ପାଇଁ ତେହେରାନ୍‌ର ଶେଷ ପ୍ରଭାବ ଉପରେ ଆମେରିକା ସନ୍ଦେହ ପ୍ରକାଶ କରିବାରୁ ଯୁଦ୍ଧ ବନ୍ଦ ନେଇ ଚାଲିଥିବା ପ୍ରୟାସ ଅଟକି ରହିଛି। ତୈଳ ଓ ଗ୍ୟାସ୍ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ଇରାନ ଅବରୋଧ କରି ରଖିବା ଫଳରେ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ପାଇବା ସହ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। ମଙ୍ଗଳବାର ହ୍ୱାଇଟ୍ ହାଉସ୍‌ରେ ଅନୁଷ୍ଠିତ ନୈଶଭୋଜିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବ୍ରିଟେନ୍ ରାଜା ଚାର୍ଲସ ତୃତୀୟ ଓ ଅନ୍ୟ ଅତିଥିମାନଙ୍କୁ କହିଥିଲେ, ଇରାନ ସାମରିକ ଭାବେ ପରାଜିତ ହୋଇଛି। ବିରୋଧୀଙ୍କୁ ଅଣୁଅସ୍ତ୍ର ହାସଲ କରିବାକୁ କଦାପି ଦେବୁନାହୁଁ ବୋଲି ଟ୍ରମ୍ପ୍ କହିଥିଲେ।



ପେଟେ ହେଗ୍‌ସେଥ୍

# ଇଥାନଲ ପାଇଁ ଭାରତରେ ଜଳ ସଙ୍କଟ ବଢ଼ିବ

ନୂଆଦିଲ୍ଲୀ,୨୯।୪

ଭାରତରେ ଇନ୍ଧନ ସଙ୍କଟ ଦୂର କରିବାକୁ ଯାଇ ୮୦% ପେଟ୍ରୋଲରେ ୨୦% ଇଥାନଲ ମିଶ୍ରଣ କରାଯାଉଥିବାବେଳେ ଆଗାମୀ ଦିନରେ ୧୫% ପେଟ୍ରୋଲରେ ୮୫% ଇଥାନଲ ମିଶ୍ରଣ କରିବାକୁ ସରକାର ଯୋଜନା କରୁଛନ୍ତି। ଅଧିକ ଇଥାନଲ ମିଶ୍ରିତ ଇନ୍ଧନ ବ୍ୟବହାର ପାଇଁ ସରକାର ମୋଟରଯାନ ଆଇନ ସଂଶୋଧନ ଆଣିବାକୁ ପ୍ରସ୍ତାବ ରଖିଛନ୍ତି। ଏହାକୁ ସରକାର ସ୍ୱଚ୍ଛ ଇନ୍ଧନ ବୋଲି ଦାବି କରୁଥିବାବେଳେ ଏହା ଦେଶର ଜଳ ସଙ୍କଟକୁ ଉତ୍କଟ କରିବା ଆଶଙ୍କା କରାଯାଉଛି। କାରଣ ଇଥାନଲ ପାଇଁ ଅଧିକାଂଶ କଞ୍ଚାମାଲ୍ ଯଥା ଆଖୁ ଓ ମକା ବଢ଼ିବା ପାଇଁ ଅଧିକ ଜଳ ଦରକାର କରିଥାନ୍ତି। ପ୍ରକ୍ରିୟାକରଣରେ ମଧ୍ୟ ଅଧିକ ଜଳ ଆବଶ୍ୟକ ହୋଇଥାଏ ବୋଲି ଆଇପିସିସି ଲେଖକ ଅଞ୍ଜଲ ପ୍ରକାଶ କହିଛନ୍ତି। ୨୦୨୪-୨୫ରେ ଇଥାନଲ ଉତ୍ପାଦନ ପାଇଁ ସରକାର ୫୨ ଲକ୍ଷ ଟନ୍ ଚାଉଳ ମଞ୍ଜୁର କରିଥିବାବେଳେ ୨୦୨୫-୨୬ ବର୍ଷରେ ଏଥିପାଇଁ ୯୦ ଲକ୍ଷ ଟନ୍ ଟାର୍ଗେଟ ରଖାଯାଇଥିଲା।





ଆକଳନ ଅନୁଯାୟୀ, ଚାଉଳରୁ ୧ ଲିଟର ଇଥାନଲ ଉତ୍ପାଦନ ପାଇଁ ୧୦,୭୯୦ ଲିଟର ଜଳ ଆବଶ୍ୟକ ବୋଲି ଖାଦ୍ୟ ସଚିବ ସଞ୍ଜୀବ ଚୋପ୍ରା ୨୦୨୪ରେ ଦିଲ୍ଲୀରେ ଏକ ବୈଶ୍ୱିକ ସମ୍ମିଳନୀରେ ରଖିଥିବା ତଥ୍ୟରୁ ଜଣାପଡ଼ିଛି। ସେହିପରି ମକାରୁ ଇଥାନଲ ପ୍ରସ୍ତୁତି ପାଇଁ ୪,୬୭୦ ଲିଟର ଏବଂ ଆଖୁରୁ ୧ ଲିଟର ଇଥାନଲ ପ୍ରସ୍ତୁତିରେ ୩,୬୩୦ ଲିଟର ଜଳ ଆବଶ୍ୟକ ପଡ଼ିଥାଏ। ୧ ଟନ୍ ଚାଉଳରୁ ୪୭୦ ଲିଟର ଇଥାନଲ ଉତ୍ପାଦନ ହୋଇଥାଏ। ଇଥାନଲ ମିଲ୍‌ରୁ ପ୍ରଚୁର ବର୍ଜ୍ୟଜଳ ବାହାରିଥାଏ, ଯାହାକୁ ଉପଯୁକ୍ତ ଭାବେ ଟ୍ରିଟ୍‌ମେଣ୍ଟ ନ କଲେ ଭୂତଳ ଜଳ ପ୍ରଦୂଷିତ ହୋଇପାରେ ବୋଲି ପ୍ରକାଶ କହିଛନ୍ତି।

# ଦିଲ୍ଲୀ ହାଇକୋର୍ଟରେ ଭର୍ଚୁଆଲ ଶୁଣାଣି ବେଳେ ଅଶ୍ଳୀଳ ଭିଡିଓ ଚାଲିଲା

ନୂଆଦିଲ୍ଲୀ,୨୯।୪

ଦିଲ୍ଲୀ ହାଇକୋର୍ଟରେ ଭର୍ଚୁଆଲ ଶୁଣାଣି ଚାଲିଥିଲାବେଳେ ଏକ ଅଶ୍ଳୀଳ କଣ୍ଟେଣ୍ଟ ଚାଲିବାରୁ ଶୁଣାଣି ବାଧାପ୍ରାପ୍ତ ହୋଇଥିଲା। କୋର୍ଟରୁମ୍‌ରେ ସାଇବର ସୁରକ୍ଷାର ଉଲ୍ଲଂଘନକୁ ନେଇ ଚିନ୍ତା ପ୍ରକଟ କରାଯିବା ସହ ଘଟଣାର ତଦନ୍ତ କରାଯାଉଛି। ସ୍କ୍ରିନ୍‌ରେ ଅଶ୍ଳୀଳ କ୍ଲିପିଙ୍ଗ୍ ଚାଲିବା ସମୟରେ ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ଜଷ୍ଟିସ୍ ତେଜସ କାରିଆ ଶୁଣାଣି କରୁଥିଲେ। ଶୁଣାଣି ସମୟରେ ଜଣେ ଅଜଣା ୟୁଜରଙ୍କ ଦ୍ୱାରା ଏକାଧିକ ଥର ଅଶ୍ଳୀଳ ଭିଡିଓ ଚାଲିଥିଲା ବୋଲି କୋର୍ଟ ସୂତ୍ରରୁ ଜଣାପଡ଼ିଛି। ଫଳରେ କୋର୍ଟ କର୍ତ୍ତୃପକ୍ଷ ତୁରନ୍ତ ଭିଡିଓ କନ୍‌ଫରେନ୍ସିଂ ସିଷ୍ଟମ୍‌କୁ ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ।

ବାଦୀ ଶ୍ରୀଧର ସର୍ବୋବାତ ଏବଂ ଶିତିଜିତ୍ ସିଂଙ୍କ ଆକାଉଣ୍ଟରୁ ଅଶ୍ଳୀଳ କଣ୍ଟେଣ୍ଟ ପ୍ରସାରିତ ହୋଇଥିବା ସନ୍ଦେହ କରାଯାଉଛି। ଏହି ଘଟଣା ପରେ ହାଇକୋର୍ଟ କର୍ତ୍ତୃପକ୍ଷ ଆନୁଷ୍ଠାନିକ ଭାବେ ଦିଲ୍ଲୀ ପୋଲିସର ଇଣ୍ଟେଲିଜେନ୍ସ ଫ୍ୟୁଜନ ଆଣ୍ଡ ଷ୍ଟ୍ରାଟେଜିକ୍ ଅପରେଶନ୍ସ ଶାଖାରେ ଅଭିଯୋଗ କରିଛନ୍ତି।

# ଗଙ୍ଗା ଏକ୍ସପ୍ରେସ୍‌ୱେ ଉଦ୍‌ଘାଟିତ

ହାର୍ଦୋଇ/ଲକ୍ଷ୍ନୌ,୨୯।୪(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ୫୯୪ କି.ମି. ଦୀର୍ଘ ଗଙ୍ଗା ଏକ୍ସପ୍ରେସ୍‌ୱେକୁ ଉଦ୍‌ଘାଟନ କରିଛନ୍ତି। ୩୬,୨୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଗଙ୍ଗା ଏକ୍ସପ୍ରେସ୍‌ୱେ ଭାରତର ଅନ୍ୟତମ ସର୍ବବୃହତ୍ ଗ୍ରୀନ୍‌ଫିଲ୍ଡ ରୋଡ୍ ପ୍ରୋଜେକ୍ଟ। ଏହି ମେଗା ଭିତ୍ତିଭୂମି ପ୍ରକଳ୍ପ ମୀରଟ ଓ ପ୍ରୟାଗରାଜକୁ ସଂଯୋଗ କରୁଛି। ହାର୍ଦୋଇ ଜିଲାରେ ଅନୁଷ୍ଠିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଏହି ହାଇସ୍ପିଡ୍ କରିଡର ଉତ୍ତରପ୍ରଦେଶର ସଂଯୋଗୀକରଣକୁ ଯଥେଷ୍ଟ ବୃଦ୍ଧି କରିବା ସହ ଶିଳ୍ପ ବିନିଯୋଗ, ଲଜିଷ୍ଟିକ୍ସ, କୃଷି ବିପଣନ ଓ ଆଞ୍ଚଳିକ ସନ୍ତୁଳନକୁ ପ୍ରୋତ୍ସାହନ ଦେବ। ଏକ୍ସପ୍ରେସ୍‌ୱେର ଉଦ୍‌ଘାଟନ ରାଜ୍ୟର ବିଭାଗ ଯାତ୍ରାକୁ ନୂଆ ଗତି ଦେବ ବୋଲି ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ କହିଛନ୍ତି। ଏହି ୬ ଲେନ୍ ରାସ୍ତା ଗ୍ରାମାଞ୍ଚଳ, କୃଷକ, ଉଦ୍ୟୋଗୀ ଏବଂ ଯୁବବର୍ଗଙ୍କ ପାଇଁ ଲାଇଫ୍‌ଲାଇନ ଭାବେ କାର୍ଯ୍ୟ କରିବ ଏବଂ ବିକାଶକୁ ତ୍ୱରାନ୍ୱିତ କରିବାରେ ପ୍ରମୁଖ ଭୂମିକା ନେବ। ଉକ୍ତ ଏକ୍ସପ୍ରେସ୍‌ୱେ ୧୨ଟି ମୁଖ୍ୟ ଜିଲା ମୀରଟ, ହାପୁର, ବୁଲନ୍ଦସହର, ଆମ୍ରୋହା, ସମ୍ଭଲ, ବଦାଉନ୍, ଶାହଜାହାନପୁର, ହାର୍ଦୋଇ, ଉନ୍ନାଓ, ରାଏବରେଲି, ପ୍ରତାପଗଡ଼ ଏବଂ ପ୍ରୟାଗରାଜକୁ ଯୋଡ଼ିବା ସହ ଯାତ୍ରା ସମୟକୁ ଯଥେଷ୍ଟ କମାଇବ ବୋଲି ଆଶା କରାଯାଉଛି। ଉକ୍ତ ଏକ୍ସପ୍ରେସ୍‌ୱେର ଏକ ବିଶେଷତ୍ୱ ହେଲା ବାୟୁସେନା ବିମାନର ଜରୁରୀ ଅବତରଣ ପାଇଁ ଶାହଜାହାନପୁର ନିକଟରେ ୩.୨ କି.ମି. ଦୀର୍ଘ ଏକ ଏୟାରଷ୍ଟ୍ରିପ୍ ରହିଛି। ଏହା ବ୍ୟତୀତ ଏକ୍ସପ୍ରେସ୍‌ୱେରେ ଇଣ୍ଟେଲିଜେଣ୍ଟ ଟ୍ରାଫିକ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ (ଆଇଟିଏମ୍‌ଏସ୍), ସିସିଟିଭି ସର୍ଭିଲାନ୍ସ, ସୁରକ୍ଷା ପାଇଁ ଜରୁରୀ କଲ୍ ବକ୍ସ, ଆମ୍ବୁଲାନ୍ସ ଓ ପାଟ୍ରୋଲିଂ ୟୁନିଟ୍ ରହିଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁଇଚ୍ ଟିପି ଗଙ୍ଗା ଏକ୍ସପ୍ରେସ୍‌ୱେକୁ ଉଦ୍‌ଘାଟନ କରୁଛନ୍ତି।

# ରାଜପାଲଙ୍କୁ ବ୍ରେକ୍ ଦେଲେ ସଲମାନ

ମୁମ୍ବାଇ

ବଲିଉଡ୍ ସୁପରଷ୍ଟାର ସଲମାନ ଖାନ୍‌ଙ୍କ ନୂଆ ଫିଲ୍ମର ଶୁଟିଂ ମୁମ୍ବାଇରେ ଆରମ୍ଭ ହୋଇଛି। ବରିଷ୍ଠ ହାସ୍ୟାଭିନେତା ରାଜପାଲ ଯାଦବ ମଧ୍ୟ ଏହି ପ୍ରୋଜେକ୍ଟରେ ଯୋଗଦେଇଛନ୍ତି। ଏହି ଭରପୂର ମନୋରଞ୍ଜନଧର୍ମୀ ଫିଲ୍ମରେ ରାଜପାଲଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ କାଷ୍ଟ କରାଯାଇଛି। ସେ ଏଥିରେ ସଲମାନଙ୍କ ଡାହାଣ ହାତ କୁହାଯାଉଥିବା ବ୍ୟକ୍ତି ଭୂମିକାରେ ଅଭିନୟ କରୁଥିବାର ନଜର ଆସିବେ। ୨ ଚରିତ୍ରଙ୍କ ମଧ୍ୟରେ ଏକ ଦୃଢ଼ ସମ୍ପର୍କ ରହିବ ବୋଲି ଆଶା କରାଯାଉଛି।

ରାଜପାଲ ଅଭିନୟ ଦକ୍ଷତା ପାଇଁ ତାଙ୍କୁ ଫିଲ୍ମରେ ସୁଯୋଗ ଦେଇଛନ୍ତି ସଲମାନ। ଉଭୟଙ୍କ କେମିଷ୍ଟ୍ରି ଫିଲ୍ମରେ ଅନ୍ୟ ଆକର୍ଷଣ ଯୋଡ଼ିବ ବୋଲି ଆଶା କରାଯାଉଛି। ରାଜପାଲ ତାଙ୍କ ସିକ୍ୱେନ୍ସର ଶୁଟିଂ ମଧ୍ୟ ଆରମ୍ଭ କରିସାରିଛନ୍ତି। ଦକ୍ଷିଣ ଭାରତୀୟ ଅଭିନେତ୍ରୀ ନୟନତାରା ଏହି ଫିଲ୍ମରେ ମଧ୍ୟ ଏକ ପ୍ରମୁଖ ଭୂମିକାରେ ନଜର ଆସିବେ। ଦିଲ୍ ରାଜୁ ପ୍ରଯୋଜକ ସାଜିଛନ୍ତି। ଏହି ଫିଲ୍ମଟି ୨୦୨୭ ଇଦ୍ ଅବସରରେ ଥିଏଟରରେ ରିଲିଜ ହେବ। ସଲମାନ ଏବଂ ରାଜପାଲ ପୂର୍ବରୁ ଫିଲ୍ମରେ ଏକାଠି କାମ କରିଛନ୍ତି। ୨୦୦୫ରେ ମୁକ୍ତିଲାଭ କରିଥିବା 'ମୁଝ୍‌ସେ ଶାଦି କରୋଗି'ରେ ରାଜପାଲଙ୍କ 'ପଣ୍ଡିତ' (ପୂଜକ) ଚରିତ୍ରକୁ ଦର୍ଶକେ ପ୍ରଶଂସା କରିଥିଲେ।



ସଲମାନ ଖାନ୍

# ଡଲାର ତୁଳନାରେ ଆହୁରି ଖରାପ ହୋଇପାରେ ଟଙ୍କା ସ୍ଥିତି

ନୂଆଦିଲ୍ଲୀ ,୨୯।୪



ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର କ୍ରମାଗତ ଅବମୂଲ୍ୟାୟନ ବିଭିନ୍ନ ମହଲକୁ ଚିନ୍ତିତ କରିଛି। ଯୁଦ୍ଧ ପୂର୍ବରୁ ଟଙ୍କା ମୂଲ୍ୟ ଡଲାର ତୁଳନାରେ ସାମାନ୍ୟ ହ୍ରାସ ପାଉଥିଲେ ହେଁ ପରବର୍ତ୍ତୀ ସମୟରେ ଆମେରିକା ଏବଂ ଇରାନ ମଧ୍ୟରେ ବିବାଦ ଜଟିଳ ରୂପ ଧାରଣ କରିବା ପରେ ଭାରତୀୟ ଟଙ୍କା ଦୁର୍ବଳ ହେବାରେ ଲାଗିଛି। ସ୍ଥିତି ଏଭଳି ହୋଇଛି, ବୁଧବାର ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୩ ପ୍ରତିଶତ ହ୍ରାସ ଘଟି ଡଲାର-ଟଙ୍କା ବିନିମୟ ମୂଲ୍ୟ ୯୫ ନିକଟତର ହେବା ସହ ୧ ଡଲାର ୯୪.୮୬ ରହିଛି: ଯାହାକି ଭାରତୀୟ ଟଙ୍କାର ସର୍ବାଧିକ ଅବମୂଲ୍ୟାନ ବୋଲି ରେକର୍ଡ କରାଯାଇଛି। ବୁଧବାର ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୧୭ ଡଲାର ଟପିବା ଏବଂ ବିଦେଶୀ ନିବେଶକାରୀଙ୍କ ଦ୍ୱାରା ଶେୟାର ବଜାରରୁ ସର୍ବାଧିକ ପରିମାଣର ପୁଞ୍ଜି ପ୍ରତ୍ୟାହାର କରି ନିଆଯିବା ଘଟଣା ଟଙ୍କା ସ୍ଥିତିକୁ ଆହୁରି ଦୁର୍ବଳ କରିଛି। ଏହାସତ୍ତ୍ୱେ ଆଗକୁ ଡଲାର-ଟଙ୍କା ବିନିମୟ ସ୍ଥିତିରେ ସୁଧାର ଆସିବ ନାହିଁ, ବରଂ ଟଙ୍କା ସ୍ଥିତି ଆହୁରି ଖରାପ ହେବ ବୋଲି ବିଶେଷଜ୍ଞମାନଙ୍କ ଦ୍ୱାରା ଆକଳନ କରାଯିବା ବିଷୟ ଅଧିକ ଚିନ୍ତାଜନକ ହୋଇପଡ଼ିଛି। ପଶ୍ଚିମ ଏସିଆ ଯୁଦ୍ଧ ବିବାଦର ସମାଧାନ ନ ହେବା ଏବଂ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହୁ ହୁ ହୋଇ ବଢ଼ି ଚାଲିଥିଲାବେଳେ ଟଙ୍କାର କ୍ରମାଗତ ଅବମୂଲ୍ୟାୟନର ମୁଖ୍ୟ କାରଣ ହୋଇଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଜାନୁଆରୀ ୧ରୁ ବିଭିନ୍ନ କାରଣକୁ ନେଇ ବର୍ତ୍ତମାନ ସୁଦ୍ଧା ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୫.୮ ପ୍ରତିଶତ ହ୍ରାସ ହୋଇଛି। କେବଳ ଆମେରିକା-ଇରାନ ମଧ୍ୟରେ ୨ ସପ୍ତାହ ପାଇଁ ଯୁଦ୍ଧ ବିରତି ଘୋଷଣା ହେବା ପରେ ଟଙ୍କା ମୂଲ୍ୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା। କିନ୍ତୁ ଏହାପରେ କ୍ରମାଗତ ଭାବେ ଟଙ୍କା ମୂଲ୍ୟ ହ୍ରାସ ପାଇଚାଲିଥିଲାବେଳେ ପ୍ରଥମଥର ପାଇଁ ବୁଧବାର ସର୍ବାଧିକ ହ୍ରାସ ରେକର୍ଡ କରାଯାଇଛି। ଏପ୍ରିଲ ୧୦ ତାରିଖରେ ଡଲାର ତୁଳନାରେ ଟଙ୍କା ବିନିମୟ ମୂଲ୍ୟ ୯୨.୬୮ ରହିଥିଲା। ଏହା ପରେ ଏପ୍ରିଲ ୧୩ ସୁଦ୍ଧା ଏକ ଡଲାର ୯୩ ଟଙ୍କାରେ ପହଞ୍ଚିଥିଲା। ଏପ୍ରିଲ ୨୧ସୁଦ୍ଧା ବିନିମୟ ମୂଲ୍ୟ ୯୩ ଟଙ୍କା ଟପି ୯୩. ୪୮ରେ ପହଞ୍ଚିବା ପରେ ୨ ଦିନ ତଳେ ଏହା ୯୪ ଛୁଇଁଥିଲା। ଏବେ ଡଲାର-ଟଙ୍କା ବିନିମୟ ମୂଲ୍ୟ ୯୫ ଛୁଇଁବା ଘଟଣା ବିଭିନ୍ନ ମହଲକୁ ଚିନ୍ତିତ କରିଛି। କେବଳ ଟଙ୍କା ନୁହେଁ, ବୁଧବାର ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୧୧୭ ଡଲାର ଟପିବା ପରେ ଇଣ୍ଡୋନେସିଆ ରୁପିଆ ଏବଂ ଫିଲିପାଇନ୍ସ ପେସୋ ମଧ୍ୟ ଡଲାର ତୁଳନାରେ ସର୍ବାଧିକ ହ୍ରାସ ପାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଟଙ୍କାର ଅବମୂଲ୍ୟାୟନକୁ ରୋକିବାକୁ ସବୁ ସ୍ତରରେ ଉଦ୍ୟମ କରୁଥିଲେ ହେଁ ତୈଳ ମୂଲ୍ୟ ବୃଦ୍ଧି ଏହାକୁ ରୋକ୍ ଦେବାରେ ମୁଖ୍ୟ ପ୍ରତିବନ୍ଧକ ହୋଇଛି। ସେପଟେ ଆମଦାନୀଜନିତ ବ୍ୟୟଭାର ବଢ଼ି ଚାଲିଥିବାରୁ ଜାତୀୟ ଅର୍ଥନୀତି ଅଧିକ ପ୍ରଭାବିତ ହେବ ବୋଲି ଆଶଙ୍କା କରି ବିଦେଶୀ ପୋର୍ଟଫୋଲିଆ ନିବେଶକ ସର୍ବାଧିକ ପରିମାଣର ପୁଞ୍ଜି ଉଠାଣ ସ୍ଥିତିକୁ ଆହୁରି ଜଟିଳ କରିଛି।

# ସେନ୍‌ସେକ୍ସରେ ୬୦୯ ପଏଣ୍ଟ ବୃଦ୍ଧି



## ୟୁଏଇର ଓପେକ୍‌ରୁ ଓହରିବା ନିଷ୍ପତ୍ତି

ମୁମ୍ବାଇ ,୨୯।୪

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଏବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ(କ୍ରୁଡ୍) ମୂଲ୍ୟ ବଢ଼ିବା ସହ ବୁଧବାର ଏହା ସର୍ବୋଚ୍ଚ ୧୧୫ ଡଲାର ଛୁଇଁଛି। ଏହାକୁ ନେଇ ବୈଶ୍ୱିକ ସ୍ତରରେ ଅର୍ଥନୈତିକ ଅସଙ୍ଗତି ବଢ଼ିଥିଲେ ହେଁ ମିଳିତ ଆରବ ଏମିରେଟ୍ସ(ୟୁଏଇ) ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସମୂହ(ଓପେକ୍) ଏବଂ ଓପେକ୍ ପ୍ଲସ୍ ରାଷ୍ଟ୍ରରୁ ଓହରିଯିବା ନିଷ୍ପତ୍ତି ନିବେଶକମାନଙ୍କୁ ଉତ୍ସାହିତ କରିଛି। ଏହାକୁ ନେଇ ବୁଧବାର ଭାରତୀୟ ଶେୟାର ବଜାର ପୂର୍ବ ତୁଳନାରେ ଭଲ ପ୍ରଦର୍ଶନ କରିବା ସହ ବିଏସ୍‌ଇ ସେନ୍‌ସେକ୍ସରେ ୬୦୯ ପଏଣ୍ଟ ବୃଦ୍ଧି ଘଟି କାରବାର ଶେଷ ସୁଦ୍ଧା ଏହା ୭୭,୪୯୬ ପଏଣ୍ଟରେ ବନ୍ଦ ରହିଥିବା ଜଣାପଡ଼ିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି ମଧ୍ୟ ୧୮୨ ପଏଣ୍ଟ ବୃଦ୍ଧିରେ ୨୪,୧୭୭ରେ ବନ୍ଦ ରହିଛି। ଉଲ୍ଲେଖଯୋଗ୍ୟ, ଓପେକ୍ ଏବଂ ଓପେକ୍ ପ୍ଲସ୍ ରାଷ୍ଟ୍ର ସମୂହରୁ ମେ' ୧ରେ ଓହରିଯିବାକୁ ଗତ ମଙ୍ଗଳବାର ୟୁଏଇ ଘୋଷଣା କରିଥିଲା। ତୈଳ ଉତ୍ପାଦନ ଏବଂ ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଓପେକ୍‌ର ସର୍ତ୍ତାବଳୀ ରହିଥିଲାବେଳେ ଏଥିରୁ ମୁକ୍ତ ହୋଇ ୟୁଏଇ ସ୍ୱାଧୀନ ଭାବେ ତୈଳ କାରବାର କରିବାକୁ ଏଭଳି ନିଷ୍ପତ୍ତି ନେଇଥିଲା। ଏହାଦ୍ୱାରା ଅନ୍ତର୍ଜାତୀୟ ବଜାରରେ ତୈଳ ଯୋଗାଣ ଆହୁରି ସୁବିଧା ସ୍ଥିତି ସୃଷ୍ଟି କରିବ ଏବଂ ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଆହୁରି ସହଜ ହେବ ବୋଲି ବିଚାରକରି ନିବେଶକମାନେ ବିଭିନ୍ନ କ୍ଷେତ୍ରରେ ନିବେଶ ବୃଦ୍ଧି କରିଥିବା ବିଶେଷଜ୍ଞମାନେ କହିଛନ୍ତି।



ବିଏସ୍‌ଇ ସେନ୍‌ସେକ୍ସ
୭୭,୪୯୬ (+୬୦୯)



୧ ଡଲାର = ୯୪.୮୬ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୧୭.୦୭ ଡଲାର

# ସ୍ମାର୍ଟ ବଜାର ପକ୍ଷରୁ 'ଫୁଲ୍ ପଇସା ଅସୁଲ' ଅଭିଯାନ

ଭୁବନେଶ୍ୱର, ୨୯।୪(ଅନୁରାଧା ମହାରଣା)




ସ୍ମାର୍ଟ ବଜାର ପକ୍ଷରୁ 'ଫୁଲ୍ ପଇସା ଅସୁଲ' ଅଭିଯାନ ଆରମ୍ଭ ହୋଇଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ମେ' ପର୍ଯ୍ୟନ୍ତ ଚାଲିବ। ଏହା ଗ୍ରାହକମାନଙ୍କୁ ଅଧିକ ସଞ୍ଚୟ କରିବା ସୁଯୋଗ ଦେବ ବୋଲି ସ୍ମାର୍ଟ ବଜାର ପକ୍ଷରୁ କୁହାଯାଇଛି। ଏହି ୫ ଦିନ ମଧ୍ୟରେ, ଗ୍ରାହକମାନେ ଅଟା, ଚାଉଳ, ଡାଲି, ଖାଇବା ତେଲ ଏବଂ ଅନ୍ୟାନ୍ୟ ରୋଷେଇଘର ଏବଂ ଘରର ଆବଶ୍ୟକତା ପରି ଦୈନନ୍ଦିନ ଅତ୍ୟାବଶ୍ୟକ ଜିନିଷଗୁଡ଼ିକ ଉପରେ ରିହାତି ପାଇପାରିବେ। ସ୍ମାର୍ଟ ବଜାରରେ ଗ୍ରାହକମାନେ ଗୋଟିଏ ସ୍ଥାନରେ ସେମାନଙ୍କର ସମ୍ପୂର୍ଣ୍ଣ ମାସିକ କିଣାବିକା ସମାପ୍ତ କରିପାରିବେ।

# ଲକ୍ଷ୍ନୌରେ ଭାରତୀୟ ଶିକ୍ଷା ବୋର୍ଡର ପ୍ରାଦେଶିକ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୪(ଅନୁରାଧା ମହାରଣା)



ଉତ୍ତର ପ୍ରଦେଶ ଲକ୍ଷ୍ନୌର ଖ୍ରୀଷ୍ଟିଆନ କଲେଜ ପରିସରରେ ପ୍ରାଦେଶିକ କାର୍ଯ୍ୟାଳୟ ଖୋଲାଯାଇଛି। ମାଧ୍ୟମିକ ଶିକ୍ଷାମନ୍ତ୍ରୀ ଗୁଲାବ ଦେବୀ, ସ୍ୱାମୀ ରାମଦେବ, ଡ. ଏନ୍.ପି. ସିଂହ ଏବଂ ସନ୍ଥମାନଙ୍କ ଉପସ୍ଥିତିରେ ଭାରତୀୟ ଶିକ୍ଷା ବୋର୍ଡର ପ୍ରାଦେଶିକ କାର୍ଯ୍ୟାଳୟର ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ସ୍ୱାମୀ ରାମଦେବ କହିଥିଲେ, ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଏକ ଶିକ୍ଷା ବିପ୍ଳବ ଆରମ୍ଭ ହେବାକୁ ଯାଉଛି, ଯାହାର ମୂଳ କେନ୍ଦ୍ର ଭାରତୀୟ ଶିକ୍ଷା ବୋର୍ଡ। ମନ୍ତ୍ରୀ ଗୁଲାବ ଦେବୀ କହିଥିଲେ, ଇଂରାଜୀ ମାଧ୍ୟମିକ ସ୍କୁଲଗୁଡ଼ିକରେ ଦିଆଯାଉଥିବା ଶିକ୍ଷା ଦିଗହୀନ ହୋଇଗଲାଣି ଏବଂ ପାଶ୍ଚାତ୍ୟ ସଂସ୍କୃତିକୁ ପ୍ରେରଣା ଦେଉଛି। ସେ କହିଥିଲେ , ଏହି ସ୍କୁଲଗୁଡ଼ିକରେ ପିଲାମାନେ ସକାଳେ ସେମାନଙ୍କ ପିତାମାତାଙ୍କୁ ଅଭିବାଦନ କରିବାକୁ ଭୁଲିଯାଇଛନ୍ତି। ସମ୍ମାନିତ ଅତିଥି ଭାବେ ଭାରତୀୟ ଶିକ୍ଷା ବୋର୍ଡର ଅଧକ୍ଷ ଏନ୍.ପି. ସିଂହ ଭାରତୀୟ ଶିକ୍ଷା ବୋର୍ଡର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ସେ ଶିକ୍ଷା ବୋର୍ଡ ଗଠନ ବିଷୟରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ସେ କହିଥିଲେ , ଭାରତୀୟ ଶିକ୍ଷା ବୋର୍ଡ କୌଣସି ଧର୍ମ, ସମ୍ପ୍ରଦାୟ କିମ୍ବା ଧର୍ମର ନୁହେଁ। ଏହା ସମସ୍ତ ୧୪୦ କୋଟି ଭାରତୀୟଙ୍କ ବୋର୍ଡ। ସେ କହିଥିଲେ, ଆଧୁନିକ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରାକୁ ସମନ୍ୱୟ କରିବା ପାଇଁ ଭାରତୀୟ ଶିକ୍ଷା ବୋର୍ଡ ଗଠନ କରାଯାଇଛି। କାର୍ଯ୍ୟକ୍ରମରେ ଡ. ମହେନ୍ଦ୍ର ସିଂହ, ଅବଧ ଓଝା, ଆଚାର୍ଯ୍ୟ ସ୍ୱଦେଶ, ସାଧ୍ୱୀ ଦେବପ୍ରିୟା, ପୁଷ୍କର ଦ୍ୱିବେଦୀ, ରାକେଶ, ସନ୍ଥ ଆଲୋକ ପ୍ରମୁଖ ଉପସ୍ଥିତ ଥିଲେ।

# ଏନର୍ଜି ଡ୍ରିଙ୍କ୍ ଫ୍ୟାନ୍‌ଟୋମ୍‌ର ବଜାର ପ୍ରବେଶ

ଭୁବନେଶ୍ୱର, ୨୯।୪(ଅନୁରାଧା ମହାରଣା)



ଓଡ଼ିଆ ଉଦ୍ୟୋଗୀ ଅଙ୍କିତ ଖଣ୍ଡେଲୱାଲଙ୍କ ଦ୍ୱାରା ପରିଚାଳିତ ବ୍ୟବସାୟିକ ସଂସ୍ଥା ଏଥୋସ୍ ଗ୍ଲୋବାଲ ପକ୍ଷରୁ ଏହାର ନୂତନ ଏନର୍ଜି ଡ୍ରିଙ୍କ୍ ଫ୍ୟାନ୍‌ଟୋମ୍‌ର ବୁଧବାର ବଜାର ପ୍ରବେଶ କରାଯାଇଛି। ଏହି ଉତ୍ପାଦର ଶୁଭାରମ୍ଭ ଅବସରରେ ମତବ୍ୟକ୍ତ କରି ଫ୍ୟାନ୍‌ଟୋମ୍‌ର ଗ୍ରୁପ୍ ଅଧକ୍ଷ, ଅଙ୍କିତ ଖଣ୍ଡେଲୱାଲ ବ୍ରାଣ୍ଡର ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, କମ୍ପାନୀ ଏଭଳି ଏକ ଉତ୍ପାଦ ବିକଶିତ କରିଛି ଯାହା ଜଣଙ୍କର ଜୀବନଶୈଳୀ ଓ ମାନସିକତାକୁ ପ୍ରତିଫଳନ କରୁଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅଧ୍ୟୟନ ଓ ତୀବ୍ର ଗେମିଂ ମାରାଥନଠାରୁ ଆରମ୍ଭକରି ଜଟିଳ ବ୍ୟାୟାମ ଓ ମହତ୍ତ୍ୱାକାଂକ୍ଷୀ କ୍ୟାରିୟର ଅନୁସରଣ ପର୍ଯ୍ୟନ୍ତ ଫ୍ୟାନ୍‌ଟୋମ୍ ନିଜକୁ ସ୍ଥାୟୀ ଶକ୍ତିର ଏକ ନିର୍ଭରଯୋଗ୍ୟ ଉତ୍ସାହ ଭାବେ ଅବସ୍ଥାପିତ କରିଛି। ଏହି ଉତ୍ପାଦକୁ ଆଧୁନିକ ଉପଯୋଗିତା ଶୈଳୀ ପାଇଁ ପ୍ରସ୍ତୁତ କରାଯାଇଛି ଯାହା ସ୍ୱାସ୍ଥ୍ୟ ସଚେତନ ଉପଭୋକ୍ତାଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଉଭୟ ଲୋ ସୁଗାର ଓ ଜିରୋ ସୁଗାର ଭାରିଆଣ୍ଟରେ ଉପଲବ୍ଧ ଅଛି। ଏହାର ସୁବିଧାଜନକ ପ୍ୟାକେଜିଂ ଓ ବ୍ୟାପକ ଉପଲବ୍ଧତା ସହ ଫ୍ୟାନ୍‌ଟୋମ୍ କଲେଜ କ୍ୟାମ୍ପସ, ଫିଟ୍‌ନେସ୍ ସେଣ୍ଟର, ରିଟେଲ ଆଉଟ୍‌ଲେଟ୍, କ୍ୟାଫେ ଓ ଡିଜିଟାଲ ମାର୍କେଟପ୍ଲେସ୍‌ଗୁଡ଼ିକରେ ଏକ ଷ୍ଟାପଲରେ ପରିଣତ ହେବା ପାଇଁ ପ୍ରସ୍ତୁତ ରହିଛି। ଫ୍ୟାନ୍‌ଟୋମ୍ ଏବେ ରିଟେଲ ଓ ଅନ୍‌ଲାଇନ ପ୍ଲାଟ୍‌ଫର୍ମଗୁଡ଼ିକରେ ଉପଲବ୍ଧ ରହିଛି ।

# ୟୁକୋ ବ୍ୟାଙ୍କର ୨୭୬୮ କୋଟି ଟଙ୍କାର ନେଟ୍ ଲାଭ

ଭୁବନେଶ୍ୱର, ୨୯।୪(ଅନୁରାଧା ମହାରଣା)

ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କର ୪ର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ବ୍ୟାଙ୍କ ମାର୍ଚ୍ଚ ମାସ ଶେଷ ସୁଦ୍ଧା, ଚତୁର୍ଥ ତ୍ରୈମାସରେ ଶତକଡା ୨୨.୬୬% ଅଭିବୃଦ୍ଧି ହାର ହାସଲକରି ୮୦୧ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି ଯାହା ପୂର୍ବ ବର୍ଷ ଏହି ସମୟରେ ୬୫୩ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ରିଟେଲ, କୃଷି ଓ ଏମ୍ଏସ୍ଏମ୍ଇରେ ୨୪.୨୩% ବୃଦ୍ଧି ଘଟି ୧,୫୨,୩୨୪ କୋଟିରେ ପହଞ୍ଚିଛି। ମାର୍ଚ୍ଚ ମାସ ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧିରେ ଶତକଡା ୧୪.୯୫% ବୃଦ୍ଧି ଘଟି ୫,୯୦,୩୧୪ କୋଟିରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ସୁଧ ଆୟରେ ୫.୮୯% ବୃଦ୍ଧି ଘଟି ୧୦,୧୯୭ କୋଟିରେ ପହଞ୍ଚିଛି। ଚତୁର୍ଥ ତ୍ରୈମାସିକ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ୩% ବୃଦ୍ଧି ପାଇଥିବା ସହ ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ୧୮.୬୧% ବୃଦ୍ଧି ପାଇଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ଶତକଡା ୯୭.୭୯%ରେ ପହଞ୍ଚିଛି। ବ୍ୟାଙ୍କର ପରିଚାଳନାଗତ ଲାଭ ୬.୪୯% ଅଭିବୃଦ୍ଧି ହାରରେ ୬,୪୨୯ କୋଟିରେ ପହଞ୍ଚିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୫୨ ବିପିଏସ୍ ହ୍ରାସ ପାଇ ୨.୧୭%ରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୨୩ ବିପିଏସ୍ ହ୍ରାସ ପାଇ ୦.୨୭%ରେ ପହଞ୍ଚିଛି। ଚଳିତ ବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୟୁକୋ ବ୍ୟାଙ୍କର ୩,୪୧୨ଟି ଘରୋଇ ଶାଖା ରହିଥିବା ବେଳେ ହଂକଂ ଓ ସିଙ୍ଗାପୁରରେ ୨ଟି ଶାଖା ରହିଛି ଏବଂ ଇରାନ୍‌ରେ ଗୋଟିଏ ପ୍ରତିନିଧି କାର୍ଯ୍ୟାଳୟ ରହିଛି।

# ବଢ଼ୁଛି ସୁନା ମୂଲ୍ୟ, ବଦଳୁଛି ଚାହିଦା

ଭୁବନେଶ୍ୱର, ୨୯।୪(ଅନୁରାଧା ମହାରଣା)

ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର କ୍ୟୁ୧ ୨୦୨୬ ଗୋଲ୍ଡ ଡିମାଣ୍ଡ ଟ୍ରେଣ୍ଡସ ରିପୋର୍ଟ ଅନୁଯାୟୀ, ମୋଟ ତ୍ରୈମାସିକ ସୁନା ଚାହିଦା (ଓଟିସି ସମେତ) ବାର୍ଷିକ ଆଧାରରେ ୨% ବୃଦ୍ଧି ହୋଇ ୧୨୩୧ ଟନ୍ ରହିଛି । ସୁନା ପରିମାଣ ସାମାନ୍ୟ ବୃଦ୍ଧି ପାଇଥିବା ବେଳେ ସୁନା ଚାହିଦାର ମୂଲ୍ୟ ବାର୍ଷିକ ଆଧାରରେ ୭୪% ବୃଦ୍ଧି ହୋଇ ୧୯୩ ବିଲିୟନ ଡଲାରର ରେକର୍ଡ ସ୍ତରରେ ପହଞ୍ଚିଛି। ବିଶ୍ୱବ୍ୟାପୀ ଖୁଚୁରା ନିବେଶକମାନେ ସୁନାର ମୂଲ୍ୟ ବେଗ ଓ ସୁରକ୍ଷିତ ସମ୍ପତ୍ତି ଭାବେ ଏହାର ଆକର୍ଷଣ ପ୍ରତି ଆକର୍ଷିତ ହେଉଛନ୍ତି, ଯାହା ଗୋଲ୍ଡ ବାର୍ ଓ କଏନ ଚାହିଦାକୁ ବାର୍ଷିକ ୪୨% ବୃଦ୍ଧିକରି ୪୭୪ ଟନ୍‌ରେ ପହଞ୍ଚାଇଛି। ସୁନାର ବର୍ଦ୍ଧିତ ମୂଲ୍ୟ ଯୋଗୁ ଚାହିଦାରେ ବାରମ୍ବାର ପରିବର୍ତ୍ତନ ଘଟୁଛି। ଏହି ତଥ୍ୟ ସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ଭାରତର ଆଞ୍ଚଳିକ ସିଇଓ ସଚିନ ଜୈନ କହିଛନ୍ତି, ୨୦୨୬ର ପ୍ରଥମ ତ୍ରୈମାସିକରେ ଭାରତର ସୁନା ବଜାର ପରିମାଣ ଓ ମୂଲ୍ୟ ବୃଦ୍ଧି ମଧ୍ୟରେ ଏକ ନିରନ୍ତର ପାର୍ଥକ୍ୟକୁ ପ୍ରତିଫଳନ କରୁଛି, ଯାହା ରେକର୍ଡ ଉଚ୍ଚ ସ୍ତରର ମୂଲ୍ୟ ଓ ବିକଶିତ ଉପଭୋକ୍ତା ପସନ୍ଦ ଦ୍ୱାରା ରୂପ ନେଉଛି। ଏହି ତ୍ରୈମାସିକ ପାଇଁ ମୋଟ ସୁନା ଚାହିଦା ୧୫୧ ଟନ ରହିଛି ଯାହା ୧୦% ବୃଦ୍ଧିକୁ ସୂଚାଉଛି। ମୂଲ୍ୟ ଦୃଷ୍ଟିରୁ ଚାହିଦା ପ୍ରାୟ ୨ ଗୁଣ ହୋଇ ୨୨୭,୫୦୦ କୋଟି ଟଙ୍କା ରହିଛି। ଏହା ବାର୍ଷିକ ଆଧାରରେ ୯୯% ବୃଦ୍ଧି ପାଇଛି। ସୁନା ମୂଲ୍ୟରେ ତୀବ୍ର ବୃଦ୍ଧିର ପ୍ରଭାବକୁ ସୂଚିତ କରୁଛି। ଏସମ୍ପର୍କରେ ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲର ବରିଷ୍ଠ ବଜାର ବିଶ୍ଳେଷକ ଲୁଇସ୍ ଷ୍ଟ୍ରିଟ୍ କହିଛନ୍ତି, ୨୦୨୬ରେ ସୁନାରେ ଅସ୍ଥିରତା ସ୍ପଷ୍ଟ ଭାବରେ ବୃଦ୍ଧି ପାଇଛି ଏବଂ ଏକ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ସୀମିତ ସଂଶୋଧନ ପୂର୍ବରୁ ଜାନୁଆରୀରେ ସୁନା ମୂଲ୍ୟ ଆଉନ୍ସ ପିଛା ୫୪୦୦ ଡଲାରରୁ ଅଧିକ ରହିଥିଲା। ମୂଲ୍ୟ ବୃଦ୍ଧି ଓ ବର୍ଦ୍ଧିତ ଭୂରାଜନୈତିକ ବିପଦ ବିଶେଷକରି ଏସିଆରେ ନିବେଶ ଚାହିଦାରେ ବୃଦ୍ଧି ଘଟାଇଛି। ୨୦୨୬ର ପ୍ରଥମ ତ୍ରୈମାସିକ ପାଇଁ ଭାରତରେ ସୁନା ଚାହିଦା ୧୫୧ ଟନ ଥିଲା ଯାହା ୨୦୨୫ର ପ୍ରଥମ ତ୍ରୈମାସିକର ସୁନା ଚାହିଦା (୧୩୭ କୋଟି ଟନ) ତୁଳନାରେ ୧୦% ବୃଦ୍ଧି ପାଇଛି। ପ୍ରଥମ ତ୍ରୈମାସିକରେ ଭାରତର ସୁନା ଚାହିଦା ପରିମାଣ ୨୨୭,୫୩୦ କୋଟି ଟଙ୍କା ରହିଛି ଯାହା ୨୦୨୫ର ୧ମ ତ୍ରୈମାସିକ (୧୧୪,୬୦୦ କୋଟି ଟଙ୍କା) ତୁଳନାରେ ୯୯% ବୃଦ୍ଧି ହୋଇଛି। ପ୍ରଥମ ତ୍ରୈମାସିକ ପାଇଁ ଭାରତରେ ମୋଟ ଅଳଙ୍କାର ଚାହିଦା, ୨୦୨୫ର ପ୍ରଥମ ତ୍ରୈମାସିକ (୮୨ ଟନ) ତୁଳନାରେ ୧୯% ହ୍ରାସ ପାଇ ୬୬.୧ ଟନ୍ ରହିଛି।

# ଫୋନ୍‌ପେ' ୟୁଜରଙ୍କ ସଂଖ୍ୟା ୭୦୦ ନିୟୁତ ଟପିଲା

ନୂଆଦିଲ୍ଲୀ ,୨୯।୪



ଅର୍ଥ ନେଣଦେଣ କ୍ଷେତ୍ରରେ ଭାରତର ଅନ୍ୟତମ ଚାହିଦାଯୁକ୍ତ ଡିଜିଟାଲ ପ୍ଲାଟ୍‌ଫର୍ମ ତଥା ୟୁପିଆଇ ଫୋନ୍‌ପେ' ଏକ ନୂଆ ରେକର୍ଡ କରିଛି। ଏପ୍ରିଲ ୩୦ ସୁଦ୍ଧା ଏହି ପ୍ଲାଟ୍‌ଫର୍ମ ବ୍ୟବହାରୀକାରୀଙ୍କ ସଂଖ୍ୟା ୭୦୦ ନିୟୁତ ଅତିକ୍ରମ କରିଛି ବୋଲି କୁହାଯାଇଛି। ବୁଧବାର କମ୍ପାନୀ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି, କମ୍ପାନୀ ଉପରେ ଗ୍ରାହକଙ୍କ ଭରସା ବୃଦ୍ଧି ସହ କମ୍ପାନୀର ମାର୍କେଟିଂ ସମ୍ପ୍ରସାରଣ , ଡିଷ୍ଟ୍ରିବ୍ୟୁଶନ ଏବଂ ଗ୍ରାହକମାନଙ୍କ ପାଇଁ ନିର୍ଭରଯୋଗ୍ୟ ସୁବିଧା ସୃଷ୍ଟି କରାଯିବା ଦ୍ୱାରା ଗ୍ରାହକଙ୍କ ସଂଖ୍ୟା ରେକର୍ଡ ବୃଦ୍ଧି ହୋଇଛି। ଏକଦା ଗ୍ରାହକ ସଂଖ୍ୟା ୧୦ ଲକ୍ଷରେ ପହଞ୍ଚାଇବାକୁ କମ୍ପାନୀକୁ ୧୩୬ ଦିନ ଲାଗିଥିଲା। କିନ୍ତୁ ଏବେ ମାତ୍ର ୬ ଦିନ ମଧ୍ୟରେ ୧୦ ଲକ୍ଷ ଗ୍ରାହକ ଫୋନ୍‌ପେ' ସହ ଯୋଡ଼ିହୋଇଛନ୍ତି ବୋଲି କମ୍ପାନୀ କହିଛି। ୨୦୨୨-୨୩ ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ କମ୍ପାନୀର ବାର୍ଷିକ ଅଭିବୃଦ୍ଧି ହାର ହାରାହାରି ଭାବେ ୫୬.୨୫ ପ୍ରତିଶତ ରହିଥିବା କୁହାଯାଇଛି। ଏହି ଅବସରରେ ଫୋନ୍‌ପେ' ପ୍ରତିଷ୍ଠାତା ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର ନିଗମ କହିଛନ୍ତି, ବର୍ତ୍ତମାନ ସୁଦ୍ଧା କମ୍ପାନୀର ଗ୍ରାହକ ସଂଖ୍ୟା ୭୦୦ ନିୟୁତ ଟପିବା ନିଶ୍ଚିତ ଭାବେ ଏକ ମାଇଲଖୁଣ୍ଟ ହୋଇଛି।

# ୧୩ କୋଟି ଟପିଲା ଏନ୍‌ଏସ୍‌ଇର ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା

ଭୁବନେଶ୍ୱର, ୨୯।୪(ଅନୁରାଧା ମହାରଣା)



ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ଇ)ରେ ଏପ୍ରିଲ ୨୭, ୨୦୨୬ ସୁଦ୍ଧା ସ୍ୱତନ୍ତ୍ର ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୧୩ କୋଟି (୧୩୦ ମିଲିୟନ) ଅତିକ୍ରମ କରିଛି। ଗତ ସେପ୍ଟେମ୍ବର ୨୦୨୫ରେ ଏହି ସଂଖ୍ୟା ୧୨ କୋଟି ଥିଲା। ସେହିପରି ଏପ୍ରିଲ ୨୫, ୨୦୨୬ ସୁଦ୍ଧା କ୍ଲାଏଣ୍ଟ କୋଡ୍‌ର ମୋଟ ସଂଖ୍ୟା ୨୫.୭ କୋଟି ରହିଛି ଯାହା ଗତ ଫେବୃଆରୀରେ ୨୫ କୋଟି ଅତିକ୍ରମ କରିଥିଲା। ନିଫ୍ଟି୫୦ ଓ ନିଫ୍ଟି୫୦୦ ଗତ ୫ ବର୍ଷ ମଧ୍ୟରେ ଯଥାକ୍ରମେ ୧୦.୮% ଓ ୧୩.୩%ର ବାର୍ଷିକ ରିଟର୍ନ ପ୍ରଦାନ କରିଛନ୍ତି। ବେଞ୍ଚମାର୍କ ସୂଚକାଙ୍କଗୁଡିକ ଏଭଳି ସ୍ଥିର ରିଟର୍ନ ପ୍ରଦାନ କରୁଥିବାରୁ ନିବେଶକଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧିପାଉଛି। ନିବେଶକଙ୍କ ଆଧାର ଅଧିକ ଯୁବ ଓ ବିବିଧ ହୋଇଛି। ନିବେଶକଙ୍କ ମଧ୍ୟମ ବୟସ ୩୩ ବର୍ଷକୁ ହ୍ରାସ ପାଇଛି ଏବଂ ପ୍ରାୟ ୪୦% ନିବେଶକଙ୍କ ବୟସ ୩୦ରୁ କମ୍ ରହିଛି। ସେହିପରି ମହିଳା ନିବେଶକଙ୍କ ସଂଖ୍ୟା ମୋଟ ସଂଖ୍ୟାର ପ୍ରାୟ ୧ ଚତୁର୍ଥାଂଶ । ନିବେଶକଙ୍କ ଅଂଶଗ୍ରହଣ ଭାରତର ୯୯.୮୫% ପିନ୍‌କୋଡ୍‌ରେ ଭୌଗୋଳିକ ରୂପେ ବିସ୍ତାର ହୋଇଥିବାବେଳେ କ୍ଷୁଦ୍ର ରାଜ୍ୟ ଓ ଟାୟାର ୨-୪ ସହରଗୁଡିକରେ ମଜଭୁତ ଅଭିବୃଦ୍ଧି ଘଟିଛି। ଏସମ୍ପର୍କରେ ଏନ୍‌ଏସ୍‌ଇର ମୁଖ୍ୟ ବାଣିଜ୍ୟ ବିକାଶ ଅଧିକାରୀ ଶ୍ରୀରାମ କ୍ରିଷ୍ଣନ କହିଛନ୍ତି, ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୧୩ କୋଟି ଅତିକ୍ରମ କରିବା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ସୂଚିତ କରୁଛି ଯାହା ଆମେ ଚଳିତ ବର୍ଷ ହାସଲ କରିଛୁ। ଭୂରାଜନୈତିକ ଅନିଶ୍ଚିତତା ସତ୍ତ୍ୱେ କେବଳ ୭ ମାସ ମଧ୍ୟରେ ୧କୋଟି ନିବେଶକ ହାସଲ କରିବା ଭାରତୀୟ ପୁଞ୍ଜିବଜାରରେ ନିବେଶକଙ୍କ ଅଂଶଗ୍ରହଣର ଅନ୍ତର୍ନିହିତ ଶକ୍ତିକୁ ପ୍ରତିଫଳନ କରୁଛି।

# ୧.୧୭ ଲକ୍ଷ କୋଟିର ପୁଞ୍ଜି ପ୍ରତ୍ୟାହାର କରିଛନ୍ତି ଏଫ୍‌ଆଇଆଇ

ନୂଆଦିଲ୍ଲୀ ,୨୯।୪

୨୦୨୫-୨୬ ଆର୍ଥିକ ବର୍ଷର ଶେଷ ତ୍ରୈମାସରେ ବିଭିନ୍ନ କାରଣକୁ ନେଇ ଭାରତୀୟ ପୁଞ୍ଜିବଜାରରୁ କ୍ଷେତ୍ରଭିତ୍ତିକ ବିଦେଶୀ ପୁଞ୍ଜି ନିବେଶକାରୀ (ଏଫ୍‌ଆଇଆଇ) ମୋଟ ୧.୧୭ ଲକ୍ଷ କୋଟିର ପାଣ୍ଠି ପ୍ରତ୍ୟାହାରକରି ନେଇଛନ୍ତି। ଏହି ସମୟ ମଧ୍ୟରେ ପୁଞ୍ଜି ବଜାର ଯେକୌଣସି ସମୟ ତୁଳନାରେ ଅସ୍ଥିର ରହିବା ସହ ବିଦେଶୀ ନିବେଶ ପାଇଁ ଏକପ୍ରକାର ପ୍ରତିକୂଳ ରହିଥିଲା ବୋଲି କୁହାଯାଇଛି। ଗତ ଫେବୃଆରୀ ପ୍ରଥମ ଭାଗରେ ଆମେରିକା ଏବଂ ଭାରତ ମଧ୍ୟରେ ଟ୍ରେଡ୍ ଡିଲ୍ ଘୋଷଣା ହେବା ସମୟରେ ଟାରିଫ୍‌କୁ ନେଇ ନିବେଶକ ଆଶଙ୍କିତ ରହିବା ପରେ ଅଧିକ ପରିମାଣର ପୁଞ୍ଜି ଉଠାଇ ନେଇଥିଲେ। ଏହାପରେ ଫେବୃଆରୀ ଶେଷ ଭାଗରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ପୁଣି ପୁଞ୍ଜିବଜାର ଅସ୍ଥିର ହୋଇପଡ଼ିବା ସହିତ ଏଫ୍‌ଆଇଆଇ ସର୍ବାଧିକ ପରିମାଣର ଅର୍ଥ ପ୍ରତ୍ୟାହାର କରିନେଇଛନ୍ତି।

# ଏପିକ୍ ଗ୍ରୁପ୍‌ର 'ଟ୍ରାଇମେଟ୍ରୋ ମାନୁଫ୍ୟାକ୍ଚରିଂ କ୍ୟାମ୍ପସ୍' ଉଦ୍‌ଘାଟିତ

## ୧୦୦ ମିଲିୟନ ଡଲାର ନିବେଶ, ୧୦ ହଜାର ନିଯୁକ୍ତି ସୃଷ୍ଟି

ଖୋର୍ଦ୍ଧା,୨୯।୪(ପ୍ରଭାତ ପାଣିଗ୍ରାହୀ)



ଟ୍ରାଇମେଟ୍ରୋ ମାନୁଫ୍ୟାକ୍ଚରିଂ କ୍ୟାମ୍ପସ ଉଦ୍‌ଘାଟନ ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ,ଏପିକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଅଧକ୍ଷ ରଞ୍ଜନ ମହତାନୀ ଏବଂ ଅନ୍ୟ ଅତିଥିବୃନ୍ଦ।

ଅଗ୍ରଣୀ ଭର୍ଟିକାଲି ଇଣ୍ଟିଗ୍ରେଟେଡ୍ ପୋଷାକ ନିର୍ମାତା ଏପିକ୍ ଗ୍ରୁପ୍ ଖୋର୍ଦ୍ଧା କାଳିବେଡୀଠାରେ ଏହାର ଅତ୍ୟାଧୁନିକ 'ଟ୍ରାଇମେଟ୍ରୋ ମାନୁଫ୍ୟାକ୍ଚରିଂ କ୍ୟାମ୍ପସ୍' ବୁଧବାର ଉଦ୍‌ଘାଟନ କରିଛି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଏପିକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଅଧକ୍ଷ ରଞ୍ଜନ ମହତାନୀ ପ୍ରମୁଖଙ୍କ ଦ୍ୱାରା ଏହି ଟ୍ରାଇମେଟ୍ରୋ ମାନୁଫ୍ୟାକ୍ଚରିଂ କ୍ୟାମ୍ପସ ଉଦ୍‌ଘାଟିତ ହୋଇଯାଇଛି। ୧୦୦ ମିଲିୟନ ଆମେରିକୀୟ ଡଲାର ନିବେଶରେ ପ୍ରତିଷ୍ଠା କରାଯାଇଥିବା 'ଟ୍ରାଇମେଟ୍ରୋ କ୍ୟାମ୍ପସ' ହେଉଛି ଦେଶର ପ୍ରଥମ ସମ୍ପୂର୍ଣ୍ଣ 'ନେଟ୍-ଜିରୋ କାର୍ବନ' ଏବଂ 'ନେଟ୍-ଜିରୋ ୱାଟର' ପୋଷାକ ନିର୍ମାଣ କେନ୍ଦ୍ର। ୪୦ ଏକର ପରିମିତ ଅଞ୍ଚଳ ପରିବ୍ୟାପ୍ତ ଏହି କ୍ୟାମ୍ପସ ଉନ୍ନତ ବିନିର୍ମାଣ, ପରିବେଶ ଦାୟିତ୍ୱବୋଧ ଏବଂ ଅନ୍ତର୍ଭୁକ୍ତ ଅର୍ଥନୈତିକ ଅଭିବୃଦ୍ଧିର ଏକ ଶକ୍ତିଶାଳୀ ସମନ୍ୱୟକୁ ପ୍ରତିପାଦିତକରେ। ଏହି କ୍ୟାମ୍ପସରେ ବାର୍ଷିକ ୨୦ ମିଲିୟନ ପୋଷାକ ଉତ୍ପାଦନ କରାଯିବ। ଏହି ପ୍ରକଳ୍ପଟି ଆଂଶିକ ଭାବେ ଅନ୍ତର୍ଜାତୀୟ ଅର୍ଥ ନିଗମ (ଆଇଏଫ୍‌ସି) ଦ୍ୱାରା ୨୦୨୪ରେ ପ୍ରଦାନ କରାଯାଇଥିବା ୧୦୦ ମିଲିୟନ୍ ଡଲାରର ଏକ ଋଣ ସହାୟତା ପ୍ୟାକେଜ୍ ମାଧ୍ୟମରେ ସମର୍ଥିତ ହୋଇଥିଲା, ଯେଉଁଥିରେ ଏକ 'ସଷ୍ଟେନେବିଲିଟି-ଲିଙ୍କ୍‌ଡ' ଋଣ ଏବଂ ସଷ୍ଟେନେବିଲିଟି-ଲିଙ୍କ୍‌ଡ ବୈଶିଷ୍ଟ୍ୟ ଥିବା ଏକ 'ଗ୍ରୀନ୍ ଲୋନ୍' ଅନ୍ତର୍ଭୁକ୍ତ ଥିଲା।

ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଶ୍ରମ ଓ ନିଯୁକ୍ତିଭିତ୍ତିକ ଶିଳ୍ପର ଅଭିବୃଦ୍ଧି ଉପରେ ଓଡ଼ିଶା ସରକାର ଗୁରୁତ୍ୱ ଦେଉଛନ୍ତି। ଖୋର୍ଦ୍ଧାରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଛି। ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିବାରେ ଶିଳ୍ପ ଅଭିବୃଦ୍ଧି ସହ ସ୍ଥାନୀୟ ନିଯୁକ୍ତିକୁ ସରକାର ପ୍ରାଥମିକତା ଦେଉଛନ୍ତି। ଏଠାରେ ମହିଳାଙ୍କ ରହଣି ନିମନ୍ତେ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ନାଁରେ ୨ହଜାର ଶଯ୍ୟା ବିଶିଷ୍ଟ ବିଶ୍ରାମାଗାର ନିର୍ମାଣ କରାଯିବ।

ଏପିକ୍ ଗ୍ରୁପ୍ ପ୍ରତିଷ୍ଠାତା ତଥା ଅଧକ୍ଷ ରଞ୍ଜନ ମହତାନୀ କହିଛନ୍ତି, ଶିଳ୍ପର ଅଗ୍ରଗତି ସହ ପରିବେଶ ପ୍ରତି ଦାୟିତ୍ୱବୋଧକୁ ଏପିକ୍ ବିଶ୍ୱାସକରେ। ଟ୍ରାଇମେଟ୍ରୋ ମାନୁଫ୍ୟାକ୍ଚରିଂ କ୍ୟାମ୍ପସ ହେଉଛି ଏହି ବିଶ୍ୱାସର ପ୍ରତିଫଳନ। ଏହା କେବଳ ଏକ କାରଖାନା ନୁହେଁ, ବରଂ ବିଶ୍ୱସ୍ତରୀୟ ଉତ୍ପାଦନ କ୍ଷେତ୍ରରେ ଭବିଷ୍ୟତ ପାଇଁ ଏକ ବ୍ଲୁ ପ୍ରିଣ୍ଟ। ଏହି ପ୍ରକଳ୍ପରେ ୧୦,୦୦୦ ନୂତନ ନିଯୁକ୍ତି ସୃଷ୍ଟି କରାଯିବ, ଯେଉଁଥିରେ ମହିଳା କର୍ମଚାରୀଙ୍କ ସଂଖ୍ୟା ୮୦ ପ୍ରତିଶତ ରହିବ ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଶିଳ୍ପ ସମୃଦ୍ଧ...

ଡିଜିଟାଲ ପେମେଣ୍ଟ ସୁବିଧା ଛାତ୍ରୀଛାତ୍ର ଓ ଶ୍ରମିକଙ୍କ ପାଇଁ ବେଶ୍ ସହାୟକ ହେବ। ଏଥିସହ ଆସନ୍ତା ୧୦ ବର୍ଷ ହେଉଛି ଓଡ଼ିଶା ପାଇଁ ସଂକଳ୍ପର ଦଶକ। ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ କେନ୍ଦୁଝରର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲାର ୬ ଜଣ ହିତାଧିକାରୀଙ୍କୁ ମୋଟ ୫ ଲକ୍ଷ ୭୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏଥିରେ କେନ୍ଦୁଝରର ହେମନ୍ତ ମହାନ୍ତଙ୍କୁ ବିବାହ ସହାୟତା ବାବଦରେ ୫୦ ହଜାର, ଲବଙ୍ଗ ମହାନ୍ତଙ୍କୁ ମୃତ୍ୟୁକାଳୀନ ସହାୟତା ଭାବେ ୩ ଲକ୍ଷ ୫ ହଜାର ଟଙ୍କା, 'ଉଦ୍ୟମୀ' ଯୋଜନାରେ ଚମ୍ପୁଆର ମା' ମଙ୍ଗଳା ଏସ୍ଏଚ୍‌ଜି, ଯୋଡ଼ାର ବନିତା ନାଏକ ଏବଂ ଝୁମ୍ପୁରାର କେଦାର ଚନ୍ଦ୍ର ନାଏକଙ୍କୁ ୬୦ ହଜାର ଟଙ୍କା ଲେଖାଏ ଏବଂ ନୀଲମ ମହାକୁଡ଼ଙ୍କୁ ୪୦ ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଛି। ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଡ. ଫକୀର ମୋହନ ନାଏକ, ଏମ୍‌ପି ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ, ଜିଲାପାଳ ବିଶାଲ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଅବଶିଷ୍ଟାଂଶ

## ଆମେରିକା...

ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ ଯେ, ବ୍ରିଟେନରେ ମୁଦ୍ରା ଉପରେ ରାଜାଙ୍କ ଛବି ରହିଥାଏ, କିନ୍ତୁ ସେ କୌଣସି ରାଜନୈତିକ କାର୍ଯ୍ୟରେ ସିଧାସଳଖ ସମ୍ପୃକ୍ତ ନ ଥାନ୍ତି।

## ଡାଇନୋସର ଯୁଗରୁ...

ଦେଖିବାକୁ ଏକ ନୃତ୍ୟ ପରି ମନେହୁଏ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ଇମ୍ପେରିଆଲ କଲେଜ ଲଣ୍ଡନର ଗବେଷକମାନେ ପ୍ରକାଶ କରିଛନ୍ତି ଯେ, ଏହି ବିଚିତ୍ର ଉଡ଼ାଣ ଶୈଳୀ ସେମାନଙ୍କର ବଂଶ ରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଣ୍ଡିରା ମେ-ଫ୍ଲାଇମାନେ ଏହିପରି ଉଡ଼ି ନିଜ ସମୂହ ମଧ୍ୟରେ ମାଈ ମେ-ଫ୍ଲାଇଙ୍କୁ ଚିହ୍ନଟ କରିଥାନ୍ତି। ମାଈ ପତଙ୍ଗମାନେ ସାଧାରଣତଃ ସମାନ୍ତରାଳ ଭାବେ ଉଡୁଥିବାବେଳେ ଅଣ୍ଡିରାମାନେ ଲମ୍ବ ଭାବେ ଉଡ଼ି ସେମାନଙ୍କୁ ଖୋଜିଥାନ୍ତି। ଖୁବ୍ କମ୍ ସମୟ ଜୀବିତ ରହୁଥିବାରୁ (କିଛି ଘଣ୍ଟାରୁ କିଛି ଦିନ), ଉପଯୁକ୍ତ ସାଥୀ ଚୟନ କରି ବଂଶ ବୃଦ୍ଧି କରିବା ସେମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇଥାଏ। ଏହି ପ୍ରାଚୀନ ପତଙ୍ଗ ଏବେ ବିଲୁପ୍ତପ୍ରାୟ। ରିପୋର୍ଟ ଅନୁଯାୟୀ, ବ୍ରିଟେନର ପରିଷ୍କାର ଜଳସ୍ରୋତଗୁଡ଼ିକରେ ଏମାନଙ୍କ ସଂଖ୍ୟା ୧୯୯୮ ମସିହା ତୁଳନାରେ ପ୍ରାୟ ୪୧ ପ୍ରତିଶତ ହ୍ରାସ ପାଇଛି। ଜଳ ପ୍ରଦୂଷଣ, ନଦୀ ପଠାରେ ବାଲି କ୍ଷୟ ଏବଂ ତାପମାତ୍ରା ବୃଦ୍ଧି ଏଥିପାଇଁ ମୁଖ୍ୟତଃ ଦାୟୀ। ଗବେଷକମାନେ ଏହାକୁ 'ପତଙ୍ଗ ମହାବିନାଶ'ର ଏକ ଅଂଶ ବୋଲି ଚେତାବନୀ ଦେଇଛନ୍ତି। ଗବେଷଣାର କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଦେଖିଲେ, ଅଧିକାଂଶ ପୂର୍ଣ୍ଣବୟସ୍କ ମେ-ଫ୍ଲାଇଙ୍କ ଜୀବନକାଳ ମାତ୍ର ୨୪ ଘଣ୍ଟାରୁ କମ୍ ହୋଇଥାଏ। ଏଥିପାଇଁ ଏହାକୁ 'ଏଫେମେରୋପ୍ଟେରା' କୁହାଯାଏ, ଯାହାର ଅର୍ଥ 'ସ୍ୱଳ୍ପକାଳୀନ'। ଆଶ୍ଚର୍ଯ୍ୟଜନକ କଥା ହେଉଛି, ପୂର୍ଣ୍ଣବୟସ୍କ ମେ-ଫ୍ଲାଇମାନଙ୍କର ମୁହଁ କିମ୍ବା ପାଚନ ପ୍ରକ୍ରିୟା ନ ଥାଏ। ସେମାନେ ନିଜ ଜୀବନର ଅନ୍ତିମ କିଛି ଘଣ୍ଟା କେବଳ ବଂଶ ବୃଦ୍ଧି ପାଇଁ ବିତାଇଥାନ୍ତି। ଏହି ପତଙ୍ଗମାନେ ପ୍ରଦୂଷଣ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ଯଦି କୌଣସି ନଦୀରେ ମେ-ଫ୍ଲାଇ ବହୁସଂଖ୍ୟାରେ ଦେଖାଯାନ୍ତି, ତେବେ ବୁଝିବାକୁହେବ ଯେ ସେହି ନଦୀର ଜଳ ଅତ୍ୟନ୍ତ ଶୁଦ୍ଧ ଏବଂ ଅମ୍ଳଜାନଯୁକ୍ତ।

## ଜନପଥରେ...

ଦେଇଛନ୍ତି ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ୩୦ ଜିଲାବାସୀଙ୍କ ନିମନ୍ତେ ରାଜଧାନୀରେ ଅତିଥି ଭବନ ନିର୍ମାଣ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରଥମେ ଗଣମାଧ୍ୟମକୁ ୨୦୨୫ ଜୁନ୍ ୧୬ରେ ମତ ଦେଇଥିଲେ। ସେ କହିଥିଲେ, ବିଭିନ୍ନ ଦୁର୍ଗମ ଅଞ୍ଚଳରୁ ସାଧାରଣ ଲୋକେ ସରକାରୀ କାର୍ଯ୍ୟ ପାଇଁ ଆସି ଅନେକ ସମୟରେ ହଇରାଣ ହରକତ ହେଉଛନ୍ତି। ସେମାନଙ୍କ ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ରାଜଧାନୀରେ 'ଜନାଶ୍ରୟ ଭବନ' ନିର୍ମାଣ କରିବେ।

## ଆର୍‌ଟିଇ ନାମଲେଖା...

ଅଧିକାରୀମାନେ ପ୍ରମାଣପତ୍ର ଯାଞ୍ଚ କରି ୧୫,୬୨୪ଟି ଆବେଦନକୁ ଯୋଗ୍ୟ ଘୋଷଣା କରିଥିଲେ। ଏହି ଯୋଗ୍ୟ ଆବେଦନଗୁଡ଼ିକ ମଧ୍ୟରୁ ବୁଧବାର ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ସଦସ୍ୟମାନଙ୍କ ଉପସ୍ଥିତିରେ କେନ୍ଦ୍ରୀୟ ଲଟେରି ମାଧ୍ୟମରେ ୧୦,୧୨୦ ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ଏହି ଛାତ୍ରୀଛାତ୍ରଙ୍କ ତାଲିକା ବ୍ଲକ ଶିକ୍ଷା ଅଧିକାରୀମାନେ ସମ୍ପୃକ୍ତ ବେସରକାରୀ ବିଦ୍ୟାଳୟକୁ ପ୍ରେରଣ କରିବେ। ଏପ୍ରିଲ ୩୦ରୁ ମେ ୧୮ ମଧ୍ୟରେ ଏମାନଙ୍କର ନାମଲେଖା ଯିବ। ଏହି ନାମଲେଖା ସମ୍ପୂର୍ଣ୍ଣ ନିଃଶୁଳ୍କ। ବେସରକାରୀ ବିଦ୍ୟାଳୟଗୁଡ଼ିକ ଅଭିଭାବକଙ୍କଠାରୁ କୌଣସି ଅର୍ଥ ଗ୍ରହଣ କରିପାରିବେ ନାହିଁ। ଯଦି କୌଣସି ବିଦ୍ୟାଳୟ ଏହି ନିୟମ ଉଲ୍ଲଂଘନ କରେ, ତେବେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ। ଅଭିଭାବକମାନେ ହେଲ୍‌ପଲାଇନ୍ ନଂ.୧୮୦୦୩୪୫୬୭୨୨ ମାଧ୍ୟମରେ ଯୋଗାଯୋଗ କରିପାରିବେ ବୋଲି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ସୂଚନା ଦେଇଛନ୍ତି।

## ଦୁର୍ବଳ ବର୍ଗଙ୍କ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ

ପ୍ରତିବର୍ଷ ଏପ୍ରିଲ ୩୦ରେ ସାରା ଭାରତରେ ପାଳନ ହୋଇଆସୁଛି ଆୟୁଷ୍ମାନ୍ ଭାରତ ଦିବସ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା; ଯାହା ଆର୍ଥିକ ଦୃଷ୍ଟିରୁ ଦୁର୍ବଳବର୍ଗକୁ ପ୍ରତିବର୍ଷ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ

**ଆୟୁଷ୍ମାନ୍ ଭାରତ ଦିବସ**

ମାଗଣା ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିଥାଏ। ଏହି ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ ସେପ୍ଟେମ୍ବର ୨୩ରେ ଆରମ୍ଭ କରିଥିଲେ, ଯାହାକୁ ବିଶ୍ୱର ବଡ଼ ସରକାରୀ ସ୍ୱାସ୍ଥ୍ୟବୀମା ଯୋଜନା ଭାବରେ ବିବେଚନା କରାଯାଏ। ଏହି ଦିବସ ଅବସରରେ 'ବିକଶିତ ଭାରତ' ଏବଂ 'ଭାରତ – ଗଣତନ୍ତ୍ରର ଜନନୀ'ର ବ୍ୟାପକ ଲକ୍ଷ୍ୟ ସହିତ ସମାଜର ଅବହେଳିତ ଏବଂ ଦୁର୍ବଳ ବର୍ଗର ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧତା ବୃଦ୍ଧି ଗୁରୁତ୍ୱାରୋପ କରାଯାଏ।

# Classified Everyday

**0674-2580101, 9692975378**



FOR RENT

3BHK flat at Chandrama Complex, Block-A, Unit-III 3BHK flat at Park Tower, Ganga Nagar, Bhubaneswar Contact: 9348491449, 9437062777. D-230

Commercial Space Available: 200 to 1200sqft. suitable for Shop, Office, Bank, or Institute 1500 to 8000sqft. at Rajpath, Bhubaneswar Contact: 9348491449, 9437062777. D-231



Healthcare

Newly open health benefits spa by expert therapist. Contact- 7504222886. D-76963

All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308

Newly health benifits, Joint pain relax environment atmosphere 7653969971. D-229

## LOST

The Original RSD vide No.-3510, dtd.- 12.06.2009 in the name of Sitarani Parida, W/o.- Adeita Parida, Hal Khata No.-98, Plot No.612 measuring area Ac. 0.04 decimals, Mouza Korian, P.S.- Town, Dhenkanal have missed somewhere when coming from Korian to Dhenkanal Bus-stand. If anybody finds the lost document kindly Contact- Sitarani Parida, Mob- 8917698987. D-241

## AFFIDAVIT

By virtue of affidavit No.- 3133, dtd.- 16.03.2026 before the Executive Magistrate, Jajpur, I, Chandana Behuria, W/o.- Narendra Kumar Behuria, At- Thalkudi, P.O./P.S.- Mangalpur, Dist.- Jajpur hereby declare that before marriage my name has been mentioned in my LIC Policy Bond bearing No.- 597819350 as Urmila Behuria, D/o.- Krushna Chandra Mallik. But after marriage my name has been changed in my Aadhaar Card bearing No.- xxxx xxxx 6714 as Chandana Behuria for which I am facing a lot of problem. Henceforth, my name shall be known as Chandana Behuria for all purposes.
Chandana Behuria
D-242

By virtue of an affidavit sworn before Executive Magistrate, Thuamul Rampur, dated 10.11.2025, I, Padamani Naik, R/o. At- Bagdiani, P.O.- Badchhatrang, P.S.- Thuamul Rampur, Dist.- Kalahandi, Odisha, PIN- 766037 declare that I have changed my name from Pakdmin Naik to Padamani Naik. Henceforth, I shall be known as Padamani Naik for all purposes.
Padamani Naik
D-243

By virtue of an affidavit sworn before Executive Magistrate, Thuamul Rampur, dated 03.11.2025, I, Maheswar Majhi, R/o. At- Tikraguda, P.O./P.S.- Thuamul Rampur, Dist.- Kalahandi, Odisha, PIN- 766037 declare that I have changed my name from Lachumai Majhi to Maheswar Majhi. Henceforth, I shall be known as Maheswar Majhi for all purposes.
Maheswar Majhi
D-244


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


By virtue of an affidavit sworn before Executive Magistrate, Thuamul Rampur, dated 06.10.2025, I, Basanti Majhi, R/o. At- Barakaudi, P.O.- Dumerpadar, P.S.- Thuamul Rampur, Dist.- Kalahandi, Odisha, PIN- 766037 declare that I have changed my name from Mati Majhi to Basanti Majhi. Henceforth, I shall be known as Basanti Majhi for all purposes.
Basanti Majhi
D-245

By this affidavit before the Executive Magistrate, Jharsuguda, No.35, Dtd.- 23.04.2026, I, Printi Patel, W/o.- Paltu Kumar Nayak, At- Belmunda, P.O.- Samasingha, PS.- Kolabira, Dist- Jharsuguda (Odisha) declare that, my name has been mentioned as "Printi Patel" in Birth Certificate of my daughter Pratyasha Nayak, but in her school records my name is mentioned as "Printi Nayak". That, both the names relates to same and one person and henceforth I shall be known as "Printi Patel" for all purposes. D-246

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


## LEGAL NOTICE

Letter No.664, dtd.- 29.04.26

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀମତୀ କନକଚମ୍ପା ମେହେର, ଓଡ଼ିଶା ପ୍ରଶାସନିକ ସେବା, (ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ଓ.ଏସ୍.ଏସ୍. କେସ୍ ନମ୍ବର ୧୨୧୨/୨୦୨୫
ନୋଟିସ
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ରାକେଶ ରୋଶନ ସାହୁ ............ବାଦୀ
ବନାମ
କାଞ୍ଚନବାଳା ବେହେରା ଓ ଅନ୍ୟମାନେ ............ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

୧. କାଞ୍ଚନବାଳା ବେହେରା, ପିତା- ବ୍ରହ୍ମାନନ୍ଦ ବେହେରା, ଗ୍ରାମ- ବାସୁଦେବପୁର, ଥାନା- ସାଲେପୁର, ଜିଲ୍ଲା- କଟକ, ୨. ତନୁଲତା ଦାଶ, ସ୍ୱାମୀ- ଚୈତନ୍ୟ ଦାଶ, ଗ୍ରାମ- ସାମେଇଗାଡ଼ିଆ, ପାଣ୍ଡରା, ପୋ- ରସୁଲଗଡ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.୧୫୫୯, ସତ୍ୟ ବିହାର, ଥାନା- ମଂଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୩. ଜିତନ କୁମାର ସାହୁ, ପିତା- ଭୋବନି ସାହୁ, ଏନ-୧/୧୬, ଆଇ.ଆର.ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୦୬।୦୭।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ.୪୦, ମୌଜା- ପଥରଗଡ଼ିଆ ସାବକ: ଖାତା ନମ୍ବର-୨୬୬, ପ୍ଲଟ୍ ନମ୍ବର- ୩୭୩, କିସମ- ବାଗାୟାତ ୨, ରକବା- ଏ୦.୦୫୦ଡେସିମିଲ ୦.୦୮୬ ସ୍ୱଳ୍ପରୁ ଏ୦.୨୬୦ ସ୍ୱଳ୍ପରୁ ମୋଟ ଏ୨.୪୦୫ ଡେସିମିଲ ସ୍ୱଳ୍ପରୁ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୨୭୪, ପ୍ଲଟ୍ ନମ୍ବର- ୭୫୮, କିସମ- ଘରବାରି, ରକବା- ଏ୦.୦୧୫ ଡେସିମିଲ ମୋଟ ଏ୦.୦୪୫ ଡେସିମିଲ ସ୍ୱଳ୍ପରୁ, ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା. ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର
ଧ-୨୪୧

IN THE COURT OF CIVIL JUDGE (Sr./Div.), BARIPADA, Civil Suit No.-184/1998 (F.D)

Kumudini Sahu and another ...........Plaintiffs
Vs.
Samanta @ Narayana Sahu & Others .........Defendants

Notice
U/o- 5 R- 20 (1-A) of C.P.C
To

1. Naudeep Ranjan Sahu, aged 40 years, 2. Hema Ranjan Sahu, aged 37 years, Both are sons of Late Samanta @ Narayana Sahu, 3. Sasmita Sahu, aged 42 years, W/o.- Babu Sahu, At- Goda, P.O./P.S.- Rairangpur, Dist.- Mayurbhanj, 4. Jayanti Sahu, aged 52 years, Wife of Benudhara Sahu, AND Daughter of Late Upendra Sahu of Village- Dahamunda, P.O.- Kamarda, P.S.- Jaleswar, Munsifi & District- Balasore, 5. Charubala Sahu @ Chand, aged 67 years, Wife of Nityananda Chand, At- Baripada Station Bazar- Naharpada, Police Station Baripada Town, Munsifi- Baripada, District- Mayurbhanj, 6. Manoranjan Mohanty, aged 55 years, S/o.- Late Narendra Mohanty, At/P.O./P.S.- Rasgovindpur, Munsifi- Baripada, District- Mayurbhanj, 7. Smt. Manjula Mishra, aged about 77 years, W/o.- Debraj Mishra, At/P.O./P.S.- Rasgovindpur, Munsifi- Baripada, District- Mayurbhanj, 8. Ashok Sahu, aged 26 years, 9. Debu Sahu, aged 23 years, Both are sons of Late Sankarsan Sahu, Sl.No.- 8 & 9 both are of Vill./P.O.- Panasapada, P.S.- Basta, Munsifi/District- Balasore.

Take notice, that the plaintiff has instituted the above case, i.e., F.D C.S. No. 184/98 for partition and the suit is posted to 14.05.2026 for your appearance and to file objection if any. As such you are directed to appear in this court on 14.05.2026 at 7.00 AM in person or through lawyer and to file objection if any on the date fixed failing which the matter will be heard and decided in your absence.

Given under by hand and seal of the court on this 24.04.2026.

Sd./- Judge
Civil Judge (Sr. Div.), Baripada
Date- 24.04.2026
D-249

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଂଇଂ ନିମାଇଁ ଚରଣ ମହାନ୍ତି**
7th Lane, ଅମଲାପଡା, ଅନୁଗୋଳ
ଆବିର୍ଭାବ: ୦୨/୧୧/୧୯୪୫ - ତିରୋଧାନ: ୨୦/୦୪/୨୦୨୬

ତୁମର ପାର୍ଥିବ ଅନୁପସ୍ଥିତି ଆମ ପାଇଁ ଏକ ବିରାଟ ଶୂନ୍ୟତା ସୃଷ୍ଟି କରିଛି, ଯାହାକି ଅପୂରଣୀୟ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମା ଚିରଶାନ୍ତି ଲାଭ କରୁ। ଆଜିର ଦିନରେ ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ
ସ୍ତ୍ରୀ, ପୁତ୍ର-ବାବୁ, ତାପୁ, ଝିଅ-ମାମା, ଟିଙ୍କୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୧୫

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ଂ ଶରତ କୁମାର ସାହୁ**
ଗାଡ଼କଣ, ଉପରସାହି, ଭୁବନେଶ୍ୱର
ଆବିର୍ଭାବ- ୨୦.୦୮.୧୯୫୬
ତିରୋଧାନ- ୩୦.୦୪.୨୦୨୧

ସମୟ ସ୍ରୋତରେ ସବୁକିଛି ବଦଳି ଗଲେ ମଧ୍ୟ ଆପଣଙ୍କ ସ୍ମୃତି ସତେଜ ହୋଇ ରହିଛି ଆଜିବି ସମସ୍ତଙ୍କ ହୃଦୟ ମଧ୍ୟରେ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ତୁମର ପତ୍ନୀ- ପୁଷ୍ପଲତା, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଏବଂ ବନ୍ଧୁ ବାନ୍ଧବ ଓ ଆତ୍ମୀୟ ସ୍ୱଜନ।
ଧ-୭୬୯୬୪

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ଂନାରାୟଣ ଚନ୍ଦ୍ର ପଣ୍ଡା**
ଆବିର୍ଭାବ: ୦୮।୦୫।୧୯୩୬
ତିରୋଧାନ: ୧୫।୦୫।୨୦୨୨

ଆଜି ନୃସିଂହ ଚତୁର୍ଦ୍ଦଶୀ, ଆପଣଙ୍କର ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ତିଥିରେ ବିଶ୍ୱାସ କରିହେଉନି ଯେ, ଆପଣ ଆମ ଗହଣରେ ଆଉ ନାହାନ୍ତି। କେତେ ନିଷ୍ଠୁର ଏଇ ବିଧାତା। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ମପ୍ରବଣତା, ସହନଶୀଳତା ଓ ପ୍ରତିବଦ୍ଧତା ସର୍ବୋପରି ଆପଣଙ୍କର ଆଶୀର୍ବାଦ, ଆତ୍ମୀୟତା, ପରୋପକାରିତା ଆମ୍ଭମାନଙ୍କୁ ପାଳନପୋଷଣରେ ଆପଣଙ୍କ ଜୀବନକାଳର ସର୍ବସ୍ୱ ତ୍ୟାଗ, ସହିଷ୍ଣୁତା ଓ ଧୈର୍ଯ୍ୟ ଅବିସ୍ମରଣୀୟ ହୋଇ ରହିବ। ଆପଣଙ୍କଠାରେ ପରିବାରର ସମସ୍ତେ ଚିରଋଣୀ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ନିବେଦନ କରୁଛୁ।

ବିନମ୍ର ଶ୍ରଦ୍ଧାଞ୍ଜଳି: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୫୦


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q19972384 6@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଏ ମନ ଖୋଜୁଥାଏ ଯାହା...


ବର୍ଷା

ବେଳେବେଳେ ମନ ଯାହା ଖୋଜୁଥାଏ ତାହା ହାତ ପାଆନ୍ତାରେ ମିଳିଯାଏ। ଆଉ ସେଭଳି ଏକ ମନଲାଖି ବିଷୟବସ୍ତୁ ସହ ମୁଖ୍ୟ ଭୂମିକାରେ ପରଦା ଉପରେ ଦେଖିବାକୁ ମିଳିବେ ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ମନକୁ ଛୁଇଁଲା ଭଳି ଏକ ନାରୀକୈନ୍ଦ୍ରିକ କାହାଣୀକୁ ଆଧାର କରି ଉକ୍ତ ସିନେମାଟି ପ୍ରସ୍ତୁତ ହୋଇଛି, ଯାହାର ଟାଇଟଲ ରହିଛି 'ଅପସରା'। ଜଣେ ନାରୀ କିପରି ନିଜ ଜୀବନକୁ ବାଧାବିଘ୍ନ ସତ୍ତ୍ୱେ ଆଗେଇ ନେଉଛି ଏବଂ ଶେଷରେ ତାହାର ଲକ୍ଷ୍ୟ ହାସଲ କରୁଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ବିଜୟ କଣ୍ଡୋଇ। ନିର୍ଦ୍ଦେଶନା ଦେଇଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ବବି ଇସଲାମ। ବର୍ଷା ଏହାର ମୁଖ୍ୟ ଭୂମିକାରେ ଅଭିନୟ ତ କରିଛନ୍ତି ତା'ସହ ଚିତ୍ରଟିର କାହାଣୀ ମଧ୍ୟ ରଚନା କରିଛନ୍ତି। ସଂଳାପ ରଚନା ଦାୟିତ୍ୱ ତୁଲାଇଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର।

# କେବେ ଭାବି ନ ଥିଲେ ସଲମାନ...

ବଲିଉଡ୍‌ରେ ସଲମାନ ଖାନ୍ ଲୋକପ୍ରିୟତା କେତେ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। କେବଳ ଅଭିନୟ ନୁହେଁ ବ୍ୟକ୍ତିଗତ ଜୀବନରେ ସେ ନିଜକୁ ଜନସାଧାରଣଙ୍କ ସେବାରେ ମଧ୍ୟ ନିୟୋଜିତ ରଖନ୍ତି। ତେବେ ୧୯୮୮ରେ 'ବିବି ହୋ ତୋ ଐସି'ରେ ଜଣେ ସପୋର୍ଟିଙ୍ଗ ଭୂମିକାରୁ ତାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। ଠିକ୍ ଏହାର ବର୍ଷେ ପରେ ସୁରଜ ବରଜ୍ୟାତାଙ୍କ 'ମୈନେ ପ୍ୟାର୍ କିୟା'ରେ ତାଙ୍କୁ ନାୟକ ସାଜିବାର ସୁଯୋଗ ମିଳିଲା। ନବାଗତା ଭାଗ୍ୟଶ୍ରୀ ଏବଂ ସଲମାନଙ୍କୁ ନେଇ ପ୍ରସ୍ତୁତ ଏହି ଫିଲ୍ମଟି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। ଏ ନେଇ ସଲମାନ କହନ୍ତି, ''ଏକ ପ୍ରେମ କାହାଣୀକୁ ଆଧାର କରି ନିର୍ମିତ 'ମୈନେ ପ୍ୟାର୍ କିୟା' ଯେ ଦର୍ଶକଙ୍କୁ ଏମିତି ପ୍ରଭାବିତ କରିବ ତାହା ମୁଁ କେବେ ଭାବି ନ ଥିଲି। କାରଣ ମୋ ଆକ୍ଟିଂ କ୍ୟାରିୟରର ପ୍ରାରମ୍ଭିକ ଅବସ୍ଥାରେ ମୋତେ ରାଜଶ୍ରୀ ଫିଲ୍ମସ ବ୍ୟାନରରେ ସୁଯୋଗ ମିଳିବ ତାହା ମଧ୍ୟ ମୋ ବିଶ୍ୱାସ ବାହାରେ ଥିଲା। ଯାହା ହେଉ ଫିଲ୍ମଟି ମୋ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାଜିଥିଲା।'' ଏହି ଫିଲ୍ମ ପାଇଁ ସଲମାନଙ୍କୁ ଶ୍ରେଷ୍ଠ ନବାଗତ ଅଭିନେତା ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା।



# ଡବଲ ସଫଳତା

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ବେଶ୍ କେତୋଟି ସିନେମାରେ ନାୟକ ସାଜିବା ପରେ ସମ୍ବିତ ଆଚାର୍ଯ୍ୟ ପ୍ରଥମ ଥର ପାଇଁ ପ୍ରଯୋଜନାର ଗୁରୁଦାୟିତ୍ୱ ନେଇଥିଲେ। ତା'ସହ ଏହାର ମୁଖ୍ୟ ଭୂମିକାରେ ମଧ୍ୟ ଅଭିନୟ କରିଥିଲେ। ଆମର ପ୍ରାଚୀନ ଲୋକକଳା ଦଣ୍ଡନାଚ ଉପରେ ଆଧାରିତ ଏକ ସତ ଘଟଣାକୁ ନେଇ ସେ ନିର୍ମାଣ କରିଥିଲେ 'କାଙ୍ଗୁଲା:ଦଣ୍ଡକାଳୀର ନାଚ'। ଚିତ୍ରଟି ବର୍ତ୍ତମାନ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ସଫଳତାର ସହ ପ୍ରଦର୍ଶିତ ହେଉଛି। ଏ ବିଷୟରେ ସେ କହନ୍ତି, ''ମୋ ଜନ୍ମସ୍ଥାନ ଅନୁଗୋଳର କାଙ୍ଗୁଲା ନାମକ ଏକ ଗାଁରେ ଘଟିଥିବା ଏକ ସତ ଘଟଣାକୁ ଆଧାର କରି ଏହି ଫିଲ୍ମ ପ୍ରସ୍ତୁତ ହୋଇଛି। ରିଲିଜ ପରେ ସିନେମାଟିକୁ ଯେଉଁଭଳି ଆଶାତୀତ ସଫଳତା ମିଳିଛି ସେଥିଲାଗି ମୁଁ ଦର୍ଶକଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ। ଅନ୍ୟତମ ପ୍ରଯୋଜକ ଶୁଭେନ୍ଦୁ କୁମାର ମଲ୍ଲ (ଲିଟୁ)ଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ଅଶ୍ୱିନୀ ତ୍ରିପାଠୀ ଏବଂ ପ୍ରଚାର ପ୍ରସାର ଦାୟିତ୍ୱ ତୁଲାଇଛନ୍ତି ଅମରେଶ ବେଉରା।


ସମ୍ବିତ

# ଜୀ ସାର୍ଥକରେ 'ଚକ୍ରାନ୍ତ'

ରାଜ୍ୟର ଅନ୍ୟତମ ଦର୍ଶକାଦୃତ ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକ ସବୁବେଳେ ଦର୍ଶକଙ୍କ ପସନ୍ଦକୁ ଆଧାର କରି ନୂଆ ନୂଆ ଚଳଚ୍ଚିତ୍ର ଭେଟିଦେଇଛି। ଆସନ୍ତା ମାସ ୩ ତାରିଖ ସନ୍ଧ୍ୟା ୬.୩୦ ମିନିଟରେ ଏହି ଚ୍ୟାନେଲରେ ପ୍ରଥମ ଥର ପାଇଁ ପ୍ରସାରିତ ହେବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'। ଏହାର ବିଷୟବସ୍ତୁ କ୍ରାଇମ-ଥ୍ରୀଲର ଉପରେ ଆଧାରିତ। ନୈନା ଜଣେ ଗାଉଁଲି ନିରୀହ ଯୁବତୀ। ନିଜର ସ୍ୱପ୍ନ ପୂରଣ କରିବାକୁ ସେ ଭୁବନେଶ୍ୱର ଆସେ। ଏହି ସମୟରେ ସତେଯେମିତି ଦୁର୍ଭାଗ୍ୟ ତାକୁ ଅପେକ୍ଷା କରି ବସିଥାଏ। ଗୋଟିଏ ପଟରେ ଏକ ହତ୍ୟା ମାମଲାରେ ସେ ଛନ୍ଦି ହୋଇଯାଏ। ସେପଟେ ପ୍ରେମିକ ଦ୍ୱାରା ପ୍ରତାରିତ ହୁଏ। ତେବେ ଏଭଳି ସମୟରେ ନୈନା କ'ଣ କରେ ? ସେ କ'ଣ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିପାରେ ? ଅନ୍ୟପକ୍ଷରେ ସେ କ'ଣ ନିଜ ପ୍ରେମିକକୁ ପୁଣି ଥରେ ଫେରିପାଏ ? ଏମିତି ଅନେକ ଅସମାହିତ ପ୍ରଶ୍ନାବଳୀର ଉତ୍ତର ଏହି ଫିଲ୍ମରେ ରହିଛି। ପୂର୍ବରୁ ପ୍ରେକ୍ଷାଳୟରେ ପ୍ରଦର୍ଶିତ ଏହି ଫିଲ୍ମର ରହସ୍ୟମୟ ତଥା ରୋମାଞ୍ଚକର କାହାଣୀ ଦର୍ଶକଙ୍କ ମନ ଜିତିଥିଲା । ଏହାର କାହାଣୀ ରଚନା କରିଛନ୍ତି ଦିଶା ପାଢ଼ୀ। ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ପିନୁ ନାୟକ। ଶୁଭାଶିଷ ଶର୍ମା (ମଣ୍ଟୁ) ଏବଂ ଭୂମିକା ଦାଶ ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ହରିହର ମହାପାତ୍ର, ଜୟପ୍ରକାଶ ଚୌଧୁରୀ, ଶୁଭମ୍ ପାଢ଼ୀ ଓ ପ୍ରଦ୍ୟୁମ୍ନ ଲେଙ୍କା ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବେ। ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପରଲୋକଗତ ଅଭିଜିତ ମଜୁମଦାର। ଗୀତଗୁଡିକ ମଧ୍ୟ ବେଶ୍ ଶ୍ରୁତିମଧୁର ହୋଇଛି।


'ଚକ୍ରାନ୍ତ' ଫିଲ୍ମର ଏକ ପୋଷ୍ଟର

## ରିଲିଜ ଅପେକ୍ଷାରେ...

# ମେହେରମୁଣ୍ଡା

ଆମ ରାଜ୍ୟରେ ହସ୍ତତନ୍ତ ଶିଳ୍ପର ଇତିହାସ ବେଶ୍ ପୁରୁଣା। ଅନେକ ପରିବାର ଏହାକୁ ବେଉଷା ଭାବରେ ଗ୍ରହଣ କରିବାର ନଜିର ରହିଛି। ତେବେ ଜଣେ ବୁଣାକାର ଜୀବନର ଭିତିରି କଥାକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ମେହେରମୁଣ୍ଡା'। ନିକଟରେ ଏହାର ଟିଜର ରିଲିଜ ହୋଇ ଭାଇରାଲ ହୋଇଛି। ଜି.ଆର. ରେକର୍ଡସ ବ୍ୟାନରରେ ଏହାକୁ ପ୍ରଯୋଜନା କରିଛନ୍ତି ରାକେଶ କୁମାର ପାଢ଼ୀ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ନିକୁଞ୍ଜ ହୋତା। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅମିତ ଯୁବରାଜ। ଏହାର ବିଭିନ୍ନ ଭୂମିକାରେ ଜ୍ୟୋତି ରଞ୍ଜନ ନାୟକ, ରାକେଶ କୁମାର ପାଢ଼ୀ, ସୁଶାନ୍ତ ଦାସମହାପାତ୍ର, ଅର୍ଲିନ ଅଙ୍କିତା ଏବଂ ଅନନ୍ୟା ଦିଗଜ ଅଭିନୟ କରିଛନ୍ତି। ତେବେ ଫିଲ୍ମଟି ଆସନ୍ତା ମାସ ୧୪ ତାରିଖରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ଜ୍ୟୋତି

## ନୂଆ ସିନେମା

# ଇସ୍କ ଟ୍ରାଫିକ୍

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଇସ୍କ ଟ୍ରାଫିକ୍'। ଫିଲ୍ମଟିରେ କେବଳ ପାରିବାରିକ ଛିଟା,ରୋମାଣ୍ଟିକ ଏବଂ ଭରପୂର କମେଡି ମଧ୍ୟ ଅଛି। ଗ୍ରୀନ୍ ଚିଲିଜ ଏଣ୍ଟରଟେନମେଣ୍ଟ ନିବେଦିତ ଏହି ଚିତ୍ରରେ ପପୁ ପମ୍‌ପମ୍‌ଙ୍କ ବ୍ୟତୀତ ପ୍ରେମ କୁମାର, ମନସ୍ୱିନୀ ପତି, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଜୀବନ ପଣ୍ଡା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ରୋହନଜିତ ଦାଶ। ଅମର ମ୍ୟୁଜିକ ବ୍ୟାନରରେ ଏହାର ଗୀତଗୁଡିକ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଏହି ସିନେମାର ମୁଖ୍ୟ ଆକର୍ଷଣ ସାଜିବେ ରୋମାଣ୍ଟିକ ନାୟକ ପ୍ରେମ କୁମାର ଏବଂ ଚୁଲବୁଲି ମନସ୍ୱିନୀଙ୍କ ଯୋଡି। ଫିଲ୍ମଟି ଆସନ୍ତା ମାସ ୮ ତାରିଖରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ପ୍ରେମ କୁମାର

# ଥିଏଟରରୁ ବଡ ପରଦା

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି ତମନ୍ନା ଭାଟିଆ। ସେ ମଧ୍ୟ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି। ତେବେ ବଡ ପରଦାରେ ପାଦ ଥାପିବା ପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି ? ଅଭିନୟ ମାୟାରେ ପଡିବା ପରେ ତମନ୍ନା ପ୍ରଥମେ ଥିଏଟର ଜଗତରେ ପ୍ରବେଶ କରିଥିଲେ। ସେଠାରେ ବେଶ୍ କେତୋଟି ଥିଏଟର ନାଟକରେ ଅଭିନୟ କରିବା ସହ ଅଭିନୟ ବିଷୟରେ ଅନେକ କିଛି ଜ୍ଞାନ ହାସଲ କରିଥିଲେ। ଏ ବିଷୟରେ ତମନ୍ନା କହନ୍ତି, ''ଥିଏଟରରୁ ମୋର ଅଭିନୟ ଜୀବନର ଆରମ୍ଭ ହୋଇଥିଲା। ସେହି ସମୟରେ ଆକ୍ଟିଂକୁ ନେଇ ମୋ ମନରେ ପ୍ରଶ୍ନର କୁହେଳିକା ସୃଷ୍ଟି ହୋଇଥିବା ଅନେକ ପ୍ରଶ୍ନଗୁଡିକର ସମାଧାନ କରିପାରିଥିଲି। ଥିଏଟର ନାଟକରେ ଅଭିନୟ କରିବା ବେଳେ ମୋର ବୟସ ହୋଇଥିଲା ମାତ୍ର ୧୩ ବର୍ଷ। ତା'ପରେ କେତୋଟି ମ୍ୟୁଜିକ ଭିଡିଓରେ ଦେଖାଦେଇଥିଲେ। ବିଶେଷଭାବରେ ଅଭିଜିତ ସାୱନ୍ତଙ୍କ 'ଲାଫଜୋ ମେଁ' ମୋତେ ବେଶ୍ ମାଇଲେଜ ଦେଇଥିଲା। ୨୦୦୫ରେ ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା 'ଚାନ୍ଦ୍ ସା ରୋଶନ ଚେହେରା' ଏବଂ ତେଲୁଗୁ ଫିଲ୍ମ 'ଶ୍ରୀ' ରିଲିଜ ହୋଇଥିଲା। ଏହାର ଦୁଇ ବର୍ଷ ପରେ ତେଲୁଗୁ ଫିଲ୍ମ 'ହାପି ଡେଜ୍' ଏବଂ ତାମିଲ ଫିଲ୍ମ 'କଲ୍ଲୋରି' ସୁପରହିଟ୍ ସାବ୍ୟସ୍ତ ହେଲା। ବାସ୍, ତା'ପରେ ତମନ୍ନା ଆଉ ପଛକୁ ଫେରି ଚାହିଁ ନ ଥିଲେ।


ତମନ୍ନା

# ଟିପ୍ସ ବାଣ୍ଟୁଛନ୍ତି ଜ୍ୟାକ୍‌ଲିନ

ଜ୍ୟାକ୍‌ଲିନ ଫର୍ନାଡିସ ଏବେ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ହେଲେ କାହା ବିଷୟରେ ସେ ଟିପ୍ସ ଦେଉଛନ୍ତି ଜାଣିବେନି ? କଥା କ'ଣ କି ଏକଦା ଶ୍ରୀଲଙ୍କା ସୁନ୍ଦରୀ ଟାଇଟଲ ବିଜୟିନୀ ଏହି ଅଭିନେତ୍ରୀ ବର୍ତ୍ତମାନ ଯୋଗ ବିଷୟରେ ଟିପ୍ସ ଦେଉଛନ୍ତି। ଯେତେବେଳେ ତାଙ୍କର ସାଙ୍ଗମାନଙ୍କ ସହ ଭେଟ ହେଉଛି ସେ ଏ ନେଇ ଲମ୍ବା ଭାଷଣ ଦେବାକୁ ଭୁଲୁନାହାନ୍ତି। ସେ ସବୁବେଳେ ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ ଥାଆନ୍ତି। ପ୍ରତିଦିନ ଯେମିତି ହେଲେ ଘଣ୍ଟାଏ ଏକ୍ସରସାଇଜ କରିବାକୁ ଭୁଲି ନ ଥାନ୍ତି। ତା'ସହ ଯୋଗ ଏବଂ ପ୍ରାଣାୟାମ କରିଥାଆନ୍ତି। ୨୦୦୬ରେ ଶ୍ରୀଲଙ୍କା ସୁନ୍ଦରୀ ସାଜିବା ପରେ ୨୦୦୯ରେ ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା 'ଆଲ୍ଲାଦିନ' ରିଲିଜ ହୋଇଥିଲା। ଏଥିରେ ଅମିତାଭ ବଚ୍ଚନଙ୍କ ପରି ଅଭିନେତା ଥାଇ ମଧ୍ୟ ଫିଲ୍ମଟି ଫ୍ଲପ୍ ହୋଇଥିଲା। କିନ୍ତୁ ଏଥିରେ ହତୋତ୍ସାହିତ ନ ହୋଇ ଜ୍ୟାକ୍‌ଲିନ ଦୃଢ଼ତାର ସହ ନିଜ ଆକ୍ଟିଂ କ୍ୟାରିୟରକୁ ଆଗକୁ ଆଗେଇ ନେଇଥିଲେ। ତାଙ୍କର ଏକ ଅଭ୍ୟାସ ରହିଛି। ପ୍ରତିଦିନ ମନଲୋଭା ଖାଦ୍ୟ ଖାଇବା ତାଙ୍କର ଏକ ଅଭ୍ୟାସ।


ଜ୍ୟାକଲିନ୍

# ଯେତେବେଳେ ଅବସର ମିଳେ...

ଯାମି ଗୌତମଙ୍କୁ ଯେତେବେଳେ ଅବସର ମିଳେ ସେ କ'ଣ କରନ୍ତି ? ନିଶ୍ଚୟ ଶପିଂ କରୁଥିବେ ନ ହେଲେ କୁଆଡେ ବୁଲିବାକୁ ଯାଉଥିବେ। କିନ୍ତୁ ଏହାବ୍ୟତୀତ ତାଙ୍କୁ ଟିକେ ଫୁରସତ ମିଳିଲେ ସେ ଗାର୍ଡେନିଂରେ ମନୋନିବେଶ କରନ୍ତି। ନିଜ ବଗିଚାରେ ଲଗାଯାଇଥିବା ଗଛଗୁଡିକର ଯତ୍ନ ନେବା ସହ ନୂଆ ଗଛ ଲଗାନ୍ତି। ଏ ନେଇ ଯାମି କହନ୍ତି, ''ପିଲାଟି ଦିନରୁ ମୋର ବୃକ୍ଷରୋପଣ ପ୍ରତି ଆଗ୍ରହ ଥିଲା। ସ୍କୁଲ ଏବଂ କଲେଜରେ ପଢ଼ିବା ବେଳେ ସାଙ୍ଗମାନଙ୍କ ସହ ଏଭଳି କାମରେ ନିଜକୁ ବ୍ୟସ୍ତ ରଖୁଥିଲି। ଘରେ ମଧ୍ୟ ବଗିଚାଟିଏ ଅଛି। ଘରେ ଥିଲେ ପ୍ରାୟ ପ୍ରତିଦିନ ବଗିଚାରେ ଘେରାଏ ବୁଲି ନ ଆସିଲେ ମୋତେ ଭଲ ଲାଗେନା। ସମୟ ମିଳିବା ମାତ୍ରେ ମୁଁ ଗଛଗୁଡିକର ଯତ୍ନ ନିଏ।'' ଯାମି ହିନ୍ଦୀ ବ୍ୟତୀତ ତେଲୁଗୁ, ମାଲାୟଲମ, କନ୍ନଡ ଏବଂ ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ମାତ୍ର ୨୦ ବର୍ଷ ବୟସରେ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା। ଆଉ ତାଙ୍କୁ ଆକ୍ଟିଂର ନିଶା ଏପରି ଘାରିଥିଲା ଯେ ସେ ଏଥିଲାଗି ଆଇନ ପାଠପଢ଼ାରେ ଅଧାରୁ ଡୋରି ବାନ୍ଧିବାକୁ ବାଧ ହୋଇଥିଲେ। ପାଠ ପଢ଼ିବା ବେଳେ ସେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ମନ ବଳାଇଥିଲେ। ଆଉ ଯେତେବେଳ ଏଲ୍‌ଏଲ୍‌ବି ପଢ଼ିଲେ ସେତେବେଳେ ଓକିଲ ହେବାକୁ ସ୍ଥିର କଲେ। ହେଲେ ସବୁ କିଛି କେବଳ ଆଶାରେ ହିଁ ରହିଗଲା। ଯାମି ଶେଷରେ ଅଭିନୟକୁ କ୍ୟାରିୟର ଭାବରେ ଗ୍ରହଣ କରିନେଇଥିଲେ।


ଯାମି

ଧରିତ୍ରୀ DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୩୦/୨୦୨୬ Bhubaneswar, Thursday, April 30/ 2026

# କୋଠାରିଙ୍କୁ ବିଶ୍ୱ ବିଲିୟାର୍ଡ୍ସ ଟାଇଟଲ

କାର୍ଲୋ (ଆୟର୍ଲାଣ୍ଡ), ୨୯।୪(ପି.ଟି.)

ଭାରତର ସୌରଭ କୋଠାରି ଆଇବିଏସ୍ଏଫ୍ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନ ହୋଇଛନ୍ତି। ସମ୍ପୂର୍ଣ୍ଣ ଏକପାଖିଆ ଫାଇନାଲରେ ସେ ନିଜ ଦେଶର ତଥା ୧୯ଥର ଚାମ୍ପିୟନ ପଙ୍କଜ ଆଡ୍‌ଭାନୀଙ୍କୁ ୧୧୩୩-୪୭୭ ପଏଣ୍ଟରେ ହରାଇ ଟାଇଟଲ ବଜାୟ ରଖିଛନ୍ତି। ମ୍ୟାଚ୍‌ଟି ୩ ଘଣ୍ଟା ଧରି ଚାଲିଥିଲା। ଆରମ୍ଭରେ କିଛିଟା ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହେବାପରେ ୪୧ ବର୍ଷୀୟ ସୌରଭ ପ୍ରଭାବ ବିସ୍ତାରକରି ଆଡ୍‌ଭାନୀଙ୍କୁ ବହୁ ପଛରେ ପକାଇ ଦେଇଥିଲେ। ସେ ବିଭିନ୍ନ ରାଉଣ୍ଡରେ ଯଥାକ୍ରମେ ୪୮୫, ୧୨୧, ୯୦, ୨୪୧ ଏବଂ ୧୫୫ ପଏଣ୍ଟ ହାସଲ କରିଥିଲେ। ‘‘ବାପାଙ୍କ ପାଇଁ ମୁଁ ଆଉଥରେ ବିଶ୍ୱ ଟାଇଟଲ ହାସଲ କରିବାକୁ ଚାହୁଁଥିଲି। ଏହା ମୋ ବାପାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ’’ ବୋଲି ଫାଇନାଲ ପରେ ସୌରଭ ପ୍ରକାଶ କରିଥିଲେ। ପ୍ରକାଶଯୋଗ୍ୟ, ସୌରଭଙ୍କ ବାପା ମନୋଜ କୋଠାରୀ ଚଳିତବର୍ଷ ପ୍ରାରମ୍ଭରେ ମୃତ୍ୟୁବରଣ କରିଥିଲେ। ସେ ମଧ୍ୟ ଜଣେ କିମ୍ବଦନ୍ତୀ ବିଲିୟାର୍ଡ୍ସ ଖେଳାଳି ଥିଲେ। ବିଶ୍ୱ ଟାଇଟଲ ଜିତିବାର ଅନୁଭୂତି ଅବର୍ଣ୍ଣନୀୟ। ଟାଇଟଲ ବଜାୟ ରଖିଥିବାରୁ ଏହା ଅଧିକ ସ୍ୱତନ୍ତ୍ର ହୋଇପାରିଛି ବୋଲି କୋଠାରି କହିଛନ୍ତି। ଆଡ୍‌ଭାନୀଙ୍କ ୧୪୧ ପଏଣ୍ଟ ଜବାବରେ ୪୮୫ ପଏଣ୍ଟ ହାସଲ କରି ସୌରଭ ବିଜୟପଥ ପ୍ରସ୍ତୁତ କରିଥିଲେ। ଏହାପରେ ସେ ୧୨୧-୯୦ରେ ମଧ୍ୟ ପଙ୍କଜଙ୍କୁ ପଛରେ ପକାଇ ଦେଇଥିଲେ। ପ୍ରତି ଫ୍ରେମ୍‌ରେ ଆଡ୍‌ଭାନୀଙ୍କ ତ୍ରୁଟିରୁ ସମ୍ପୂର୍ଣ୍ଣ ଫାଇଦା ଉଠାଇଥିଲେ କୋଠାରି। ଅନ୍ତିମ ରାଉଣ୍ଡରେ ସେ ୧୫୫ ପଏଣ୍ଟରେ ପହଞ୍ଚିବାପରେ ବିଜୟ ସଙ୍କେତ ପାଇଯାଇଥିଲେ।



ଟ୍ରଫି ଓ ପଦକ ସହ ସୌରଭ କୋଠାରି।

# ମୁମ୍ବାଇକୁ ହରାଇଲା ହାଇଦ୍ରାବାଦ୍

ମୁମ୍ବାଇ,୨୯।୪

ରିୟାନ ରିକଲଟନଙ୍କ ଅପରାଜିତ ଶତକ ଉପରେ ଟ୍ରାଭିସ ହେଡ୍ ଓ ହେନରିଚ୍ କ୍ଲାସେନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଭାରି ପଡ଼ିଛି। ୨୪୪ ରନର ବିଶାଳ ସ୍କୋର ଛିଡ଼ା କରିବା ସତ୍ତ୍ୱେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ୬ ଉଇକେଟରେ ସନରାଇଜର୍ସ ହାଇଦ୍ରାବାଦ୍(ଏସ୍ଆର୍ଏଚ୍)ଠାରୁ ପରାଜିତ ହୋଇଛି। ମୁମ୍ବାଇ ପକ୍ଷରୁ ଧାର୍ଯ୍ୟ ୨୪୪ ରନର ଟାର୍ଗେଟକୁ ହାଇଦ୍ରାବାଦ୍ ୧୮.୪ ଓଭରରେ ୪ ଉଇକେଟରେ ହାସଲ କରିନେଇଥିଲା। ଟାର୍ଗେଟର ପିଛା କରିବା ଦୃଷ୍ଟିରୁ ଏହା ଆଇପିଏଲ୍ ଇତିହାସର ଚତୁର୍ଥ ବୃହତ୍ ବିଜୟ। ଏହା ମୁମ୍ବାଇର ଷଷ୍ଠ ପରାଜୟ ହୋଇଥିବା ବେଳେ ଷଷ୍ଠ ବିଜୟ ସହ ହାଇଦ୍ରାବାଦ୍ ତୃତୀୟ ସ୍ଥାନକୁ ଉଠିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୪୩ ରନ କରିଥିଲା। ଏହା ଆଇପିଏଲ୍ ଇତିହାସରେ ମୁମ୍ବାଇ ଲାଗି ସର୍ବାଧିକ ଦଳଗତ ସ୍କୋର। ଦଳ ପାଇଁ ରିୟାନ ରିକଲଟନ ୫୫ ବଲରେ ୧୨୩ (୧୦ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ, ଯାହାକି ମୁମ୍ବାଇ ଲାଗି ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଅନ୍ୟମାନଙ୍କ ମଧ୍ୟରେ ୱିଲ ଜ୍ୟାକ୍ସ ୨୨ ବଲରେ ୪୬ (୫ ଚୌକା ଓ ୩

## ରିକଲଟନଙ୍କ ଶତକ ବୃଥା

ଛକା), ନମନ ଧିର ୨୨ (୪ ଚୌକା), ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୫ ବଲରେ ୩୧ (୨ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ହାଇଦ୍ରାବାଦ୍ ପାଇଁ ପ୍ରଫୁଲ୍ଲ ହିଙ୍ଗେ ଦୁଇ ଉଇକେଟ ନେଇଥିଲେ। ଜବାବରେ ହାଇଦ୍ରାବାଦ୍‌କୁ ଅଭିଷେକ ଶର୍ମା ଓ ଟ୍ରାଭିସ ହେଡ୍ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ଦଳୀୟ ସ୍କୋରକୁ ପାୱାରପ୍ଲେରେ ୯୨ ରନରେ ପହଞ୍ଚାଇଥିଲେ। ଦୁଇ ବ୍ୟାଟର ପ୍ରଥମ ଉଇକେଟରେ ୫୨ ବଲରେ ୧୨୯ ରନର ପାର୍ଟନରଶିପ୍ କରିଥିଲେ। ଏହିଠାରୁ



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଟ୍ରାଭିସ ହେଡ୍।

ଦଳ ମାତ୍ର ୪ ରନ ମଧ୍ୟରେ ଅଭିଷେକ (୨୪ ବଲ, ୪୫ ରନ, ୪ ଚୌକା ଓ ୩ ଛକା), ଇଶାନ କିଶନ (୦) ଓ ହେଡ୍ (୩୦ ବଲ, ୭୬ ରନ, ୪ ଚୌକା ଓ ୮ ଛକା)ଙ୍କ ଉଇକେଟ ହରାଇଥିଲା। ଏହିଠାରୁ ହେନରିଚ୍ କ୍ଲାସେନ ଓ ନୀତୀଶ କୁମାର ରେଡ୍ଡୀ(୨୧ ରନ, ୩ ଚୌକା) ଚତୁର୍ଥ ଉଇକେଟରେ ୪୦ ବଲରେ ୮୦ ରନର ପାର୍ଟନରଶିପ୍ କରି ଦଳୀୟ ସ୍କୋରକୁ ଦ୍ରୁତ ଗତିରେ ଆଗେଇ ନେଇଥିଲେ। ଏହାପରେ କ୍ଲାସେନଙ୍କ ସହ ସଲିଲ ଆରୋରା ମିଶି ଦଳକୁ ଜିତିବା ଲାଗି ଆବଶ୍ୟକ ଥିବା ରନ ସଂଗ୍ରହ କରି ନେଇଥିଲେ। ଫଳରେ ହାଇଦ୍ରାବାଦ୍ ୧୮.୪ ଓଭରରେ ୪ ଉଇକେଟ ହରାଇ ୨୪୯ ରନ କରିଥିଲା। ଟାର୍ଗେଟର ପିଛା କରିବା ଦୃଷ୍ଟିରୁ ଏହା ସନରାଇଜର୍ସ ଦଳର ଦ୍ୱିତୀୟ ସବୁଠୁ ବଡ଼ ବିଜୟ। କ୍ଲାସେନ ୩୦ ବଲରେ ୬୫ (୭ ଚୌକା ଓ ୪ ଛକା) ଓ ସଲିଲ ୧୦ ବଲରେ ୩୦ (୨ ଚୌକା ଓ ୩ ଛକା) ରନ କରି ଅପରାଜିତ ରହିଥିବା ବେଳେ ମୁମ୍ବାଇ ପକ୍ଷରୁ ଆଲା ଘଜନାଫର ୨ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୨୪୩/୫ (ରିୟାନ ରିକଲଟନ-୧୨୩*, ୱିଲ ଜ୍ୟାକ୍ସ-୪୬, ହାର୍ଦ୍ଦିକ ପାଣ୍ଡ୍ୟା-୩୧, ପ୍ରଫୁଲ୍ଲ ହିଙ୍ଗେ-୨/୫୪, ଇଶାନ ମାଲିଙ୍ଗା-୧/୨୯, ସାକିବ ହୁସେନ-୧/୩୯)। ସନରାଇଜର୍ସ ହାଇଦ୍ରାବାଦ: ୧୮.୪ ଓଭରରେ ୨୪୯/୪ (ଟ୍ରାଭିସ ହେଡ୍-୭୬, ହେନରିକ୍ କ୍ଲାସେନ-୬୫*, ଅଭିଷେକ ଶର୍ମା-୪୫, ଆଲା ଘଜନାଫର-୨/୫୧)।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

ଗୁଜରାଟ ବନାମ ବେଙ୍ଗାଲୁରୁ

ସ୍ଥାନ: ଅହମଦାବାଦ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୮ | ୬ | ୧ | ୧ | ୧୩ | +୧.୦୪୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୬ | ୨ | ୦ | ୧୨ | +୧.୯୧୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୬ | ୩ | ୦ | ୧୨ | +୦.୮୩୨ |
| ରାଜସ୍ଥାନ ରୟାଲ୍ସ | ୯ | ୬ | ୩ | ୦ | ୧୨ | +୦.୬୧୭ |
| ଗୁଜରାଟ ଟାଇଟନ୍ସ | ୮ | ୪ | ୪ | ୦ | ୮ | -୦.୪୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୩ | ୫ | ୦ | ୬ | -୦.୧୨୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୩ | ୫ | ୦ | ୬ | -୧.୦୬୦ |
| ନାଇଟ ରାଇଡର୍ସ | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୨ | ୬ | ୦ | ୪ | -୦.୭୮୪ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୨ | ୬ | ୦ | ୪ | -୧.୧୦୬ |

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

# ଫାଇନାଲରେ ଭୁବନେଶ୍ୱର-ଏ, ଖୋର୍ଦ୍ଧା

କଟକ,୨୯।୪(କୁମାରଶ୍ରୀ)

୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଭୁବନେଶ୍ୱର-ଏ ଓ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ। ଶୁକ୍ରବାର ରେଭେନ୍ସା ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ବୁଧବାର ସନ୍‌ସାଇନ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର-ଏ’ ୧୦ ଉଇକେଟରେ ସୁନ୍ଦରଗଡ଼କୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ଼ ମାତ୍ର ୯୩ ରନରେ ଅଲ୍‌ଆଉଟ ହୋଇଥିଲା। ଭୁବନେଶ୍ୱରର ଶ୍ଳୋକ ନାୟକ ୮ ରନ୍ ବ୍ୟୟକରି ୫ଟି ଉଇକେଟ ଦଖଲକରି ସୁନ୍ଦରଗଡ଼ର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଓପ୍‌ନର ମିଧାଂଶୁ ଦାସଙ୍କ ଅପରାଜିତ ୫୭ ରନ୍ ସହାୟତାରେ ଭୁବନେଶ୍ୱର-ଏ’ ସହଜ ବିଜୟ ହାସଲ କରିଥିଲା। ୫ ଉଇକେଟ ସଫଳତା ପାଇଥିବା ଶ୍ଳୋକ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଖୋର୍ଦ୍ଧା ରୋମାଞ୍ଚକ ଲଢ଼େଇକରି ୧ ଉଇକେଟରେ କଟକ-ଏ’କୁ ହରାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ-ଏ’ ସମସ୍ତ ଉଇକେଟ ହରାଇ ୧୮୩ ରନ୍ କରିଥିଲା। ପ୍ରିୟାଂଶୁ ସାମଲ ୬୩ ରନ୍‌ର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ଖୋର୍ଦ୍ଧାର ଓମ୍ ପ୍ରକାଶ ବେହେରା ୩ଟି ଉଇକେଟ ନେଇଥିଲେ। ଜବାବରେ ୪୬.୫ ଓଭରରେ ୯ ଉଇକେଟ ହରାଇ ଖୋର୍ଦ୍ଧା ବିଜୟୀ ହୋଇଥିଲା। ଶୁଭ୍ରାଂଶୁ ଭୋଇ ଅପରାଜିତ ୪୪ ରନ କରିଥିବା ବେଳେ ୩୧ ବଲ୍‌ରୁ ୪୧ ରନ୍‌ର ଦ୍ରୁତ ପାଳି ଖେଳିଥିବା ଓମ୍ ପ୍ରକାଶ ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇଥିଲେ।



ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ବୁଧବାର ଆଇପିଏଲ୍ ମ୍ୟାଚ ପୂର୍ବରୁ ଦୁଇ କିମ୍ବଦନ୍ତୀ କ୍ରିକେଟର ଶ୍ରୀଲଙ୍କାର ମୁଥୟା ମୁରଲୀଧରନ ଓ ଭାରତର ସଚିନ ତେନ୍ଦୁଲକର।

# ବିଶ୍ୱକପ୍ ଲାଗି ନୂଆ ୟେଲୋ କାର୍ଡ ନିୟମ

ୱାଶିଂଟନ,୨୯।୪(ଏପି)

ଆଗାମୀ ଫିଫା ବିଶ୍ୱକପ୍‌ରେ ଗୁରୁତ୍ୱପୂର୍ଣ୍ଣ ନକ୍‌ଆଉଟ୍ ମ୍ୟାଚ୍ ପୂର୍ବରୁ ଶୃଙ୍ଖଳାଗତ ଆଚରଣ ଲାଗି ସସ୍‌ପେଣ୍ଡ ହୋଇଥିବା ଖେଳାଳିଙ୍କ ସଂଖ୍ୟାକୁ ଯଥାସମ୍ଭବ କମ୍ କରିବା ପାଇଁ ବିଶ୍ୱକପ୍‌ର ୟେଲୋ କାର୍ଡ ନିୟମରେ ପରିବର୍ତ୍ତନ କରାଯାଇଛି। ଉତ୍ତର ଆମେରିକାରେ ହେବାକୁଥିବା ଟୁର୍ନାମେଣ୍ଟ ବେଳେ ଖେଳାଳିଙ୍କୁ ଶୃଙ୍ଖଳାଗତ ତ୍ରୁଟି କାରଣରୁ ଅତିରିକ୍ତ ଦୁଇଟି କ୍ଷମା ପ୍ରଦାନ କରିବା ଲାଗି ମଙ୍ଗଳବାର ଫିଫା ରୁଲିଂ କାଉନ୍‌ସିଲ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ପରେ ଫିଫା ପକ୍ଷରୁ ବିବୃତି ଜାରିଆରେ ନିୟମରେ ପରିବର୍ତ୍ତନ କରାଯାଇଥିବା ସ୍ପଷ୍ଟ କରାଯାଇଛି। ‘ଏକ ଅତିରିକ୍ତ ନକ୍‌ଆଉଟ୍ ରାଉଣ୍ଡ ସହିତ ବିଶ୍ୱକପ୍‌ର ବର୍ଦ୍ଧିତ ଫର୍ମାଟ୍‌କୁ ଧ୍ୟାନରେ ରଖି ଫିଫା କାଉନ୍‌ସିଲ ଫିଫା ବିଶ୍ୱକପ୍-୨୦୨୬ ଲାଗି ନିୟମରେ ସଂଶୋଧନ କରିଛି। ଏହି ସଂଶୋଧନ ଅନୁଯାୟୀ, ଗ୍ରୁପ୍ ପର୍ଯ୍ୟାୟ ଓ କ୍ୱାର୍ଟର ଫାଇନାଲ ପରେ ଏକକ ୟେଲୋ କାର୍ଡ ରଦ୍ଦ କରାଯିବ। ବିଶ୍ୱକପ୍‌ରେ ଖେଳାଳିଙ୍କୁ ଯଦି ଦୁଇଟି ଭିନ୍ନ ଭିନ୍ନ ମ୍ୟାଚ୍‌ରେ ୟେଲୋ କାର୍ଡ ଦିଆଯାଏ, ତେବେ ତାଙ୍କୁ ଗୋଟିଏ ମ୍ୟାଚ୍‌ରୁ ବ୍ୟାନ୍ କରାଯିବ। କିନ୍ତୁ ଗତ ଥର ଏକକ ୟେଲୋ କାର୍ଡ୍‌କୁ କ୍ୱାର୍ଟର ଫାଇନାଲ ପରେ ରଦ୍ଦ କରାଯାଇଥିଲା, ଯାହାଫଳରେ ଯଦି କୌଣସି ଖେଳାଳି ସେମିଫାଇନାଲରେ ୟେଲୋ କାର୍ଡ ପାଇବା ପରେ ବି ଫାଇନାଲରେ ଖେଳିପାରିଥିଲେ। ବିଶ୍ୱକପ୍‌ରେ ୪୮ ଦଳ ଭାଗ ନେଉଥିବାରୁ ଅତିରିକ୍ତ ନକ୍‌ଆଉଟ୍ ପର୍ଯ୍ୟାୟ ରାଉଣ୍ଡ ଅଫ୍-୩୨ ଖେଳାଯିବ। ଏଥିଯୋଗୁ ଖେଳାଳିଙ୍କୁ ଫିଲ୍ଡରେ ରଖିବା ପାଇଁ ଫିଫା ତା’ର ବିଶ୍ୱକପ୍ ନିୟମରେ ଏଭଳି ପରିବର୍ତ୍ତନ କରିଛି। ବିଶ୍ୱକପ୍‌ର ୩ ମ୍ୟାଚ୍‌ବିଶିଷ୍ଟ ଗ୍ରୁପ୍ ପର୍ଯ୍ୟାୟରେ ଗୋଟିଏ ୟେଲୋ କାର୍ଡ ପାଇଥିବା ଖେଳାଳିଙ୍କ ଶୃଙ୍ଖଳାଗତ ରେକର୍ଡକୁ କ୍ଲିଅର କରାଯିବ। ଯାହାଫଳରେ ସେମାନେ ନକ୍‌ଆଉଟ୍ ପର୍ଯ୍ୟାୟ ଆରମ୍ଭରୁ ଖେଳିପାରିବେ। କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ପରେ ସେମିଫାଇନାଲକୁ ଉନ୍ନୀତ ହୋଇଥିବା ୪ ଦଳର ଯଦି କୌଣସି ଖେଳାଳିଙ୍କୁ ଗୋଟିଏ ୟେଲୋ କାର୍ଡ ମିଳିଥାଏ, ତେବେ ତାହାକୁ ମଧ୍ୟ କ୍ଲିଅର କରାଯିବ।

# ଏସ୍ଏଲ୍‌ସି ଦାୟିତ୍ୱ ହାତକୁନେଲେ ଶ୍ରୀଲଙ୍କା ସରକାର

କଲମ୍ବୋ,୨୯।୪(ପିଟି)

ଶ୍ରୀଲଙ୍କା ସରକାର ବୁଧବାର ଦେଶର କ୍ରିକେଟ୍ ବୋର୍ଡର ପ୍ରଶାସନିକ ଦାୟିତ୍ୱ ନିଜ ହାତକୁ ନେବାକୁ ନିଷ୍ପତ୍ତି ନେଇଛନ୍ତି। ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେଙ୍କ ଅନୁରୋଧ ପରେ ଶ୍ରୀଲଙ୍କା କ୍ରିକେଟ(ଏସ୍ଏଲ୍‌ସି)ର ସଭାପତି ଓ କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ମଙ୍ଗଳବାର ଇସ୍ତଫା ଦେଇଥିଲେ। କ୍ରୀଡ଼ାମନ୍ତ୍ରୀ ସୁନୀଲ କୁମାର ଗାମେଜ୍ ପ୍ରକାଶ କରିଥିବା ବିବୃତିରେ କୁହାଯାଇଛି ଯେ, କ୍ରୀଡ଼ା ଆଇନ ୧୯୭୩ର ଧାରା ୩୧ ଓ ୩୪ ଅନୁଯାୟୀ ଦିଆଯାଇଥିବା ଅଧିକାର ଅନ୍ତର୍ଗତ ଶ୍ରୀଲଙ୍କା କ୍ରିକେଟର ସମସ୍ତ ପ୍ରଶାସନିକ କାର୍ଯ୍ୟକୁ ଅସ୍ଥାୟୀ ରୂପେ ଯୁବସେବା ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନକୁ ନିଆଯାଇଛି। ଶ୍ରୀଲଙ୍କା କ୍ରିକେଟ୍‌ରେ ରହିଥିବା ସମସ୍ୟାର ସମାଧାନ ଓ ଗଠନମୂଳକ ସଂସ୍କାର ଲାଗି ଖୁବ୍‌ଶୀଘ୍ର ଅନ୍ତରୀଣ କମିଟି ନିଯୁକ୍ତ କରାଯିବ ବୋଲି ବିବୃତିରେ ପ୍ରକାଶ କରାଯାଇଛି।

# ଅଡୁଆରେ ପରାଗ: ଡ୍ରେସିଂରୁମ୍‌ରେ ଭ୍ୟାପିଂ ଭିଡିଓ ଭାଇରାଲ

ନୂଆଦିଲ୍ଲୀ,୨୯।୪(ପି.ଟି.)

ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍ ବେଳେ ରାଜସ୍ଥାନ ରୟାଲ୍ସ ଅଧିନାୟକ ରିୟାନ ପରାଗ ଡ୍ରେସିଂରୁମ୍‌ରେ ଭ୍ୟାପିଂ କରୁଥିବା ଟିଭି କ୍ୟାମେରାରେ ନଜର ଆସିବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଇ-ସିଗାରେଟ୍ସକୁ ୨୦୧୯ରୁ ଦେଶରେ ବ୍ୟାନ୍ କରାଯାଇଛି। ଏଥିଯୋଗୁ ଦେଶରେ ଇ-ସିଗାରେଟ୍ସର ପ୍ରସ୍ତୁତି, ବିକ୍ରି ଓ ଯୋଗାଣ ଆଦି ଦଣ୍ଡନୀୟ ଅପରାଧ। ଆଇନ ଅନୁଯାୟୀ, ପ୍ରଥମଥର ଅପରାଧ କରିବା ପାଇଁ ଅପରାଧୀଙ୍କୁ ଏକ ବର୍ଷ ପର୍ଯ୍ୟନ୍ତ ଜେଲ୍ କିମ୍ବା ଏବଂ ୧ ଲକ୍ଷ ଟଙ୍କାର ଜରିମାନା କରାଯିବ। ଚଳିତ ସିଜନରେ ବ୍ୟାଟ୍‌ରେ ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିବା ପରାଗ ଡ୍ରେସିଂରୁମ୍‌ରେ ଇ-ସିଗାରେଟ୍ ନେଉଥିବା ମଙ୍ଗଳବାର ରାତିରେ ପଞ୍ଜାବ ବିପକ୍ଷ ମ୍ୟାଚ୍‌ର ସିଧାପ୍ରସାରଣ ବେଳେ ନଜର ଆସିଥିଲା। ଏହି ସମୟରେ ତାଙ୍କ ନିକଟରେ ସାଥୀ ଖେଳାଳି ଯଶସ୍ୱୀ ଜୟସ୍ୱାଲ, ଯୁଧବୀର ସିଂ ଚରକ ଓ କୁଲଦୀପ ସେନ୍ ଉପସ୍ଥିତ ଥିଲେ। ଏହି ଘଟଣାକୁ ନେଇ ବିସିସିଆଇ କିମ୍ବା ଫ୍ରାଞ୍ଚାଇଜ୍ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବୟାନ ଜାରି କରାଯାଇନାହିଁ। କିନ୍ତୁ ବିସିସିଆଇ ଗାଇଡ୍‌ଲାଇନ୍ସ ମୁତାବକ, ଧୂମ୍ରପାନ ଲାଗି ନିର୍ଦ୍ଦିଷ୍ଟ ସ୍ଥାନକୁ ଛାଡ଼ିଦେଲେ ଆଇପିଏଲ୍ ଷ୍ଟାଡିୟମ ପରିସରରେ ଧୂମ୍ରପାନ ଓ ଭ୍ୟାପିଂକୁ ନିଷିଦ୍ଧ କରାଯାଇଛି।

ଆଇପିଏଲ୍‌ର କୋଡ୍ ଅଫ୍ କଣ୍ଡକ୍ଟ ସହ ଜଡ଼ିତ ଅଧିକାରୀ ଏ ସମ୍ପର୍କରେ କହିଛନ୍ତି, ଅନେକ ଖେଳାଳି ଇ-ସିଗାରେଟ୍ ନିଅନ୍ତି। କିନ୍ତୁ ସେମାନେ ଡ୍ରେସିଂରୁମ୍‌ରେ ବ୍ୟବହାର କରନ୍ତି ନାହିଁ। ଚାରିଆଡ଼େ କ୍ୟାମେରା ଥିବାରୁ ଏହା ଖୁବ୍ ବିପଜ୍ଜନକ। ପରାଗ ଖୋଲାଖୋଲି ଭ୍ୟାପିଂ କରି ଧରାପଡ଼ିଥିବାରୁ ବିସିସିଆଇ କାର୍ଯ୍ୟାନୁଷ୍ଠାନ ନେଇପାରେ। ତେବେ ରାଜସ୍ଥାନ ଫ୍ରାଞ୍ଚାଇଜ୍ ଚଳିତ ସିଜନରେ ପ୍ରଥମଥର ପାଇଁ ବିବାଦ ଘେରକୁ ଆସିନାହିଁ। ଏଥିପୂର୍ବରୁ ଦଳର ମ୍ୟାନେଜର ରୋମି ଭିଣ୍ଡରଙ୍କୁ ଡଗ୍‌ଆଉଟ୍‌ରେ ଫୋନ୍ ବ୍ୟବହାର କରି ପିଏମ୍ଓଏ ପ୍ରୋଟୋକଲ ଭଙ୍ଗ କରିବା ପାଇଁ ୧ ଲକ୍ଷ ଟଙ୍କାର ଜରିମାନା କରାଯାଇଥିଲା।

# ରୋମାଞ୍ଚକ ବିଜୟ ସହ ସେମିରେ ପ୍ରଗତି

ପୁରୀ, ୨୯।୪(ଅଜିତ୍ କୁମାର ମହାନ୍ତି)

ପାୟୋନିୟର କ୍ଲବ୍ ଆନୁକୂଲ୍ୟରେ ଜଗନ୍ନାଥ ଷ୍ଟାଡିୟମରେ ଚାଲିଥିବା ଜଗଦୀଶ ଚନ୍ଦ୍ର ରାଉତରାୟ ସ୍ମାରକୀ ସର୍ବଭାରତୀୟ ନୀଳାଚଳ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରୋମାଞ୍ଚକ ମ୍ୟାଚ୍‌ରେ କୋଲ୍‌କାତାର ଏଲ୍ଆର୍ଏସ୍ କ୍ଲବ୍‌କୁ ୧ ଉଇକେଟରେ ହରାଇ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା କୋଲ୍‌କାତା ଦଳ ୩୨.୫ ଓଭରରେ ୧୪୯ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ପ୍ରଭାତ ମୌର୍ଯ୍ୟ ସର୍ବାଧିକ ୫୮ ଓ ରୋଶନ ସିଂ ୩୧ ରନ୍ କରିଥିଲେ। ବିପକ୍ଷ ଦଳର ଅଭିଜିତ୍ ରାଉତ ଓ ମିଳନ ସାମଲ ୩ଟି ଲେଖାଏ ଏବଂ ରାଘୁନାଥ ମଲ୍ଲ ୨ଟି ଉଇକେଟ ନେଇଥିଲେ। ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ମଧ୍ୟ କୋଲ୍‌କାତା ଦଳର ବୋଲରମାନେ ଚମତ୍କାର ବୋଲିଂକରି ମ୍ୟାଚ୍‌କୁ ସଂଘର୍ଷପୂର୍ଣ୍ଣ କରିଦେଇଥିଲେ। ତେବେ ୩୮.୨ ଓଭରରେ ୯ ଉଇକେଟ ହରାଇ ପ୍ରଗତି ୧୫୦ ରନ୍‌ରେ ପହଞ୍ଚିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଆୟୁଷ ୨୯, ଶୁଭମ୍ ନାଏକ ୨୩ ଓ ଶାନ୍ତନୁ ମିଶ୍ର ୨୧ ରନ୍‌ର ଉପଯୋଗୀ ଯୋଗଦାନ ଦେଇଥିଲେ। କୋଲ୍‌କାତା ବୋଲରଙ୍କ ମଧ୍ୟରେ ପ୍ରଭାତ ମୌର୍ଯ୍ୟ ୩ଟି ଏବଂ ଭିନିତ ମୌର୍ଯ୍ୟ ଓ ରୋଶନ ସିଂ ୨ଟି ଲେଖାଏ ଉଇକେଟ ନେଇଥିଲେ। ପ୍ରଗତିର ଅଭିଜିତ୍ ରାଉତ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ କୋଲ୍‌କାତା ଦଳର ପ୍ରଭାତ ମୌର୍ଯ୍ୟ ଇମ୍ପାକ୍ଟ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଭିକ୍ଟୋରିଆ କ୍ଲବ୍ ହୋଟେଲ ଏମ୍‌ଡି ଦେବାଶିଷ କୁମାର ଓ ନୀଳାଚଳ ଟ୍ରଫି କମିଟିର ପରାମର୍ଶଦାତା ଆଶିଷ କୁମାର ଶତପଥୀ ଅତିଥିଭାବେ ଯୋଗଦେଇଥିଲେ। ଅମ୍ପାୟର ଦେବବ୍ରତ ଦାଶ ଓ ଚନ୍ଦ୍ର ମୋହନ ବରାଳ ମ୍ୟାଚ୍ ପରିଚାଳନା କରିଥିଲେ।



ଅଭିଜିତ୍ ରାଉତ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ସର୍ବଭାରତୀୟ ନୀଳାଚଳ ଟ୍ରଫି**

# ଛତିଶଗଡ଼ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଜୁନିୟର ଫୁଟବଲ ଦଳ ଘୋଷିତ

କଟକ,୨୯।୪(କୁମାରଶ୍ରୀ)

ମେ’ ୨ରୁ ଛତିଶଗଡର ନାରାୟଣପୁରରେ ୨୦ବର୍ଷରୁ କମ୍ ପୁରୁଷ ସ୍ୱାମୀ ବିବେକାନନ୍ଦ ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଘୋଷିତ ୧୮ଜଣିଆ ରାଜ୍ୟ ଦଳ ବୁଧବାର ଛତିଶଗଡ ଅଭିମୁଖେ ଯାତ୍ରା କରିଛି। ଘୋଷିତ ରାଜ୍ୟ ଦଳରେ କୁଅଁର ବରଜା, ନାସିରୁଦ୍ଦିନ ଖାନ, ଦିଶାନ ମୁଣ୍ଡା, ଅରକ୍ଷିତ ମାଝୀ, ପ୍ରମୋଦ ବରବିହା, ମନୋଜ ସାନ୍ତା, ପ୍ରେମ ପିୟୂଷ ବାଗ, ଆଲୋକ କୁମାର ଦାସ, ବରିଆଳ ଟୁଡୁ, ଅବିନାଶ କିଶାନ, ଜଗବନ୍ଧୁ ସାନ୍ତା, ମନୀଷ ଭୋଇ, ସୁରଜ କୁମାର ନନ୍ଦ, ରୋନିକ ମାଝୀ, ଶଙ୍ଖ ଶେଖର ହେମ୍ବ୍ରମ, ସୁମିତ ଭୂମିଜ, ପଙ୍କଜ ତନ୍ତି ଓ ମୋହନ ଗୁଣ୍ଡ ସ୍ଥାନ ପାଇଛନ୍ତି। ଗ୍ରୁପ-ଇରେ ସ୍ଥାନ ପାଇଥିବା ଓଡ଼ିଶା ଲକ୍ଷଦ୍ୱୀପ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ।


୨୦ ବର୍ଷରୁ କମ୍ ପୁରୁଷ ସ୍ୱାମୀ ବିବେକାନନ୍ଦ ଜାତୀୟ ଫୁଟବଲ ଚାମ୍ପିୟନଶିପରେ ଭାଗନେବାକୁ ମନୋନୀତ ଓଡ଼ିଶା ଦଳ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ Business queries: <advt@dharitri.com>